RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-320 •BHUBANESWAR •FRIDAY •17 MAY 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୩୨୦ •ଭୁବନେଶ୍ୱର •ଶୁକ୍ରବାର •୧୭ ମେ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦




ମହାନ ଫୁଟ୍‌ବଲ୍ ତାରକା ସୁନୀଲ୍ ଛେତ୍ରୀଙ୍କ ଅବସର
▶କ୍ରୀଡ଼ା ପୃଷ୍ଠାରେ...

### ରାଜଧାନୀରେ ନବୀନଙ୍କ ରୋଡ୍ ଶୋ’

# ରାଜପଥ ଜନସମୁଦ୍ର





■ ଭୁବନେଶ୍ୱର, ୧୬।୫ (ସମିସ): ଗୁରୁବାର ସଞ୍ଜରେ ରାଜଧାନୀ ରାଜପଥରେ ଦେଖିବାକୁ ମିଳିଛି ‘ନବୀନ ମ୍ୟାଜିକ୍’। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାୱାରପ୍ୟାକ୍ ରୋଡ଼ ଶୋ ବିରୋଧୀଙ୍କ ନିଦ ହଜାଇ ଦେଇଛି। ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ରାଜଧାନୀ ରାସ୍ତାରେ ସୃଷ୍ଟି ହୋଇଛି ଜନ ସମୁଦ୍ର। ନବୀନଙ୍କ ପ୍ରତି ସାଧାରଣ ଲୋକଙ୍କ ଶ୍ରଦ୍ଧା, ସମ୍ମାନ ସେମାନଙ୍କୁ ରାଜପଥକୁ ଟାଣି ଆଣିଛି। ଗଙ୍ଗନଗର ଛକରୁ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ’ ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ବିଭିନ୍ନ ଛକରେ ଲୋକମାନେ ତାଙ୍କର ଆଗମନକୁ ଚାହିଁ ବସିଥିବା ଦେଖା ଯାଇଛି। ଶଙ୍ଖ ଫୁଙ୍କି, ହୁଳହୁଳି ବଜାଇ, ଫୁଲ ବିଛାଇ ମୁଖ୍ୟମନ୍ତ୍ରୀଙ୍କୁ ସହରବାସୀ ସ୍ୱାଗତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଚର୍ଚ୍ଚିତ ‘ଆପଣମାନେ ଖୁସି ତ?’ ପ୍ରଶ୍ନରେ ଲୋକମାନେ ‘ହଁ’ ଭରି ରାଜଧାନୀକୁ ପ୍ରକମ୍ପିତ କରିଛନ୍ତି। ରୋଡ୍ ଶୋରେ ବିଜେଡିର ଶୀର୍ଷ ତାରକା ପ୍ରଚାରକ ନବୀନ ପଟ୍ଟନାୟକ ଏବଂ କାର୍ତ୍ତିକ ପାଣ୍ଡିଆନ୍ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ଆଜି ସଂଧ୍ୟାରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଗଙ୍ଗ ▶ପୃଷ୍ଠା-୧୧

- ରୋଡ୍ ଶୋ’ ବେଳେ ୮ ସ୍ଥାନରେ ଲୋକଙ୍କୁ ସମ୍ବୋଧନ
- ବିକାଶର ‘ଶଙ୍ଖ’କୁ ଆଶୀର୍ବାଦ କରିବାକୁ ନିବେଦନ
- ପ୍ରଥମ ଦସ୍ତଖତରେ ୯୦% ପରିବାରକୁ ମାଗଣା ବିଜୁଳି
- ସମସ୍ତଙ୍କୁ ବିଏସ୍‌କେୱାଇ, ମିଶନ ଶକ୍ତି ମା’ଙ୍କୁ ପେନସନ

### ବଲାଙ୍ଗିର ସଂସଦୀୟ କ୍ଷେତ୍ରରେ ପାଣ୍ଡିଆନଙ୍କ ଧୂଆଁଧାର ପ୍ରଚାର

# ସୂର୍ଯ୍ୟଙ୍କୁ ମହମବତି ଦେଖାଉଛି ବିଜେପି

■ କଣ୍ଟାବାଞ୍ଜି/ ଟିଟିଲାଗଡ଼/ ଲୋଇସିଂହା/ ପାଟଣାଗଡ଼, ୧୬।୫(ସମିସ): ଦେଶର ବିଭିନ୍ନ ସ୍ଥାନରୁ ବିଜେପି ନେତା ଓଡ଼ିଶା ଆସି ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଶବ୍ଦ ପ୍ରୟୋଗ କରୁଛନ୍ତି। ଏକ ପକ୍ଷରେ ସେମାନେ ଓଡ଼ିଆ ଅସ୍ମିତା କଥା କହୁଛନ୍ତି, କିନ୍ତୁ ଅନ୍ୟପକ୍ଷରେ ଓଡ଼ିଶାର ସର୍ବାଧିକ ଜନପ୍ରିୟ ନେତା ତଥା ମହାନାୟକଙ୍କୁ ଗାଳି ଦେଉଛନ୍ତି। ସେମାନେ କହୁଛନ୍ତି ଓଡ଼ିଶାରେ ଜଣେ ସ୍ୱଚ୍ଛ ମୁଖ୍ୟମନ୍ତ୍ରୀ ଦେବେ। ଯଦି ନବୀନ ବାବୁ ସ୍ୱଚ୍ଛ ନୁହନ୍ତି, ତେବେ ସେମାନେ ସ୍ୱଚ୍ଛତାର ଅର୍ଥ ଜାଣି ନାହାନ୍ତି। ବିଜେପି ନେତାମାନେ ସୂର୍ଯ୍ୟପରି ସ୍ୱଚ୍ଛ ମୁଖ୍ୟମନ୍ତ୍ରୀଙ୍କୁ ମହମବତି ଦେଖାଉଛନ୍ତି। ଏହାର ଜବାବ ଓଡ଼ିଶାବାସୀ ଦେବେ, ଆପଣମାନେ ଦେବେ ବୋଲି କହିଛନ୍ତି ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ। ଆଜି ବଲାଙ୍ଗୀର ଲୋକସଭା କ୍ଷେତ୍ର ଅନ୍ତର୍ଗତ କଣ୍ଟାବାଞ୍ଜି, ଲୋଇସିଂହା, ଟିଟିଲାଗଡ଼, ପାଟଣାଗଡ଼ରେ ଘମାଘୋଟ ପ୍ରଚାର ସହ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି ▶ପୃଷ୍ଠା-୧୧

ଜୁନ୍ ୯ରେ ଷଷ୍ଠଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ନବୀନ। ପ୍ରଥମ ଦିନରେ କରିବେ ୩ଟି ସ୍ୱାକ୍ଷର। ମାଗଣା ବିଜୁଳି, ସମସ୍ତଙ୍କୁ ବିଏସ୍‌କେୱାଇ, ମିଶନଶକ୍ତି ମା’ଙ୍କୁ ପେନସନ୍



- ମୁଖ୍ୟମନ୍ତ୍ରୀ ସ୍ୱଚ୍ଛ ନୁହନ୍ତି କହୁଥିବା ବିଜେପି ନେତା ‘ସ୍ୱଚ୍ଛତା’ ଅର୍ଥ ବୁଝି ନାହାନ୍ତି
- ବାହାରୁ ଆସୁଥିବା ଲୋକ ମୁଖ୍ୟମନ୍ତ୍ରୀଙ୍କୁ ଅଭଦ୍ର ଭାଷାରେ ଗାଳି କରୁଛନ୍ତି
- ଓଡ଼ିଆ ଅସ୍ମିତା କଥା କହି ଓଡ଼ିଶାର ଜନନାୟକଙ୍କୁ ଅସମ୍ମାନିତ କରୁଛନ୍ତି
- ମୁଖ୍ୟମନ୍ତ୍ରୀ ସେବା ପାଇଁ ରାଜନୀତି କରୁଛନ୍ତି; ସେମାନେ କ୍ଷମତା ପାଇଁ
- ମୁଖ୍ୟମନ୍ତ୍ରୀ ନବୀନଙ୍କ ନେତୃତ୍ୱରେ ୧୫ ବର୍ଷର କାମ ୧୫ ମାସରେ ହେବ


SIKSHA ‘O’ ANUSANDHAN
SAAT-2024
Empowering students for a brighter future
B.TECH PROGRAMMES IN COMPUTER SCIENCE
- Computer Science & Engineering (Artificial Intelligence & Machine Learning)
- Computer Science & Engineering (Cyber Security)
- Computer Science & Engineering (Data Science)
- Computer Science & Engineering (Internet of Things)
- Computer Science & Engineering
- Computer Science & Information Technology

APPROVAL & RECOGNITIONS
- Approved by UGC & AICTE
- Re-accredited by NAAC with A++ Grade
- Accredited by NBA
- Ranked in QS World Rankings 2024

NIRF INDIA RANKINGS 2023
- 15th Best in University Category
- 27th Best in Engineering Category

To apply for admission through SAAT, Please visit: www.soa.ac.in


## ମାଟି ଅତଡ଼ା ଖସି ୩ ମୃତ



■ ବିଞ୍ଝାରପୁର/ପ୍ରୀତିପୁର, ୧୬।୫ (ସମିସ): ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ଥାନା କପିଳା ପଞ୍ଚାୟତ ଅନ୍ତର୍ଗତ ରାହାସଗୁହାଳି ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଠିକା କମ୍ପାନୀ ଦ୍ୱାରା ବିଳମ୍ବିତ ରାତିରେ ପାଣି ପାଇପ୍ ବିଛା କାମ ଚାଲୁଥିବା ବେଳେ ମାଟି ଧସିବାରୁ ୩ ଜଣ ଅଣଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ତାମିଲନାଡୁ ଚିଦାମ୍ବରମର ଭେଲୁ ଆୟା(୪୪), ବିହାରର ଫିରୋଜ ଅନସାରି (୨୩) ଓ ୱେଷ୍ଟ ବିହାରର ଅକ୍ତର ମିୟାଁ(୨୮)। ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯିବା ସହ ମୃତକଙ୍କ ପରିବାରବର୍ଗଙ୍କୁ ଖବର ଦିଆଯାଇଛି। ଅନ୍ୟପକ୍ଷରେ କମ୍ପାନୀ କର୍ତ୍ତୃପକ୍ଷ ଆସି ଯାଜପୁର ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାରକୁ ଆଇନ ଅନୁଯାୟୀ ସମସ୍ତ ▶ପୃଷ୍ଠା-୧୧




## ଟ୍ରକ୍‌କୁ ଧକ୍କାଦେଲା କାର୍; ୮ ମୃତ

**ଇନ୍ଦୋର, ୧୬।୫ (ଏଜେନ୍ସି):** ମଧ୍ୟପ୍ରଦେଶ ଇନ୍ଦୋର-ଅହମଦାବାଦ ହାଇୱେର ବେଟମା ନିକଟରେ ବୁଧବାର ରାତିରେ ବଡ଼ ଦୁର୍ଘଟଣା ଘଟିଛି। ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ କାର୍ ଧକ୍କା ଦେଇଛି। ଏଥିରେ କାର୍‌ରେ ଯାତ୍ରା କରୁଥିବା ମହିଳାଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ହୋଇଛି। ଜଣେ ଆହତ ହୋଇଛନ୍ତି। ଗୁରୁବାର ସକାଳେ ସମସ୍ତ ମୃତଦେହକୁ ଜିଲ୍ଲା ଡାକ୍ତରଖାନାରୁ ଇନ୍ଦୋର ନିଆଯାଇ ବ୍ୟବଚ୍ଛେଦ କରାଯାଇଛି। ଏହି କାର୍‌ଟି ଆଲିରାଜପୁରର ବୋରି ଗ୍ରାମରୁ ଫେରୁଥିଲା। ଏହା ଗୁନା ଯିବାର ଥିଲା।

## ରାକ୍ଷୀ ସାୱନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର

**ମୁମ୍ବାଇ, ୧୬।୫ (ଏଜେନ୍ସି):** ଅଭିନେତ୍ରୀ ରାକ୍ଷୀ ସାୱନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଯାଇଛି। ତାଙ୍କୁ ମୁମ୍ବାଇର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ଏକାସଙ୍ଗେ ଅନେକ ରୋଗ ହୋଇଛି। ତାଙ୍କ କିଡ୍‌ନୀ ଖରାପ ଅଛି। ପେଟ ଦରଜ ହେଉଛି। ତାଙ୍କ ପେଟରେ ଟ୍ୟୁମର ହୋଇଛି। ଏହା କର୍କଟ କି ନାହିଁ ତାହାଣ ଜାଣିବା ପାଇଁ ପରୀକ୍ଷା ଜାରି ରହିଛି। ତାଙ୍କ ହୃତ୍‌ପିଣ୍ଡ ସମସ୍ୟା ମଧ୍ୟ ରହିଛି। ରାକ୍ଷୀଙ୍କ ପୂର୍ବତନ ସ୍ୱାମୀ ରିତେଶ ସିଂହ ଏହି ସୂଚନା ଦେଇଛନ୍ତି। ଅଭିନେତ୍ରୀ ମାନସିକ ଏବଂ ଶାରୀରିକ କଷ୍ଟ ଭୋଗୁଛନ୍ତି ବୋଲି କହିଛନ୍ତି। ରାକ୍ଷୀଙ୍କ ଆର୍ଥିକ ସ୍ଥିତି ମଧ୍ୟ ଭଲ ନାହିଁ।

## ଭି କୃଷ୍ଣ, ଏନ୍ ବେଣୁଗୋପାଳ ସିବିଆଇର ନୂଆ ଅତିରିକ୍ତ ନିର୍ଦ୍ଦେଶକ

**ନୂଆଦିଲ୍ଲୀ, ୧୬।୫ (ଏଜେନ୍ସି):** ବରିଷ୍ଠ ଆଇପିଏସ ଅଧିକାରୀ ଏ ୱାଇ ଭି କୃଷ୍ଣ ଏବଂ ଏନ୍ ବେଣୁ ଗୋପାଳଙ୍କୁ ସିବିଆଇର ଅତିରିକ୍ତ ନିର୍ଦ୍ଦେଶକ ନିଯୁକ୍ତ କରାଯାଇଛି। ୧୯୯୫ ବ୍ୟାଚ୍‌ର ଆସାମ-ମେଘାଳୟ କ୍ୟାଡର ଅଧିକାରୀ ଶ୍ରୀ କୃଷ୍ଣ ଏବେ ସିଆରପିଏଫ୍‌ର ଇନ୍ସପେକ୍ଟର ଜେନେରାଲ (ଆଇଜି) ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କୁ ୨୦୨୮ ଅଗଷ୍ଟ ୬ ପର୍ଯ୍ୟନ୍ତ ସିବିଆଇରେ ନିଯୁକ୍ତି ଦିଆଯାଇଛି। କାର୍ମିକ ମନ୍ତ୍ରାଳୟ ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି। ସେହିପରି ୧୯୯୫ର ହିମାଚଳ ପ୍ରଦେଶ କ୍ୟାଡର ଆଇପିଏସ ଅଧିକାରୀ ଶ୍ରୀ ବେଣୁ ଗୋପାଳ ଏବେ ସିବିଆଇର ଯୁଗ୍ମ ନିର୍ଦ୍ଦେଶକ ଅଛନ୍ତି। ସେ ୨୦୨୭ ମେ' ପର୍ଯ୍ୟନ୍ତ କିମ୍ବା ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନୂଆ ପଦବୀରେ ରହିବେ।

## କପିଳ ସିବଲ ସୁପ୍ରିମକୋର୍ଟ ବାର୍ ଆସୋସିଏସନ ଅଧ୍ୟକ୍ଷ ନିର୍ବାଚିତ

**ନୂଆଦିଲ୍ଲୀ, ୧୬।୫ (ଏଜେନ୍ସି):** ରାଜ୍ୟସଭା ସାଂସଦ କପିଳ ସିବଲ ଗୁରୁବାର ସୁପ୍ରିମକୋର୍ଟ ବାର୍ ଆସୋସିଏସନ (ଏସସିବିଏ) ଅଧ୍ୟକ୍ଷ ନିର୍ବାଚନରେ ବିଜୟୀ ହୋଇଛନ୍ତି। ତାଙ୍କୁ ମୋଟ ୧୦୬୬ ଭୋଟ ମିଳିଛି। ପ୍ରତିଦ୍ୱନ୍ଦ୍ୱୀ ବରିଷ୍ଠ ଓକିଲ ପ୍ରଦୀପ ରାୟ ୬୮୯ ଭୋଟ ପାଇଛନ୍ତି। ଏହା ପୂର୍ବରୁ ୨୦୦୧-୦୨ରେ ସିବଲ ଏସସିବିଏ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ସେ ୧୯୯୫-୯୬, ୧୯୯୭-୯୮ରେ ମଧ୍ୟ ଅଧ୍ୟକ୍ଷ ଭାବେ କାମ କରିଥିଲେ।

## ବିଲ୍‌ବୋର୍ଡ କମ୍ପାନୀର ମାଲିକ ଗିରଫ

ମୁମ୍ବାଇ, ୧୬।୫ (ଏଜେନ୍ସି): ଘାଟକୋପର ହୋର୍ଡିଂ ଦୁର୍ଘଟଣା ମାମଲାରେ ବିଲ୍‌ବୋର୍ଡ କମ୍ପାନୀର ମାଲିକ ଭାବେଶ ଭିଡ଼େଙ୍କୁ ଗୁରୁବାର ରାଜସ୍ଥାନର ଉଦୟପୁରରୁ ମୁମ୍ବାଇ ପୁଲିସ ଗିରଫ କରିଛି। ଭିଡେଙ୍କ ଆଡଭାଟାଇଜିଂ କମ୍ପାନୀ ଇଗୋ ମିଡିଆ ଲିମିଟେଡ ଏହି ବିଲ୍‌ବୋର୍ଡ ଲଗାଇ ଥିଲା। ଅନ୍ୟପକ୍ଷରେ ଆଜି ଉଦ୍ଧାରକାର୍ଯ୍ୟ ଶେଷ ହୋଇଛି। ଏହି ଦୁର୍ଘଟଣାରେ ୧୭ ଜଣଙ୍କ ମୃତ୍ୟୁ ହୋଇଛି। ୭୫ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଅବସରପ୍ରାପ୍ତ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି) ମ୍ୟାନେଜର ମନୋଜ ଚଂସୋରିଆ ଏବଂ ତାଙ୍କ ପତ୍ନୀ ଅନିତା ସାମିଲ ଅଛନ୍ତି। ଉଭୟେ ଜବଲପୁରରେ ରହୁଥିଲେ। ମାତ୍ର ଭିସା କାମ ପାଇଁ ନିଜ କାରରେ ମୁମ୍ବାଇ ଆସିଥିଲେ। ସେ ପେଟ୍ରୋଲ ପକାଉଥିବା ସମୟରେ ଏହି ହୋର୍ଡିଂ ଖସି ପଡ଼ି ଥିଲା।

- ଫ୍ରାନ୍ସ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ

## ୫ ମୃତ; ୨୦୦ ଗିରଫ

ପ୍ୟାରିସ, ୧୬।୫ (ଏଜେନ୍ସି): ଫ୍ରାନ୍ସରୁ ୧୬ ହଜାର କିମି ଦୂର ପ୍ରଶାନ୍ତ ମହାସାଗରରେ ଥିବା ନ୍ୟୁ କାଲେଡୋନିଆ ଦ୍ୱୀପରେ ମତଦାନ ସମ୍ବନ୍ଧିତ ନିୟମକୁ ନେଇ ତିନି ଦିନ ହେଲା ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଫ୍ରାନ୍ସଠାରୁ ସ୍ୱାଧୀନତା ଦାବିରେ ଆରମ୍ଭ ହୋଇଥିବା ଏହି ଦଙ୍ଗାରେ ଏ ପର୍ଯ୍ୟନ୍ତ ୫ ଜଣଙ୍କ ମୃତ୍ୟୁ ହେଲାଣି। ୬୪ ଜଣ ଆହତ ହେଲେଣି। ୨୦୦ରୁ ଅଧିକ ଲୋକଙ୍କୁ ଫ୍ରାନ୍ସ ଗିରଫ କଲାଣି। ସ୍ଥିତି ବିଗୁଡୁଥିବା ଦେଖି ୧୨ ଦିନ ପାଇଁ ଜରୁରୀକାଳୀନ ସ୍ଥିତି ଘୋଷଣା କରାଯାଇଛି। ଲୋକଙ୍କୁ ଘରୁ ବାହାରିବାକୁ ମନା କରାଯାଇଛି। ରାସ୍ତାରେ ଟ୍ୟାଙ୍କ ପାଟ୍ରୋଲିଂ କରୁଥିବା ଦେଖାଯାଇଛି। ସୂଚନାଯୋଗ୍ୟ ଯେ ଏହି ଦ୍ୱୀପକୁ ଫ୍ରାନ୍ସ ୧୭୧ ବର୍ଷ ହେଲା କବ୍ଜା କରି ରଖିଛି। ରିପୋର୍ଟ ଅନୁଯାୟୀ ଫ୍ରାନ୍ସ ନିକଟରେ ମତଦାନ ନିୟମ ସଂଶୋଧନ ବିଲ୍ ପାରିତ କରାଇ ଥିଲା। ଏଥିରେ ନ୍ୟୁ କାଲେଡୋନିଆର ମୂଳ ଅଧିବାସୀଙ୍କ ସହିତ ଫ୍ରାନ୍ସରୁ ଯାଇ ସେଠାରେ ଥିବା ଲୋକଙ୍କୁ ମତଦାନ ଅଧିକାର ଦିଆଯାଇଥିଲା। ଏହାକୁ ନେଇ ଲୋକେ ରାସ୍ତାକୁ ଓହ୍ଲାଇ ଥିଲେ।

### ପିଏମ୍‌ଏଲ୍‌ଏ ମାମଲାରେ ସୁପ୍ରିମକୋର୍ଟଙ୍କ ବଡ଼ ରାୟ

# ମାମଲା ବିଚାରାଧୀନ ଥିଲେ ଗିରଫ କରିପାରିବନି ଇଡି

**ନୂଆଦିଲ୍ଲୀ, ୧୬।୫(ଏଜେନ୍ସି)**

ସୁପ୍ରିମକୋର୍ଟ ଗୁରୁବାର ବଡ଼ ରାୟ ଦେଇଛନ୍ତି। ସ୍ୱତନ୍ତ୍ର ଅଦାଲତଙ୍କ ଦ୍ୱାରା ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ) ମାମଲାର ସ୍ୱତଃ ସଜ୍ଞାନ(କଗ୍ନିଜେନ୍ସ) ନିଆଯିବା ପରେ ଅଭିଯୁକ୍ତ ଅଦାଲତଙ୍କ ସମନ ପାଇ ଯଦି ହାଜର ହୁଅନ୍ତି ତେବେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କୁ ପିଏମ୍‌ଏଲ୍‌ଏ ଧାରା ୧୯ ଅନୁଯାୟୀ ଗିରଫ କରିପାରିବ ନାହିଁ ବୋଲି ନ୍ୟାୟମୂର୍ତ୍ତି ଅଭୟ ଏସ ଓକା ଓ ନ୍ୟାୟମୂର୍ତ୍ତି ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ ମନି ଲଣ୍ଡରିଂ ମାମଲାରେ କୌଣସି ଅଭିଯୁକ୍ତଙ୍କୁ ତଦନ୍ତ ବେଳେ ଯଦି ଇଡି ଗିରଫ କରିନାହିଁ ଓ ଆରୋପପତ୍ର (ଚାର୍ଜସିଟ୍) ଦାଖଲ ପରେ ଅଦାଲତଙ୍କ ସମନ ପାଇ ସେହି ବ୍ୟକ୍ତି ଯଦି ହାଜର ହୁଅନ୍ତି ତେବେ ତାଙ୍କୁ ଇଡି ଗିରଫ କରିପାରିବ ନାହିଁ। ପୁଣି ତାଙ୍କ କ୍ଷେତ୍ରରେ ପିଏମ୍‌ଏଲ୍‌ଏ ଧାରା ୪୫ ଅନୁଯାୟୀ ଜାମିନର ଦ୍ୱୈତ ସର୍ତ୍ତ ପୂରଣ କରିବା ଆବଶ୍ୟକ ହେବନି। ପୁଣି ଯେଉଁ ଅଭିଯୁକ୍ତ ଅଦାଲତଙ୍କ ସମନ ଅନୁପାଳନ କରି ଅଦାଲତରେ ହାଜର ହୁଅନ୍ତି ତାଙ୍କୁ ଜାମିନ ପାଇଁ ଆବେଦନ କରିବାକୁ ପଡ଼ିବ ନାହିଁ। ଇଡି ଯଦି ସେହି ବ୍ୟକ୍ତିଙ୍କୁ ହେପାଜତରେ ନେବାକୁ ଚାହିଁବ ତେବେ ସେଥିପାଇଁ ସଂପୃକ୍ତ ଅଦାଲତରେ ଆବେଦନ କରିବ। ଅଭିଯୁକ୍ତଙ୍କୁ ଜେରା କରିବାର ଅନିର୍ବାଯ୍ୟତା ନେଇ ଇଡି ଯଦି ଅକାଟ୍ୟ ପ୍ରମାଣ ଦେବାକୁ ସକ୍ଷମ ହୁଏ ତେବେ ଅଦାଲତ ଅଭିଯୁକ୍ତଙ୍କୁ ହେପାଜତରେ ନେବାକୁ ଇଡିକୁ ଅନୁମତି ଦେଇପାରିବେ। ସୁପ୍ରିମ୍‌କୋର୍ଟଙ୍କ ଏହି ନିର୍ଣ୍ଣୟକୁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ବୋଲି ଆଇନଜ୍ଞମାନେ ମତ ଦେଇଛନ୍ତି।



## କେଜ୍ରିୱାଲଙ୍କୁ କୌଣସି ସ୍ୱତନ୍ତ୍ର ସୁବିଧା ମିଳିନାହିଁ

**ନୂଆଦିଲ୍ଲୀ, ୧୬।୫(ଏଜେନ୍ସି)**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଅନ୍ତରୀଣ ଜାମିନ ଦେବାରେ କିଛି ବ୍ୟତିକ୍ରମ ନାହିଁ, ତାଙ୍କୁ ଅଦାଲତ କିଛି ସ୍ୱତନ୍ତ୍ର ଅନୁଗ୍ରହ ଦେଖାଇନାହାନ୍ତି, ଯାହା ନ୍ୟାୟୋଚିତ ବିଚାରିଲୁ ସେ ଅନୁସାରେ ନିଷ୍ପତ୍ତି ନିଆଗଲା ବୋଲି ଆଜି ନ୍ୟାୟମୂର୍ତ୍ତି ସଞ୍ଜୀବ ଖାନ୍ନା ଓ ନ୍ୟାୟମୂର୍ତ୍ତି ଦୀପଙ୍କର ଦତ୍ତାଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ କହିଛନ୍ତି। କେଜ୍ରିୱାଲଙ୍କୁ ଅନ୍ତରୀଣ ଜାମିନ ମଞ୍ଜୁର ହେବା ନିଷ୍ପତ୍ତକୁ ଅନେକ ବ୍ୟକ୍ତି ସମାଲୋଚନା କରିଥିବା ବିଷୟ ସରକାର ଖଣ୍ଡପୀଠଙ୍କ ନଜରକୁ ଆଣିବାରୁ ଖଣ୍ଡପୀଠ ଏହା କହିଛନ୍ତି। ଖଣ୍ଡପୀଠ ପୁଣି କହିଛନ୍ତି, କେଜ୍ରିୱାଲ ତାଙ୍କ ଗିରଫଦାରୀ ଓ ରିମାଣ୍ଡ ଆଦେଶକୁ ଚ୍ୟାଲେଞ୍ଜ କରି ଯେଉଁ ପିଟିସନ୍ ଦାଖଲ କରିଛନ୍ତି, ତାହାର ଶୁଣାଣୀ ଆମେ କରୁଛୁ। ଶୁଣାଣୀ ମଧ୍ୟରେ ଆମେ କେଜ୍ରିୱାଲଙ୍କୁ ଅନ୍ତରୀଣ ଜାମିନ ଦେଇଛୁ। କାରଣ ନିର୍ବାଚନ ହେଉଛି ଗଣତନ୍ତ୍ରର ପ୍ରାଣଶକ୍ତି। କେଜ୍ରିୱାଲ ଏକ ଜାତୀୟ ରାଜନୈତିକ ଦଳର ମୁଖ୍ୟ। ସେ ସମାଜ ପ୍ରତି କୌଣସି ବିପଦ ସୃଷ୍ଟି କରୁନାହାନ୍ତି କି କେବେ ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି। ଜାମିନ ଦିଆଯିବା ହେଉଛି ନିୟମ ଓ ଜେଲ ପଠାଯିବା ହେଉଛି ଏକ ବ୍ୟତିକ୍ରମ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ପ୍ରସଙ୍ଗରେ ମନ୍ତବ୍ୟ ଦେଇଥିଲେ ଯେ କେଜ୍ରିୱାଲଙ୍କୁ ଜାମିନ ମିଳିବା ଏକ ସ୍ୱାଭାବିକ ବା ଗତାନୁଗତିକ ନିଷ୍ପତ୍ତି ନୁହେଁ, ତାଙ୍କୁ ସ୍ୱତନ୍ତ୍ର ଅନୁଗ୍ରହ ମିଳିଛି ବୋଲି ଅନେକ ବ୍ୟକ୍ତି ଭାବୁଛନ୍ତି। ମନ୍ତ୍ରୀ ଅମିତ ଶାହଙ୍କ ନାମ ନନେଇ କେଜ୍ରିୱାଲଙ୍କ ଓକିଲ ଖଣ୍ଡପୀଠଙ୍କ ଦୃଷ୍ଟିକୁ ଏହି ପ୍ରସଙ୍ଗ ଆଣିବାରୁ ଖଣ୍ଡପୀଠ କହିଥିଲେ, ଆମେ ସେ ସମ୍ପର୍କରେ ମୁଣ୍ଡ ଖେଳାଇବୁ ନାହିଁ। ସେହିଭଳି ଇଡି ଓକିଲ ଖଣ୍ଡପୀଠଙ୍କୁ କହିଥିଲେ, ଇଣ୍ଡିଆ ବ୍ଲକ୍ ସରକାର ଗଢ଼ିଲେ ତାଙ୍କୁ ଆଉ ଜେଲ ଯିବାକୁ ପଡ଼ିବନି ବୋଲି କେଜ୍ରିୱାଲ କେତେଥର ତାଙ୍କ ନିର୍ବାଚନ ପ୍ରଚାର ସଭାରେ କହିଛନ୍ତି। ଏହା ଶୁଣି ଖଣ୍ଡପୀଠ କହିଥିଲେ, ଏ ପ୍ରସଙ୍ଗରେ ଧ୍ୟାନ ଦେଉନାହୁଁ। କେଜ୍ରିୱାଲ ଯଦି ଏପରି କହିଛନ୍ତି ତେବେ ଏହା ତାଙ୍କର ଅବଧାରଣା ବା ଅବବୋଧ ହୋଇଥାଇପାରେ। କେବେ ଓ କେଉଁଠାରେ ଆତ୍ମସମର୍ପଣ କରିବେ ତାହା କେଜ୍ରିୱାଲଙ୍କୁ ଆମ ନିର୍ଦ୍ଦେଶରେ ସ୍ପଷ୍ଟ ଭାବେ ଜଣାଇଦିଆଯାଇଛି।

### ■ ୪୫୮ ଗଛ କଟାଯିବାକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

## ଡିଡିଏ ବିରୋଧରେ ଅଦାଲତ ଅବମାନନା ମାମଲା

**ନୂଆଦିଲ୍ଲୀ, ୧୬।୫(ଏଜେନ୍ସି)**

ଗଛ କାଟିବା ପାଇଁ ଅନୁମତି ପ୍ରାର୍ଥନା କରି ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷ(ଡିଡିଏ) ପୂର୍ବରୁ ସୁପ୍ରିମକୋର୍ଟରେ ଦେଇଥିବା ପିଟିସନ ଖାରଜ ହୋଇଥିବା ସତ୍ତ୍ୱେ ଦିଲ୍ଲୀ ଉପକଣ୍ଠରେ ରାସ୍ତା ପ୍ରଶସ୍ତୀକରଣ ପାଇଁ ୪୫୮ ଗଛ କାଟିଦିଆଯାଇ ଥିବାରୁ ନ୍ୟାୟମୂର୍ତ୍ତି ଏଏସ ଓକା ଓ ନ୍ୟାୟମୂର୍ତ୍ତି ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷ(ଡିଡିଏ) ଉପାଧ୍ୟକ୍ଷଙ୍କ ବିରୋଧରେ ଅଦାଲତ ଅବମାନନା ଅଭିଯୋଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ଆଦେଶ ଦେଇଛନ୍ତି। ଗତକାଲି ଡିଡିଏ ଅଦାଲତରେ ସତ୍ୟପାଠ ଦାଖଲ କରି ଦକ୍ଷିଣ ଦିଲ୍ଲୀରେ ୪୫୮ଟି ଗଛ କଟାଯାଇଥିବା ସ୍ୱୀକାର କରିଥିଲା। ଖଣ୍ଡପୀଠ ଆଜି ଏହାର ଶୁଣାଣୀ କରି କହିଥିଲେ ଯେ ଜାଣିଶୁଣି ସୁପ୍ରିମକୋର୍ଟଙ୍କ ଆଦେଶକୁ ଅବଜ୍ଞା କରାଯାଇଛି, ଆଇନ ଭଙ୍ଗ ହୋଇଛି, ନ୍ୟାୟଦାନ ପ୍ରକ୍ରିୟାରେ ହସ୍ତକ୍ଷେପ ହୋଇଛି। ଛାତରପୁର ଓ ସାଉଥ୍ ଏସିଆନ୍ ୟୁନିଭରସିଟିକୁ ଯୋଡୁଥିବା ୧୧ କିଲୋମିଟରର ରାସ୍ତାକୁ ଚଉଡ଼ା କରିବା ପାଇଁ ଗତ ଫେବୃଆରୀରେ ଗଛଗୁଡ଼ିକୁ କଟାଯାଇଥିଲା। ଖଣ୍ଡପୀଠ ଡିଡିଏ ଉପାଧ୍ୟକ୍ଷଙ୍କୁ ଆଦେଶ ଦେଇଛନ୍ତି କଟାଯାଇଥିବା ପ୍ରତି ଗଛ ପାଇଁ ୧୦୦ ଗଛ ରୋପଣ କରାଯିବା ଉଚିତ। ଗଛ କଟା ପାଇଁ କିଏ ବା କେଉଁମାନେ ଦାୟୀ ତାଙ୍କ ନାମ ପ୍ରକାଶ କର ଯେପରିକି ତାଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ସୁପ୍ରିମକୋର୍ଟଙ୍କୁ ଅବଗତକଲା ଇଡି

## ଆପ୍‌କୁ ଅଭିଯୁକ୍ତ କରିବାକୁ ପ୍ରମାଣ ରହିଛି

**ନୂଆଦିଲ୍ଲୀ:** ଦିଲ୍ଲୀ ନୀତି ଅବକାରୀ ଦୁର୍ନୀତି ମାମଲାରେ ଆମ୍ ଆଦମୀ ପାର୍ଟିକୁ ଅଭିଯୁକ୍ତ କରିବାକୁ ପୂର୍ବରୁ ଇଡି ସୁପ୍ରିମକୋର୍ଟଙ୍କୁ ଅବଗତ କରିଥିଲା ବେଳେ ଗୁରୁବାର ଏହି ପ୍ରସଙ୍ଗରେ ଶୁଣାଣି ବେଳେ ସ୍ପଷ୍ଟ କରିଛି। ପୁରା ଦଳକୁ ଏହି ଘୋଟାଲାରେ ଅଭିଯୁକ୍ତ କରାଯିବ। ଏନେଇ ଯଥେଷ୍ଟ ପ୍ରମାଣ ମଧ୍ୟ ରହିଛି ବୋଲି ଇଡି କହିଛି। ଆପ୍ ୧୦୦ କୋଟି ଟଙ୍କାର ଲାଞ୍ଚ ନେବା ସହିତ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ କିଭଳି ଗୋଆ ନିର୍ବାଚନ ବେଳେ ଏକ ୭ ତାରକା ହୋଟେଲରେ ଅବସ୍ଥାନ କରିଥିଲେ ଏବଂ ତାଙ୍କ ରହଣି କାଳରେ ଦଳ ପକ୍ଷରୁ କିଭଳି ଲକ୍ଷ ଲକ୍ଷ ଟଙ୍କାର ହୋଟେଲ ବିଲ୍ ପୈଠ କରାଯାଇଥିଲା ତାହାର ପ୍ରମାଣ ରହିଛି ବୋଲି ଇଡି କହିଛି।

## ଆସାମ ହେପାଜତ କେନ୍ଦ୍ରରୁ ୧୭ ବିଦେଶୀଙ୍କୁ ମୁକ୍ତ କର

**କେନ୍ଦ୍ରକୁ ସୁପ୍ରିମ୍ ନିର୍ଦ୍ଦେଶ**

**ନୂଆଦିଲ୍ଲୀ:** ଆସାମ ହେପାଜତ କେନ୍ଦ୍ରରେ ରଖାଯାଇଥିବା ୧୭ ବିଦେଶୀଙ୍କୁ ମୁକ୍ତ କରିବା ପାଇଁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବିଦେଶୀ ନାଗରିକଙ୍କ ବିରୋଧରେ କୌଣସି ଆପରାଧିକ ମାମଲା ରୁଜୁ ହୋଇନାହିଁ। ଏମାନେ ବର୍ଷ ବର୍ଷ ହେଲା ହେପାଜତ କେନ୍ଦ୍ର (ଡିଟେନସନ ସେଣ୍ଟର)ରେ ବନ୍ଦୀ ଅଛନ୍ତି। ଦିନକୁ ଦିନ ଏହି ନାଗରିକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି ବୋଲି ଜଷ୍ଟିସ ଅଭୟ ଏସ ଓକା ଏବଂ ଉଜ୍ଜ୍ୱଳ ଭୂଇଁୟାଙ୍କ ଖଣ୍ଡପୀଠ କହିଛନ୍ତି। ଏହା ପୂର୍ବରୁ ଏପ୍ରିଲରେ ବିଦେଶୀ ନାଗରିକଙ୍କୁ ମୁକ୍ତ ଦାବିରେ ଦାଏର ଆବେଦନର ଶୁଣାଣି କରି ହେପାଜତରେ ଥିବା ବିଦେଶୀ ନାଗରିକଙ୍କ ବିଷୟରେ ସୂଚନା ଦେବା ପାଇଁ କୋର୍ଟ ରାଜ୍ୟ ଆଇନ ସେବା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ କେନ୍ଦ୍ରଗୁଡିକରେ ନାଗରିକଙ୍କୁ ମିଳୁଥିବା ସୁବିଧାର ସୂଚନା ସଂଗ୍ରହ ପାଇଁ ଟିମ୍ ଗଠନ କରିବାକୁ କହିଥିଲେ।

## ମଣିପୁରରେ ୬ ଦିନରେ ୧୩ ଜଣଙ୍କୁ ଅପହରଣ

**ଇମ୍ଫାଲ, ୧୬।୫ (ଏଜେନ୍ସି):** ମଣିପୁର ସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ରାଜ୍ୟରେ ଗତ ୮ରୁ ୧୩ ତାରିଖ ମଧ୍ୟରେ ୧୩ ଜଣ ଲୋକଙ୍କୁ ଅପହରଣ କରାଗଲାଣି। ଏମାନଙ୍କ ମଧ୍ୟରେ ୪ ଜଣ ପୁଲିସ କର୍ମଚାରୀ, ଜଣେ ସିଆରପିଏଫ ଯବାନ ଏବଂ ବାକି ସ୍ଥାନୀୟ ଲୋକ ସାମିଲ ଅଛନ୍ତି। ସୁରକ୍ଷା ଅଧିକାରୀଙ୍କ ସୂଚନା ଅନୁଯାୟୀ ଅପହରଣ କରାଯାଇଥିବା ଲୋକଙ୍କ ସଂଖ୍ୟା ବାସ୍ତବିକଠାରୁ ଢେର ଅଧିକ ହୋଇପାରେ। କାରଣ ଅପହରଣକାରୀଙ୍କ ପରିବାର ଥାନାରେ ଅଭିଯୋଗ କରିନାହାନ୍ତି। ମଣିପୁର ପୁଲିସ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେଇ ୧୦ ଜଣଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ମଣିପୁର ହିଂସାକୁ ନେଇ ଏନ୍‌ଆଇଏ ସ୍ଥାନୀୟ କୋର୍ଟରେ ଦାଖଲ ଆରୋପପତ୍ରରେ କୁହାଯାଇଛି ଯେ ମ୍ୟାଁମାରରୁ ରାଜ୍ୟକୁ ଅସ୍ଥିର କରିବାକୁ ପ୍ରୟାସ ହେଉଛି। ସୀମା ଆରପଟେ ଥିବା ନଗା ବିଦ୍ରୋହୀ ଗୋଷ୍ଠୀ ୨ଟି ନିଷିଦ୍ଧ ମେଇତି ସଂଗଠନକୁ ସମର୍ଥନ ଦେଉଥିବା କେନ୍ଦ୍ରକୁ ସୂଚନା ମିଳିଛି। ଗତ ବର୍ଷ ଜୁଲାଇରେ ଚୀନ୍-ମ୍ୟାଁମାର ମଡ୍ୟୁଲୋର ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହା ମ୍ୟାଁମାରରୁ ପରିଚାଳିତ ଏବଂ ନ୍ୟାସନାଲ ସୋସିଆଲିଷ୍ଟ କାଉନସିଲ ଅଫ ନାଗାଲାଣ୍ଡ (ଏନଏସସିଏନ-ଆଇଏମ) ସହ ଜଡ଼ିତ। ରାଜ୍ୟରେ ଅନୁପ୍ରବେଶ ପାଇଁ ୨ଟି ମେଇତି ସଂଗଠନ ସାହାଯ୍ୟ କରୁଛି ବୋଲି ଗିରଫ ଲୋକ କହିଛନ୍ତି।



### କୋଭିସିଲ୍ଡ ପରେ କୋଭାକ୍ସିନ୍‌ରେ ପାର୍ଶ୍ୱପ୍ରତିକ୍ରିୟା ଦାବି

# ୩୦% ଭୋଗିଥିଲେ ସ୍ୱାସ୍ଥ୍ୟ ସମସ୍ୟା

**ନୂଆଦିଲ୍ଲୀ, ୧୬।୫ (ଏଜେନ୍ସି)**




**ସାମ୍ନାକୁ ଆସିଥିଲା ଶ୍ୱାସ ସଂକ୍ରମଣ, ବ୍ଲଡ୍ କ୍ଲଟ୍ ମାମଲା**

କୋଭିସିଲ୍ଡ ପରେ ଭାରତ ବାୟୋଟେକ ଦ୍ୱାରା ପ୍ରସ୍ତୁତ ସ୍ୱଦେଶୀ କରୋନା ଟିକା କୋଭାକ୍ସିନରେ ପାର୍ଶ୍ୱ ପ୍ରତିକ୍ରିୟା ଥିବା ଦାବି କରାଯାଇଛି। ସାଇନ୍ସ ଜର୍ଣ୍ଣାଲ ସ୍ପ୍ରିଙ୍ଗରଲିଙ୍କରେ ପ୍ରକାଶିତ ଅଧ୍ୟୟନ ଆଧାରରେ ଇକୋନମିକ ଟାଇମ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ବନାରସ ହିନ୍ଦୁ ୟୁନିଭର୍ସିଟି (ବିଏଚୟୁ) ପକ୍ଷରୁ ଏହି ଅଧ୍ୟୟନ କରାଯାଇଥିଲା। ଏଥିରେ କୋଭାକ୍ସିନ ନେଇଥିବା ବ୍ୟକ୍ତିଙ୍କ ଉପରେ ଟିକାର ଦୀର୍ଘକାଳୀନ ପ୍ରଭାବର ଆକଳନ କରାଯାଇଥିଲା। ଏହି ଅଧ୍ୟୟନରେ ସାମିଲ ହୋଇଥିବା ପ୍ରାୟ ୩୦ ପ୍ରତିଶତ ଲୋକଙ୍କଠାରେ ପାର୍ଶ୍ୱପ୍ରତିକ୍ରିୟା (ଆଡଭର୍ସ ଇଭେଣ୍ଟ ଅଫ ସ୍ପେସିଆଲ ଇଣ୍ଟରେଷ୍ଟ ତଥା ଏଇଏସ୍‌ଆଇ) ଦେଖା ଯାଇଥିଲା। ଏହି ଲୋକଙ୍କଠାରେ ଶ୍ୱାସ ସମ୍ବନ୍ଧିତ ସଂକ୍ରମଣ, ରକ୍ତ ଜମାଟ ବାନ୍ଧିବା (ବ୍ଲଡ କ୍ଲଟ) ଏବଂ ଚର୍ମ ସମ୍ବନ୍ଧିତ ରୋଗ ଦେଖା ଯାଇଥିଲା। କିଶୋରକିଶୋରୀ (ଟିନ୍‌ଏଜର୍ସ), ବିଶେଷ କରି କିଶୋରୀ ଏବଂ ଆଲର୍ଜିରେ ପୀଡ଼ିତ ଲୋକଙ୍କ ପ୍ରତି କୋଭାକ୍ସିନଠାରୁ ବିପଦ ରହିଛି। ତେବେ କିଛି ଦିନ ତଳେ ଟିକାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ଭାରତ ବାୟୋଟେକ ପକ୍ଷରୁ କୁହାଯାଇଥିଲା। ଟିକାକୁ ସମ୍ପୂର୍ଣ୍ଣ ସୁରକ୍ଷିତ କୁହାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଟିକା ନେଇଥିଲେ। ଦେଶରେ କୋଭାକ୍ସିନର ୩୬ କୋଟି ଡୋଜ୍ ଲାଗିଥିଲା।

ଏହି ଅଧ୍ୟୟନ ୨୦୨୨ ଜାନୁଆରୀରୁ ୨୦୨୩ ଅଗଷ୍ଟ ମଧ୍ୟରେ କରାଯାଇଥିଲା। ଏଥିରେ ୯୨୬ ଜଣ ଭାଗ ନେଇଥିଲେ। ଏମାନଙ୍କ ମଧ୍ୟରେ ୨୯୧ ବୟସ୍କ ଏବଂ ୬୩୫ କିଶୋରକିଶୋରୀ ସାମିଲ ଥିଲେ। ଅଧ୍ୟୟନ ଅନୁଯାୟୀ ୩୦୪ (୪୭.୯%) କିଶୋର ଏବଂ ୧୨୪ (୪୨.୬%) ବୟସ୍କଙ୍କଠାରେ ଶ୍ୱାସ ସମ୍ବନ୍ଧିତ ସଂକ୍ରମଣ (ଅପର ରେସପେରୋଟରି ଟ୍ରାକ୍ଟ ଇନଫେକ୍ସନ) ଦେଖା ଯାଇଥିଲା। ଏଥିପାଇଁ ଥଣ୍ଡା, ଖାସ ହେଉଥିଲା। ସେହିପରି କିଶୋରକିଶୋରୀଙ୍କ ମଧ୍ୟରେ ୧୦.୫% ଚର୍ମ ସମ୍ବନ୍ଧିତ, ୪.୭% ସ୍ନାୟବିକ ସମସ୍ୟା ଏବଂ ୧୦.୨% ସାଧାରଣ ସମସ୍ୟା ଦେଖା ଯାଇଥିଲା। ବୟସ୍କଙ୍କ ମଧ୍ୟରେ ୮.୯% ସାଧାରଣ ସମସ୍ୟା, ୫.୮% ମାଂସପେଶୀ ଏବଂ ହାଡ଼ ସମ୍ବନ୍ଧିତ ସମସ୍ୟା ଏବଂ ୫.୫% ସ୍ନାୟବିକ ସମସ୍ୟା ଦେଖା ଯାଇଥିଲା। ଏହି ଅଧ୍ୟୟନରେ ୪.୬ ପ୍ରତିଶତ କିଶୋରୀଙ୍କ ମାସିକ ଧର୍ମ ସମ୍ବନ୍ଧିତ ସମସ୍ୟା ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ୨.୭% ଆଖି ସମ୍ବନ୍ଧିତ, ୦.୬% ହାଇପୋଥାଇରାୟଡିଜମ, ୦.୩% ଷ୍ଟ୍ରୋକ ଏବଂ ୦.୧% ଗୁଲିୟନ ବେରି ସିଣ୍ଡ୍ରୋମର ଶିକାର ହୋଇଥିବା ଜଣାପଡ଼ି ଥିଲା।

## ଆଷ୍ଟ୍ରାଜେନେକା ଟିକାରେ ବ୍ଲଡ୍ କ୍ଲଟିଂ ବିପଦ

**ନୂଆଦିଲ୍ଲୀ, ୧୬।୫ (ଏଜେନ୍ସି):** ବ୍ରିଟିଶ-ସ୍ୱିଡିଶ ଫାର୍ମା କମ୍ପାନୀ ଆଷ୍ଟ୍ରାଜେନେକାର କରୋନା ଟିକାରେ ଆଉ ଏକ ଗମ୍ଭୀର ପାର୍ଶ୍ୱ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଏହି ଟିକା ନେଲେ ଇମ୍ୟୁନ ଥାମ୍ବ୍ରୋସାଇଟୋପେନିଆ ଆମ୍ବ ଥ୍ରାମ୍ବୋସିସ (ଭିଆଇଟିଟି) ହୋଇପାରେ ବୋଲି ଗବେଷକମାନେ ଦାବି କରିଛନ୍ତି। ତେବେ ରକ୍ତ ଜମାଟ ବାନ୍ଧୁଥିବା ଏହି ବିରଳ ରୋଗ ବହୁତ କମ୍ ଲୋକଙ୍କୁ ହୋଇଥାଏ। ମାତ୍ର ଏହା ଏକ ବିପଜ୍ଜନକ ରୋଗ। ଗବେଷକଙ୍କ ସୂଚନା ଅନୁଯାୟୀ ଏହା କୌଣସି ନୂଆ ସମସ୍ୟା ନୁହେଁ। ଭିଆଇଟିଟି ଏଡେନୋଭାଇରସ ଭେକ୍ଟର-ଆଧାରିତ ଅକ୍ସଫୋର୍ଡ-ଆଷ୍ଟ୍ରାଜେନେକା ଟିକା ନେବା ପରେ ଏହା ଏକ ନୂଆ ରୋଗ ଭାବେ ଉଭା ହୋଇଥିଲା। ଆଷ୍ଟ୍ରାଜେନେକା ଫର୍ମୂଲାରେ ଭାରତରେ କୋଭିସିଲ୍ଡ ପ୍ରସ୍ତୁତ କରାଯାଇଥିଲା। ଗବେଷଣାରୁ ଜଣାପଡିଛି ଯେ ବିପଜ୍ଜନକ ବ୍ଲଡ ଆଣ୍ଟିବଡି 'ପ୍ଲେଟଲେଟ ଫ୍ୟାକ୍ଟର ୪' ଭିଆଇଟିଟି ପାଇଁ ଦାୟୀ। ଏହା ପ୍ରୋଟିନ ବିରୋଧରେ କାମ କରିଥାଏ।

### ■ ସ୍ୱାତୀ ମାଲିୱାଲଙ୍କୁ ମାଡ଼ ମାରିବା ମାମଲା

## କେଜ୍ରିୱାଲଙ୍କ ପିଏ ବିରୋଧରେ ଏତଲା

**ନୂଆଦିଲ୍ଲୀ,୧୬।୫(ଏଜେନ୍ସି)**

ଆମ ଆଦମୀ ପାର୍ଟି (ଆପ୍) ସାଂସଦ ସ୍ୱାତୀ ମାଲିୱାଲଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଅସଦାଚରଣ କରିବା ମାମଲାରେ ଦିଲ୍ଲୀ ପୁଲିସ ଏତଲା ରୁଜୁ କରିଛି। ଏଥିରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବ୍ୟକ୍ତିଗତ ସଚିବ (ପିଏ) ବିଭବ କୁମାରଙ୍କ ନାମ ରହିଛି। ସେ ସ୍ୱାତୀଙ୍କୁ ଅସଦାଚରଣ ଏବଂ ମାରପିଟ କରିଥିବା ଅଭିଯୋଗ ହୋଇଛି। ଗତ ୧୩ ତାରିଖରେ ଏହି ଘଟଣା ଘଟିଥିଲା। ଏହାର ତିନି ଦିନ ପରେ ଗୁରୁବାର ସକାଳେ ଦିଲ୍ଲୀ ପୁଲିସର ଏକ ଦଳ ସ୍ୱାତୀଙ୍କ ଘରେ ପହଞ୍ଚି ତାଙ୍କ ବୟାନ ରେକର୍ଡ କରିଥିଲା। ଏହି ଦଳ ତାଙ୍କ ଘରେ ପ୍ରାୟ ୪ ଘଣ୍ଟା ରହିଥିଲା। ଏହା ପରେ ପୁଲିସ ମାମଲା ରୁଜୁ କରିଥିଲା। ବିଳମ୍ବିତ ରାତିରେ ପୁଲିସ ସ୍ୱାତୀଙ୍କୁ ଧରି ଦିଲ୍ଲୀ ଏମ୍ସରେ ପହଞ୍ଚିଛି। ଏଠାରେ ତାଙ୍କର ମେଡିକାଲ କରାଯିବ। ସେହିପରି ସିଭିଲ୍ ଲାଇନ୍ସ ଥାନାର ଏକ ଟିମ୍‌କୁ ବିଭବ କୁମାରଙ୍କ ଘରକୁ ପଠାଇ ଦିଆଯାଇଛି। ଅନ୍ୟପଟେ ରାଷ୍ଟ୍ରୀୟ ମହିଳା କମିଶନ ବିଭବ କୁମାରଙ୍କୁ ନୋଟିସ ଜାରି କରି ଶୁକ୍ରବାର ହାଜର ହେବାକୁ କହିଛନ୍ତି। ଏହା ମଧ୍ୟରେ ସ୍ୱାତୀ କହିଛନ୍ତି ଯେ ତାଙ୍କ ସହ ଯାହା ଘଟିଥିଲା ତାହା ବହୁତ ଖରାପ ଥିଲା। ଏହି ମାମଲାରେ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଆଶା କରିଛନ୍ତି। ସେ ମାମଲାରେ ରାଜନୀତି ନ କରିବା ପାଇଁ ବିଜେପିକୁ ଅନୁରୋଧ କରିଛନ୍ତି। ଏହି ଘଟଣା ଏବେ ଆପ୍ ପାଇଁ ସଙ୍କଟ ସୃଷ୍ଟି କରିଛି। କେଜ୍ରିୱାଲ ନିର୍ବାଚନ ପ୍ରଚାର କରିବା ଲାଗି ସ୍ୱତନ୍ତ୍ର ଭାବେ ଜେଲରୁ ସାମୟିକ ମୁକ୍ତି ପାଇଥିଲେ ହେଁ ଏହି ଘଟଣା ତାଙ୍କ ପାଇଁ ରାଜନୈତିକ ସ୍ତରରେ ଚିନ୍ତାର କାରଣ ହୋଇଛି।

- ମୋ ସହ ବହୁତ ଖରାପ ହୋଇଥିଲା: ସ୍ୱାତୀ
- ବିଭବଙ୍କୁ ମହିଳା କମିଶନଙ୍କ ସମନ

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-320 ◆BHUBANESWAR ◆FRIDAY ◆17 MAY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୨୦ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୭ ମେ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

**୧୯ରୁ ପୁଣି ଗ୍ରୀଷ୍ମ ଲହରୀ**

# ୨ ସପ୍ତାହ ଜାଳିବ


■ **ଭୁବନେଶ୍ୱର, ୧୬।୫ (ସମିସ):** କିଛି ଦିନର ବିରତି ପରେ ପୁଣିଥରେ ତାତି ଉପରମୁହାଁ ହୋଇଛି। ଗତ ୩ ଦିନ ହେବ ରାଜ୍ୟରେ ତାତିର ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଗୁରୁବାର ଏକାଧିକ ସହରରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ଅନ୍ୟପଟେ ଏହି ସ୍ଥିତି ଆହୁରି ବଢ଼ିବା ସହ ଆସନ୍ତା ୧୯ରୁ ରାଜ୍ୟରେ ଗ୍ରୀଷ୍ମ ଲହରୀ ସ୍ଥିତି ଆରମ୍ଭ ହୋଇଯିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। କେନ୍ଦ୍ରର ସୂଚନା ଅନୁଯାୟୀ, ବାୟୁମଣ୍ଡଳର ମଧ୍ୟ ଏବଂ ଉପରିଭାଗରେ ଶୁଷ୍କ ପଶ୍ଚିମା ବାୟୁର ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ଏହାସହିତ ସାମୁଦ୍ରିକ ବାୟୁ ପ୍ରବାହ ଦୁର୍ବଳ ହେବାର ସମ୍ଭାବନା ଥିବାରୁ ରାଜ୍ୟରେ ଆଗାମୀ ଦୁଇ ସପ୍ତାହ ଯାଏଁ ତାତି ବୃଦ୍ଧି ସହ ଗ୍ରୀଷ୍ମ ପ୍ରବାହ ସ୍ଥିତି ଉପୁଜିବା ନେଇ ପାଗ ଅନୁକୂଳ ରହିଛି।

ଏହାସହିତ ଆଇଏମ୍‌ଡିର ବିସ୍ତାରିତ ପରିସର ଆକଳନରେ ମଧ୍ୟ ତାତି ବୃଦ୍ଧି ନେଇ ଆଶଙ୍କା କରାଯାଇଛି। ଏହି ଆକଳନରେ କୁହାଯାଇଛି ଯେ ଦ୍ୱିତୀୟ ସପ୍ତାହରେ ୨୪-୩୦ତାରିଖ ମଧ୍ୟରେ ରାଜ୍ୟରେ ତାପମାତ୍ରା ବୃଦ୍ଧି ସହ ଆଭ୍ୟନ୍ତରୀଣ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ସ୍ଥିତି ଉପିଜିବ। ଅନ୍ୟପଟେ ତାତିକୁ ଦୃଷ୍ଟିରେ ରଖି ୧୯ ତାରିଖରୁ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ଗ୍ରୀଷ୍ମ ଲହରୀ ଜନିତ ୟେଲୋ ▶ପୃଷ୍ଠା-୧୧

# ବିକାଶର ଶିଖର ଛୁଇଁବ ସମ୍ବଲପୁର

## ଜିଲ୍ଲାର ସାମଗ୍ରିକ ବିକାଶ ନବୀନଙ୍କ ପ୍ରାଥମିକତା

- ମାଁ ସମଲେଇ ପୀଠର ରୂପାନ୍ତରଣରେ ୨୦୦ କୋଟିରୁ ଅଧିକ ବ୍ୟୟ
- ଜିଲ୍ଲାରେ କାର୍ଯ୍ୟାନ୍ୱୟନ ହେଉଛି ୪ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ
- ଫୋକସ୍‌ରେ ବିଶୁଦ୍ଧ ପିଇବା ପାଣି, ଖର୍ଚ୍ଚ ହେଉଛି ୮୦୨ କୋଟି
- ଭିସୁଟ୍‌ର ରୂପାନ୍ତରଣ ପାଇଁ ଖର୍ଚ୍ଚ ହେବ ୧୦୦୦ କୋଟି ଟଙ୍କା
- ବୁର୍ଲାରେ ୨୦୦ ଶଯ୍ୟା ବିଶିଷ୍ଟ କ୍ୟାନ୍ସର କେୟାର ସେଣ୍ଟର
- ଗମନାଗମନକୁ ପ୍ରାଥମିକତା; ୧୩୧ କୋଟିରେ ୧୬ ସଡ଼କ ପ୍ରକଳ୍ପ
- କ୍ରିକେଟ ଷ୍ଟାଡିୟମ ସହ ନିର୍ମାଣାଧୀନ ୧୨୦ କୋଟିର କ୍ରୀଡ଼ା ପ୍ରକଳ୍ପ
- ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ ପର୍ଯ୍ୟଟନସ୍ଥଳର ଚାଲିଛି ରୂପାନ୍ତରଣ



■ **ଭୁବନେଶ୍ୱର, ୧୬।୫ (ସମିସ):** ରାଜ୍ୟର ସବୁ ଅଞ୍ଚଳର ଲୋକେ ସମାନ ସୁବିଧା ପାଇବେ, ସବୁ ଜିଲ୍ଲାରେ ବିକାଶର ବୈତରଣୀ ବୋହିବ। ଗତ ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନରେ ଏହା ହିଁ ମୂଳମନ୍ତ୍ର ହୋଇ ରହି ଆସିଛି। ଗତ କିଛି ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ଅଞ୍ଚଳ ରୂପାନ୍ତରଣ ନୂଆ ସ୍ପର୍ଶ ପାଇଥିବବେଳେ ଏଥିରେ ସମ୍ବଲପୁର ମଧ୍ୟ ପଛରେ ପଡ଼ିନାହିଁ। ସମ୍ବଲପୁରର ସର୍ବାଙ୍ଗୀଣ ବିକାଶ ସବୁବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରାଥମିକତା ରହିଥିବା ବେଳେ ଏହା ତୃଣମୂଳ ସ୍ତରରେ ମଧ୍ୟ ପ୍ରତିଫଳିତ ହୋଇଛି। ରୂପାନ୍ତରିତ ଓଡ଼ିଶାର ଜୟଯାତ୍ରାରେ ସମ୍ବଲପୁର ଅନ୍ୟତମ ଅଗ୍ରଣୀ ଜିଲ୍ଲା ହୋଇଥିବା ବେଳେ ଆଗାମୀ ଦିନରେ ଏହା ବିକାଶର ଶ୍ରେଷ୍ଠ ସୋପାନକୁ ଛୁଇଁବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

ଗମନାଗମନଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ନିର୍ମାଣ ଓ ପର୍ଯ୍ୟଟନ କ୍ଷେତ୍ରରେ ସମ୍ବଲପୁର ଯେପରି ପ୍ରଗତିର ଶିଖର ଛୁଇଁବ, ସେନେଇ ମୁଖ୍ୟମନ୍ତ୍ରୀ ସଦା ତତ୍ପର ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନେତୃତ୍ୱରେ ସମ୍ବଲପୁରର ନବନିର୍ମାଣ ଜାରି ରହିଛି। ରାଜ୍ୟବ୍ୟାପୀ ପ୍ରମୁଖ ଧର୍ମପୀଠ ଏବଂ ପର୍ଯ୍ୟଟନସ୍ଥଳର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଥିବା ବେଳେ ସମ୍ବଲପୁରରେ ମାଁ ସମଲେଇ ପୀଠର ରୂପାନ୍ତରଣ ଆଜି ସମଗ୍ର ଓଡ଼ିଶାବାସୀଙ୍କୁ ଅଭିଭୂତ କରିଛି। ୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ ରାଜ୍ୟ ତଥା ରାଜ୍ୟ ବାହାରର ଭକ୍ତ, ପର୍ଯ୍ୟଟକ ମୁଖ୍ୟମନ୍ତ୍ରୀଙ୍କ ଏତାଦୃଶ ପଦକ୍ଷେପକୁ ବେଶ୍ ପ୍ରଶଂସା କରିଛନ୍ତି। ଏହାବ୍ୟତୀତ ଚିପିଲିମାର ମା ଘଣ୍ଟେଶ୍ୱରୀ, ହୁମା ମନ୍ଦିରର ବିକାଶ ସହ ଖିଣ୍ଡାସ୍ଥିତ ବୀର ସୁରେନ୍ଦ୍ର ସାଏ ସ୍ମୃତିପୀଠର ନିର୍ମାଣ କାର୍ଯ୍ୟ ମଧ୍ୟ ମୁଖ୍ୟମନ୍ତ୍ରୀ ଅଗ୍ରାଧିକାର ଭିତ୍ତିରେ ହାତକୁ ନେଇଛନ୍ତି। ପାନୀୟଜଳ, ଜଳସେଚନ କ୍ଷେତ୍ରରେ ମଧ୍ୟ ପଛରେ ପଡ଼ିନାହିଁ ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁର। ଜିଲ୍ଲାର ୭ ବ୍ଲକରେ ଯେପରି ବିଶୁଦ୍ଧ ପାନୀୟ ଜଳ ପହଞ୍ଚିବ ସେଥିପାଇଁ ୮୦୨ କୋଟି ଟଙ୍କା ବିନିମୟରେ ବୃହତ୍ ପାଇପ ପାଣି ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରାଯାଇଛି। ▶ପୃଷ୍ଠା-୧୧

▶▶ **ବିଜେପି ନେତାଙ୍କୁ ପାଣ୍ଡିଆନଙ୍କ ଶାଣିତ ଜବାବ**

# ଜବରଦଖଲମୁକ୍ତ କରି ମଙ୍ଗୁ ମଠର ଗରିମା ବଢ଼ାଇଛନ୍ତି ମୁଖ୍ୟମନ୍ତ୍ରୀ






■ **ଭୁବନେଶ୍ୱର, ୧୬।୫ (ସମିସ):** ଶ୍ରୀମନ୍ଦିର ପରିକ୍ରମା ନାଁରେ ପୁରାତନ ମଠଗୁଡ଼ିକୁ ଭାଙ୍ଗି ନଷ୍ଟ କରିଦିଆଯାଇଛି ବୋଲି ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ସର୍ବସାଧାରଣରେ ଦେଇଥିବା ବୟାନର କଡ଼ା ଜବାବ ଦେଇଛନ୍ତି ବିଜେଡିର ବରିଷ୍ଠ ନେତା ତଥା ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍। ଅପରାଜିତାଙ୍କ ମିଥ୍ୟା ପ୍ରଚାର ଉପର ପରଦା ହଟାଇବା ସହ ଧାର୍ମିକ ସ୍ଥଳକୁ ନେଇ ସେ କରିଥିବା ରାଜନୀତିର ଶ୍ରୀ ପାଣ୍ଡିଆନ କଡ଼ା ଜବାବ୍ ଦେଇଛନ୍ତି।

ଗୁରୁବାର ଏକ ଭିଡିଓ ଜାରି କରି ଶ୍ରୀ ପାଣ୍ଡିଆନ ମଙ୍ଗୁ ମଠର ପୂର୍ବ ଅବସ୍ଥା ଏବଂ ରୂପାନ୍ତରିତ ଚିତ୍ରକୁ ସର୍ବସାଧାରଣରେ ଉପସ୍ଥାପିତ କରିଛନ୍ତି। ଏହି ଭିଡିଓରେ ଶ୍ରୀ ପାଣ୍ଡିଆନ ସ୍ପଷ୍ଟ ଭାବେ କହିଛନ୍ତି ଯେ ଶ୍ରୀମନ୍ଦିର ପାଶ୍ୱର୍ରେ ଥିବା ମଙ୍ଗୁ ମଠ ଅତ୍ୟନ୍ତ ପବିତ୍ର ସ୍ଥଳ। ଶ୍ରୀମନ୍ଦିର ସହିତ ଏହି ମଠର ଗଭୀର ସମ୍ପର୍କ ରହିଛି। ଏହିଠାରେ ବସି ଗୁରୁ ନାନକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆରାଧନା କରୁଥିଲେ। ତେବେ କାଳକ୍ରମେ ଏହି ପବିତ୍ର ମଠ ଜବରଦଖଲକୁ ଚାଲି ଯାଇଥିଲା। ମଙ୍ଗୁ ମଠର ଚତୁଃପାଶ୍ୱର୍ରେ ଲଜ୍ଂ, ଘର ଆଦି ରହିଥିଲା। ଏହାର ଗର୍ଭଗୃହ ଉପରେ ଏକ ଶୌଚାଳୟ ଝୁଲିକରି ରହିଥିଲା। ଉଇ ହୁଙ୍କା ମଠକୁ ବେଢ଼ି ରହିଥିଲା। ମଠ ଚାରି ପଟେ ଜୋତା ଷ୍ଟାଣ୍ଡ ଏବଂ ଅନ୍ୟ ଦୋକାନ ରହିଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ▶ପୃଷ୍ଠା-୧୧

- ଗୁରୁ ନାନକ ଏହିଠାରୁ ମହାପ୍ରଭୁଙ୍କୁ ପ୍ରାର୍ଥନା କରିଥିଲେ
- ପରିକ୍ରମା ପ୍ରକଳ୍ପର ବିକାଶ କାର୍ଯ୍ୟ ବିରୋଧୀଙ୍କୁ ଦିଶୁନି
- ମିଛୁଆ ବିଜେପି ନେତାଙ୍କୁ ମହାପ୍ରଭୁ ସଦ୍‌ବୁଦ୍ଧି ଦିଅନ୍ତୁ

**ଭୋଟରଙ୍କୁ ଭ୍ରମିତ କରୁଛନ୍ତି ମୋଦୀ: ଖଡ଼୍‌ଗେ**

# '୪୦୦ ପାର୍' ଏକ ମିଛ ନାରା



■ **ଭୁବନେଶ୍ୱର, ୧୬।୫ (ସମିସ):** ଅଖିଳ ଭାରତୀୟ କଂଗ୍ରେସ କମିଟି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଓଡ଼ିଶା ଗସ୍ତ ଅବସରରେ ଭୁବନେଶ୍ୱରଠାରେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ ନିର୍ବାଚନୀ ସଭାରେ 'ଅବ୍‌କି ବାର ୪୦୦ ପାର' ନାରା ଦେଉଛନ୍ତି। ହେଲେ ଏହି ସଂଖ୍ୟା ସେ କେମିତି ଆକଳନ କରୁଛନ୍ତି ବୋଲି ଶ୍ରୀ ଖଡ଼୍‌ଗେ ପ୍ରଶ୍ନ କରିଛନ୍ତି।

ବର୍ତ୍ତମାନ ତାମିଲନାଡୁ ଓ କେରଳରେ ବିଜେପି ନଥିବାବେଳେ କର୍ଣ୍ଣାଟକ, ମହାରାଷ୍ଟ୍ରରେ ଅଧା ଆସନ ପାଇବ। ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନାରେ ମଧ୍ୟ ବିଜେପି ନାହିଁ। ଏସବୁ ସତ୍ତ୍ୱେ '୪୦୦ ପାର'ର ଏକ ମିଛ ନାରା ଦେଇ ନରେନ୍ଦ୍ର ମୋଦୀ ଭୋଟରଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ସିଧାସଳଖ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି କଂଗ୍ରେସର ଏହି ବରିଷ୍ଠ ନେତା। ସେହି ଆହୁରି କହିଛନ୍ତି, କେନ୍ଦ୍ର ବିଜେପି ସରକାର ନୋଟ୍ ବନ୍ଦୀ କରି ଲୋକମାନଙ୍କୁ ହଇରାଣ କରାଇଲା। ତେଣୁ ଚଳିତ ନିର୍ବାଚନରେ ମୋଦୀ ସରକାରଙ୍କ ବିରୋଧରେ ଦେଶର ଜନସାଧାରଣ ଲଢ଼େଇ କରୁଛନ୍ତି। କଂଗ୍ରେସ ପ୍ରତି ସେମାନଙ୍କ ବିଶ୍ୱାସ ଆହୁରି ଦୃଢ଼ ହୋଇଛି। ଫଳରେ ଏଥର ଇଣ୍ଡିଆ ମେଂଟ ବହୁମତ ହାସଲ କରିବା ସହ ଦେଶରେ ସରକାର ଗଢ଼ିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଖଡ଼୍‌ଗେ କହିଛନ୍ତି।

ଅତିତରେ କଂଗ୍ରେସ ସରକାର ଖାଦ୍ୟ ସୁରକ୍ଷା ଆଇନ୍, ନରେଗା, ଶିକ୍ଷା ଅଧିକାର, ସୂଚନା ଅଧିକାର ଆଇନ୍ ଭଳି ଯୁଗାନ୍ତକାରୀ ଆଇନ୍ ଆଣିଥିଲା। ଓଡ଼ିଶା ସମେତ ସମଗ୍ର ଦେଶରେ ବହୁ ସରକାରୀ ଉଦ୍ୟୋଗ, ଶିଳ୍ପ ପ୍ରତିଷ୍ଠାନ ପ୍ରତିଷ୍ଠା କରିଥିଲା। ଏଥର ମଧ୍ୟ କଂଗ୍ରେସ ୫ ନ୍ୟାୟ ୨୫ ଗ୍ୟାରେଣ୍ଟିକୁ ନେଇ ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରିଛି। ଏଥିରେ ନାରୀ ନ୍ୟାୟ, ଯୁବା ନ୍ୟାୟ, କୃଷକ ନ୍ୟାୟ, ଶ୍ରମିକ ନ୍ୟାୟ ଓ ଭାଗିଦାରୀ ନ୍ୟାୟକୁ ଗୁରୁତ୍ୱ ଦିଆଯାଇଛି। କଂଗ୍ରେସ କ୍ଷମତାକୁ ଆସିଲେ ଗରିବ ପରିବାରର ମହିଳା ମୁଖ୍ୟଙ୍କୁ ବାର୍ଷିକ ୧ଲକ୍ଷ ଟଙ୍କା ପ୍ରଦାନ ସହ ୫୦୦ ଟଙ୍କାରେ ଗ୍ୟାସ୍ ସିଲିଣ୍ଡର ଯୋଗାଇଦେବ। ସ୍ନାତକ ଓ ▶ପୃଷ୍ଠା-୧୧

**ଓଡ଼ିଶାରୁ ସନ୍ଦିଗ୍ଧ କାଶ୍ମୀର ଯୁବକ ଗିରଫ ମାମଲା**

# ୩ ଶହ ପୃଷ୍ଠାର ଚାର୍ଜସିଟ୍ ଦାଖଲ କଲା ଏସ୍‌ଟିଏଫ୍



**ବହୁରୂପୀ ଏଣ୍ଡୁଅ ପରି ରଙ୍ଗ ବଦଳାଇ ଠକୁଥିଲା**

**ବିଭିନ୍ନ ରାଜ୍ୟରେ ୭ ଯୁବତୀଙ୍କୁ ବିବାହ କରିଛି**

■ **ଭୁବନେଶ୍ୱର, ୧୬।୫ (ସମିସ):** ଓଡିଶାରୁ ଧରାପଡ଼ିଥିବା ସନ୍ଦିଗ୍ଧ କାଶ୍ମୀର ଆତଙ୍କବାଦୀ ତଥା ଜମ୍ମୁ-କାଶ୍ମୀର ପୁଲିସ ପାଇଁ ମୋଷ୍ଟ ୱାଣ୍ଟେଡ୍ ଥିବା ସୟିଦ ଇଶାନ ବୁଖାରୀ ବିରୋଧରେ ୩ଶହ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଛି ଏସ୍‌ଟିଏଫ। ଲୋକଙ୍କୁ ଠକିବା ସହ ଦୀର୍ଘ ୫ ବର୍ଷ ଧରି ନିଜକୁ ଡାକ୍ତର ସଜେଇ ରହୁଥିଲା ସୟିଦ ଇଶାନ ବୁଖାରୀ। କେବେ ସେ ନିଜକୁ ଡାକ୍ତର ବୋଲି ପରିଚୟ ଦେଉଥିବା ବେଳେ ଆଉ କେତେବେଳେ ପ୍ରଧାନମନ୍ତ୍ରୀ ଅଫିସ୍‌ର କର୍ମଚାରୀ ବୋଲି କହୁଥିଲା। ତଦନ୍ତ ସମୟରେ ସେ ରହୁଥିବା ଘରୁ ଏକାଧିକ ଜାଲ୍ ଦସ୍ତାବିଜ୍ ଜବତ କରାଯାଇଥିବା ଏସ୍‌ଟିଏଫ ଚାର୍ଜସିଟ୍‌ରେ ଉଲ୍ଲେଖ ରହିଛି। ତା' ନିକଟରୁ ୧୦୦ଟି ଜାଲ୍ ଡକ୍ୟୁମେଣ୍ଟ ଜବତ କରିଥିଲା ଏସ୍‌ଟିଏଫ। ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ମେଡିକାଲରେ ଡିଗ୍ରୀ ହାସଲ କରି ନଥିବା ବେଳେ ନକଲି ସାର୍ଟିଫିକେଟ ପ୍ରସ୍ତୁତ କରିଥିବା ତଦନ୍ତରୁ ଜଣାପଡ଼ିଥିବା ନେଇ ଚାର୍ଜସିଟ୍‌ରେ ଉଲ୍ଲେଖ ରହିଛି। ଚାର୍ଜସିଟ୍‌ରେ ଉଲ୍ଲେଖ ହୋଇଥିବା ଅଭିଯୋଗ ଅନୁସାରେ କାଶ୍ମୀର ଖୁପୱାଡ଼ା ନିବାସୀ ସୟିଦ ଇଶାନ ବୁଖାରୀ ଓଡ଼ିଶାରେ ବସତି ସ୍ଥାପନ କରି ବିଭିନ୍ନ ଅପରାଧିକ ▶ପୃଷ୍ଠା-୧୧

# ଚରମ 'ଅଭଦ୍ରାମୀ'

## ଶାଳୀନତାର ସବୁ ସୀମା ଅତିକ୍ରମ କଲେ ଅପରାଜିତା



- ବିଜେଡି ନେତା ପାଣ୍ଡିଆନଙ୍କ ପ୍ରତି କଦର୍ଯ୍ୟ ଶବ୍ଦ ପ୍ରୟୋଗ
- ଦଳମତ ନିର୍ବିଶେଷରେ ଅପରାଜିତାଙ୍କୁ କଡ଼ା ସମାଲୋଚନା
- କୁତ୍ସିତ ଭାଷା ପ୍ରୟୋଗରେ ପଛରେ ନାହାନ୍ତି କେନ୍ଦ୍ରମନ୍ତ୍ରୀ
- ବିଜେପି ନେତାଙ୍କ ଭୟ ଦର୍ଶାଉଛି ନିମ୍ନରୁଚିର 'ଭାଷା'
- ବିଜେପିକୁ ବୁମେରାଂ ହେବ ନେତାଙ୍କ କୁତ୍ସିତ ସମାଲୋଚନା

■ **ଭୁବନେଶ୍ୱର, ୧୬।୫ (ସମିସ):** ଚଳିତ ନିର୍ବାଚନରେ ବଡ଼ ପରାଜୟର ସମ୍ମୁଖୀନ ହେବ ବିଜେପି। ପୂର୍ବରୁ ନିର୍ବାଚନରେ ପରାଜିତ ହେବାର ଭୟ ସେମାନଙ୍କର ଥିଲା, ମାତ୍ର ବର୍ତ୍ତମାନ ଏହି ଆଶଙ୍କା ସତ୍ୟରେ ପରିଣତ ହେବାକୁ ଯାଉଛି। ବିଜେପି ନେତାମାନଙ୍କର ସୀମା ଅତିକ୍ରମ କରିଥିବା ଅଭଦ୍ରାମୀ, ଅଶାଳୀନତା ଓ ନିମ୍ନରୁଚିର କଦର୍ଯ୍ୟ ଭାଷା ଏହାକୁ ପ୍ରମାଣିତ କରିଛି। ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ଦଳର ନେତାମାନେ ଯେପରି ନିଜ ପଦ ଓ ମର୍ଯ୍ୟାଦାର ଗାରିମାକୁ ଦଳିମକ୍ଥି ଧୂଳିସାତ କରିଛନ୍ତି ତାହା ରାଜନୈତିକ ସମୀକ୍ଷକଙ୍କୁ ବିସ୍ମିତ କରିଛି। ଅନ୍ୟପକ୍ଷରେ ଓଡ଼ିଶାର 'ଲୋକପ୍ରିୟ' ମୁଖ୍ୟମନ୍ତ୍ରୀ, କୋଟିକୋଟି ଓଡ଼ିଆଙ୍କ ଆଦରଣୀୟ ନବୀନ ପଟ୍ଟନାୟକ ଓ ବିଜେଡିର ତୁଙ୍ଗ ନେତା ତଥା ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତି ଏପରି କଦର୍ଯ୍ୟ ଭାଷାକୁ ଓଡ଼ିଶାବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଯେଉଁଥିପାଇଁ ବିଜେପିକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି କୁହାଯାଉଛି। ଅତୀତରେ ଏପରି ବ୍ୟବହାର ଓ ଆଚରଣ ପାଇଁ ବିଜେପିକୁ ରାଜ୍ୟବାସୀ ପ୍ରତ୍ୟାଖ୍ୟାନ କରିଥିଲେ, ଏବେ ପୁଣି ତାହାର ପୁନରାବୃତ୍ତି ଘଟିବାକୁ ଯାଉଛି।

ନିମ୍ନ ରୁଚିର ଶବ୍ଦ ଓ ଭାଷା ପ୍ରୟୋଗ ପାଇଁ ବିଜେପି ନେତାମାନେ ପ୍ରତିଯୋଗିତା କରିବା ପରି ଲାଗୁଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଆଜି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପାଇଁ ଯେପରି କଦର୍ଯ୍ୟ ଶବ୍ଦ ପ୍ରୟୋଗ କରିଛନ୍ତି, ତାହାକୁ ସାଧାରଣ ଲୋକ ତ ଦୂରର କଥା; ତାଙ୍କ ନିଜ ଦଳର କର୍ମୀମାନେ ସୁଦ୍ଧା ଗ୍ରହଣ କରିପାରୁ ନାହାନ୍ତି। ରାଜନୀତିରେ ଶାଳୀନତାକୁ ଅପରାଜିତା ଯେପରି ପାଶୋରି ଦେଇଛନ୍ତି। ଓଡ଼ିଆ 'ଅସ୍ମିତା' କଥା କହୁଥିବା ଓଡ଼ିଆ ଘରର ବୋହୂ ଅପରାଜିତାଙ୍କ ନିକଟରେ ଓଡ଼ିଆ ସମ୍ଭ୍ରମତା ଶୂନ୍ୟ ବୋଲି ସ୍ପଷ୍ଟ ହୋଇ ଯାଇଛି। ଜଣେ ପୂର୍ବତନ ସର୍ବଭାରତୀୟସ୍ତରର ଅଧିକାରୀ ଓ ସାଂସଦଙ୍କ ମୁହଁରେ ଏପରି ଶବ୍ଦକୁ ରାଜ୍ୟର ଜନସାଧାରଣ ଆଦୌ ଗ୍ରହଣ କରିପାରୁ ନାହାନ୍ତି। ରାଜନୀତିରେ ▶ପୃଷ୍ଠା-୧୧

▶▶ **ଓଡ଼ିଶାର ଲକ୍ଷ ଲକ୍ଷ ଗରିବଙ୍କ ସହ କେନ୍ଦ୍ର ସରକାରଙ୍କ ଭୟଙ୍କର ଛଳନା**


# ବିଜେପିର 'କେନ୍ଦୁପତ୍ର' ପ୍ରତାରଣା



- ୨୦୧୯ ଓ ପଦମପୁର ନିର୍ବାଚନ ବେଳେ ଦେଇଥିଲେ ପ୍ରତିଶ୍ରୁତି
- ଭୋଟ ପରେ ପ୍ରତିଶ୍ରୁତି ଭୁଲିଗଲେ ବିଜେପି ନେତା, କେନ୍ଦ୍ରମନ୍ତ୍ରୀ
- କେନ୍ଦ୍ରକୁ ୪ଥର ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ
- ଆଦିବାସୀ ଦଳିତଙ୍କ ସ୍ୱାର୍ଥ ଉପରେ ୧୮ % ଜିଏସ୍‌ଟି ବୋଝ
- ନିର୍ବାଚନ ବେଳେ କେନ୍ଦ୍ରୀୟ ନେତା ଦେଉଛନ୍ତି ଫମ୍ପା ପ୍ରତିଶ୍ରୁତି
- ରାଜ୍ୟର ୮ ଜଣ ବିଜେପି ସାଂସଦଙ୍କ ନିରବତା ରହସ୍ୟଜନକ

■ **ଭୁବନେଶ୍ୱର, ୧୬।୫ (ସମିସ):** ଓଡ଼ିଶାକୁ ବିଜେପିର ପ୍ରତାରଣାର ଅନ୍ୟଏକ ଫର୍ଦ୍ଦ କେନ୍ଦୁପତ୍ର। କେନ୍ଦୁପତ୍ର ତୋଳାଳି ଓ ଏହା ସହ ଜଡ଼ିତ ଲୋକମାନଙ୍କୁ ୫ ବର୍ଷ ହେଲା ଠକି ଚାଲିଛି ବିଜେପି ଓ ଏହାର କେନ୍ଦ୍ରୀୟ ନେତା। କେବଳ ଭୋଟ ପାଇଁ କାନ୍ଦୁଥିବା କେନ୍ଦ୍ରର ବିଜେପି ସରକାର କେନ୍ଦୁପତ୍ର ଉପରୁ ୧୮% ଜିଏସ୍‌ଟି ଛାଡ଼ କରିବାକୁ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ବି ତାହାକୁ ପାଳନ କରିନାହିଁ। କେନ୍ଦୁପତ୍ର ଉପରୁ ଜିଏସଟି ପ୍ରତ୍ୟାହାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅର୍ଥମନ୍ତ୍ରୀଙ୍କୁ ୪ ଥର ଚିଠି ଲେଖିଛନ୍ତି। ଓଡ଼ିଶାରେ କିପରି ଆଦିବାସୀ ଓ ମହିଳାମାନଙ୍କ ସ୍ୱାର୍ଥ ଜିଏସ୍‌ଟି ଯୋଗୁଁ ପ୍ରଭାବିତ ହେଉଛି ତାହା ମଧ୍ୟ ଚିଠିରେ ଉଲ୍ଲେଖ କରିଛନ୍ତି। ହେଲେ କେନ୍ଦ୍ର ସରକାର ଏ କ୍ଷେତ୍ରରେ ସମ୍ବେଦନହୀନତା ପୋଷଣ କରି ଚାଲିଛନ୍ତି। ଗତ ବର୍ଷ ଜୁନ୍ ମାସରେ ମଧ୍ୟ ମୁଖ୍ୟମନ୍ତ୍ରୀ ଅର୍ଥମନ୍ତ୍ରୀ ଚିଠି ଲେଖି କେନ୍ଦୁପତ୍ର ଉପରୁ ଜିଏସ୍‌ଟି ହ୍ରାସ ନେଇ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ମାତ୍ର କେନ୍ଦ୍ର ସରକାର ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି।

ପଶ୍ଚିମ ଓଡ଼ିଶାର ଗରିବ ଆଦିବାସୀ, ଦଳିତଙ୍କୁ ପ୍ରଲୋଭିତ କରିବାକୁ ପ୍ରତି ନିର୍ବାଚନ ସମୟରେ ବିଜେପି ନେତାମାନେ 'କେନ୍ଦୁପତ୍ର' ଜିଏସ୍‌ଟି ହ୍ରାସ ପ୍ରଲୋଭନ ଦେଖାଉଛନ୍ତି। ଗତ ୨୦୧୯ ବିଧାନସଭା ଓ ଲୋକସଭା ନିର୍ବାଚନରେ କେନ୍ଦୁପତ୍ର ତୋଳାଳି ଓ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଦେଇଥିବା ପ୍ରତିଶ୍ରୁତି ପୁଣି ପଦମ୍ପୁର ଉପନିର୍ବାଚନ ସମୟରେ ମଧ୍ୟ ଦୋହରାଇଛନ୍ତି। ଏପରିକି ଅତୀତରେ ନିର୍ବାଚନୀ ଇସ୍ତାହାରରେ ମଧ୍ୟ ଏହି ପ୍ରସଙ୍ଗକୁ ସ୍ଥାନ ଦେଇଛନ୍ତି। ମାତ୍ର ନିର୍ବାଚନ ପରେ ▶ପୃଷ୍ଠା-୧୧



**ରାଜନଗର ବିଧାନସଭା ଆସନ**

# ୱାକ୍‌ଓଭର୍ ସ୍ଥିତିରେ ବିଜେଡି

**ରାଜନଗର,୧୬।୫(ସମିସ):** ନାମାଙ୍କନ ପ୍ରକ୍ରିୟା ଶେଷ ହେବା ପରେ ନିର୍ବାଚନୀ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ଉପକୂଳ ଓଡ଼ିଶାର ସମ୍ମାନଜନକ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚନ ମଇଦାନରେ ୯ ଜଣ ପ୍ରାର୍ଥୀ ଅଛନ୍ତି। ଶାସକ ବିଜେଡିରୁ ଧ୍ରୁବଚରଣ ସାହୁ, କଂଗ୍ରେସରୁ ଅଶୋକ କୁମାର ପ୍ରତିହାରୀ, ବିଜେପିରୁ ଲଳିତ କୁମାର ବେହେରା ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ସମାଜବାଦୀ ପାର୍ଟିରୁ ପ୍ରଶାନ୍ତ କୁମାର ପାତ୍ର ଓ ସ୍ୱାଧୀନ ଭାବେ ଦିବ୍ୟରଞ୍ଜନ ସ୍ୱାଇଁ, ମନୋଜ କୁମାର ରାଉତ, ଜୀବନକୃଷ୍ଣ ରୟ, ସ୍ନେହଲତା ରାଏ, ଅଜିତ କୁମାର ନାୟକ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନିର୍ବାଚନ ମଇଦାନରେ ୯ ଜଣ ପ୍ରାର୍ଥୀ ଥିଲେ ମଧ୍ୟ ବିଜେଡି ସହ ବିଜେପି ଓ କଂଗ୍ରେସର ମୁକାବିଲା ହେଉଛି।

ରାଜନଗର ରାଜନୀତି ରୋଚକ ମୋଡ଼ରେ ରହିଛି। ଗତ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ୧୮ ହଜାର ୪୦୮ ଖଣ୍ଡ ଭୋଟରେ ବିଜୟ ଲାଭ କରିଥିବା ଧ୍ରୁବ ସାହୁ ଚଳିତ ନିର୍ବାଚନରେ ବିଜୁ ଜନତା ଦଳରୁ ପୁନର୍ବାର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ରାଜନଗର ଏକମାତ୍ର ନିର୍ବାଚନମଣ୍ଡଳୀ, ଯେଉଁଠି ୨୦୧୭ ପରଠୁ ପ୍ରତ୍ୟେକ ନିର୍ବାଚନରେ ବିଜୁ ଜନତା ଦଳର ଭୋଟ ହାର ବଢ଼ିବାରେ ଲାଗିଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେଡି ୪୧.୫୭ ପ୍ରତିଶତ ଭୋଟ ପାଇଥିଲା। ୨୦୧୯ରେ ଧ୍ରୁବ ସାହୁଙ୍କ ନେତୃତ୍ୱରେ ବିଜେଡି ୪୫.୯୬ ପ୍ରତିଶତ ଭୋଟ ପାଇଥିବା ବେଳେ ୨୦୨୨ ପଞ୍ଚାୟତ ନିର୍ବାଚନରେ ୪୭.୯୮ ପ୍ରତିଶତ ଭୋଟ ପାଇଥିଲା। ଗତ ବିଧାନସଭା ନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥୀ ଧ୍ରୁବ ସାହୁ ୭୮, ୯୨୬ ଭୋଟ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ଟିକଟରେ ଲଢ଼ିଥିବା ଅଂଶୁମାନ ମହାନ୍ତି ୬୦, ୫୧୮ ଓ ବିଜେପି ଟିକଟରେ ଲଢ଼ିଥିବା ଅଲେଖ କୁମାର ଜେନା ୨୬, ୮୬୩ ଭୋଟ ପାଇଥିଲେ।

ଚଳିତ ନିର୍ବାଚନ ପୂର୍ବରୁ ବିଜୁ ଜନତା ଦଳର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଅଂଶୁମାନ ମହାନ୍ତି କଂଗ୍ରେସ ଛାଡ଼ି ବିଜୁ ଜନତା ଦଳରେ ଯୋଗଦେବା ସହ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ର ପାଇଁ ବିଜୁ ଜନତା ଦଳରୁ ସାଂସଦ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜୁ ଜନତା ଦଳ ସୁବିଧାଜନକ ସ୍ଥିତିରେ ଥିବା ବେଳେ ଅଂଶୁମାନଙ୍କ ଯୋଗଦାନ ବିଜେଡିକୁ ମଜଭୁତ କରିଛି। ଏତଦ୍‌ବ୍ୟତୀତ ବିଜେପି ଚଳିତଥର ଯୁବନେତା ଲଳିତ କୁମାର ବେହେରାଙ୍କୁ ପ୍ରାର୍ଥୀ କରିଛି। ଟିକଟ ଆଶାୟୀ ଥିବା ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ଓ ଯୁବନେତା ଅଜୟ କୁମାର ବେହେରା ଟିକଟ ନ ପାଇବାରୁ ତାଙ୍କର ସମର୍ଥକମାନେ ଗତ ୧ ମାସ ହେଲା ବିରୋଧ ଜାରି ରଖିଛନ୍ତି। ଏପରି ସ୍ଥିତିରେ ବିଜେପି ଲଢ଼େଇ କରିବା ସ୍ଥିତିକୁ ଆଜିଯାଏଁ ଆସିପାରିନି। ଅନ୍ୟପଟେ ଦଳବିରୋଧୀ କାମ ପାଇଁ ବିଜୁ ଜନତା ଦଳର ବ୍ଲକ ସଭାପତି ପଦରୁ ତଡ଼ା ଖାଇଥିବା କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ କଂଗ୍ରେସରେ ସାମିଲ ହୋଇ ଟିକଟ ହାତେଇଛନ୍ତି। ପୁରୁଣା କଂଗ୍ରେସ ଭୋଟ ସହିତ ତାଙ୍କର ନିଜ ସମର୍ଥକଙ୍କୁ ନେଇ ଅଶୋକ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ମନ କରିଥିଲେ ମଧ୍ୟ ଅଶୋକଙ୍କ ସହିତ ପ୍ରଥମେ ବୁଲୁଥିବା କର୍ମୀ ତାଙ୍କଠାରୁ କରଛଡ଼ା ଦେଇସାରିଲେଣି। ଅଶୋକ ଲଢ଼ିବା ପୂର୍ବରୁ ତାଙ୍କ ସହିତ ଥିବା କର୍ମୀଙ୍କ ପଳାୟନ ଅଶୋକଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି।







ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା, ବିଭିନ୍ନ ଲୋକହିତକର ଯୋଜନା ସହିତ ଗତ ୫ ବର୍ଷରେ ରାଜନଗରରେ ହୋଇଥିବା ବିକାଶକୁ ନେଇ ବିଜେଡି ପ୍ରାର୍ଥୀ ଧ୍ରୁବ ସାହୁ ଲୋକଙ୍କ ପାଖକୁ ଯାଇ ଭୋଟ ଭିକ୍ଷା କରୁଛନ୍ତି। ବିଜେଡି ସରକାରକୁ ହଟାଇବା ପାଇଁ ଉଭୟ କଂଗ୍ରେସ ଓ ବିଜେପି ପ୍ରାର୍ଥୀ ଲୋକଙ୍କ ପାଖକୁ ଯାଉଥିଲେ ମଧ୍ୟ ତାହା ପ୍ରଭାବୀ ହୋଇପାରୁନି। ଏହାବାଦ୍ ବିଜେପି ପ୍ରାର୍ଥୀଙ୍କ ନାଁରେ ମାର୍‌ପିଟ କରିବା, ସରକାରୀ କର୍ମଚାରୀଙ୍କୁ ମାଡ଼ ମାରିବା ଓ ଧମକ ଦେବା ଆଦି ସଂଗୀନ ଦଫାରେ ୮ଟି ମାମଲା ଥିବାରୁ ଅପରାଧିକ ପୃଷ୍ଠଭୂମି ଥିବା ପ୍ରାର୍ଥୀ ଏବେ ବିଜେପି ପାଇଁ ବୁମେରାଂ ହୋଇଛି। ଏଥିସହ କୋଇଲିପୁର ପଞ୍ଚାୟତରେ କଂଗ୍ରେସ ପ୍ରାର୍ଥୀ ଅଶୋକଙ୍କ ଭାଇବୋହୂ ସରପଞ୍ଚ ଥିବା ବେଳେ କୋଟିକୋଟି ଟଙ୍କାର ଫଲ୍ସ ବିଲ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ଏଭଳି ସ୍ଥିତିରେ ବିଜେଡି ୱାକ୍‌ଓଭର୍ ସ୍ଥିତିରେ ରହିବା ସହ ରେକର୍ଡସଂଖ୍ୟକ ଭୋଟରେ ବିଜୟ ପାଇଁ ରଣନୀତି ପ୍ରସ୍ତୁତି କରିଛି। ଜୁନ୍ ୪ରେ ରାଜନଗରରେ ବିଜେଡି କେତେସଂଖ୍ୟକ ଭୋଟରେ ବିଜୟ ଲାଭ କରିବ, ତା'ଉପରେ ସମସ୍ତଙ୍କ ନଜର ରହିଛି।

ରାଜନଗର ବ୍ଲକର ୨୯ ପଞ୍ଚାୟତ ସହ ପଟ୍ଟାମୁଣ୍ଡାଇର ୧୯ ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିକୁ ନେଇ ଗଠିତ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ଚଳିତଥରେ ୨୮୭ଟି ବୁଥରେ ୨ ଲକ୍ଷ ୬୨ ହଜାର ୧୮୧ ଭୋଟର ମତଦାନ ସାବ୍ୟସ୍ତ କରିବେ। ୧ ଲକ୍ଷ ୩୬ ହଜାର ୨୫୦ ପୁରୁଷ ଭୋଟର ରହିଥିବା ବେଳେ ୧ ଲକ୍ଷ ୨୫ ହଜାର ୯୨୩ ମହିଳା ଭୋଟର ଓ ୮ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ଜୁନ୍ ୧ ତାରିଖ ଦିନ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ଏବେଠୁ ପ୍ରଚାର ଜମିବାରେ ଲାଗିଛି।

# ଜାତିଭିତ୍ତିକ ସଂଗଠନ ଉପରେ ଦଳର ଭରସା

**ସମ୍ବଲପୁର, ୧୬।୫(ସମିସ):** ସମ୍ବଲପୁର ଲୋକସଭା ସହ ୭ ବିଧାନସଭା ପାଇଁ ମେ' ୨୫ ତାରିଖରେ ମତଦାନ ହେବ। ନିର୍ବାଚନ ଯେତିକି ପାଖେଇ ଆସୁଛି, ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପ୍ରଚାରକୁ ସେତେ ଜୋରଦାର କରୁଛନ୍ତି। ସମ୍ବଲପୁର ଲୋକସଭା ଆସନରେ ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରାର୍ଥୀ ହୋଇଥିବା ବେଳେ ବିଜେପିରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କଂଗ୍ରେସରେ ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ ପ୍ରାର୍ଥୀ ହୋଇଛନ୍ତି। ବିଭିନ୍ନ ପ୍ରସଙ୍ଗ, ବିକାଶ, ଅବହେଳାକୁ ନେଇ ଆରୋପ ପ୍ରତ୍ୟାରୋପ ସହିତ ତିନି ପ୍ରାର୍ଥୀ ପ୍ରଚାର ଚଳାଇଛନ୍ତି।

ପ୍ରମୁଖ ଏହି ତିନି ଦଳର ପ୍ରାର୍ଥୀ ଓ କର୍ମୀମାନେ ବିଶେଷ ଭାବେ ଜାତିଭିତ୍ତିକ ସଂଗଠନ ଉପରେ ବେଶି ଗୁରୁତ୍ୱ ଦେଉଥିବା କୁହାଯାଉଛି। ତାଙ୍କ ସହିତ ବୈଠକ କରିବା ସହ ଅଭିଯୋଗ ଶୁଣି ସମାଧାନ କରିବାର ପ୍ରତିଶ୍ରୁତି ଦେଉଛନ୍ତି। ସେମାନଙ୍କ ଗୋଷ୍ଠୀର ଭୋଟ ହାତେଇବା ପାଇଁ ପ୍ରୟାସ ଜାରି ରହିଛି। ଏଥିସହ ପ୍ରାର୍ଥୀମାନେ ଜାତି ଏବଂ ଧାର୍ମିକ ପୀଠସ୍ଥଳୀକୁ ଯାଇ ପ୍ରଚାର କରୁଛନ୍ତି। କିନ୍ତୁ ପ୍ରକୃତରେ ମତଦାତା ଧର୍ମ ଏବଂ ଜାତି, ସମାଜ ଆଧାରରେ ଭୋଟ ଦେଉଛନ୍ତି ନା ସେମାନଙ୍କ ନିଜସ୍ୱ ପସନ୍ଦର ଦଳ ଏବଂ ପ୍ରାର୍ଥୀଙ୍କୁ ବାଛନ୍ତି, ତାହାକୁ ନେଇ ରାଜନୈତିକ ବିଶ୍ଳେଷକମହଲରେ ଭିନ୍ନ ମତ ରହିଛି।

ପଶ୍ଚିମ ଓଡ଼ିଶା ରାଜନୀତିରେ କୁଲତା ଏବଂ ଚଷା ଭୋଟ୍ ନିର୍ବାଚନକୁ ପ୍ରଭାବିତ କରୁଥିବା ନେଇ ପୂର୍ବରୁ ଆଲୋଚନା ହୋଇଆସୁଛି। ପୂର୍ବରୁ ସମ୍ବଲପୁର ସାଂସଦ ଭାବେ କୃପାସିନ୍ଧୁ ଭୋଇ, ଅମରନାଥ ପ୍ରଧାନ ଓ ନଗେନ୍ଦ୍ର ପ୍ରଧାନ ବିଜୟୀ ହୋଇଛନ୍ତି। ସମ୍ବଲପୁର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆଠମଲ୍ଲିକ, କିଶୋରନଗର, ଛେଣ୍ଡିପଦା, ରେଢ଼ାଖୋଲ, କଦଳୀଗଡ଼, ଦେବଗଡ଼, କୁଚିଣ୍ଡାରେ ଚଷା ଜାତିର ଭୋଟ ହାର ଅଧିକ ରହିଛି। ତେଣୁ ୨୦୦୯ ମସିହାରେ କଂଗ୍ରେସର ଅମରନାଥ ପ୍ରଧାନ ଚଷା ଭୋଟ ଭରସାରେ ବିଜୟୀ ହୋଇଥିବା କୁହାଯାଏ।

ସମ୍ବଲପୁର ବିଧାନସଭାରେ କିଛି ବର୍ଷ ହେଲା ଉଚ୍ଚଜାତିର ପ୍ରାର୍ଥୀ ହେଉଛନ୍ତି। ଏଠାରେ ମାରୱାଡ଼ି, ଗୁଜରାଟୀ, ଶିଖ, ବିହାରୀଙ୍କ ସମେତ ବର୍ତ୍ତମାନ ପ୍ରାୟ ୪୦ ହଜାର ଅଣଓଡ଼ିଆ ଭୋଟର ରହିଥିବା କୁହାଯାଉଛି। ଅନସୂଚିତ ଜାତି ସଂରକ୍ଷିତ ରେଙ୍ଗାଲି ନିର୍ବାଚନମଣ୍ଡଳୀରେ ଜାତିଭିତ୍ତିକ ଭୋଟ ନ ଥିଲେ ମଧ୍ୟ ଲୋକସଭାର ଉଭୟ ପ୍ରାର୍ଥୀ ଜାତି ସମାଜ ଭିତ୍ତିରେ ବୈଠକ କରୁଛନ୍ତି। ଅନୁସୂଚିତ ଜାତିରେ ଗୋଣ୍ଡ, କିସାନ ଜନଜାତି ସଂରକ୍ଷିତ କୁଚିଣ୍ଡାରେ ଗୋଣ୍ଡ ସମାଜ ଅଧିକ ସଂଖ୍ୟାରେ ରହିଛି। କିନ୍ତୁ ଏହା ସତ୍ତ୍ୱେ ଏଠାରୁ ଉଚ୍ଚଜାତିର ପ୍ରାର୍ଥୀ ମଧ୍ୟ ଭଲ ଭୋଟ୍ ହାତେଇବାର ପୂର୍ବରୁ ନଜିର ରହିଛି। ୨୦୦୯ ମସିହାରେ ଚଷା ପ୍ରଭାବିତ ସମ୍ବଲପୁର ଲୋକସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ହୋଇ ରୋହିତ ପୂଜାରୀ ଭଲ ଭୋଟ ପାଇଥିଲେ। ପରେ ବିଜେଡି ବିଧାୟକ ଭାବେ ରେଢାଖୋଲରେ ଦୁଇଥର ବିଜୟୀ ହୋଇଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ଚଳିତ ନିର୍ବାଚନ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ମଧ୍ୟ ରେଢାଖୋଲ ବିଧାନସଭାରୁ ବିଜୟୀ ହୋଇଛନ୍ତି। ବର୍ତ୍ତମାନ ବିଜେଡିକୁ ସବୁ ଜାତି, ଧର୍ମ ଲୋକମାନେ ଭରସା କରି ଦଳରେ ସାମିଲ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାମ, ଲୋକାଭିମୁଖୀ ଯୋଜନାକୁ ଦେଖି ବିଜେଡିକୁ ଗ୍ରହଣ କରୁଛନ୍ତି। କେତେକ କ୍ଷେତ୍ରରେ ଆଉ ଜାତିଭିତ୍ତିକ ମତଦାନ ହେଉନାହିଁ। ଜାତିଭିତ୍ତିକ ସଙ୍ଗଠନ କର୍ମକର୍ତ୍ତା ଚାହିଁଲେ ମଧ୍ୟ ସମୁଦାୟ ଜାତିର ଲୋକ ତାଙ୍କୁ ଭୋଟ ଦେବେ କଳ୍ପନା କରିବା ଭୁଲ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ ଓ କଂଗ୍ରେସ ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନ ଚଷା ଜାତିର। ହେଲେ ଚଷା ଜାତିଭିତ୍ତିକ ଭୋଟ ମଧ୍ୟ ତାଙ୍କ ସପକ୍ଷରେ ପୂରା ଯିବ ନାହିଁ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ପଦ୍ମପୁର: ନିର୍ଣ୍ଣାୟକ ହୋଇପାରନ୍ତି ଯୁବ ଭୋଟର

**ପଦ୍ମପୁର,୧୬।୫(ସମିସ):** ଆସନ୍ତା ୨୦ ତାରିଖରେ ବରଗଡ଼ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ପଦ୍ମପୁର ବିଧାନସଭା ଆସନରେ ମତଦାନ ଅନୁଷ୍ଠିତ ହେବ। ଦିନ ପାଖେଇବା ସହ ନେତା କର୍ମୀ ଓ ଭୋଟର୍‌ଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗିଛି। ପଦ୍ମପୁର ବ୍ଲକ ସମେତ ପଦ୍ମପୁର ଏନ୍‌ଏସି, ପାଇକମାଲ, ଝାରବନ୍ଧ ବ୍ଲକକୁ ନେଇ ଗଠିତ ପଦ୍ମପୁର ନିର୍ବାଚନମଣ୍ଡଳୀ। ପଦ୍ମପୁର ବ୍ଲକରେ ୯୭୪୪୧, ପଦ୍ମପୁର ଏନଏସିରେ ୧୪୫୧୮,



ଝାରବନ୍ଧ ବ୍ଲକରେ ୬୪୪୨୫, ପାଇକମାଲ ବ୍ଲକରେ ୯୩୮୬୦ ସମେତ ତୃତୀୟ ଲିଙ୍ଗ ୧୦ ଭୋଟର ଅଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ମୋଟ ୨ଲକ୍ଷ ୭୦ ହଜାର ୨୪୪ଭୋଟର ଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦ ହଜାର ୯୧୮ ଯୁବ ଭୋଟର ତଥା ନୂଆ ଭୋଟର୍।

ଏହି ନୂଆ ଭୋଟର୍ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନିର୍ବାହ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏହି ନୂତନ ତଥା ଯୁବ ଭୋଟର୍ କୌଣସି ରାଜନୈତିକ ଦଳ ସହିତ ସାମିଲ ହୋଇନାହାନ୍ତି ବୋଲି ଏକରକମ କୁହାଯାଇପାରେ। ଏମାନେ କର୍ମସଂସ୍ଥାନ ତଥା ଶିକ୍ଷା ପାଇଁ ବ୍ୟସ୍ତ ଥିବାରୁ ଏମାନଙ୍କ ଭୋଟ କାହା ସପକ୍ଷରେ ଯିବ; ତାହା ଏବେ ମଧ୍ୟ ଅସ୍ପଷ୍ଟ ରହିଛି। ଏଭଳି ବର୍ଗର ଭୋଟରଙ୍କ ନିରବତା ରାଜନୈତିକ ଦଳମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି।

ଏହି ଆସନରେ ଏଥର ମୋଟ ୭ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡିରୁ ବର୍ଷାସିଂ ବରିହା, ବିଜେପିରୁ ଗୋବର୍ଦ୍ଧନ ଭୋଏ, କଂଗ୍ରେସରୁ ଟଙ୍କଧର ସାହୁ, ଆପ୍‌ରୁ ବାଲ୍ମୀକି ନାଏକ, ବିଏସ୍‌ପିରୁ ରୂପଧର କୁମ୍ଭାର ଏବଂ ସ୍ୱାଧୀନ ଭାବରେ ରେବତୀ ଗିରି ଓ ଗଙ୍ଗାଧର ସାହା ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ରାଜନୈତିକ ପରିବାରରୁ ଆସିଥିବା ବର୍ଷା ସିଂ ବରିହା ଓ ଆଦିବାସୀ ନେତା ଗୋବର୍ଦ୍ଧନ ଭୁଏ ଏଥର ଦ୍ୱିତୀୟଥର ପାଇଁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଅନ୍ୟ ସମସ୍ତ ପ୍ରାର୍ଥୀଙ୍କ ପାଇଁ ଏହା ପ୍ରଥମ ନିର୍ବାଚନ। ବିଜେଡି ପ୍ରାର୍ଥିନୀ ବର୍ଷା ନବୀନ ସରକାରଙ୍କ ଗ୍ୟାରେଣ୍ଟି ଓ ବିକାଶକୁ ପାଥେୟ କରି ପ୍ରଚାର କରୁଥିବା ବେଳେ ବିଜେପିର ଗୋବର୍ଦ୍ଧନ ମୋଦୀ ଗ୍ୟାରେଣ୍ଟି ଓ ଡବଲ ଇଞ୍ଜିନ୍ ସରକାରଙ୍କ ମନ୍ତ୍ରକୁ ପ୍ରଚାରର ଆୟୁଧ କରିଛନ୍ତି। ସେହିପରି କଂଗ୍ରେସର ଟଙ୍କଧର ଦଳୀୟ ଇସ୍ତାହାରକୁ ନେଇ ଲୋକଙ୍କୁ ବୁଝାଉଛନ୍ତି। ସେହିପରି ଆପ୍‌ର ପ୍ରାର୍ଥୀ ବାଲ୍ମୀକି ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳିକୁ ନେଇ ନିଜର ପ୍ରଚାର ଚଳାଇଛନ୍ତି। ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ଦଳୀୟ ଗ୍ୟାରେଣ୍ଟି ନେଇ ଯୁବ ଭୋଟର୍‌ଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ କରୁଥିବା ବେଳେ ଯୁବ ଭୋଟର୍ ନିରବତା ଅବଲମ୍ବନ କରୁଥିବା ଦେଖାଯାଉଛି। ଏଥର ନିର୍ବାଚନରେ ଏହି ଯୁବ ଭୋଟର୍‌ଙ୍କ ଭୂମିକା ନିର୍ଣ୍ଣାୟକ ହେବ ବୋଲି କିଛି ରାଜନୈତିକ ବିଶେଷଜ୍ଞ ମତ ଦେଉଛନ୍ତି।

# ବିଜେପି ଛାଡ଼ି ବିଜେଡିରେ ମିଶିଲେ ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂ

## ଓଡ଼ିଆ ଅସ୍ମିତାର ଦ୍ୱାହି ଦେଉଥିବା ନେତା ସତ୍ୟବାଦୀରେ ମୁଖ୍ୟମନ୍ତ୍ରୀଙ୍କ କାମ ଦେଖନ୍ତୁ

**ଭୁବନେଶ୍ୱର, ୧୬।୫(ସମିସ):** ପୁରୀ ବିଜେପିକୁ ଲାଗିଛି ଶକ୍ତ ଧକ୍କା। ସତ୍ୟବାଦୀର ପୂର୍ବତନ ବିଧାୟକ ରମା ରଞ୍ଜନ ବଳିଆରସିଂ ବିଜେପିରୁ ଇସ୍ତଫା ଦେଇ ନିଜର ଶତାଧିକ ସମର୍ଥକଙ୍କ ସହ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଆଜି ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ସତ୍ୟବାଦୀ ବିଜେଡି ବିଧାୟକ ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମା, ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଶ୍ରୀ ବଳିଆରସିଂଙ୍କୁ ଦଳରେ ସ୍ୱାଗତ କରିଥିଲେ। ଏହି ଅବସରରେ ନିଜ ପ୍ରତିକ୍ରିୟାରେ ଶ୍ରୀ ବଳିଆରସିଂ କହିଛନ୍ତି, ବିଜୁ ଜନତା ଦଳ ହେଉଛି ମୋ ଘର। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ମୋତେ ରାଜନୀତିକୁ ଆଣିଥିଲେ। ତାଙ୍କ ସୁପୁତ୍ର ନବୀନ ପଟ୍ଟନାୟକ ସତ୍ୟବାଦୀର ବିକାଶ ଦାୟିତ୍ୱ ନେଇଛନ୍ତି। ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଉ ଅବା ପଞ୍ଚସଖାଙ୍କ ଗରିମାମୟ ଐତିହ୍ୟକୁ ଋଦ୍ଧିମନ୍ତ କରିବାରେ ସେ ଅବହେଳା କରିନାହାନ୍ତି। ଉତ୍କଳମଣିଙ୍କ ଜନ୍ମପୀଠ ଆଜି ନୂଆ ରୂପ ପାଇଛି। ଯେଉଁମାନେ ଓଡ଼ିଆ ଅସ୍ମିତା କଥା କହି ରାଜ୍ୟ ସରକାରଙ୍କୁ ସମାଲୋଚନା କରୁଛନ୍ତି, ସେମାନେ ସତ୍ୟବାଦୀ ମାଟିରେ ହୋଇଥିବା ରୂପାନ୍ତରଣ କାମକୁ ଦେଖନ୍ତୁ। ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ଦେଖନ୍ତୁ। କିଛି ଦିନ ପୂର୍ବେ ଦୁଇ କେନ୍ଦ୍ରମନ୍ତ୍ରୀ ବକୁଳ ବନ ବୁଲିଲେ, ଗୋପବନ୍ଧୁଙ୍କ ଜନ୍ମ ପୀଠକୁ ବି ଯାଇଥିଲେ। ହେଲେ ଟଙ୍କାଟିଏ ବି କାଢ଼ିଲେ ନାହିଁ। ସେମାନଙ୍କ ମୁହଁରେ ଓଡ଼ିଆ ଅସ୍ମିତା କଥା ଶୋଭାପାଏ ନାହିଁ।



ସେ ଆହୁରି କହିଥିଲେ, ଲୋକଙ୍କ ଆଶା ଓ ଭରସାକୁ ଦଳି ମକଚି ଦେବାରେ ରାଜ୍ୟ ବିଜେପି ନେତାଏ ବେଶ୍ ଧୂରନ୍ଧର। ସତ୍ୟବାଦୀର ଲୋକଙ୍କୁ ପ୍ରତାରିତ କରିବାରେ ଅବହେଳା କରିନାହାନ୍ତି। ଏପରି ଏକ ଦଳରେ ରହିବା ମୋ ପକ୍ଷରେ ଆଉ ସମ୍ଭବ ନଥିଲା। ବାରମ୍ବାର ମିଥ୍ୟା ରାଜନୀତି କରୁଥିବା ନେତାଙ୍କ ଗହଣରେ ଅଣନିଃଶ୍ୱାସୀ ଅନୁଭବ କରୁଥିଲି। ତେଣୁ ସର୍ବସମ୍ମତିକ୍ରମେ ଆଜି ମୁଁ ମୋ ନେତାଙ୍କ ପାଖକୁ ଫେରି ଆସିଛି। ରାଜ୍ୟରେ ଯେଉଁ ବିକାଶ ପର୍ବ ଚାଲିଛି ସେଥିରେ ମୁଁ ମୋର ପାରୁପର୍ଯ୍ୟନ୍ତ ଅବଦାନ ରଖିବି। ନବୀନ ଓଡ଼ିଶା, ନୂଆ ଓଡ଼ିଶା ଗଠନରେ ଭାଗୀଦାର ହେବି।

ନିଜ ବକ୍ତବ୍ୟରେ ଶ୍ରୀ ଦାସବର୍ମା କହିଥିଲେ, ରମା ରଞ୍ଜନ ବଳିଆରସିଂ ଜଣେ ଟାଣୁଆ ସଂଗଠକ। ଜଣେ ଭଲ ମଣିଷ ଭାବେ ତାଙ୍କର

**'ବିଜେଡି ମୋ ଘର'**

ସୁନାମ ରହିଛି। ତାଙ୍କର ଲମ୍ବା ରାଜନୈତିକ ଅଭିଜ୍ଞତା ବିଜୁ ଜନତା ଦଳର ସଂଗଠନକୁ ସୁଦୃଢ଼ କରିବାରେ ବେଶ୍ ସହାୟକ ହେବ। ତାଙ୍କର ଯୋଗଦାନ କେବଳ ସତ୍ୟବାଦୀ ନୁହେଁ, ବରଂ ସମଗ୍ର ପୁରୀ ଜିଲ୍ଲା ବିଜେଡି ପାଇଁ ଲାଭଦାୟୀ ହେବ ବୋଲି ଶ୍ରୀ ଦାସବର୍ମା କହିଥିଲେ।

ଏହି ମିଶ୍ରଣ ପର୍ବରେ ନନ୍ଦକିଶୋର ମାନସିଂହ, ବିଭୂତି ବରାଳ, ଅମର ଶତପଥୀ, ଦୁର୍ଗା ପ୍ରସାଦ ମିଶ୍ର, ନନ୍ଦ କିଶୋର, ଭାସ୍କର ମିଶ୍ର, ରଶ୍ମିରଞ୍ଜନ ଦାସ, ପୁରୁଷୋତ୍ତମ ବିଶ୍ୱାଳ, ମନୋରଞ୍ଜନ ବରାଳ, ପ୍ରହଲ୍ଲାଦ ସାହୁ, ଅମ୍ବିକା ବେହେରା, ତପନ ବେହେରା, ଊର୍ମିଳା ପରିଡ଼ା, ଅଭୟ ବଳିୟାରସିଂହ, ଦୁଃଶାସନ ସାହୁ, ଆନନ୍ଦେ ଦାଶ, ବିଷ୍ଣୁପ୍ରସାଦ ଜେନା, ପଞ୍ଚାନନ ରାଉତ, ସତ୍ୟକୁମାର ବେହେରା, ପାର୍ବତୀ ମାନସିଂହ, ଅଚ୍ୟୁତାନନ୍ଦ ଜେନା, ସତ୍ୟଭାମା ମାନସିଂହ, ମନୋଜ ସାହୁ, ଗୋପାଳ ପ୍ରଧାନ ଓ ବିଷ୍ଣୁପ୍ରସାଦ ଜେନାଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

# ବିଜେଡିରେ ମିଶିଲେ ରୀତାଞ୍ଜଳି ପ୍ରଧାନ



**ଭୁବନେଶ୍ୱର, ୧୬।୫(ସମିସ):** ବିଜେପି ଓବିସି ମୋର୍ଚ୍ଚାର ସମ୍ପାଦିକା ରୀତାଞ୍ଜଳି ପ୍ରଧାନ ଆଜି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଆଜି ବିଜେପିରୁ ଇସ୍ତଫା ଦେଇ ବିଜେଡିରେ ସାମିଲ ହୋଇଛନ୍ତି। ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ଶ୍ରୀମତୀ ପ୍ରଧାନଙ୍କୁ ବିଜେଡିରେ ସ୍ୱାଗତ କରିବା ସହ ଦଳ ପାଇଁ ତାଙ୍କର ଅଭିଜ୍ଞତା ବେଶ୍ ଲାଭଦାୟୀ ହେବ ବୋଲି ବିଶ୍ୱାସବ୍ୟକ୍ତ କରିଥିଲେ। ଏହି ଅବସରରେ ନିଜ ପ୍ରତିକ୍ରିୟାରେ ଶ୍ରୀମତୀ ପ୍ରଧାନ କହିଥିଲେ, ବହୁ ଆଶା ଓ ଭରସା ନେଇ ମୁଁ ବିଜେପିରେ ଯୋଗ ଦେଇଥିଲି। ଦୀର୍ଘ ସମୟ ପର୍ଯ୍ୟନ୍ତ ସେହି ଦଳରେ ରହି କାମ କରୁଥିଲି। କିନ୍ତୁ ବହୁତ ଦୁଃଖ ଲାଗୁଛି, ସେହି ଦଳରେ ନେତାମାନେ ରାଜ୍ୟ ପାଇଁ ନୁହେଁ ବରଂ ନିଜ ସ୍ୱାର୍ଥ ପାଇଁ କାମ କରୁଛନ୍ତି। ବିଜେପିରେ ମୋର ଅଭିଜ୍ଞତା ଅତ୍ୟନ୍ତ ତିକ୍ତ ରହିଥିଲା। ତେବେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ସର୍ବଦା ପ୍ରଭାବିତ କରିଥିଲା। ସେ ଏକମାତ୍ର ନେତା, ଯିଏ ସାଢ଼େ ଚାରି କୋଟି ଓଡ଼ିଆଙ୍କ ପାଇଁ କାମ କରୁଛନ୍ତି। ସମସ୍ତଙ୍କ ସୁଖ ଦୁଃଖରେ ଛିଡ଼ା ହୋଇଛନ୍ତି। ତାଙ୍କ ମାର୍ଗଦର୍ଶନରେ କାମ କରିବା ମୋ ପାଇଁ ସୌଭାଗ୍ୟର ବିଷୟ। ଦଳ ମୋତେ ଯେଉଁ ଦାୟିତ୍ୱ ପ୍ରଦାନ କରିବ, ତାହା ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବି। ଡ. ପାତ୍ର କହିଥିଲେ, ସମାଜସେବା କ୍ଷେତ୍ରରେ ରୀତାଞ୍ଜଳିଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି। ବିଶ୍ୱ ଅର୍ଥନୈତିକ ଫୋରମ୍‌ର ସଦସ୍ୟା ଭାବେ ସେ ବହୁତ ଭଲ କାମ କରିଥିବା ବେଳେ ବୋଲଗଡ଼ ବେଗୁନିଆର ବିକାଶରେ ମହତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ମହିଳା ସଶକ୍ତୀକରଣ କ୍ଷେତ୍ରରେ ତାଙ୍କ କାର୍ଯ୍ୟ ପ୍ରେରଣାଦାୟକ। କାର୍ଯ୍ୟକ୍ରମ ଶେଷରେ ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

## ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରିଛନ୍ତି ପ୍ରତାପ ଷଡ଼ଙ୍ଗୀ

# ବାରଣ ସତ୍ତ୍ୱେ ରାଲିରେ ଘୋଡ଼ା ବ୍ୟବହାର କରିଛନ୍ତି

**ଭୁବନେଶ୍ୱର, ୧୬।୫(ସମିସ):** ବାଲେଶ୍ୱର ବିଜେପି ଲୋକସଭା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବିରୋଧରେ ଆସିଛି ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ଅଭିଯୋଗ କରିଛି ଯେ କିଛି ଦିନ ପୂର୍ବେ ଶ୍ରୀ ଷଡ଼ଙ୍ଗୀ ବାଲେଶ୍ୱରରେ ନାମାଙ୍କନ ଦାଖଲ ପାଇଁ ଶୋଭାଯାତ୍ରାରେ ଯାଇଥିଲେ। ଏହି ରାଲିରେ ଶ୍ରୀ ଷଡ଼ଙ୍ଗୀ ଏକ ଘୋଡ଼ାରେ ବସି ନାମାଙ୍କନ ଦାଖଲ ପାଇଁ ଯାଇଥିଲେ। ଉକ୍ତ ଘୋଡ଼ାକୁ ବିପଜ୍ଜନକ ଭାବେ ସଜା ଯାଇଥିବା ବେଳେ ଉଚ୍ଚ ଧ୍ୱନୀ ମଧ୍ୟରେ ରାଲିରେ ସାମିଲ କରାଯାଇଥିଲା। ନିର୍ବାଚନ ରାଲିରେ ପଶୁମାନଙ୍କ ବ୍ୟବହାରକୁ ଭାରତୀୟ ନିର୍ବାଚନ ଆୟୋଗ ବାରଣ କରିଛନ୍ତି। ଏପରିକି, ଯଦି କୌଣସି ରାଜନୈତିକ ଦଳର ଚିହ୍ନରେ ପଶୁଙ୍କ ଚିତ୍ର ଥାଏ, ତା'ହେଲେ ସେହି ପଶୁଙ୍କୁ ନିର୍ବାଚନ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ ନାହିଁ ବୋଲି କୁହାଯାଇଛି। ତେବେ ବିଜେପି ପ୍ରାର୍ଥୀ ଶ୍ରୀ ଷଡ଼ଙ୍ଗୀ ଯେପରି ଭାବେ ଘୋଡ଼ାକୁ ବ୍ୟବହାର କଲେ, ତାହା ନା କେବଳ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ; ବରଂ ନିରୀହ ପଶୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ ପଶୁଙ୍କ ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ। ତେଣୁ ଶ୍ରୀ ଷଡ଼ଙ୍ଗୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ ବୋଲି ବିଜେଡି ଦାବି କରିଛି। ଏଥିସହ ଭବିଷ୍ୟତରେ ଯେପରି ଏପରି ଘଟଣାର ପୁନରାବୃତ୍ତି ନ ହେବ, ସେଥିପାଇଁ ନିର୍ଦ୍ଦେଶନାମା ଜାରି କରିବାର ଆବଶ୍ୟକତା ରହିଛି ବୋଲି ବିଜେଡି ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିବେଦନ କରାଯାଇଛି। ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର, ଇପ୍ସିତା ସାହୁ, ଡ. ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ମିହିର ରାୟ, ଓମ୍ ପ୍ରକାଶ ସାହୁ, ମଧୁସ୍ମିତା ନାୟକ ସାମିଲ ଥିଲେ।



# ଥାନାରେ ଏତଲା ଦେଲା ବିଜେଡି

**ବାଲେଶ୍ୱର, ୧୬।୫ (ସମିସ):** ଘୋଡ଼ା ଚଢ଼ି ଆସି ନାମାଙ୍କନପତ୍ର ଦାଖଲ କରିବା ବିଜେପି ସାଂସଦ ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀଙ୍କୁ ମହଙ୍ଗା ପଡ଼ିଛି। ଏପରି କରି ଶ୍ରୀ ଷଡ଼ଙ୍ଗୀ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିବା ସହ ଏନେଇ ସହଦେବଖୁଣ୍ଟା ଥାନାରେ ଏତଲା ଦେଇଛି। ବିଜେଡି ଉପସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ ଏହି ଅଭିଯୋଗ କରିଛନ୍ତି। ଏ ସଂପର୍କରେ ଶ୍ରୀ ପଟ୍ଟନାୟକ ଗଣମାଧ୍ୟମକୁ କହିଛନ୍ତି ଯେ, ଗତ ୧୪ ତାରିଖରେ ବିଜେପି ସାଂସଦ ପ୍ରାର୍ଥୀ ଶ୍ରୀ ଷଡ଼ଙ୍ଗୀ ଯେଉଁଭଳି ଭାବେ ଘୋଡ଼ା ଚଢ଼ି ନାମାଙ୍କନପତ୍ର ଦାଖଲ କଲେ, ତାହା ସମ୍ବିଧାନ ବିରୋଧୀ। ଆଜି ରାଜ୍ୟ ବିଜେଡି ପକ୍ଷରୁ ନିର୍ବାଚନ କମିସନରଙ୍କ ନିକଟରେ ମଧ୍ୟ ଏନେଇ ଅଭିଯୋଗ କରାଯାଇଛି। ନିର୍ବାଚନରେ ପଶୁ କିମ୍ବା ଛୋଟ ପିଲାମାନଙ୍କୁ ବ୍ୟବହାର କରାଯାଇପାରିବ ନାହିଁ। ତେଣୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ବାଚନ କମିସନରଙ୍କ ନିକଟରେ ଦାବି କରାଯାଇଛି। ଆଇନଜୀବୀ ସୂର୍ଯ୍ୟକାନ୍ତ କର ତଥା ବିଜେଡି ସାଂସଦଙ୍କ ଏଜେଣ୍ଟ କହିଛନ୍ତି ଯେ, ପ୍ରକୃତରେ ଶ୍ରୀ ଷଡ଼ଙ୍ଗୀ ଯାହା କରିଛନ୍ତି ତାହା ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ। ଏଥିରେ ଆନିମାଲ ଆକ୍ଟ ଅନୁସାରେ ପଶୁ କିମ୍ବା ଛୋଟ ପିଲାମାନଙ୍କୁ ବ୍ୟବହାର କରିପାରିବେ ନାହିଁ। ଏହାକୁ ନେଇ ଥାନାରେ ଅଭିଯୋଗ ହୋଇଛି। ବର୍ତ୍ତମାନ ପଶୁ ନିର୍ଯାତନା ଉପରେ ଯେଉଁ ଦଫା ହେବ, ତାହା ନିର୍ବାଚନ କମିସନର ସ୍ଥିର କରିବେ ବୋଲି ସେ କହିଛନ୍ତି।

## ଗଡ଼ାଚାଲିଛି ତିନିରଥ...

# ତୁମ୍ବରେ ସୂତା ବାଡ଼ିଆ ସହ ହେଲା ବିନ୍ଧ ଅନୁକୂଳ



**ପୁରୀ, ୧୬।୫(ସମିସ):** ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହୋଇଥିଲା। ଏହାପରେ ଧୀରେଧୀରେ ଏବେ ଚଳଚଞ୍ଚଳ ହେଲାଣି ରଥଖଳା। ମହାପ୍ରଭୁଙ୍କ ରଥ ନିର୍ମାଣରେ ଲାଗି ପଡ଼ିଛନ୍ତି ସେବକ। ପ୍ରାଥମିକ ପର୍ଯ୍ୟାୟରେ ତିନିରଥର ତୁମ୍ବ ନିର୍ମାଣ କାର୍ଯ୍ୟ ଚାଲିଛି। ଗୁରୁବାର ସୁଦ୍ଧା ତିନିରଥର ୪୨ଟି ଯାକ ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ଏଥିସହ ତୁମ୍ବ ବିନ୍ଧ ଅନୁକୂଳ ପୂଜା ସମ୍ପନ୍ନ ହୋଇଛି। ତେବେ ମଧ୍ୟାହ୍ନ ବିରତି ପୂର୍ବରୁ ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ସୁତାର ମହାରଣା ଏବଂ ଭୋଇ ସେବକଙ୍କ ସହଯୋଗରେ ୪୨ଟି ଯାକ ତୁମ୍ବରେ ସୂତାବାଡ଼ିଆ କାର୍ଯ୍ୟ ଶେଷ ହୋଇଥିଲା। ଏଥିସହ ତୁମ୍ବ ବିନ୍ଧ ଅନୁକୂଳ ପାଇଁ ତିନିରଥର ଦୁଇଟି ଲେଖାଏଁ ନାହାକା ତୁମ୍ବର ବଳକା ଅଂଶ ବା ଘେରକଟା କାର୍ଯ୍ୟ କରତୀ ସେବକଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନ ବିରତି ପରେ ତିନିରଥର ମୁଖ୍ୟ ମହାରଣାଙ୍କ ଦ୍ୱାରା ତୁମ୍ବ ବିନ୍ଧ ଅନୁକୂଳ ପୂଜା ପରେ ତିନିରଥ ମହାରଣା ସେବକମାନେ ତୁମ୍ବରେ ବିନ୍ଧ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରତି ତୁମ୍ବରେ ୧୬ ଯୋଡ଼ା ଅର୍ଥାତ୍ ୩୨ଟି ଲେଖାଏଁ ବିନ୍ଧ କରାଯିବ। ସମୁଦାୟ ୪୨ ତୁମ୍ବରେ ୧, ୩୪୪ ବିନ୍ଧ ହେବ। ପ୍ରତି ଚକରେ ୧୬ଟି ଲେଖାଏଁ ଅର ଏବଂ ୪ଟି ଲେଖାଏ ପହି ଲାଗିବ। ତେବେ ଗୁରୁବାର ନିର୍ମାଣ କାର୍ଯ୍ୟ ଶେଷ ବେଳକୁ ତାଳଧ୍ୱଜ ରଥର ତୁମ୍ବ ଗୁଡିକରେ ୪ ଯୋଡା, ଦେବୀ ରଥର ତୁମ୍ବଗୁଡ଼ିକରେ ୪ ଯୋଡ଼ା ଏବଂ ନନ୍ଦିଘୋଷ ରଥ ତୁମ୍ବଗୁଡ଼ିକରେ ୪ ଯୋଡା ବିନ୍ଧ ଶେଷ ହୋଇଛି। ସେହିପରି ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ତିନୋଟି ଚକ ପାଇଁ ଅର କଣ୍ଟା ତିଆରି କରିଛନ୍ତି। ଏଥିସହ ତିନିରଥର ଦୁଇଟି ଲେଖାଏଁ ତୁମ୍ବ ପାଇଁ ପନ୍ଦାରି ନିର୍ମାଣ ଶେଷ କରିଛନ୍ତି। ଏହି ପନ୍ଦାରୀ ଗୁଡ଼ିକର ମଠ କାମ କରାଯିବ।

## ଲାଞ୍ଚୁଆ ଓ ଦୁର୍ନୀତିଖୋରଙ୍କୁ ଭିଜିଲାନ୍ସ ଛାଟ

# ଅଭିଯୋଗକାରୀଙ୍କୁ ବଳ ଯୋଗାଉଛି ୧୦୬୪

**ଭୁବନେଶ୍ୱର, ୧୬।୫ (ସମିସ):** ଲାଞ୍ଚୁଆ ଓ ଦୁର୍ନୀତିଖୋରଙ୍କ ବିରୋଧରେ ଭିଜିଲାନ୍ସର ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରୁଛନ୍ତି ରାଜ୍ୟ ସରକାର। ବିନା ଲାଞ୍ଚରେ ରାଜ୍ୟର ଗରିବ ଓ ପଛୁଆ ବର୍ଗର ଲୋକମାନେ ଯେପରି ରାଜ୍ୟ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟରେ ଫାଇଦା ଉଠାଇ ପାରିବେ, ସେଦିଗରେ ରାଜ୍ୟସରକାର ବେଶ୍ ଯତ୍ନବାନ ଅଛନ୍ତି। କିନ୍ତୁ ଦୁର୍ନୀତିରେ ବୁଡି ରହିଥିବା କିଛି ଲାଞ୍ଚୁଆ ଓ ଦୁର୍ନୀତିଖୋର ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଭିଜିଲାନ୍ସର କାର୍ଯ୍ୟାନୁଷ୍ଠାନ ଛାଟ ପଡୁଛି। ସେମାନଙ୍କୁ ସାବାଡ କରିବା ସହ ଦୁର୍ନୀତିଖୋର ଓ ଲାଞ୍ଚୁଆଙ୍କ ବିରୋଧରେ ଗୁଇନ୍ଦା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ବିବିଧ ଯୋଜନା ରହିଛି। ଏହିକ୍ରମରେ ଭିଜିଲାନ୍ସ ପକ୍ଷରୁ ଟୋଲ୍ ଫ୍ରି ନମ୍ବର ୧୦୬୪କୁ କଲ୍ କରିବା ପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

ଭିଜିଲାନ୍ସ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ୧୦୬୪ ମାଧ୍ୟମରେ କଲ୍ କରି ଅଭିଯୋଗ କରିବା ପରେ ଗତ ୫୨ ମାସରେ ୮୫ଟି ମାମଲାରେ ଲାଞ୍ଚୁଆ ଅଧିକାରୀଙ୍କୁ ସଫଳତାର ସହ ଟ୍ରାପ୍ କରି ଗିରଫ କରାଯାଇଛି। ୨୦୨୦ରେ ୨୫ଟି, ୨୦୨୧ରେ ୯ଟି, ୨୦୨୨ରେ ୧୪ଟି, ୨୦୨୩ରେ ୩୧ଟି ଓ ଚଳିତବର୍ଷ ଏଯାବତ୍ ୬ଟି ମାମଲାରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଜାରି ହୋଇଥିବା ହେଲ୍ପଲାଇନ୍ ନମ୍ବରରେ ଆସୁଥିବା କଲ୍‌ରୁ କିଛି ଅଭିଯୋଗରେ ଲାଞ୍ଚୁଆ ଧରାପଡୁଛନ୍ତି ତ ଆଉ କିଛି ଲୁଚିଯାଉଛି। ଏହି ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଆହୁରି କ୍ରିୟାଶୀଳ କରିବାକୁ ଭିଜିଲାନ୍ସ ପକ୍ଷରୁ ପଦକ୍ଷେପ ନିଆଯାଉଛି।

- ୫୨ ମାସରେ ୮୫ମାମଲାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ
- ଚଳିତବର୍ଷ ୬ଟି ମାମଲାରେ ଟ୍ରାପ୍ ହୋଇଛନ୍ତି ଅଧିକାରୀ ଓ କର୍ମଚାରୀ

ବିଭିନ୍ନ କାର୍ଯ୍ୟ ଲାଗି ସରକାରୀ କାର୍ଯ୍ୟାଳୟଗୁଡିରେ ଥିବା କିଛି ଅଧିକାରୀ ଓ କର୍ମଚାରୀ ଲାଞ୍ଚ ମାଗୁଛନ୍ତି। ଲାଗୁଛି ସତେ ଯେମିତି ବିନା ଲାଞ୍ଚରେ ଗୋଟିଏ ଅଫିସରୁ ଅନ୍ୟ ଅଫିସକୁ ଫାଇଲ୍ ଘୁଞ୍ଚୁନି। ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରିବା ସହ ଉପଭୋକ୍ତାଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। କାର୍ଯର୍ୟ୍ୟ ତ୍ୱରାନିତ ଲାଗି ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଲାଞ୍ଚ ମାଗୁଛନ୍ତି। ଗତକାଲି ଡିମାର୍କେସନ (ସୀମାଙ୍କନ) ପରେ ରିପୋର୍ଟ ଦେବାକୁ ଦୁଇହଜାର ଟଙ୍କା ଲାଞ୍ଚ ନେଇ ମହାକାଳପଡା ତହସିଲ କାର୍ଯ୍ୟାଳୟର ରାଜସ୍ୱ ନିରୀକ୍ଷକ ସୁଦର୍ଶନ ନାୟକ ଓ ଅମିନ ଉମାକାନ୍ତ ବେହେରା ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଅଭିଯୋଗକାରୀ ଟୋଲ୍ ଫ୍ରି ନମ୍ବର ୧୦୬୪ରେ କଲ୍ କରିବା ପରେ ଦୁଇଜଣଙ୍କୁ ଗିରଫ କରାଯାଇଥିଲା। ଏହି ଗୋଟିଏ ଘଟଣା ନୁହେଁ ଅନୁରୂପ ଭାବେ ଚଳିତବର୍ଷ ୬ଟି ମାମଲାରେ ଟୋଲ ଫ୍ରି ନମ୍ବର ୧୦୬୪ରେ କଲ୍ କରିବା ପରେ ସମ୍ପୃକ୍ତ ଅଧିକାରୀମାନେ ଭିଜିଲାନ୍ସ ପଞ୍ଝାରେ ପଡ଼ି ଗିରଫ ହୋଇଛନ୍ତି।

ରାଜ୍ୟର ଜିଲ୍ଲାଗୁଡିକରେ ଥିବା ଦୁର୍ନୀତି ନିବାରଣ କାର୍ଯ୍ୟାଳୟରେ ଅଭିଯୋଗ କରିବା ଲାଗି ପହଞ୍ଚି ପାରୁନଥିବା ବ୍ୟକ୍ତିଙ୍କ ଲାଗି ଟୋଲ୍ ଫ୍ରି ନମ୍ବର ୧୦୬୪ ଜାରି ହୋଇଛି। ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷମାନେ ଏହି ନମ୍ବରରେ କଲ୍ କରି ଅଭିଯୋଗ କରିପାରିବେ। ସେମାନେ କୌଣସି ସ୍ଥାନରେ ରହି ଅଭିଯୋଗ କରିବା ପରେ ଭିଜିଲାନ୍ସ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ସ୍ୱତନ୍ତ୍ର ଖସଡା ପ୍ରସ୍ତୁତ କରାଯାଉଛି। ଅଭିଯୋଗକାରୀଙ୍କ ରିପୋର୍ଟ ଆଧାରରେ ତଦନ୍ତ କରିବା ସହ ଲାଞ୍ଚ ମାଗୁଥିବା ସମ୍ପୃକ୍ତ ଅଧିକାରୀ କିମ୍ବା କର୍ମଚାରୀଙ୍କୁ ସ୍କାନରକୁ ନିଆଯାଉଛି। ଅଭିଯୋଗକାରୀର ଅଭିଯୋଗ ମୁତାବକ ପ୍ରମାଣ ମିଳିଲେ କିମ୍ବା ଟଙ୍କା ନେଉଥିବା ବେଳେ ରଙ୍ଗେ ହାତ ଧରୁଛି ଭିଜିଲାନ୍ସ।

ଅନ୍ୟପଟେ ୨୦୨୩ରେ ହେଲ୍ପଲାଇନ୍ ନମ୍ବରରେ ୧୧୮୪ଟି କଲ୍ ଓ ଟେଲିଫୋନ୍ ନମ୍ବର ୦୬୭୧-୨୩୦୫୯୮୮ରେ ୪୭୦ଟି କଲ୍ ଗ୍ରହଣ କରିଛି ଭିଜିଲାନ୍ସ। ଏଥିସହ ଭିଜିଲାନ୍ସ ନିକଟରେ ୧୪୩ଟି ପିଟିସନ୍ ଦାଖଲ ହୋଇଛି। ସେଇ ଆଧାରରେ ଲାଞ୍ଚୁଆ ଓ ଦୁର୍ନୀତିଖୋର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଓଡିଶା ଭିଜିଲାନ୍ସ ପକ୍ଷରୁ ଜାରି ହୋଇଥିବା ୱେବ୍‌ସାଇଡ୍ ଓ ଜନଶୁଣାଣି ପୋର୍ଟାଲ୍‌ରେ ବି ଅଭିଯୋଗ କରାଯାଉଛି। ସମସ୍ତ ସରକାରୀ କାର୍ଯ୍ୟାଳୟରେ ଟୋଲ୍ ଫ୍ରି ନମ୍ବର ୧୦୬୪ ଲଗାଯାଇଛି। କୌଣସି ସରକାରୀ ଅଧିକାରୀ ଲାଞ୍ଚ ମାଗୁଥିଲେ ତୁରନ୍ତ ଟୋଲ୍ ଫ୍ରି ନମ୍ବର କଲ୍ କରିବାକୁ ଭିଜିଲାନ୍ସ ପକ୍ଷରୁ ସମସ୍ତଙ୍କୁ ଅପିଲ୍ କରାଯାଇଛି। ଏଥିସହ କଲ୍ ଓ ପିଟିସନ ଆଧାରରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

# ପୂର୍ବତନ ମୁଖ୍ୟ କିରାଣିଙ୍କୁ ୪ବର୍ଷ ଜେଲ୍ ଦଣ୍ଡ

**ଭୁବନେଶ୍ୱର,୧୬।୫(ସମିସ):** ଲାଞ୍ଚ ମାମଲାରେ ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ତହସିଲ ଅଫିସର ପୂର୍ବତନ ମୁଖ୍ୟ କିରାଣିଙ୍କୁ ଜେଲ୍ ଦଣ୍ଡ ହୋଇଛି। ସୁନ୍ଦରଗଡ଼ ସ୍ପେଶାଲ ଭିଜିଲାନ୍ସ କୋର୍ଟ ଏହି ମାମଲାର ଶୁଣାଣି କରି ମୁଖ୍ୟ କିରାଣି ସବିର ହୁସେନ୍‌ଙ୍କୁ ୪ବର୍ଷ ଜେଲ୍ ଦଣ୍ଡ ସହ ୨ହଜାର ଟଙ୍କା ଜରିମାନା ହୋଇଛି। ଜରିମାନା ଅନାଦେୟ ହେଲେ ଅଧିକ ଦୁଇ ମାସ ସଜା ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ଶୁଣାଇଛନ୍ତି। ଜମିର ମାଲିକାନା ହସ୍ତାନ୍ତର ସମ୍ବନ୍ଧରେ ଏକ ପରିବର୍ତ୍ତନ ରିପୋର୍ଟ ଦେବାକୁ ଲାଞ୍ଚ ମାଗିଥିଲେ ମୁଖ୍ୟ କିରାଣି ସବିର। ଏନେଇ ଅଭିଯୋଗକାରୀ ଭିଜିଲାନ୍ସ ଜଣାଇବା ପରେ ଯୋଜନା ମୁତାବକ ଅଫିସ୍ ପରିସରରେ ଲାଞ୍ଚ ନେବା ସମୟରେ ତାଙ୍କୁ ମାଡ଼ି ବସିଥିଲେ ସମ୍ବଲପୁର ଭିଜିଲାନ୍ସ ଟିମ୍। ତାଙ୍କ ବିରୋଧରେ ଦୃଢ଼ ଚାର୍ଜସିଟ୍ ଏବଂ ପ୍ରମାଣ କୋର୍ଟରେ ଦାଖଲ କରାଯିବା ପରେ କୋର୍ଟ ତାଙ୍କୁ ୪ ବର୍ଷର ଜେଲ୍‌ଦଣ୍ଡ ଶୁଣାଇଛନ୍ତି। କୋର୍ଟଙ୍କ ଏହି ରାୟ ପରେ ତାଙ୍କର ପେନ୍‌ସନ୍ ଏବଂ ଗ୍ରାଚ୍ୟୁଇଟି ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି।

**ଜମିର କିସମ ପରିବର୍ତ୍ତନ ରିପୋର୍ଟ ପାଇଁ ଲାଞ୍ଚ ନେଇଥିଲେ**

# ପାକିସ୍ତାନୀ ହ୍ୱାଟ୍‌ସଆପ୍ ନମ୍ବରରୁ ଆସୁଛି କଲ୍

**କଟକ, ୧୬।୫(ସମିସ):** ପାକିସ୍ତାନୀ ହ୍ୱାଟସଆପ ନମ୍ବରରୁ କଲ୍ ଆସୁଥିଲେ ସାବଧାନତା ଅବଲମ୍ବନ କରିବାକୁ ଓଡ଼ିଶା ପୁଲିସ ସାଧାରଣ ଜନତାଙ୍କୁ ସତର୍କ କରାଇଛି। କଲ୍ ଆସୁଥିବା ଏହି ନମ୍ବର +୯୨ରୁ ଆରମ୍ଭ ବୋଲି ପୁଲିସ୍ କହିଛି। ପାକିସ୍ତାନୀ ସାଇବର




**ସତର୍କ କରାଇଲା ଓଡ଼ିଶା ପୁଲିସ**

ଅପରାଧୀମାନେ ଏଭଳି କଲ୍ କରି ଲୋକଙ୍କୁ ଲୁଟିବା ପାଇଁ ନାନା ଉପାୟ ଅବଲମ୍ବନ କରୁଛନ୍ତି। ଏପରିକି, ଏହି ସାଇବର ଅପରାଧୀମାନେ ନିଜକୁ ପୁଲିସ ଅଧିକାରୀଙ୍କ ପରିଚୟ ଦେଉଛନ୍ତି। ସେମାନଙ୍କ ହ୍ୱାଟସଆପ ନମ୍ବର ପ୍ରୋଫାଇଲ ଛବିରେ ପୁଲିସ ଅଧିକାରୀଙ୍କ ଫଟୋ ରଖୁଛନ୍ତି। ଏଥିସହ ଫୋନ ମାଧ୍ୟମରେ ଲୋକଙ୍କୁ ସେମାନଙ୍କ ଅତି ନିକଟ ସମ୍ପର୍କୀୟଙ୍କ ବିରୋଧରେ ସଂଗୀନ ଅପରାଧିକ ଅଭିଯୋଗ ଥିବା କହି ଅର୍ଥ ଦାବି କରୁଛନ୍ତି। ଏଣୁ '+୯୨' କୋଡ୍ ଥିବା ନମ୍ବରରୁ ଫୋନ୍ ଆସିଲେ, ଏହାକୁ ନଉଠାଇବା ପାଇଁ ପୁଲିସ ପରାମର୍ଶ ଦେଇଛି। ପୂର୍ବରୁ ଭାରତ ସରକାରଙ୍କ ଟେଲି ଯୋଗାଯୋଗ ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଏନେଇ ସତର୍କ ସୂଚନା ଜାରି କରାଯାଇଥିଲା। ଏପରିକି, ଏହି ନମ୍ବରରୁ କଲ କରି କେତେକ ସାଇବର ଅପରାଧୀ ଲୋକଙ୍କୁ ବିଭିନ୍ନ ଅପରାଧିକ ମାମଲାରେ ସଂଶ୍ଳିଷ୍ଟ ଥିବା ଦର୍ଶାଇ ସେମାନଙ୍କ ମୋବାଇଲ ସଂଯୋଗ କାଟି ଦିଆଯିବ ବୋଲି କହୁଛନ୍ତି। ଏଣୁ ଏହି ନମ୍ବରରୁ କଲ ରିସିଭ କଲେ, କୌଣସି ତଥ୍ୟ ନଦେବାକୁ କେନ୍ଦ୍ର ମନ୍ତ୍ରଣାଳୟ ପୂର୍ବରୁ ସତର୍କ ସୂଚନା ଜାରି କରିଛି।

# ବିଜେପି ଦେଶ ପାଇଁ ବିପଦ: ଖଡ୍‌ଗେ

**ଫୁଲବାଣୀ,୧୬।୫(ସମିସ):** ବିଜେପି ଦେଶ ପାଇଁ ବିପଦ। ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ସମୟରେ ସମ୍ବିଧାନ ବିପଦରେ ପଡ଼ିଛି। ଆଦିବାସୀଙ୍କ ଜଳ, ଜମି ଓ ଜଙ୍ଗଲକୁ ବିଜେପି ସରକାର ବେପାରୀଙ୍କ ହାତକୁ ଟେକି ଦେଇଛି। ଭାରତ ବର୍ଷରେ ବିଜେପି ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରିଛି ବୋଲି ଫୁଲବାଣୀରେ ଦଳୀୟ ପ୍ରଚାର ସମାବେଶରେ ଗର୍ଜିଛନ୍ତି ଜାତୀୟ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ।

ସେ କହିଛନ୍ତି ଯେ କଂଗ୍ରେସ ଦଳ ଦେଶକୁ ସ୍ୱାଧୀନତା ସହିତ ସମ୍ବିଧାନ ଦେଇଛି । ଗଣତନ୍ତ୍ରକୁ ସୁରକ୍ଷିତ କରିଛି, ଆଦିବାସୀ,ହରିଜନ ଓ ଦଳିତଙ୍କୁ ସଂରକ୍ଷଣ ଦେଇଛି । ବିଜେପି ସରକାରର ଦଶ ବର୍ଷର ଶାସନ ଆମ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି କରିଛି। ତେଣୁ ମୋଦି ସରକାରକୁ ହଟାଇ ସମ୍ବିଧାନ ଓ ଲୋକତନ୍ତ୍ରକୁ ବଞ୍ଚାଇବା ପାଇଁ ସମସ୍ତେ ଅଣ୍ଟା ଭିଡ଼ିବା ଆବଶ୍ୟକ। ସାମାଜିକ ନ୍ୟାୟ ପ୍ରତି କଂଗ୍ରେସ ଦଳର ପ୍ରତିବଦ୍ଧତା ଉଲ୍ଲେଖ କରି କନ୍ଧମାଳ ଆଗାମୀ ନିର୍ବାଚନରେ ସାମାଜିକ ନ୍ୟାୟର କୁରୁକ୍ଷେତ୍ର ହେବ ବୋଲି ସେ କହିଛନ୍ତି। ଏହି ଅବସରରେ ସେ କଂଗ୍ରେସର ନିର୍ବାଚନ ଇସ୍ତାହାର ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ ମହିଳା, ଯୁବଗୋଷ୍ଠୀ, ଦଳିତ, ଆଦିବାସୀ ଓ ଆର୍ôଥିକ ଅନଗ୍ରସରଙ୍କ ପାଇଁ ରାହୁଲ ଗାନ୍ଧୀଙ୍କ ୫ ଗ୍ୟାରେଣ୍ଟିର ଉଲ୍ଲେଖ କରିଥିଲେ। କନ୍ଧମାଳ ଜିଲ୍ଲାକୁ ରେଳପଥ ସଂଯୋଗ ପ୍ରସଙ୍ଗ ଉଠାଇ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଥିଲେ ଖଡ୍‌ଗେ। ଦଶ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ କଣ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିଭଳି ଆଦିବାସୀଙ୍କ ପ୍ରସଙ୍ଗ ଉପସ୍ଥାପନ କରି ଖଡ୍‌ଗେ କହିଛନ୍ତି, ବିଜେପି ସରକାର ଆଦିବାସୀଙ୍କ ଜଳ,ଜମି ଓ ଜଙ୍ଗଲକୁ ବେପାରୀ ମାନଙ୍କ ହାତକୁ ଟେକି ଦେଇଛି। ଗତ ବର୍ଷ ମାନଙ୍କରେ ଆଦିବାସୀଙ୍କ ବିରୋଧରେ ଅପରାଧ ହାରରେ ୪୫ ପ୍ରତିଶତ ବୃଦ୍ଧି ଘଟିଛି। କେନ୍ଦ୍ରରେ ଇଣ୍ଡିଆ ମେଣ୍ଟ ସରକାର ଆସିଲେ ପେସା ଆଇନକୁ ସମ୍ପୂର୍ଣ୍ଣ ଭାବେ ଲାଗୁ କରାଯିବ। କନ୍ଧମାଳ ହଳଦୀ ସମେତ ସମସ୍ତ ଲଘୁ ବନଜାତ ସାମଗ୍ରୀ ପାଇଁ ସର୍ବନିମ୍ନ ମୂଲ୍ୟ ନିର୍ଦ୍ଧାରଣ ପାଇଁ ଆଇନ ପ୍ରଣୟନ କରାଯିବ ବୋଲି ଘୋଷଣା କରିଛନ୍ତି। କୃଷି କ୍ଷେତ୍ରକୁ ସମ୍ପୂର୍ଣ୍ଣ ରୂପେ ଜିଏସଟି ମୁକ୍ତ କରାଯିବ ଓ ନୂତନ ଆମଦାନୀ-ରପ୍ତାନୀ ନିୟମ ପ୍ରଣୟନ ହେବ ବୋଲି ସେ କହିଛନ୍ତି। କନ୍ଧମାଳକୁ ଶାନ୍ତି ଓ ସଂହତିର ମାଟି ବୋଲି ବର୍ଣ୍ଣନା କରି ଏହାକୁ ଭଙ୍ଗ କରିବା ପାଇଁ ଅତୀତରେ ବିଜେପି ପକ୍ଷରୁ ଅପଚେଷ୍ଟା କରାଯାଇଥିବା ଅଭିଯୋଗ କରିଥିଲେ ଖଡ୍‌ଗେ। ସେହିଭଳି ବିଜେପି ସରକାର ସମୟରେ ଦରଦାମ ବୃଦ୍ଧି, ବେରୋଜଗାରୀ, ସାମ୍ପ୍ରଦାୟିକତା ଭଳି ସମସ୍ତ ପ୍ରସଙ୍ଗ ଦୋହରାଇଛନ୍ତି କଂଗ୍ରେସ ଅଧ୍ୟକ୍ଷ। ଆସନ୍ତା ନିର୍ବାଚନରେ ଇଣ୍ଡିଆ ମେଣ୍ଟ କେନ୍ଦ୍ରରେ ସରକାର ଗଢ଼ିବ ବୋଲି ଦୃଢୋକ୍ତି ପ୍ରକାଶ କରିବା ସହିତ କନ୍ଧମାଳ ସାଂସଦ ଏବଂ ସମସ୍ତ ବିଧାନସଭା ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। କନ୍ଧମାଳ ଲୋକସଭା ଆସନ ପ୍ରାର୍ଥୀ ଅମୀରଚାନ୍ଦ ନାୟକ, ଫୁଲବାଣୀ ବିଧାନସଭା ପ୍ରାର୍ଥୀ ପ୍ରତିଭା କହଁର, ବାଲିଗୁଡା ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନ, ଜି.ଉଦୟଗିରି ପ୍ରାର୍ଥୀ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଦଶପଲ୍ଲା ପ୍ରାର୍ଥୀ ନକୁଳ ନାୟକ, ବୌଦ୍ଧ ପ୍ରାର୍ଥୀ ନବ କୁମାର ମିଶ୍ର, କଣ୍ଟାମାଳ ପ୍ରାର୍ଥୀ ସରୋଜ ପ୍ରଧାନ ଓ ଭଞ୍ଜନଗର ପ୍ରାର୍ଥୀ ପ୍ରଶାନ୍ତ ବିଷୋୟୀଙ୍କ ସମେତ ବରିଷ୍ଠ ନେତା ରାମଚନ୍ଦ୍ର ଖୁଣ୍ଟିଆ ଏହି ଜନସଭାକୁ ସମ୍ବୋଧିତ କରିଥିଲେ। ସ୍ଥାନୀୟ କରୋନେସନ ପଡିଆରେ ଆୟୋଜିତ ଏହି ଜନସଭାରେ ତେଲେଙ୍ଗାନା ଉପ ମୁଖ୍ୟମନ୍ତ୍ରୀ ବିକ୍ରମ ଭାଟି ମଲ୍ଲ, ପିସିସି ସଭାପତି ଶରତ ପଟ୍ଟନାୟକ, ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଏଆଇସିସି ପର୍ଯ୍ୟବେକ୍ଷକ ଚୌଧୁରୀ ସାହନୱାଜ ହୁସେନ, ମୀନାକ୍ଷୀ ନଟରାଜନ, କନ୍ଧମାଳ ଜିଲ୍ଲା ସଭାପତି ଚନ୍ଦ୍ର ଶେଖର ପରିଡା ଓ ପୂର୍ବତନ ସାଂସଦ ରାଧାକାନ୍ତ ଦିଗାଲ ଉପସ୍ଥିତ ଥିଲେ।



- ରେଳ ସଂଯୋଗରୁ ଫୁଲବାଣୀକୁ ବଞ୍ଚିତ କରିଛନ୍ତି କେନ୍ଦ୍ରର ବିଜେପି ସରକାର
- ବିଜେପି ଆଦିବାସୀଙ୍କ ଜଳ, ଜମି ଓ ଜଙ୍ଗଲକୁ ବେପାରୀଙ୍କୁ ଟେକି ଦେଇଛି
- ଅତୀତରେ ଶାନ୍ତିପ୍ରିୟ କନ୍ଧମାଳର ଶାନ୍ତି ଓ ସଂହତି ନଷ୍ଟ କରିଛି ବିଜେପି

## ■ ବିଜେପି ବିଧାୟକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି କେନ୍ଦ୍ରମନ୍ତ୍ରୀ

# ନିର୍ବାଚନ ଖର୍ଚ୍ଚରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରଚାର ବ୍ୟୟ ସାମିଲ ହେଉ



**ଭୁବନେଶ୍ୱର,୧୬।୫(ସମିସ):** ବିଜେପି ତାରକା ପ୍ରଚାରକ ତାଲିକାରେ ନାଁ ନାହିଁ; କିନ୍ତୁ କେନ୍ଦ୍ର ସାମାଜିକ ନ୍ୟାୟ ମନ୍ତ୍ରୀ ତଥା ବିଜେପି ନେତ୍ରୀ ପ୍ରତିମା ଭୌମିକ ବେଶ୍ କିଛି ଦିନ ହେଲା ସତ୍ୟବାଦୀ ବିଜେପି ବିଧାୟକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଚଳାଇଛନ୍ତି। ତେଣୁ ତାଙ୍କର ନିର୍ବାଚନ ପ୍ରଚାର ବ୍ୟୟକୁ ସମ୍ପୃକ୍ତ ବିଧାୟକ ପ୍ରାର୍ଥୀଙ୍କ ଖର୍ଚ୍ଚ ତାଲିକାରେ ସାମିଲ କରାଯାଉ ବୋଲି ବିଜେଡି ଦାବି କରିଛି। ଏ ନେଇ ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛି।

ବିଜେଡି ଅଭିଯୋଗ ଅନୁସାରେ କେନ୍ଦ୍ରମନ୍ତ୍ରୀ ପ୍ରତିମା ଭୌମିକ ଗତ କିଛି ଦିନ ହେଲା ସତ୍ୟବାଦୀ ବିଜେପି ବିଧାୟକ ପ୍ରାର୍ଥୀ ଓମ୍ ପ୍ରକାଶଙ୍କ ପାଇଁ କଣାସ ବ୍ଲକରେ ପ୍ରଚାର ଚଳାଇଛନ୍ତି। ସେ ବିଜେପିର ତାରକା ପ୍ରଚାରକ ନୁହଁନ୍ତି। ଏପରିସ୍ଥଳେ ତାଙ୍କର ନିର୍ବାଚନ ପ୍ରଚାର ଖର୍ଚ୍ଚ ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ତାଲିକାରେ ସାମିଲ କରାଯିବା ଉଚିତ, ଯାହା ଏପର୍ଯ୍ୟନ୍ତ କରାଯାଇ ନାହିଁ। ଏପରି ନ ହେଲେ ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ବାଚନ ଖର୍ଚ୍ଚ ନିୟମର ଉଲ୍ଲଙ୍ଘନ ହେବ। ତେଣୁ ଏ ଦିଗରେ ତୁରନ୍ତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବିଜେଡି ଦାବି କରିଛି। ବିଜେଡିର ଏହି ପ୍ରତିନିଧି ଦଳରେ ସାଂସଦ ସୁଲତା ଦେଓ, ତୁମ୍ବନାଥ ପଣ୍ଡା, ଡ଼ ପ୍ରିୟବ୍ରତ ମାଝୀ, ମିହିର ରାୟ, ଓମ୍ ପ୍ରକାଶ ସାହୁ, ଇପ୍ସିତା ସାହୁ, ସୋଫିଆ ଆଲାମ, ମଧୁସ୍ମିତା ନାୟକ, ମାହିକ୍ଷୀତା ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

## ଲୋକକଥା



'ଫୁଲ' ନାଡ଼ ଆହା ମୋଡ଼ି ହୋଇଲାଣି
'ଶଙ୍ଖ'ର କଟାକ୍ଷ ଶୁଣି,
ନବୀନ ଗ୍ୟାରେଣ୍ଟି ଦେଇ କହିଲେଣି
ମାଗଣା ବିଜୁଳି-ପାଣି !
'ଫୁଲ'ର ତୁଚ୍ଛା ଫୁଟାଣି,
ଭୋଟର ତ ଏବେ କହି ବୁଲିଲେଣି
ବିକାଶ ଆଣିବେ ଟାଣି !!

## ଖଲ୍ଲିକୋଟରେ ରାଜନୈତିକ ହିଂସା

# ପୋଷ୍ଟର୍‌ମରାରୁ ହଣାକଟା; ଜଣେ ମୃତ

**ଖଲ୍ଲିକୋଟ,୧୬।୫(ସମିସ):** ପୋଷ୍ଟର୍‌ମରାକୁ କେନ୍ଦ୍ର କରି ବୁଧବାର ରାତିରେ ଖଲ୍ଲିକୋଟରେ ରାଜନୈତିକ ହିଂସା ଦେଖାଦେଇଛି। ଦୁଇ ଦଳର କର୍ମୀ ପରସ୍ପରକୁ ଆକ୍ରମଣ କରିବାରୁ ଏଥିରେ ୫ଜଣ ଗୁରୁତର ଆହତ ହୋଇଥିବା ବେଳେ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବହୁ ସଂଖ୍ୟାରେ ବିଜେପି କର୍ମୀ ଗତ ରାତିରେ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟଙ୍କ ଗାଡ଼ି ଭଙ୍ଗାରୁଜା କରିବା ସହ ଆଜି ଥାନାରେ ତୁମୁଳକାଣ୍ଡ ଭିଆଇଛନ୍ତି। ବିଜେପି କର୍ମୀଙ୍କ ପଥର ମାଡ଼ରେ ୭ ଜଣ ପୁଲିସ କର୍ମଚାରୀଙ୍କ ମୁଣ୍ଡ ଫାଟିଛି। ସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ୍ ଲାଠିଚାର୍ଜ କରିବା ସହ ଲୁହାବୁହା ଗ୍ୟାସ୍ ପ୍ରୟୋଗ କରିଥିଲା। ଉତ୍ତେଜନା ଲାଗି ରହିଥିବାରୁ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାରେ ପୁଲିସ ପକ୍ଷରୁ ଥାନାଠାରୁ ୧୦୦ ମିଟର ପରିଧି ମଧ୍ୟରେ ୧୪୪ ଧାରା ଜାରି କରାଯାଇଛି। ଗଞ୍ଜାମ ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଏସ୍‌ପି, ଏସଡିପିଓ ଗୌରହରି ସାହୁ ଏବଂ ଅନ୍ୟ ପୁଲିସ ଅଧିକାରୀମାନେ ଖଲ୍ଲିକୋଟ ଥାନାରେ ପହଞ୍ଚି ସ୍ଥିତି ପରଖିଛନ୍ତି।

ସୂଚନାନୁଯାୟୀ, ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ବୁଧବାର ରାତିରେ ବିଜେପି କର୍ମୀମାନେ ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୋଷ୍ଟର୍ ଲଗାଉଥିଲେ। ଜଣେ ବ୍ୟକ୍ତିଙ୍କ ଘର ଆଗରେ ପୋଷ୍ଟର୍ ଲଗାଇବାରୁ ସେ ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ହୋଇଥିବା ଯୁକ୍ତିତର୍କ ପରେ ଉଗ୍ରରୂପ ଧାରଣ କରିଥିଲା। ଏହିଠାରୁ ବିବାଦର ସୂତ୍ରପାତ ହୋଇଥିଲା। ସ୍ଥିତି ଏଭଳି ହୋଇଥିଲା ଯେ ଦୁଇ ପକ୍ଷ ପରସ୍ପରକୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ରାମ ପାହାନଙ୍କ ଦୁଇ ପୁଅ ଦିଲ୍ଲୀପ ପାହାନ ଓ ଜିତେନ୍ଦ୍ର ପାହାନ, ଦିଲ୍ଲୀପଙ୍କ ଶଳା ବାପୁଜୀ ପାହାନ ଏବଂ ସମ୍ପର୍କୀୟ ଦାଦା ଅଭି ପାହାନ ଗୁରୁତର ଆହତ ହୋଇଥିଲେ। ସେହିପରି ଅନ୍ୟପକ୍ଷର ସୁଦର୍ଶନ ପାହାନ, କାର୍ତ୍ତିକ ପରିଡ଼ା ଗୁରୁତର ଆହତ ହୋଇଥିଲେ। ତେବେ ରାମ ପାହାନଙ୍କ ବଡ଼ ପୁଅ ଦିଲ୍ଲୀପ ପାହାନଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ରାତିରେ ଶହଶହ ବିଜେପି କର୍ମୀ ଖଲ୍ଲିକୋଟ ଥାନାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଆସିକା-ଭୁବନେଶ୍ୱର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଫଳରେ ସେହି ରାସ୍ତା ଦେଇ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଏହାସହ ରାତିରେ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟଙ୍କ ବାସଭବନ ସମ୍ମୁଖରେ ରଖାଯାଇଥିବା ତାଙ୍କ ବଲେରୋ, ପ୍ରଚାରରେ ବ୍ୟବହୃତ ଏକ କାର୍ ସହ ଆଉ ଗୋଟିଏ କାର ଏବଂ ୪ଟି ବାଇକ୍‌କୁ ବିଜେପି କର୍ମୀ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲେ। କଥା ସେତିକିରେ ଅଟକି ନଥିଲା; ଗୁରୁବାର ସକାଳୁ ବହୁ ସଂଖ୍ୟାରେ ବିଜେପି କର୍ମୀ ଥାନାରେ ପହଞ୍ଚି ଗଣ୍ଡଗୋଳ କରିଥିଲେ। ଖଲ୍ଲିକୋଟ ବିଜେପି ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଆସିକା ସାଂସଦ ପ୍ରାର୍ଥୀ ଅନିତା ଶୁଭଦର୍ଶୀ, ବିଜେପି ନେତା ମହେଶ ମହାନ୍ତି ମଧ୍ୟ ଥାନାକୁ ଆସି ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ। ଥାନାକୁ ସୁରକ୍ଷା ଦେବା ପାଇଁ କେନ୍ଦ୍ରୀୟ ପୁଲିସ ଫୋର୍ସ ମୁତୟନ ହୋଇଥିଲେ।

- ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟଙ୍କ ଗାଡ଼ି ଭାଙ୍ଗିଲେ ବିଜେପି କର୍ମୀ
- ଥାନା ସମ୍ମୁଖରେ ହଜାର ହଜାର ବିଜେପି କର୍ମୀଙ୍କ ବିକ୍ଷୋଭ
- ପଥର ମାଡ଼ରେ ୭ ପୁଲିସ କର୍ମଚାରୀଙ୍କ ମୁଣ୍ଡ ଫାଟିଲା
- ଥାନାଠାରୁ ଶହେ ମିଟର ଦୂରତା ମଧ୍ୟରେ ୧୪୪ ଧାରା ଜାରି

ଅପରପକ୍ଷେ, ଗତରାତିର ଆକ୍ରମଣ ଘଟଣାରେ ପୁଲିସ ବାନାମ୍ବର ପ୍ରଧାନ ଓରଫ ବାନା, କୁମାର ତରେଇ, ସମୀର ସାହୁ, ଶ୍ରୀକାନ୍ତ ପ୍ରଧାନ, ମନୁଆ ତରେଇ, କନ୍ଧ ତରେଇ, ମନୋଜ କୁମାର ପ୍ରଧାନ, ଦୀପକ ନାହାକଆଦି ୮ ଜଣଙ୍କୁ ଗିରଫ କରିଥିଲା। ମଧ୍ୟାହ୍ନରେ ସେମାନଙ୍କୁ କୋର୍ଟଚାଲାଣ କରିବା ପାଇଁ ପୁଲିସ ବାହାରକୁ ଆଣୁଥିବା ବେଳେ ଉତ୍ୟକ୍ତ ବିଜେପି କର୍ମୀ ପଥର ମାଡ଼ କରିଥିଲେ। ସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ଫୋର୍ସ ଲାଠିଚାର୍ଜ କରିବା ସହ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲେ। ପୁଲିସ ଉପରକୁ ପଥର ମାଡ଼ ଘଟଣାରେ ୫ଜଣ ବିଜେପି ନେତାଙ୍କୁ ଥାନାରେ ଅଟକ ରଖାଯାଇଛି ବୋଲି ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁ କହିଛନ୍ତି।

# ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୬।୫(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାକୁ ନିନ୍ଦା କରିବା ସହ ଦୁଃଖ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ ଉଲ୍ଲେଖ କରିଛନ୍ତି ଯେ ଗଣତନ୍ତ୍ର ଓ ଆମ ସଭ୍ୟ ସମାଜରେ ଏଭଳି ହିଂସାକାଣ୍ଡର କୌଣସି ସ୍ଥାନ ନାହିଁ। ଖଲ୍ଲିକୋଟ ଅଞ୍ଚଳରେ ଘଟିଥିବା ଏହି ଘଟଣାକୁ ମୁଁ ଦୃଢ଼ ନିନ୍ଦା କରୁଛି। ଏହି ଅଘଟଣରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରବର୍ଗ ଓ ସଂପର୍କୀୟଙ୍କୁ ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛି। ଏହାସହ ଏହି ଅମାନବୀୟ ଘଟଣାରେ ପୁଲିସ ଅଭିଯୁକ୍ତମାନଙ୍କ ବିରୋଧରେ ଉପଯୁକ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ ବୋଲି ସେ ନିଶ୍ଚିତ ବୋଲି ଉଲ୍ଲେଖ କରିଛନ୍ତି। ସେହିପରି ଏହି ଘଟଣାରେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟରେ କୌଣସି ପ୍ରକାର ହିଂସାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। କୌଣସି ପ୍ରକାର ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଭାରତ ନିର୍ବାଚନ ଆୟୋଗ ଓ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଶୂନ୍ୟ ସହନଶୀଳତା ନୀତି ଅତ୍ୟନ୍ତ ସ୍ପଷ୍ଟ ବୋଲି ସେ କହିଛନ୍ତି। ଗଞ୍ଜାମ ଜିଲ୍ଲାରେ ପ୍ରାକ୍ ନିର୍ବାଚନୀ ହିଂସାକୁ ଆୟତ୍ତ କରିବା ପାଇଁ ତୁରନ୍ତ ବିଧିସମ୍ମତ ପଦକ୍ଷେପ ଗ୍ରହଣ କରି ସେଠାରେ ଶାନ୍ତି ପ୍ରତିଷ୍ଠା ପାଇଁ ଗଞ୍ଜାମ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଆରକ୍ଷୀ ଅଧିକାରୀଙ୍କୁ ଶ୍ରୀ ଧଳ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

ତୁମର ମତାମତ ଦ୍ୱାରା ନୁହେଁ; ତୁମେ ସୃଷ୍ଟି କରିଥିବା ଉଦାହରଣ ଦ୍ୱାରା ହିଁ ପୃଥିବୀରେ ପରିବର୍ତ୍ତନ ସମ୍ଭବ ହୋଇଥାଏ।
-ପଉଲୋ କୋଏଲ୍ହୋ



ସକାଳ THE SAKALA

## ନିର୍ବାଚନ କମିଶନଙ୍କ ଦ୍ୱାରା ମତଦାନ ପରିସଂଖ୍ୟାନ ପ୍ରକାଶିତ

# ପ୍ରଥମ ଚାରିପର୍ଯ୍ୟାୟରେ ୬୭% ଭୋଟଦାନ ଉତ୍ସାହଜନକ

ଦେଶରେ ଏ ଯାଏଁ ହୋଇଯାଇଥିବା ଚାରିଟି ପର୍ଯ୍ୟାୟ ସାଧାରଣ ନିର୍ବାଚନରେ ୬୬.୯୫ ଶତାଂଶ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିଥିବା ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଚୂଡ଼ାନ୍ତ ତଥ୍ୟ ପ୍ରକାଶ କରାଯାଇଛି। ଦେଶର ମୋଟ ଭୋଟରଙ୍କ ମଧ୍ୟରୁ ଏଯାଏଁ ୪୫୧ ନିୟୁତ ନିଜର ମତାଧିକାର ସାବ୍ୟସ୍ତ କରିସାରିଛନ୍ତି। ପ୍ରଥମ ଦୁଇ ପର୍ଯ୍ୟାୟରେ ଭୋଟଦାନ ହାର କମ୍ ଥିଲା। ତାମିଲନାଡୁ ଭଳି ଜନବହୁଳ ରାଜ୍ୟରେ ବିଗତ ୪୦ ବର୍ଷ ମଧ୍ୟରେ ସବୁଠୁ କମ୍ ମତଦାନ ହେବା ଯୋଗୁଁ ସାମଗ୍ରିକ ଭୋଟଦାନ ହାର କମ୍ ରହିବା ସ୍ୱାଭାବିକ। ଦକ୍ଷିଣ ଭାରତରେ ଏଥରର ଅସ୍ୱାଭାବିକତା ହେଉଛି ମତଦାନ ହାରରେ ଯଥେଷ୍ଟ ବୃଦ୍ଧି ନ ଘଟିବା। ହୁଏତ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ଭୋଟ୍‌ଦାନ ହାର ପ୍ରଭାବିତ ହୋଇଥାଇପାରେ। ତେବେ ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ଅପେକ୍ଷାକୃତ ଅଧିକ ଭୋଟର ଭୋଟ ଦେବା ନିଶ୍ଚୟ ଉତ୍ସାହଜନକ। କାଶ୍ମୀର ଭଳି ଅଞ୍ଚଳରେ ମତଦାନ ଅଧିକ ହେବା ନିଶ୍ଚୟ ଏକ ଭଲ ସମ୍ବାଦ। ଏବେ ଦେଶର ଜନବହୁଳ ଉତ୍ତର, ପୂର୍ବ ଓ ପଶ୍ଚିମାଞ୍ଚଳରେ ଅବଶିଷ୍ଟ ତିନିପର୍ଯ୍ୟାୟ ଭୋଟ୍ ବାକି ଅଛି। ପାଣିପାଗରେ କିଛିଟା ଉନ୍ନତି ଘଟିଛି। ତେଣୁ ଆସନ୍ତା ତିନି ପର୍ଯ୍ୟାୟରେ ମତଦାନ ହାର ଯଥେଷ୍ଟ ଅଧିକ ହେବା ଘେନି ନିର୍ବାଚନ ଆୟୋଗ ଆଶାବାଦୀ ଅଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ୮୯ କୋଟି ୬୦ ଲକ୍ଷ ଯୋଗ୍ୟ ଭୋଟରଙ୍କ ମଧ୍ୟରୁ ୬୭ ଶତାଂଶ ଭୋଟ ଦେଇଥିଲେ, ଯାହା ଥିଲା ଏକ ରେକର୍ଡ। ସେଥର ମଧ୍ୟ ଏପ୍ରିଲ ୧୧ରୁ ମଇ ୧୯ ମଧ୍ୟରେ ସାତ ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ଭାରତରେ ହୋଇଥିଲା। ଏଥର ଭାରତରେ ଭୋଟରଙ୍କ ସଂଖ୍ୟା ରହିଛି ୯୬.୮୮ କୋଟି। ସେଥିମଧ୍ୟରୁ ୧୮ ରୁ ୧୯ ବର୍ଷ ମଧ୍ୟରେ ୧ କୋଟି ୮୪ ଲକ୍ଷ ଭୋଟର ଅଛନ୍ତି।୨୦୧୯ ନିର୍ବାଚନ ତୁଳନାରେ ଚଳିତ ଥର ଏହି ବର୍ଗର ଭୋଟରଙ୍କ ସଂଖ୍ୟା ୩୪ ଲକ୍ଷ ବୃଦ୍ଧି ପାଇଛି। ତେଣୁ ପରବର୍ତ୍ତୀ ତିନି ପର୍ଯ୍ୟାୟରେ ଯେ ଭୋଟ ହାର ଯଥେଷ୍ଟ ବଢ଼ିବ ଏବଂ ଗତଥରର ରେକର୍ଡ ଭାଙ୍ଗିବ ତାହା ଆଶା କରିବା ଭୁଲ୍ ହୋଇ ନ ପାରେ।

ଭାରତର ଗଣତନ୍ତ୍ର ବିଶ୍ୱର ସର୍ବବୃହତ୍। ଏଥିରେ କେଉଁ ଦଳ ଜିତିଲା ବା ହାରିଲା, ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଲା ଗଣତନ୍ତ୍ରର ଏହି ମହାପର୍ବ ମତଦାନରେ କେତେ ଭୋଟର ଅଂଶଗ୍ରହଣ କରୁଛନ୍ତି। କମ୍ ମତଦାନ ହାର ବିଶ୍ୱକୁ ଏକ ନକାରାତ୍ମକ ସମ୍ବାଦ ଦେବ। ମତଦାନ ହାର ଯେତେ ବଢ଼ିବ ତାହା ଆମ ଗଣତନ୍ତ୍ରର ଗରିମା ଏବଂ ଏଥିରେ ଲୋକଙ୍କ ଅଂଶଗ୍ରହଣକୁ ବିଶ୍ୱବ୍ୟାପୀ ବିଦିତ କରାଇବ। ନିର୍ବାଚନ ଆୟୋଗ ବିଭିନ୍ନ ପ୍ରକାର ଅଭିଯାନ ମାଧ୍ୟମରେ ଭୋଟର ସଚେତନତା ବୃଦ୍ଧି ପାଇଁ ଉଦ୍ୟମ କରୁଛନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଭୋଟ୍ ହାର ବଢ଼ାଇବା ଏବଂ ସରକାର ଗଠନ ପ୍ରକ୍ରିୟାରେ ସହାୟକ ହେବାକୁ ଉପଯୁକ୍ତ ଲୋକ ପ୍ରତିନିଧି ବାଛିବା। ଏଥିପାଇଁ ସେଲିବ୍ରିଟି, ବିଶିଷ୍ଟ ବ୍ୟକ୍ତିବିଶେଷ ଓ ସମାଜର ମୁରବି ଶ୍ରେଣୀର ଲୋକଙ୍କୁ ସଚେତନତା ଅଭିଯାନରେ ସାମିଲ କରାଯାଉଛି। ସବୁ ସମ୍ଭାବ୍ୟ ମାଧ୍ୟମକୁ ଭୋଟର ସଚେତନତା ସୃଷ୍ଟି ପାଇଁ ବ୍ୟବହାର କରାଯାଇ ଅଧିକ ସଂଖ୍ୟାରେ ଭୋଟ ଦେବାକୁ ନିବେଦନ କରାଯାଉଛି। ନିର୍ବାଚନ କମିଶନ୍ ଦ୍ୱାରା '୧୮ ବର୍ଷପୂରିଲା'(ଟର୍ଣ୍ଣିଂ ୧୮) ଭଳି ଏକ ଅଭିନବ ଅଭିଯାନ ଯୁବଭୋଟରଙ୍କୁ ଆକର୍ଷଣ କରିବା ପାଇଁ ସାରା ଦେଶରେ ପ୍ରଚଳନ କରାଯାଇଛି। ଯୁବଗୋଷ୍ଠୀଙ୍କୁ ଆକର୍ଷିତ କଲା ଭଳି ବିଭିନ୍ନ ପ୍ରକାର ବିଷୟକ ପ୍ରତିଯୋଗିତା ତଥା ମେଧା ଚିହ୍ନଟ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ କରାଯାଉଛି। ନିର୍ବାଚନ ପ୍ରକ୍ରିୟାରେ ଅଂଶୀଦାର ଥିବା ବିଭିନ୍ନ ବର୍ଗର ବ୍ୟକ୍ତି ଓ ଅନୁଷ୍ଠାନଙ୍କୁ ଏଥିରେ ସାମିଲ୍ କରାଯାଇ ଯୁବଗୋଷ୍ଠୀଙ୍କ ସହ ମିଳାମିଶା, ଭାବ ବିନିମୟ ଓ ବିଶେଷ କାର୍ଯ୍ୟକ୍ରମ ସଂଯୋଜନ କରାଯାଉଛି। ସେହିଭଳି '୧୮ ପୂରିଲା ଅଭିଯାନ'ର ଆଉ ଏକ ସ୍ତରକୁ ଯାଇ ଏକ ବିଶେଷ କାର୍ଯ୍ୟକ୍ରମ 'ୟୁ ଆର ଦି ୱାନ'(ତୁମେ ହିଁ ଗୁରୁତ୍ୱପୂର୍ଣ୍ଣ) ହାତକୁ ନିଆଯାଇଛି। ଏହା ମାଧ୍ୟମରେ ବ୍ୟକ୍ତିଗତ ସ୍ତରରେ ଯୁବଗୋଷ୍ଠୀ ସମେତ ନିର୍ବାଚନ ପ୍ରକ୍ରିୟାର ସମସ୍ତ ଅଂଶୀଦାରମାନଙ୍କର ବ୍ୟକ୍ତିଗତ ସଫଳ କାହାଣୀର ପ୍ରଚାର ପ୍ରସାର କରି ନିର୍ବାଚନରେ ଅଧିକରୁ ଅଧିକ ଯୁବଭୋଟରଙ୍କୁ ସାମିଲ୍ କରିବା ଏହାର ଉଦ୍ଦେଶ୍ୟ।

ଆମ ଗଣତନ୍ତ୍ରର ଏକ ଦୁର୍ବଳତା ହେଲା ସହରାଞ୍ଚଳ, ଯେଉଁଠି ଅଳ୍ପ ସ୍ଥାନରେ ବହୁ ଅଧିକ ଲୋକ ରହନ୍ତି, ସେଠାରେ ଗ୍ରାମାଞ୍ଚଳ ତୁଳନାରେ କମ୍ ଭୋଟ ପଡ଼େ। ତେବେ ଚମତ୍କାରିତା ହେଉଛି ଗ୍ରାମାଞ୍ଚଳରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନାରେ ବହୁ ସଂଖ୍ୟାରେ ଭୋଟର ଭୋଟ ଦେଇଥା'ନ୍ତି। ସଘନ ପ୍ରଚାର, ଭୋଟର ସଚେତନତା ବୃଦ୍ଧି ଏବଂ ଅନ୍ୟାନ୍ୟ ପଦକ୍ଷେପ ଯୋଗୁଁ ଏବେ ସହରାଞ୍ଚଳରେ ପୂର୍ବାପେକ୍ଷା ଅଧିକ ଲୋକ ଭୋଟ ଦେଉଛନ୍ତି। ଏହାସତ୍ତ୍ୱେ ସହର ସମ୍ଭ୍ରାନ୍ତ ବର୍ଗ, ମଧ୍ୟବିତ୍ତ ଓ ଉଚ୍ଚ ମଧ୍ୟବିତ୍ତ ଲୋକେ ଅଧିକ ସଂଖ୍ୟାରେ ଭୋଟ ଦେବାକୁ ଯାଆନ୍ତି ନାହିଁ। ସୁଖର କଥା ଏବେ ସ୍ୱଳ୍ପ ବ୍ୟବଧାନରେ ଭୋଟଗ୍ରହଣ କେନ୍ଦ୍ରମାନ ସ୍ଥାପନ ହେଉଥିବାରୁ ଓ ସେଠାରେ ବିଭିନ୍ନ ମୌଳିକ ସୁବିଧା ଉପଲବ୍ଧ ହେଉଥିବାରୁ ମହିଳା ଏବଂ ବୟସ୍କ ଭୋଟର ପୂର୍ବାପେକ୍ଷା ଅଧିକ ସଂଖ୍ୟାରେ ଭୋଟ ଦେବାକୁ ଯାଉଛନ୍ତି। ତେଣୁ ଅବଶିଷ୍ଟ ତିନି ପର୍ଯ୍ୟାୟରେ ସେହି ଧାରା ଅବ୍ୟାହତ ରହିବ ବୋଲି ଆଶା କରିବା ସ୍ୱାଭାବିକ।

ଆମ ଓଡ଼ିଶାରେ ଆଉ ତିନି ପର୍ଯ୍ୟାୟ ଭୋଟ୍ ଅଛି। ଆସନ୍ତୁ ସହର ମଫସଲ ନାରୀ ପୁରୁଷ, ଯୁବ ପ୍ରୌଢ଼ ନିର୍ବିଶେଷରେ ଅଧିକ ସଂଖ୍ୟାରେ ନିଜର ମତାଧିକାର ସାବ୍ୟସ୍ତ କରି ଆମ ଗଣତାନ୍ତ୍ରିକ ଚେତନାର ପରିଚୟ ଦେବା। ନିଜେ ଭୋଟ ଦେବାକୁ ଯିବା ସହିତ ଅନ୍ୟମାନଙ୍କୁ ଏଥିପାଇଁ ପ୍ରରୋଚିତ କରିବା। ଆମର ଆଶା ଏଥର ନିର୍ବାଚନ ମତଦାନ ହାରରେ ଆଉ ଏକ ଇତିହାସ ସୃଷ୍ଟି କରିବ।

# ବିବାଦ ଘେରରେ ଶିଶୁଖାଦ୍ୟ ବଜାର



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା
ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଶିଶୁଖାଦ୍ୟ ପ୍ୟାକେଟ୍ ପ୍ରସ୍ତୁତକାରୀ ଏକ ଅଗ୍ରଣୀ କମ୍ପାନୀ ଏହାର ସ୍ୱାସ୍ଥ୍ୟକାରୀ ଉତ୍ପାଦ ରୂପେ ବହୁଳ ଭାବେ ପ୍ରଚାରିତ ଓ ପ୍ରସାରିତ ନାମକରା ଉତ୍ପାଦ୍‌କୁ ନେଇ ଏବେ ବିବାଦର ଘେରରେ। ସମ୍ପୃକ୍ତ କମ୍ପାନୀ ଉକ୍ତ ଉତ୍ପାଦ ବିଭିନ୍ନ ଦେଶ ପାଇଁ ପ୍ରସ୍ତୁତ କରୁଛି ଭିନ୍ନ ଭିନ୍ନ ଉପାଦନ ସହିତ। ଏଣୁ ଭାରତ ସମେତ ଦକ୍ଷିଣ ଏସିଆ, ଆଫ୍ରିକା ଏବଂ ଲାଟିନ୍ ଆମେରିକା ଆଦି ବିକାଶଶୀଳ ଦେଶମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ଶିଶୁଖାଦ୍ୟରେ ଅଧିକ ପରିମାଣ ଚିନି (ଶର୍କରା) ମିଶା ଯାଉଥିଲା ବେଳେ ଇଂଲଣ୍ଡ, ଜର୍ମାନୀ ଆଦି ଦେଶରେ ବିକ୍ରୟ ହେଉଥିବା ନମୁନାରେ ଏହା ଚିନିର ଉପସ୍ଥିତି ନଥିବାର ଜଣାପଡ଼ିଛି। ସୁଇଜରଲ୍ୟାଣ୍ଡର ସ୍ୱେଚ୍ଛାସେବୀ ସଂଗଠନ 'ପବ୍ଲିକ୍ ଆଇ ଏଣ୍ଡ ଇଣ୍ଟରନ୍ୟାସନାଲ୍ ବେବିଫୁଡ୍ ଆକ୍ସନ ନେଟ୍‌ୱାର୍କ' ବା ସଂକ୍ଷେପରେ 'ଆଇବିଏଫ୍‌ଏଏନ୍'ର ଅପ୍ରେଲ୍ ୨୦୨୪ ରିପୋର୍ଟରୁ। ଏହି ରିପୋର୍ଟ ଅନୁଯାୟୀ ଫିଲିପାଇନ୍‌ସରେ ବିକ୍ରୟ ହେଉଥିବା ସମ୍ପୃକ୍ତ କମ୍ପାନୀର ଉକ୍ତ ଶିଶୁଖାଦ୍ୟ ଉତ୍ପାଦକୁ ଶିଶୁମାନେ ଥରକେ ଖାଉଥିବା ପରିମାଣରେ ଚିନି ଉପାଦାନ ପ୍ରାୟ ୭.୩ ଗ୍ରାମ, ଥାଇଲ୍ୟାଣ୍ଡରେ ୬ ଗ୍ରାମ, ଇଥୋପିଆରେ ୫.୨ ଗ୍ରାମ, ଦକ୍ଷିଣ ଆଫ୍ରିକାରେ ୪ ଗ୍ରାମ, ପାକିସ୍ତାନ ଓ ଭାରତରେ ୨.୭ ଗ୍ରାମ, ବାଂଲାଦେଶରେ ୧.୬ ଗ୍ରାମ ହେଲାବେଳେ ଇଂଲଣ୍ଡ ଓ ଜର୍ମାନୀରେ ଆଦୌ ନାହିଁ। ଏହି କମ୍ପାନୀର ୧୫୦ଟି ଶିଶୁ ଖାଦ୍ୟ ଉତ୍ପାଦ ଏବଂ ଅନ୍ୟାନ୍ୟ ଶିଶୁଖାଦ୍ୟ ନମୁନାରେ ଏହାର ପରିମାଣ ହାରାହାରି ୨.୭ ଗ୍ରାମ ବୋଲି ଜଣାପଡ଼ିଛି ବେଲଜିୟମର ବିଜ୍ଞାନଗାରରେ ହୋଇଥିବା ଏକ ବିଶ୍ଳେଷଣରୁ। ଆନ୍ତର୍ଜାତିକ ଖାଦ୍ୟ ନିରାପତ୍ତା ମାନଠାରୁ ଏହା ଅଧିକ। ଏହା ଜାଣିଲାପରେ 'ଫୁଡ୍ ସେଫ୍‌ଟି ଆଣ୍ଡ ଷ୍ଟାଣ୍ଡାର୍ଡସ୍ ଅଥରିଟି ଅଫ୍ ଇଣ୍ଡିଆ' (ଏଫ୍‌ଏସ୍‌ଏସ୍‌ଏଆଇ) ଏହା ଉପରେ ଅନୁଧ୍ୟାନ ଆରମ୍ଭ କରିଛି। ଅନ୍ୟପକ୍ଷରେ ଉକ୍ତ କମ୍ପାନୀ ଭାରତ ଶାଖା ଇତିମଧ୍ୟରେ ଏଗୁଡ଼ିକରେ ଚିନି ମିଶାଇବା ୩୦ ଶତାଂଶ କମ୍ କରିଦେଇଥିବାର ଦାବି କରିଛି।

'ଆଇବିଏଫ୍‌ଏଏନ୍'ର ସୂଚନା ଅନୁସାରେ ୨୦୨୨ ମସିହାରେ ଆମ ଦେଶରେ ଉକ୍ତ ଉତ୍ପାଦର କାରବାର ପହଞ୍ଚିଥିଲା ୨୫୦ ନିୟୁତ ଡଲାରରେ। ଏହାର ପ୍ୟାକେଟ୍ ଉପରେ ଭିଟାମିନ୍, ଧାତବଲବଣ ତଥା ଅନ୍ୟାନ୍ୟ ପୌଷ୍ଟିକ୍ ଉପାଦାନ କଥା ସୁଦୃଶ୍ୟ ଭାବେ ଦିଆଗଲା ବେଳେ ଏଥିରେ ମିଶାଯାଉଥିବା ଚିନି ସମ୍ପର୍କରେ ସୂଚନା ଥିଲା ଅସ୍ପଷ୍ଟ। ବଜାରରେ ମିଳୁଥିବା ଅନ୍ୟାନ୍ୟ ବହୁ ଶିଶୁଖାଦ୍ୟ ଏବଂ ତଥାକଥିତ ସ୍ୱାସ୍ଥ୍ୟକର ଖାଦ୍ୟର କମ୍ପାନୀମାନେ ମଧ୍ୟ ଏପରି କରିଥା'ନ୍ତି। ସେମାନେ ତାଙ୍କ ଉତ୍ପାଦଗୁଡ଼ିକରେ ଥିବା ଉତ୍ତମ ଉପାଦାନଗୁଡ଼ିକର ପୌଷ୍ଟିକ୍‌ତତ୍ତ୍ୱ ସମ୍ପର୍କରେ ସ୍ପଷ୍ଟ ସୂଚନା ପ୍ୟାକେଟ୍ ଉପରେ ଲିପିବଦ୍ଧ କଲାବେଳେ ଅପକାରୀ ଉପାଦାନଗୁଡ଼ିକୁ ଅସ୍ପଷ୍ଟ କିମ୍ବା ଅବୋଧ ରୂପେ ସୂଚୀତ କରୁଛନ୍ତି।

'ବ୍ରେଷ୍ଟ ଫିଡିଂ ପ୍ରମୋସନ୍ ନେଟ୍‌ୱାର୍କ ଅଫ୍ ଇଣ୍ଡିଆ' (ବିପିଏନ୍‌ଆଇ) ତଥା 'ନିଉଟ୍ରିସନ ଆଡଭୋକାସି ଫର ପବ୍ଲିକ୍ ଇଣ୍ଟେରେଷ୍ଟ'ର ଆବାହକ ଡ. ତରୁଣ ଗୁପ୍ତାଙ୍କ ମତରେ ଉକ୍ତ ଉତ୍ପାଦରେ ଅଧିକ ଚିନି ମିଶାଇବାର ସମ୍ଭାବ୍ୟ କାରଣ ହେଲା ଏହାର ସ୍ୱାଦ ବୃଦ୍ଧି କରିବା। ଫଳରେ ଶିଶୁମାନେ ତାହା ଅଧିକ ଖାଇବାକୁ ଆଗ୍ରହୀ ହେବେ ଏବଂ ତଦନୁଯାୟୀ ବିକ୍ରି ଅଧିକ ହେବ।

ଖାଦ୍ୟରେ ଏପରି ଚିନି ମିଶାଇବାକୁ ବିରୋଧକରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା, ବିଶେଷକରି, ୨ ବର୍ଷରୁ କମ୍ ଶିଶୁମାନଙ୍କ ପାଇଁ। କାରଣ ଏହା ଯେକୌଣସି ନିଶାକାରୀ ଦ୍ରବ୍ୟ ଭଳି ଅଭ୍ୟାସ ସୃଷ୍ଟିକାରୀ। ଏଣୁ ବୟସ ବଢ଼ିବା ସଂଗେ ସଂଗେ ସେମାନେ ଏହା ଅଧିକରୁ ଅଧିକ ଖାଇବାକୁ ଚାହାନ୍ତି ଏବଂ ପରବର୍ତ୍ତୀ ଜୀବନ କାଳରେ ପୃଥୁଳତା, ଟାଇପ୍-୨ ମଧୁମେହ, ହୃଦ୍‌ରୋଗ ଏବଂ କେତେକ ପ୍ରକାର କର୍କଟରୋଗର ଆଶଙ୍କା ବଢ଼େ। ଡକ୍ଟର ଗୁପ୍ତାଙ୍କ ମତରେ ଆମ ଦେଶରେ ଏସବୁ ଜୀବନଶୈଳୀ ଜନିତ ରୋଗଗୁଡ଼ିକର ପ୍ରାଦୁର୍ଭାବ ବଢ଼ିବାର ଏହା ଅନ୍ୟତମ କାରଣ। ଏଥିଯୋଗୁଁ ଏହାର ୫ରୁ ୧୯ ବର୍ଷ ବୟସ୍କ ପିଲାଙ୍କ ମଧ୍ୟରୁ ଅର୍ଦ୍ଧେକ ଚୟାପଚୟ(ମେଟାବୋଲିଜିମ୍) ଜନିତ ତ୍ରୁଟି ପ୍ରଦର୍ଶନ କରନ୍ତି। କାରଣ ଏହା ଆମ ମସ୍ତିଷ୍କର 'ପୁରସ୍କାର ଓ ଆନନ୍ଦ' ଅନୁଭବ ନିୟନ୍ତ୍ରିତକାରୀ କେନ୍ଦ୍ରଗୁଡ଼ିକୁ ପ୍ରଭାବିତ କରୁଥିବା ସ୍ନାୟୁ ସଞ୍ଚରକ 'ଡୋପାମିନ୍'ର କ୍ଷରଣ ବୃଦ୍ଧିକରେ। ଫଳରେ ସୁମିଷ୍ଟ ଖାଦ୍ୟ ପ୍ରତି ଆସକ୍ତି ବଢ଼େ, ଯେପରି ଘଟେ କୋକେନ୍ ବା ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନ କଲେ। ଏଣୁ ଆମେ ଏହା ଯେତେ ଅଧିକ ଖାଉ ତାହା ଆହୁରି ସେତେ ଅଧିକ ଖାଇବା ପାଇଁ ମନ ବଳେ।

ମନେକରାଯାଏ ଯେ ସମ୍ଭବତଃ ୬ଷ୍ଠ ଶତାବ୍ଦୀ ବେଳୁ ଆମ ଦେଶରେ ଦାନାଦାର ଚିନିର ପ୍ରଚଳନ ଆରମ୍ଭ ହୋଇଥିଲା। ବିଶେଷକରି ପର୍ବପର୍ବାଣୀ ଉପଲକ୍ଷେ ଖାଦ୍ୟକୁ ସୁସ୍ୱାଦୁ କରିବା ପାଇଁ ତାହା ଉପଯୋଗ କରାଯାଉଥିଲା ଏବଂ ସମାଜର ଉଚ୍ଚବର୍ଗର ଲୋକେ ଥିଲେ ତାହାର ସର୍ବାଧିକ ଉପଭୋକ୍ତା। ଏଣୁ ଚିନି ସହିତ ଆମର ପାରମ୍ପରିକ ସମ୍ପର୍କ ଅତି ପୁରାତନ। ସେହିକାଳରୁ ଆର୍ଥିକ ସ୍ୱଚ୍ଛଳତା ଅର୍ଥ ଅଧିକ ମଧୁର ଖାଦ୍ୟ ପାଇଁ ସାମର୍ଥ୍ୟ ଏବଂ କାହାରିକୁ ଏହା ଖାଇବାକୁ ଦେବା ଅର୍ଥ ଭଲ ପାଇବା ରୂପେ ପରିଗଣିତ ହୋଇଆସୁଛି। ଏପରିକି ଦେବାଦେବୀଙ୍କୁ ପ୍ରସାଦ ରୂପେ ମୁଖ୍ୟତଃ ଏହା ଅର୍ପଣ କରାଯାଉଛି। କିନ୍ତୁ ମଣିଷର ଶରୀର ଅତି ସାମାନ୍ୟ ପରିମାଣରେ ଚିନି ବା ଶର୍କରା ଆବଶ୍ୟକ କରେ। ଅନ୍ୟପକ୍ଷରେ ସୁମିଷ୍ଟ ଖାଦ୍ୟ ପ୍ରତି ଆସକ୍ତ ଲୋକେ ବର୍ଷକୁ ଏଥିରୁ ୨୫ / ୩୦ କିଲୋଗ୍ରାମ ବା ଅଧିକ ଖାଇବାର ଦୃଷ୍ଟାନ୍ତମାନ ରହିଛି। ଏବେ ବିଶ୍ୱରେ ମଧୁମେହ ରୋଗର ରାଜଧାନୀ ବୋଲାଉଥିବା ଆମ ଦେଶରେ ମୁଣ୍ଡପିଛା ଏହାର ବ୍ୟବହାର ସର୍ବାଧିକ। ବିଗତ ଶତାବ୍ଦୀରେ ଆମେରିକା ଓ ପଶ୍ଚିମ ୟୁରୋପରେ ଏହା ଥିଲା ୪୦ ରୁ ୫୦ କିଲୋଗ୍ରାମ। ତେବେ ଏହାର ସ୍ୱାସ୍ଥ୍ୟପ୍ରତି ବିପତ୍ତି କଥା ଜଣାପଡ଼ିଲା ପରେ ସେ ସବୁ ସ୍ଥାନରେ ଏହା ନିରାପଦ ମାତ୍ରାକୁ ହ୍ରାସ କରାଗଲାଣି।

ଅନେକ ଦେଶ ପୃଥୁଳତା ଓ ମଧୁମେହ ରୋଗରେ ସୁମିଷ୍ଟ ଖାଦ୍ୟର ଭୂମିକା ବିଚାରକୁ ନେଇ ଏହା ଉତ୍ପାଦନ କରୁଥିବା ବଡ଼ ବଡ଼ କମ୍ପାନୀମାନଙ୍କ ଉପରେ ଅଧିକ କର ଧାର୍ଯ୍ୟ କରିବା ସହିତ ଅନ୍ୟାନ୍ୟ କଟକଣା ଲାଗୁ କଲେଣି। ଉଦାହରଣ ସ୍ୱରୂପ, ଚିଲି ସମସ୍ତ ଅଧିକ ଚିନି ବା ଶର୍କରା ଯୁକ୍ତ ଅପପୁଷ୍ଟିକର ଖାଦ୍ୟ (ଜଂକ୍ ଫୁଡ୍)ର ବିଜ୍ଞାପନ ନିଷିଦ୍ଧ କଲାପରେ ମାତ୍ର ୧୮ ମାସ ମଧ୍ୟରେ ଏହାର ବିକ୍ରୟ ୨୫% ହ୍ରାସ ପାଇଥିଲା। ଇସ୍ରାଏଲ୍ ଏବଂ ସିଙ୍ଗାପୁର ମଧ୍ୟ ଏତାଦୃଶ ପଦକ୍ଷେପମାନ ନେଇଛନ୍ତି। ତେଣୁ ସେ ସବୁ ଦେଶର ବିଭିନ୍ନ ମୃଦୁପାନୀୟ ଓ ପ୍ୟାକେଟ୍ ଖାଦ୍ୟ ପ୍ରସ୍ତୁତକାରୀ କମ୍ପାନୀମାନେ ସେମାନଙ୍କ ଉତ୍ପାଦରେ ଚିନିର ମାତ୍ରା ବେଶ୍ କମ୍ କରି ଦେଇଛନ୍ତି।

କେବଳ ଆମ ଆଲୋଚ୍ୟ ଶିଶୁ ଖାଦ୍ୟ ଉତ୍ପାଦ ନୁହେଁ ଅତୀତରେ ବିଭିନ୍ନ ସମୟରେ ଅନେକ କମ୍ପାଦୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଶକ୍ତିବର୍ଦ୍ଧକ ଖାଦ୍ୟ ଉତ୍ପାଦ, ମୃଦୁପାନୀୟ, ନୁଡୁଲସ ଆଦିରେ ସ୍ୱାସ୍ଥ୍ୟହାନିକାରକ ଉପାଦନ ଥିବା କଥା ଜଣାପଡ଼ିଛି। ଅତଏବ କମ୍ପାନୀମାନଙ୍କର ଅତିରଞ୍ଜିତ ପ୍ରଚାର ଓ ବିଜ୍ଞାପନରେ ଥିବା ଅସାଧୁତା ଲୋକଲୋଚନର ଗୋଚରକୁ ଆସିଛି। ତେଣୁ ସେହିସବୁ ଉତ୍ପାଦ ପ୍ରସ୍ତୁତକାରୀ କମ୍ପାନୀମାନେ କିଛି ଉତ୍ପାଦର ଉପାଦାନରେ ପରିବର୍ତ୍ତନ ଆଣି ତାକୁ ପୁନର୍ବାର ବଜାରକୁ ଛାଡ଼ିଛନ୍ତି। ତେବେ, ଏହି ନୂତନ ଉପାଦାନଗୁଡ଼ିକ ଯେ ସମ୍ପୂର୍ଣ୍ଣ ନିରାପଦ ବା ପୁଷ୍ଟିକର ସେ କଥା କିଏ କହିବ? ଏପରିସ୍ଥଳେ ଆମ ସରକାର, ବିଶେଷକରି ଏହାର 'ଏଫ୍‌ଏସ୍‌ଏସ୍‌ଏଆଇ' ଏ ଦିଗରେ ଅଧିକ ସକ୍ରିୟ ଓ ସତର୍କ ହେବା ଦରକାର। ପୁନଶ୍ଚ ଏସବୁ ତଥାକଥିତ ସ୍ୱାସ୍ଥ୍ୟକର ପ୍ୟାକେଟ୍ ଖାଦ୍ୟ ପ୍ରସ୍ତୁତକାରୀ କମ୍ପାନୀମାନେ ମଧ୍ୟ ନୈତିକତା ଦୃଷ୍ଟିରୁ ସେମାନଙ୍କ ଉତ୍ପାଦ ଯେପରି ପ୍ରକୃତରେ ସ୍ୱାସ୍ଥ୍ୟହାନିକର ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବା ଦରକାର। ଅନ୍ୟପକ୍ଷରେ ଏଗୁଡ଼ିକର ବିଜ୍ଞାପନ ଉପରେ ସରକାରୀ କଟକଣା ରହିବା ଉଚିତ। ସର୍ବୋପରି ଲୋକେ ମିଥ୍ୟା ପ୍ରଚାରର ପ୍ରଭାବରେ ଭାସି ନ ଯାଇ ଯଥାସମ୍ଭବ ପ୍ରାକୃତିକ ଖାଦ୍ୟ ଉପରେ ନିର୍ଭରଶୀଳ ହେଲେ ଏ ସମସ୍ୟା ଅନେକାଂଶରେ ଲାଘବ ହୋଇପାରନ୍ତା।

# ମାତୃଭାଷାରେ ବିଜ୍ଞାନ ଲିଖନ



ଡ. ବିଜୟକେତନ ପଟ୍ଟନାୟକ
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

ଆମ ରାଜ୍ୟର ସାହିତ୍ୟିକ ପାଣିପାଗକୁ ଲକ୍ଷ୍ୟ କଲେ ମନରେ ପ୍ରଶ୍ନ ଉଠେ, ଓଡ଼ିଆ ଭାଷାରେ ବିଜ୍ଞାନ, ପ୍ରବନ୍ଧ, ଉପନ୍ୟାସ ଓ କଳ୍ପବିଜ୍ଞାନ ଲେଖୁଥିବା ଲେଖକମାନେ ସାହିତ୍ୟିକ ପଦବାଚ୍ୟ କି? ଉତ୍ତର ଆଂଶିକ 'ହଁ' ବା 'ନା' ହୋଇପାରେ। କଳ୍ପବିଜ୍ଞାନ ଓ ବିଜ୍ଞାନ ଉପନ୍ୟାସ ଲେଖୁଥିବା ଲେଖକ / ଲେଖିକାମାନଙ୍କୁ ସାହିତ୍ୟିକ / ସାହିତ୍ୟିକା ଭାବରେ ହୁଏତ ଗଣା ଯାଇପାରେ। କିନ୍ତୁ ଯେଉଁମାନେ ସରଳ ବୋଧଗମ୍ୟ ଭାଷାରେ ବିଜ୍ଞାନର ଜଟିଳ ତଥ୍ୟ ଯଥା ପଦାର୍ଥ ବିଜ୍ଞାନ, ମହାକାଶ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ପରିବେଶ ବିଜ୍ଞାନ ଆଦି କ୍ଷେତ୍ରରେ ପ୍ରବନ୍ଧ ରଚନା କରୁଛନ୍ତି, ସେମାନଙ୍କ କ୍ଷେତ୍ରରେ ଉପରୋକ୍ତ ପ୍ରଶ୍ନର ଉତ୍ତର ବୋଧହୁଏ ସମ୍ପୂର୍ଣ୍ଣ 'ନା' ହୋଇପାରେ। କାରଣ ଓଡ଼ିଆ ଭାଷା ଏବେ ସାହିତ୍ୟର ଅର୍ଗଳି ଭିତରେ ବନ୍ଦୀ। ଗଳ୍ପ, କବିତା, ନାଟକ, ଉପନ୍ୟାସ, ପ୍ରବନ୍ଧ ଓ ସମାଲୋଚନାର ଚଉହଦୀ ଭିତରେ ସୀମାବଦ୍ଧ। ଏହି ବନ୍ଧନରୁ ମୁକ୍ତ ନ ହେଲା ଯାଏଁ, ବିଜ୍ଞାନର ଭାଷା ସାହିତ୍ୟ ବା ସାହିତ୍ୟିକର ଭାଷା ହୋଇପାରିବ ନାହିଁ।

୨୦୧୪ ମସିହାରେ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ହାସଲ କରିଥିଲା। ଏହି ସମ୍ମାନ ହାସଲ କରିବାରେ ତାମିଲ, ସଂସ୍କୃତ, ତେଲୁଗୁ, କନ୍ନଡ଼ ଓ ମାଲାୟାଲମ ଭାଷା ପରେ ଓଡ଼ିଆ ଭାଷା ଷଷ୍ଠ ସ୍ଥାନରେ ରହିଛି। କିନ୍ତୁ ସେତିକି ଯଥେଷ୍ଟ ନୁହେଁ। ଓଡ଼ିଆ ଭାଷାରେ ବିଜ୍ଞାନ ଚର୍ଚ୍ଚା ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ବିକଶିତ ହୋଇପାରି ନାହିଁ। ଭାଷାର ବିକାଶ ପାଇଁ ଜ୍ଞାନବିଜ୍ଞାନର ସମସ୍ତ ବିଭାଗରେ ଶିକ୍ଷାଦାନ ସହିତ ପାଠ୍ୟପୁସ୍ତକ ପ୍ରଣୟନର ମଧ୍ୟ ଆବଶ୍ୟକତା ରହିଛି। ୨୦୨୦ରେ ଦେଶରେ ପ୍ରଣୀତ ନୂତନ ଜାତୀୟ ଶିକ୍ଷାନୀତି ମାତୃଭାଷାରେ ବୈଷୟିକ ଶିକ୍ଷା ପ୍ରଦାନକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଛି। ଏଥିପାଇଁ ବିଭିନ୍ନ ରାଜ୍ୟରେ ସ୍ୱ ସ୍ୱ ମାତୃଭାଷାରେ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଓଡ଼ିଆ ଭାଷାରେ ମଧ୍ୟ ଉଦ୍ୟମ ଆରମ୍ଭ ହୋଇଛି। ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ସଂସ୍ଥା କିନ୍ତୁ ଓଡ଼ିଆ ଭାଷାରେ ଉଚ୍ଚତର ଡାକ୍ତରୀ ଓ ବୈଷୟିକ ଶିକ୍ଷାଦାନ ପାଇଁ ପାଠ୍ୟପୁସ୍ତକ ଏ ପର୍ଯ୍ୟନ୍ତ ପ୍ରସ୍ତୁତ କରିନାହିଁ।

ବିଜ୍ଞାନକୁ ଜନାଭିମୁଖୀ କରିବାକୁ ହେଲେ ପ୍ରଥମେ ବୈଜ୍ଞାନିକ ଭାଷା ଓ ଶୈକ୍ଷଣିକ ଭାଷା ମଧ୍ୟରେ ପାର୍ଥକ୍ୟ ବୁଝିବା ଆବଶ୍ୟକ। ତାହା ହେଲେ ଦୁହିଁଙ୍କ ମଝିରେ ଏକ ସୁସମନ୍ୱୟ ଆସିପାରିବ। ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ଓଡ଼ିଆ ଭାଷାରେ ବିଜ୍ଞାନର ଅଲୌକିକତାକୁ ପ୍ରକାଶ କରାଯାଇପାରେ। ବିଜ୍ଞାନର ଉଦ୍‌ଭାବନ ଓ ଆବିଷ୍କାର ଜନିତ ନିଷ୍କର୍ଷକୁ ସହଜ, ସରଳ ଭାଷାରେ ଉପସ୍ଥାପିତ କରାଯାଇପାରେ। ଏକଥା କରିପାରିବେ ଓଡ଼ିଶାର ବୈଜ୍ଞାନିକ ଓ ଓଡ଼ିଆ ଲେଖକମାନେ। ପିଲାଙ୍କ ପାଇଁ ସରଳ ଭାଷାରେ ଲେଖାଯାଉଥିବା ବିଜ୍ଞାନଭିତ୍ତିକ ରଚନା ଆଉ ଟିକିଏ ଆଗକୁ ବଢ଼ିଲେ, ଭାଷାର ଅନ୍ୟ ଏକ ସ୍ତର ନିଶ୍ଚୟ ଆବିଷ୍କୃତ ହେବ। ଏ ଲେଖକ 'ଓଡ଼ିଶା ବିଜ୍ଞାନ ଏକାଡେମୀ' ଦ୍ୱାରା ପ୍ରକାଶିତ ମାସିକ ବିଜ୍ଞାନ ପତ୍ରିକା 'ବିଜ୍ଞାନ ଦିଗନ୍ତ'ର ମୁଖ୍ୟ ସମ୍ପାଦକ ଥିବା ବେଳେ ବିଭିନ୍ନ ବିଜ୍ଞାନ ଲେଖକଙ୍କର ରଚନା ପଢ଼ିବାର ସୁଯୋଗ ପାଉଥିଲା। ସେବେ ମନରେ ପ୍ରଶ୍ନ ଉଠେ, ବିଜ୍ଞାନର ଭାଷା କ'ଣ ଓଡ଼ିଆ ଭାଷା ନୁହେଁ? ବିଜ୍ଞାନର ଭାଷା କ'ଣ ସାର୍ବଜନୀନ ଓ ଲୋକାଭିମୁଖୀ ହୋଇପାରିବ ନାହିଁ? ବିଜ୍ଞାନର ଭାଷା କ'ଣ ସାହିତ୍ୟ ବା ବିଜ୍ଞାନ ଲେଖକ କ'ଣ ସାହିତ୍ୟିକର ମର୍ଯ୍ୟାଦା ପାଇବ ନାହିଁ? ଏସବୁ ସମ୍ଭବ ହୋଇପାରିବ, ଯେବେ ଉପଯୁକ୍ତ ବିଜ୍ଞାନ ପାରିଭାଷିକ ଶବ୍ଦାବଳୀ ପ୍ରସ୍ତୁତ ହେବ, ଯାହା ସହଜ, ସାବଲୀଳ ଓ ସୁବୋଧ ହେବା ଜରୁରୀ। ଉଦାହରଣ ସ୍ୱରୂପ ପ୍ରଥମେ କମ୍ପ୍ୟୁଟରର ପାରିଭାଷିକ ଶବ୍ଦ ଥିଲା 'ସମ୍ପୁଟକ ଯନ୍ତ୍ର' ଓ ଟେଲିଫୋନର 'କାନଫୁସ୍‌ଫୁସ୍'। ଅବଶ୍ୟ ପରେ ଉଭୟ ଇଂରାଜୀ ଶବ୍ଦକୁ ଓଡ଼ିଆ ଭାଷାରେ ଗ୍ରହଣ କରି ନିଆଗଲା। ଏଥିରେ ଭାଷା ବି ସମୃଦ୍ଧ ହେଲା, ବୋଧଗମ୍ୟ ମଧ୍ୟ ବଢ଼ିଲା।



ସ୍ୱର୍ଗତ ଗୋକୁଳାନନ୍ଦ ମହାପାତ୍ର କେବଳ ବିଜ୍ଞାନ ବିଷୟବସ୍ତୁକୁ ଆଧାର କରି ଓଡ଼ିଆରେ ଦୁଇଖଣ୍ଡ ବୈଜ୍ଞାନିକ ଶବ୍ଦକୋଷ ରଚନା କରିଥିଲେ। ଏହା ୨୦୦୫ ମସିହାରେ ପ୍ରକାଶିତ ହୋଇଥିଲା। ପରବର୍ତ୍ତୀ ସମୟରେ ବିଜ୍ଞାନ ଲେଖକ ଡ. ପ୍ରମୋଦ କୁମାର ମହାପାତ୍ରଙ୍କ ରଚିତ 'ବିଜ୍ଞାନକୋଷ' ଚାରିଖଣ୍ଡରେ ପ୍ରକାଶ ପାଇଛି। ସ୍ୱର୍ଗତ ବିନୋଦ କାନୁନ୍‌ଗୋ ମଧ୍ୟ ଓଡ଼ିଆର ପ୍ରତିଟି ଲିପିକୁ ନେଇ ପ୍ରସ୍ତୁତ ଏନ୍‌ସାଇକ୍ଲୋପିଡିଆ ଜ୍ଞାନମଣ୍ଡଳରେ ବିଜ୍ଞାନର ବିଭିନ୍ନ ଜଟିଳ ତଥ୍ୟକୁ ଅତି ସହଜ, ସାବଲୀଳ ଓଡ଼ିଆ ଭାଷାର ପ୍ରକାଶ କରିଛନ୍ତି। ଓଡ଼ିଶା ଭାଷା ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ବିଜ୍ଞାନର ବିଭିନ୍ନ ବିଭାଗରେ ପାରିଭାଷିକ ଶବ୍ଦାବଳୀ ପ୍ରସ୍ତୁତ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଭାଷା ପ୍ରସ୍ତୁତି ଦିଗରେ ବିଭିନ୍ନ ସମୟରେ କିଛିଟା ଠୋସ୍ ପଦକ୍ଷେପ ମଧ୍ୟ ନିଆଯାଇଛି। କିନ୍ତୁ ଯାହା ଲକ୍ଷ୍ୟ କରାଯାଏ, ବିଭିନ୍ନ ସୂତ୍ରରୁ ପ୍ରକାଶିତ ଶବ୍ଦକୋଷ ବା ଜ୍ଞାନକୋଷର ପାରିଭାଷିକ ଶବ୍ଦାବଳୀରେ କେତେକ କ୍ଷେତ୍ରରେ ଭିନ୍ନତା ପରିଲକ୍ଷିତ ହୋଇଥାଏ। ଭିନ୍ନ ଭିନ୍ନ ଶବ୍ଦକୋଷରେ ଗୋଟିଏ ଇଂରାଜୀ ଶବ୍ଦର ବିଭିନ୍ନ ପାରିଭାଷିକ ପ୍ରତିଶବ୍ଦ ଦେଖିବାକୁ ମିଳେ। ଫଳରେ ଉଭୟ ବିଜ୍ଞାନ ଲେଖକ ଓ ପାଠକମାନେ ଶବ୍ଦଟିର ବ୍ୟବହାରକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଥା'ନ୍ତି। ପାଠକବର୍ଗ ନିକଟରେ ବୈଜ୍ଞାନିକ ପରିଭାଷାକୁ ବୋଧଗମ୍ୟ, ସହଜ ଉଚ୍ଚାରଣ ଓ ସାବଲୀଳ କରିବାକୁ ହେଲେ ଇଂରାଜୀ ଶବ୍ଦର ଏକକ ପାରିଭାଷିକ ଶବ୍ଦ ପ୍ରୟୋଗ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ।

ଓଡ଼ିଆ ଭାଷା ସାହିତ୍ୟର ବିକାଶ ଓ ପୃଷ୍ଠପୋଷକତା ନିମନ୍ତେ ୧୯୫୭ରେ ରାଜ୍ୟରେ 'ଓଡ଼ିଆ ସାହିତ୍ୟ ଏକାଡେମୀ' ପ୍ରତିଷ୍ଠା ହୋଇଥିଲା। ସେହି ବର୍ଷଠାରୁ ସାହିତ୍ୟର ବିଭିନ୍ନ ବିଭାଗରେ ଉତ୍କୃଷ୍ଟ ସର୍ଜନାତ୍ମକ ରଚନା ପାଇଁ ଲେଖକ / ଲେଖିକାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ବିଜ୍ଞାନ ସାହିତ୍ୟରେ କତିପୟ ଲେଖକଙ୍କୁ ମଧ୍ୟ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଛି। ସ୍ୱର୍ଗତ ବିନୋଦ ରାଉତରାୟ ତାଙ୍କ ରଚିତ ପୁସ୍ତକ 'ଓଡ଼ିଶା ଚିତ୍ର' ପାଇଁ ପ୍ରଥମେ ପୁରସ୍କୃତ ହୋଇଥିଲେ। ୧୯୫୯, ୧୯୬୦ ଏବଂ ୧୯୬୧ ବର୍ଷରେ ରଚିତ ବିଜ୍ଞାନ ସାହିତ୍ୟ ନିମନ୍ତେ ଡ. ଗୋକୁଳାନନ୍ଦ ମହାପାତ୍ରଙ୍କର ପୁସ୍ତକ 'ଏ ଯୁଗର ଶ୍ରେଷ୍ଠ ଆବିଷ୍କାର' ପୁରସ୍କାର ଲାଭ କରିଥିଲା। ତାଙ୍କର କାଳଜୟୀ ଉପନ୍ୟାସ 'ପୃଥିବୀ ବାହାରେ ମଣିଷ' ବା 'ଚନ୍ଦ୍ରର ମୃତ୍ୟୁ' ପାଇଁ ତାଙ୍କୁ ସାହିତ୍ୟ ଏକାଡେମୀ ପୁରସ୍କାର ମିଳି ନଥିଲା। ସେହି ବର୍ଷ ବିଶ୍ୱନାଥ ସାହୁଙ୍କ ରଚିତ ପୁସ୍ତକ 'ପୁଷ୍ପ ଚାଷ' ଏହି ବିଭାଗରେ ମଧ୍ୟ ପୁରସ୍କୃତ ହୋଇଥିଲା। ଏହାର ଦଶବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ୧୯୭୮, ୧୯୭୯ ଏବଂ ୧୯୮୦ ମସିହାରେ ରଚିତ ପୁସ୍ତକ ପାଇଁ ଡ. ଦେବକାନ୍ତ ମିଶ୍ରଙ୍କର 'ଶତାବ୍ଦୀର ଆହ୍ୱାନ' ବିଜ୍ଞାନ ସାହିତ୍ୟ ବିଭାଗରେ ପୁରସ୍କାର ଲାଭ କରିଥିଲା। ସେବେଠାରୁ ଏ ଭିତରେ ପ୍ରାୟ ଚାରିଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। କିନ୍ତୁ ଓଡ଼ିଶା ସାହିତ୍ୟ ଏକାଡେମୀ ବିଜ୍ଞାନ ସାହିତ୍ୟ ବର୍ଗରେ କୌଣସି ପୁରସ୍କାର ପ୍ରଦାନ କରିନାହିଁ। ଏହାର ଦୁଇଟି କାରଣ ହୁଏତ ହୋଇପାରେ। ପ୍ରଥମତଃ, ପୁରସ୍କାର ଯୋଗ୍ୟ ହେବା ନିମନ୍ତେ ଉପଯୁକ୍ତ ବିଜ୍ଞାନ ସାହିତ୍ୟ ପ୍ରକାଶିତ ହେଉନାହିଁ। ଦ୍ୱିତୀୟତଃ, ସାହିତ୍ୟିକ ବଡ଼ ପଣ୍ଡାମାନେ ବିଜ୍ଞାନ ସାହିତ୍ୟ ଲେଖକ / ଲେଖିକାମାନଙ୍କୁ ସାହିତ୍ୟିକ ଭାବେ ଗଣୁ ନାହାନ୍ତି। ସୁଖର କଥା, ରାଜ୍ୟ ସରକାର ଓ ଓଡ଼ିଶା ସାହିତ୍ୟ ଏକାଡେମୀ ବିଜ୍ଞାନ ସାହିତ୍ୟ ବର୍ଗରେ ପୁନର୍ବାର ପୁରସ୍କାର ପ୍ରଦାନ କରିବା ପାଇଁ ସକ୍ରିୟ ପଦକ୍ଷେପ ନେଉଛନ୍ତି।

ଜନପ୍ରିୟ ବିଜ୍ଞାନ ସାହିତ୍ୟ ରଚନା କ୍ଷେତ୍ରରେ କେନ୍ଦ୍ର ବିଜ୍ଞାନ ଓ ବୈଷୟିକ ମନ୍ତ୍ରାଳୟ ତରଫରୁ ପ୍ରତିବର୍ଷ ଦେଶର ବିଜ୍ଞାନ ଭାଷାରେ ଶ୍ରେଷ୍ଠ ଲେଖକ ଓ ଅନୁବାଦକମାନଙ୍କୁ ପୁରସ୍କୃତ କରାଯାଇଥାଏ। ଏଥିରେ ମିଳୁଥିବା ପ୍ରୋତ୍ସାହନ ରାଶି, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଅର୍ଥଠାରୁ ମଧ୍ୟ କମ୍ ନୁହେଁ। ସେହିପରି ରାଜ୍ୟ ସରକାର ମଧ୍ୟ ଜନପ୍ରିୟ ବିଜ୍ଞାନ ରଚନା ପାଇଁ ପ୍ରତିବର୍ଷ ଲେଖକ ଲେଖିକାମାନଙ୍କୁ 'ପ୍ରାଣକୃଷ୍ଣ ପରିଜା' ପୁରସ୍କାର ପ୍ରଦାନ କରୁଛନ୍ତି। ଯଦି ଓଡ଼ିଆ ଭାଷା ବିଶାରଦମାନେ, ମୂର୍ଦ୍ଧନ୍ୟ ସାହିତ୍ୟିକମାନେ, ଯେଉଁମାନେ ବିଜ୍ଞାନର ବିଭିନ୍ନ ବିଭାଗ ଯଥା ପରିବେଶ ବିଜ୍ଞାନ, ପଦାର୍ଥ ବିଜ୍ଞାନ, କୃଷି ବିଜ୍ଞାନ, ଭୂବିଜ୍ଞାନ, ମହାକାଶ ବିଜ୍ଞାନ, ସ୍ୱାସ୍ଥ୍ୟ ବିଜ୍ଞାନ ଓ କଳ୍ପବିଜ୍ଞାନ କ୍ଷେତ୍ରରେ ଜନପ୍ରିୟ ବିଜ୍ଞାନ ରଚନାରେ ବ୍ରତୀ ଅଛନ୍ତି ଏବଂ କେନ୍ଦ୍ର ତଥା ରାଜ୍ୟସ୍ତରରେ ପୁରସ୍କୃତ ମଧ୍ୟ ହୋଇଛନ୍ତି, ସେମାନଙ୍କ ପ୍ରତି ସମ୍ବେଦନଶୀଳ ନ ହୁଅନ୍ତି ଏବଂ ସେମାନଙ୍କୁ ମଧ୍ୟ ସାହିତ୍ୟିକ ଗୋଷ୍ଠୀରେ ସାମିଲ ନ କରନ୍ତି, ତେବେ ବିଜ୍ଞାନ-ସାହିତ୍ୟ ସମୃଦ୍ଧ ହେବ କିପରି? ଯେକୌଣସି ଭାଷାକୁ ସାର୍ବଜନୀନ ସ୍ତରରେ ସମୃଦ୍ଧ କରିବାକୁ ହେଲେ ତା'କୁ ନିରୁତା ସାହିତ୍ୟରୁ ମୁକ୍ତ କରି ବିଜ୍ଞାନର ଭାଷାକୁ ଆଦରି ନେବା ଆବଶ୍ୟକ। ବିଜ୍ଞାନ ସାହିତ୍ୟ ଲେଖକ ଓ ଲେଖିକାମାନଙ୍କୁ ଉପଯୁକ୍ତ ସମ୍ମାନ ଓ ସ୍ୱୀକୃତି ଦେବା ବାଞ୍ଛନୀୟ।

ଯୋଗାଯୋଗ ଠିକଣା
ସକାଳ THE SAKALA
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com





## ୫ ପ୍ରତିଭାବାନ ବ୍ୟକ୍ତି ପାଇବେ ବିଶ୍ୱନାଥ ପଶାୟତ ସ୍ମାରକୀ ସମ୍ମାନ

**କଟକ,୧୬।୫(ସମିସ):** ରାଜ୍ୟର ୫ ଜଣ ପ୍ରତିଭାଶାଳୀ ବ୍ୟକ୍ତି ଚଳିତ ବର୍ଷର ମର୍ଯ୍ୟାଦାପୂର୍ଣ୍ଣ ବିଶ୍ୱନାଥ ପଶାୟତ ସ୍ମାରକୀ ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ବରିଷ୍ଠ ଆଇନଜୀବୀ ଯୁଗଳ କିଶୋର ତ୍ରିପାଠୀ, ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ସୁଷମା ତେଜ, ଲୋକପ୍ରିୟ ଅଭିନେତା ତଥା ସମାଜସେବୀ ପ୍ରଶାନ୍ତ ନନ୍ଦ, ବିଶିଷ୍ଟ ଚିକିତ୍ସକ ପ୍ରଫେସର ଡାକ୍ତର ବିଦ୍ୟୁତ କୁମାର ଦାସ ଓ ବରିଷ୍ଠ ସାମ୍ବାଦିକ ରବି ଦାସ। ବିଶ୍ୱନାଥ ପଶାୟତ ମେମୋରିଆଲ କମିଟି ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ପ୍ରଖ୍ୟାତ ଆଇନଜୀବୀ ଓ ଦେଶଭକ୍ତ ବିଶ୍ୱନାଥ ପଶାୟତଙ୍କର ସ୍ମୃତି ସଭାରେ ଏହି ସମ୍ମାନ ପ୍ରଦାନ କରାଯିବ। ଆସନ୍ତା ଅକ୍ଟୋବର ୧୦ ତାରିଖରେ ସ୍ମୃତି ସଭା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ପକ୍ଷରୁ ଡ. ସତ୍ୟ ରାୟ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

## ରୋଗୀ ସେବାରେ ଲାଗିଲା ଭାବାଟ୍ରନ୍ ମେସିନ୍

**କଟକ,୧୬।୫(ସମିସ):** ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନରେ ଅଚଳ ହୋଇ ପଡ଼ିଥିବା ଭାବାଟ୍ରନ ମେସିନକୁ ମରାମତି କରାଯାଇଛି। ୪ ଦିନ ଧରି ମେସିନ ଅଚଳ ହୋଇ ପଡ଼ିବା ଯୋଗୁଁ ରୋଗୀ ହଇରାଣରେ ପଡୁଥିଲେ। ଗୁରୁବାର ମେସିନ ମରାମତି ହୋଇରୋଗୀ ସେବାରେ ଲାଗିଛି ବୋଲି ମେଡିକାଲ କର୍ତ୍ତୃପକ୍ଷ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ଭାବାଟ୍ରନ ବିକିରଣ ମେସିନରେ ମସ୍ତିଷ୍କ, ନାକ, ଛାତି ଆଦି କର୍କଟ ଚିହ୍ନଟ କରାଯାଇ ବିକିରଣ ପକାଯାଏ। ଏହି ବିକିରଣ ଚିକିତ୍ସା ବ୍ୟୟ ବହୁଳ ହୋଇଥାଏ। ରାଜ୍ୟ ସରକାର ରୋଗୀଙ୍କୁ ମାଗଣା ଚିକିତ୍ସା ଦେବା ଉଦ୍ଦେଶ୍ୟରେ ଏହି ମେସିନ ସଂସ୍ଥାପନ କରିଥିଲେ। ତେବେ ପୁରୁଣା ମେସିନ ହୋଇଥିବାରୁ ବିଭିନ୍ନ ସମୟରେ ଖରାପ ହୋଇଥାଏ। ଯେଉଁ ଘରେ ମେସିନ ରହିଛି ତାହା ତଳ ମହଲାରେ ରଖାଯାଇଛି। ତଳ ଘରଟି ଖାଲୁଆ ରହିଥିବାରୁ ସାମାନ୍ୟ ବର୍ଷା ହେଲେ ତାହା ମଧ୍ୟରେ ବର୍ଷା ପାଣି ଯାଇଥାଏ। ଆଣ୍ଠୁଏ ଉଚ୍ଚରେ ପାଣି ଜମି ରୁହେ। ମେସିନରେ ବର୍ଷା ପାଣି ପଶିବା ପରେ ମେସିନ ଖରାପ ହୋଇଯାଇଥିଲା।

## ସ୍ୱର୍ଗତ ନିଜାମଙ୍କ ପତ୍ନୀ ବିୟୋଗ



**କଟକ,୧୬।୫(ସମିସ):** ବିଶିଷ୍ଟ ଗୀତିକାର ତଥା ସଂଳାପକାର ନିଜାମଙ୍କ ପତ୍ନୀ ଗୁଲସନ୍ ଆରା ହକ୍‌ଙ୍କ କଟକସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ପରଲୋକ ଘଟିଛି। ସେ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଆଜି ଭୋର୍ ସମୟରେ ତାଙ୍କର ଦେହାନ୍ତ ଘଟିଥିବା ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ତାଙ୍କ ତିନିକୋଣିଆ ବଗିଚା ଡଗବରସାହିସ୍ଥିତ ବାସଭବନରେ ବନ୍ଧୁ, ପରିଜନ ତଥା ସମ୍ପର୍କୀୟମାନେ ପହଞ୍ଚି, ତାଙ୍କର ଶେଷ ଦର୍ଶନ କରିଥିଲେ। ଅପରାହ୍ଣ ୪ଟା୩୦ରେ କଦମ୍-ଇ-ରସୁଲ୍‌ଠାରେ ଗୁଲ୍‌ସନ୍‌ଙ୍କ ଶେଷକୃତ ସମ୍ପନ୍ନ ହୋଇଥିଲା। ତାଙ୍କ ପୁତ୍ର ତଥା ଓଲିଉଡ୍‌ର ପ୍ରଖ୍ୟାତ ସଂଗୀତ ନିର୍ଦ୍ଦେଶକ ଆସଦ୍ ନିଜାମ୍ ମା'ଙ୍କ ଶବଧାରାରେ ଯାଇ କଦମ୍ ରସୁଲ୍‌ଠାରେ ନାମଜ ପାଠ କରିବା ସହିତ ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଝିଅ, ଜ୍ୱାଇଁ, ପୁତ୍ର, ପୁତ୍ରବଧୂ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

# ଆକ୍ସନ ମୋଡ୍‌ରେ ଏସସିବି ଅନ୍ତରୀଣ ଟିମ୍

- ବିଭିନ୍ନ ୱାର୍ଡରେ ଧରପଗଡ଼ ଜୋରଦାର
- ରେଡିଓଲୋଜି ବିଭାଗରୁ ଧରାପଡ଼ିଲା ଚୋର



**କଟକ,୧୬।୫(ସମିସ)**

ଏସ୍‌ସିବି ମେଡିକାଲ ପରିସରକୁ ଦଲାଲ ମୁକ୍ତ କରିବା ପାଇଁ ମେଡିକାଲ କର୍ତ୍ତୃପକ୍ଷ ଉଦ୍ୟମ ଜାରି ରଖିଛନ୍ତି। ମେଡିକାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗଠନ ହୋଇଥିବା ଅନ୍ତରୀଣ ଟିମ୍ ଆକ୍ସନ ମୋଡ୍‌କୁ ଓହ୍ଲାଇ ଧରପଗଡ ଜୋରଦାର ଚଳାଇଛି। ବିଭିନ୍ନ ୱାର୍ଡ ଠାରୁ ଆରମ୍ଭ କରି ନିଦାନ କେନ୍ଦ୍ର, ରକ୍ତ ଭଣ୍ଡାର ଆଦିରେ ତୀକ୍ଷ୍ଣ ଦୃଷ୍ଟି ଦିଆଯାଇଛି। ସ୍ଥାନୀୟ ପୁଲିସ ଏବଂ ସୁରକ୍ଷାକର୍ମୀଙ୍କ ସହଯୋଗରେ ମେଡିକାଲ ପରିସରରେ ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହା ଭିତରେ ରେଡିଓଲୋଜି ବିଭାଗରୁ ଜଣେ ଚୋରକୁ ଧରିବାରେ ଟିମ୍ ସଫଳ ହୋଇଛି। ଅଭିଯୁକ୍ତକୁ ଅନ୍ତରୀଣ ଟିମ୍ କାବୁ କରି ମେଡିକାଲ ଫାଣ୍ଡି ପୁଲିସକୁ ହସ୍ତାନ୍ତର କରିଥିଲା। ଅଭିଯୁକ୍ତର ଘର ଯାଜପୁର ଅଞ୍ଚଳରେ ବୋଲି ଜଣାପଡ଼ିଛି।

ଏସ୍‌ସିବି ମେଡ଼ିକାଲରେ ଦଲାଲ ଦମନ ପାଇଁ ପୁଲିସ ବ୍ୟାପକ ପଦକ୍ଷେପ ଗ୍ରହଣ କରୁଛି। ମେଡ଼ିକାଲ ଭିତରେ ସାଦା ପୋଷାକରେ ଘୂରି ବୁଲୁଛନ୍ତି ପୁଲିସ କର୍ମଚାରୀ। ଦିନ ରାତି ବିଭିନ୍ନ ସ୍ଥାନରେ ଚଢ଼ଉ ହେଉଛି। ହେଲେ ଦଲାଲଙ୍କ ସଂଖ୍ୟା କମୁନି। ଜଣକ ପରେ ଜଣେ ଦଲାଲ ଗିରଫ ହେଉଛନ୍ତି। ଗତ କିଛି ମାସ ଭିତରେ ୨୦ରୁ ଅଧିକ ଦଲାଲଙ୍କୁ ପୁଲିସ ଗିରଫ କରି ଜେଲ୍ ପଠାଇ ସାରିଛି। ତେବେ ଏହି ଅଭିଯାନକୁ ଆହୁରି ସକ୍ରିୟ କରିବା ପାଇଁ ଗତବର୍ଷ ମେଡିକାଲ କର୍ତ୍ତୃପକ୍ଷ ନିଜ ଆଡୁ ଏକ ଅନ୍ତରୀଣ ଟିମ୍ ଗଠନ କରିଥିଲେ। ମେଡିକାଲର ଜନୈକ ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ଟିମ୍ ପରିଚାଳିତ ହେଉଛି। ଗତ ୯ ତାରିଖରେ ଜଣେ ଘରୋଇ ଟେକ୍ନିସିଆନ୍ ୱାର୍ଡରେ ମଧ୍ୟରେ ପଶି ଜଣେ ରୋଗୀଙ୍କ ଇସିଜି କରୁଥିବା ଅନ୍ତରୀଣ ଟିମ୍ ଦ୍ୱାରା ସେ ଧରାପଡ଼ିଥିଲା। ଏଭଳି ବେଆଇନ କାର୍ଯ୍ୟ ବିଷୟରେ ଟିମ୍ ଜାଣିବା ପରେ ପୁଲିସ ସହଯୋଗରେ ଚଢ଼ଉ କରିଥିଲା। ଅନ୍ତରୀଣ ଟିମ୍‌ର ଥିଲା ଏହା ପ୍ରଥମ ସଫଳତା। ଏବେ ଜଣେ ମୋବାଇଲ ଚୋର ଟିମ୍ ହାତରେ ପଡ଼ିଛି। ରେଡିଓଲୋଜି ବିଭାଗରେ ଚିକିତ୍ସିତ ହେଉଥିବା ରୋଗୀ ସମ୍ପର୍କୀୟଙ୍କ ମୋବାଇଲ ଚୋରି କରି ନେଇ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ତାକୁ କାବୁ କରାଯାଇଛି।

ପ୍ରକାଶଯୋଗ୍ୟ, ଏସ୍‌ସିବି ମେଡିକାଲରେ ଚୋରଙ୍କ ପାଦୁର୍ଭାବ ମଧ୍ୟ ଦେଖିବାକୁ ମିଳୁଛି। ଅନେକ ସମୟରେ ବିଭିନ୍ନ ୱାର୍ଡ ପରିସରରୁ ମୋବାଇଲ ଚୋରି ହେଉଥିବା ନେଇ ମେଡିକାଲ ଫାଣ୍ଡିରେ ଅଭିଯୋଗ ହେଉଛି। ବାହାର ଲୋକେ ମେଡିକାଲରେ ପଶି ଚୋରି ଆଦି ଚଳାଇଛନ୍ତି। ଏପରିକି କିଛି ଦିନ ପୂର୍ବେ ମେଡିକାଲ ଭିତରୁ ଶିଶୁ ଚୋର ଆତଙ୍କ ଦେଖା ଦେଇଥିବା ଯୋଗୁଁ ବାହାର ବ୍ୟକ୍ତିବିଶେଷଙ୍କୁ ମେଡିକାଲ ପରିସରରୁ ପୁଲିସ ଘଉଡାଇଥିଲା। ଏଭଳି କାର୍ଯ୍ୟକଳାପ ଚଳାଇଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ମେଡିକାଲର ଅନ୍ତରୀଣ ଟିମ୍ ମଧ୍ୟ କାର୍ଯ୍ୟ କରୁଛି ବୋଲି ଜନୈକ ଅଧିକାରୀ କହିଛନ୍ତି।

## ନିଜ ଜନ୍ମ ସ୍ଥାନରେ ପ୍ରଚାର କଲେ ପ୍ରକାଶ

**କଟକ,୧୬।୫(ସମିସ)**



ଆଜି ନିଜ ଜନ୍ମସ୍ଥାନ ମାଛୁଆ ବଜାରରେ ନିର୍ବାଚନ ପ୍ରଚାର କରିଛନ୍ତି ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା। ନିଜ ପାଖରେ ସାହି ପୁଅକୁ ପାଇ ସାହି ମୁରବି, ପୂଜା କମିଟି ସଦସ୍ୟ ଓ କ୍ଲବ ସଦସ୍ୟମାନେ ଏକାଠି ହୋଇ ସ୍ୱାଗତ କରିବା ସହିତ ଫୁଲ ମାଳ ଦେଇ ପାଛୋଟି ନେଇଥିଲେ। ସେହିପରି ଆଜି ବିଜୁ ଜନତା ଦଳ ପକ୍ଷରୁ ବାରବାଟୀ କଟକ ନିର୍ବାଚନ ମଣ୍ଡଳୀର ୨୨ ଓ ୨୫ ନଂ ୱାର୍ଡରେ ମଧ୍ୟ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିବା ସହ ନିର୍ବାଚିତ ହେଲେ ସମସ୍ୟାକୁ ପ୍ରାଥମିକତା ଦେଇ ସରକାରଙ୍କ ସମସ୍ତ ସୁବିଧା ସୁଯୋଗ କିପରି ମିଳିପାରିବ ସେ ଦିଗରେ ପ୍ରତିଶୃତି ଦେଇଥିଲେ ବିଜେଡି ପ୍ରାର୍ଥୀ ପ୍ରକାଶ ବେହେରା। ଏଥିପାଇଁ ଚଳିତ ନିର୍ବାଚନରେ ବିଜେଡି ସପକ୍ଷରେ ମତଦାନ କରିବା ପାଇଁ ୱାର୍ଡବାସୀଙ୍କୁ ନିବେଦନ କରିଥିଲେ। ଅପରପକ୍ଷେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରାଙ୍କ ପତ୍ନୀ ଜୟଶ୍ରୀ ମଧ୍ୟ ସ୍ୱାମୀଙ୍କ ଲାଗି ଆଜି ୬, ୭ ଓ ୧୮ ନଂ ୱାର୍ଡରେ ପଦଯାତ୍ରା କରି ପ୍ରଚାର କରିଛନ୍ତି। ଆଜିର ଏହି ପଦଯାତ୍ରା କାର୍ଯ୍ୟକ୍ରମରେ ମେୟର ସୁବାଷ ସିଂ, କଟକ ନଗର ସଭାପତି ମଧୁସୂଦନ ସାହୁ, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ, ୨୨ ନଂ ୱାର୍ଡ କର୍ପୋରେଟର ଚନ୍ଦନ ଜେନା, ୱାଡର୍ ସଭାପତି ଗୌରୀଶଙ୍କର ପରିଡା, ୨୫ ନଂ ୱାର୍ଡର କର୍ପୋରେଟର ସତ୍ୟରାମ ସାହୁ, ୱାଡର୍ ସଭାପତି ସଞ୍ଜୀବ ସାହୁ, ଅମଜାତ ଖାନ, ଜଗନ୍ନାଥ ମହାନ୍ତି, ମହମ୍ମଦ ଅଜିଜୁର ରହିମ, ଶ୍ରୀୟା ସମ୍ବେଦନା, ତନ୍ମୟା ରାୟ, ଦେବେନ୍ଦ୍ରନାଥ ପାଣିଗ୍ରାହୀ, ସୟଦ ରିକି, ଓମ ଶିବ ଦାସ, ପ୍ରାଚୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ୨୪ନଂ ୱାର୍ଡରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**କଟକ,୧୬।୫(ସମିସ):** ବାରବାଟୀ-କଟକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨୪ ନମ୍ବର ୱାର୍ଡର ହରିପୁରସ୍ଥିତ ମଦନମୋହନ ମନ୍ଦିର ସମ୍ମୁଖରେ ୱାଡର୍‌ରେ ବିଜେଡି କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ଏହାକୁ ଉଦଘାଟନ କରିଥିଲେ। ବିଧାୟକ ପ୍ରାର୍ଥୀଙ୍କ ସହିତ ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, କର୍ପୋରେଟର ଦିପ୍ତିମୟୀ ମୂଳିଆ, ୱାର୍ଡ ସଭାପତି ପ୍ରତାପ ମୂଳିଆ, ସାହି ଅଧିକାରୀ ହରେକୃଷ୍ଣ ପ୍ରଧାନ, ବାବୁ ପ୍ରଧାନ, କ୍ଷୀରୋଦ ମହାରଣା ଏବଂ ମହନ୍ତ ସନାତନ ସ୍ୱାଇଁ, ବିକ୍ରମ ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ଆଘାତରେ ପାଇପ୍ ମିସ୍ତ୍ରିଙ୍କ ମୃତ୍ୟୁ

**କଟକ,୧୬।୫(ସମିସ):** ବିଦ୍ୟୁତ ଆଘାତରେ ଜଣେ ପାଇପ ମିସ୍ତ୍ରିଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଜଗତସିଂହପୁର ଜିଲ୍ଲା ନୂଆଗାଁର ସଞ୍ଜୟ କୁମାର ମୁଦୁଲି(୪୨)। ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସ୍ଥାନୀୟ ପୋପରଡା ଅଞ୍ଚଳର ବିଷ୍ଣୁପ୍ରିୟା ମହାନ୍ତିଙ୍କର ଘର ନିର୍ମାଣ କାର୍ଯ୍ୟ ଜାରି ରହିଛି। ସେଠାରେ ସଞ୍ଜୟ ପାଇପ ମିସ୍ତ୍ରୀ ଭାବେ କାମ କରୁଥିଲେ। ଗୁରୁବାର ପୂର୍ବାହ୍ଣରେ ନିର୍ମାଣ କାର୍ଯ୍ୟ ପାଇଁ ପାଣି ଆବଶ୍ୟକ ପଡିବାରୁ ସଞ୍ଜୟ ସେଠାରେ ଅସ୍ଥାୟୀ ଭାବେ ବସାଯାଇଥିବା ପାଣି ମୋଟର ଚଳାଇବା ପାଇଁ ବିଦ୍ୟୁତ ସଂଯୋଗ କରିଥିଲେ। ତେବେ ପାଣି ମୋଟରର ତାର କଟିଯାଇଥିବା ତାଙ୍କୁ ଜଣାନଥିଲା। ଫଳରେ ବିଦ୍ୟୁତ ଚାର୍ଜ ହୋଇଯିବାରୁ ସେଥିରେ ତାଙ୍କ ହାତ ଲାଗି ରହିଥିଲା। ତାଙ୍କୁ ଜୋରଦାର ବିଦ୍ୟୁତ ଝଟକା ଲାଗିଥିଲା। ସଞ୍ଜୟଙ୍କର ପାଟି ଶୁଣି ଅନ୍ୟ ରାଜମିସ୍ତ୍ରି ଓ ଶ୍ରମିକ ଘଟଣାସ୍ଥଳକୁ ଧାଇଁ ଆସିଥିଲେ। ବିଦ୍ୟୁତ ତାରରେ ସଞ୍ଜୟଙ୍କ ହାତ ଲାଗି ରହିଥିବା ଦେଖି ଏକ ବାଉଁଶରେ ପିଟିଦେବାରୁ ତାହା ଅଲଗା ହୋଇଯାଇଥିଲା। ଏହାପରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲ ନିଆଯାଇଥିଲା। ହେଲେ ତାଙ୍କର ମୃତ୍ୟୁ ଘଟି ସାରିଥିବା ଡାକ୍ତର ଘୋଷଣା କରିଥିଲେ। ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

## ସମ୍ବାଦପତ୍ର ବିକ୍ରେତା ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

କଟକ,୧୬।୫(ସମିସ): ସମ୍ବାଦପତ୍ର ବିକ୍ରେତା ସଂଘର ନିର୍ବାଚିତ ହୋଇଥିବା ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଗତକାଲି ବାରବାଟୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିଜୟ କୁମାର ପଡ଼ିହାରୀ, ଉପସଭାପତି ପିତାମ୍ବର ବେହେରା, ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହସମ୍ପାଦକ ପ୍ରଶାନ୍ତ ସାହୁ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ମନୋଜ ପାଲ, ହାଡିବନ୍ଧୁ ବେହେରା, କେ.ବେଣୁ ରାଓ ଓ କାର୍ତ୍ତିକ ବେହେରା ପ୍ରମୁଖ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ସଭ୍ୟ ବିଷ୍ଣୁଚରଣ ଦାଶ, ଦିଲ୍ଲୀପ ଘୋଷ, ଜାମିନୀ ଘୋଷ, ଉମେଶ ସାହୁ, ଅଶୋକ ସାହୁ, ଦୀନବନ୍ଧୁ ସାହୁ, ସୁବାସ ପ୍ରଧାନ, ହିମାଂଶୁ ପ୍ରଧାନ, ଦିବାକର ଭୋଳ, ନଗେନ୍ଦ୍ର ସାହୁ, ଶ୍ରୀନିବାସ ରେଡ୍ଡି, ସନ୍ତୋଷ ମହାନ୍ତି, ବୃନ୍ଦାବନ ବେହେରା, ନାନୁ ଖାନ୍, ମନୋଜ ପଟ୍ଟନାୟକ, ରଘୁନାଥ ପାଣିଗ୍ରାହୀ, ସନ୍ତୋଷ ଜୀ, ବିଷ୍ଣୁ ବିଶୋଇ, ଚିତ୍ରକର ପ୍ରଧାନ, ଉତ୍ତମ ବେହେରା ଓ ବଂଶୀଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ।




## ମଦ ଦୋକାନରେ ନିଆଁ

**କଟକ, ୧୬।୫ (ସମିସ):** କଟକ-ପାରାଦୀପ ରାସ୍ତାର ବିଦ୍ୟାଧରପୁରଠାରେ ଥିବା ଏକ ମଦ ଦୋକାନରେ ଅଗ୍ନିକାଣ୍ଡ ଘଟିଛି। ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ମାଦକଦ୍ରବ୍ୟ ଜଳିଯାଇଛି। ରାତି ପ୍ରାୟ ୧୨ଟାରେ ହଠାତ ଉକ୍ତ ଦୋକାନରୁ ନିଆଁ ବାହାରୁଥିବା ଖବର ପାଇ ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ନିଆଁ ଲିଭାରେ ନିୟୋଜିତ ହୋଇଥିଲେ। ମାଦକଦ୍ରବ୍ୟ ଯୋଗୁଁ ନିଆଁକୁ ଆୟତ୍ତ କରିବା କଷ୍ଟକର ହୋଇଥିଲା। ବିଳମ୍ବିତ ରାତି ସୁଦ୍ଧା ନିଆଁ ଲିଭାଯାଇଥିବା ସୂଚନା ମିଳିଛି।

## ଶୈଳବାଳା ଦାସଙ୍କୁ ଶ୍ରଦ୍ଧାଞ୍ଜଳି



**କଟକ,୧୬।୫(ସମିସ):** କଟକ ମହାନଗର ଶାନ୍ତି କମିଟି ସାଧାରଣ ସମ୍ପାଦକ ଭିକାରୀ ଦାସଙ୍କ ସହଧର୍ମିଣୀ ଶୈଳବାଳା ଦାସଙ୍କ ଏକାଦଶାହରେ ଚାନ୍ଦିନୀଚୌକ ହରହରିଘାଟସ୍ଥିତ ଉତ୍ସବ ପ୍ୟାଲେସଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଜଷ୍ଟିସ ପ୍ରଦୀପ ମହାନ୍ତି, ପୂର୍ବତନ ମନ୍ତ୍ରୀ ସମୀର ଦେ, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ମେୟର ସୁବାସ ସିଂହ, ବିଧାୟକ ମହମ୍ମଦ ମୋକିମ, ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, କଟକ ଲୋକସଭା ପ୍ରାର୍ଥୀ ସୁରେଶ ମହାପାତ୍ର, ବିଧାୟକ ପ୍ରାର୍ଥୀ ଡ. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା, ବିଧାୟିକା ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋଶ, ବିଜେଡି କଟକ ନଗର ସଭାପତି ମଧୁସୂଦନ ସାହୁ, ବିଜେପି କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ, ନିରାମୟ ଉପଦେଷ୍ଟା ଡ. ରଞ୍ଜନ ବିଶ୍ୱାଳ, କେନ୍ଦ୍ର ସମବାୟ ବ୍ୟାଙ୍କ ପୂର୍ବତନ ଅଧ୍ୟକ୍ଷ ବୀରେନ୍ଦ୍ର ପ୍ରତାପ ସ୍ୱାଇଁ, ଓଡିଶା ହାଇକୋର୍ଟ ବାର ଆସୋସିଏସନ ସଭାପତି ବିଜୟ ଦାଶ, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ ପ୍ରମୁଖଙ୍କ ସମେତ ପୁତ୍ରବଧୂ, ନାତିନାତୁଣୀ ଓ ସମସ୍ତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

# ଜବରଦଖଲ ଓ ପାର୍କିଂ ସମସ୍ୟା ନେଇ ହାଇକୋର୍ଟଙ୍କ ଉଦ୍‌ବେଗ

- ଜବରଦଖଲ ଉଚ୍ଛେଦ ସ୍ଥାନର ଫଟୋ ସମ୍ପୃକ୍ତ ଥାନା ଆଇଆଇସିଙ୍କୁ ଦେବ ସିଏମସି
- ପ୍ରସ୍ତାବିତ ପାର୍କିଂସ୍ଥଳ ତାଲିକା ଦାଖଲ ପାଇଁ ନିର୍ଦ୍ଦେଶ



**କଟକ,୧୬।୫(ସମିସ)**

କଟକ ସହର ସମସ୍ୟାକୁ ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ନିୟମିତ ଶୁଣାଣି କରିଆସୁଛନ୍ତି। କଟକ ସହରର ବକ୍ସଡ୍ରେନ, ଓପନଡ୍ରେନ, ମଶା ବଂଶ ବୃଦ୍ଧି, ଟ୍ରାଫିକ ଭିଡ ଆଦି ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। କଟକ ସହରର ପାର୍କିଂ ସ୍ଥାନ ଥିଲେ ମଧ୍ୟ ଏହା ପର୍ଯ୍ୟାପ୍ତ ହେଉ ନ ଥିବା ନେଇ ସିଏମସି ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ସେହିପରି ଜବରଦଖଲ ଉଚ୍ଛେଦ ପରେ କେତେକ ସ୍ଥାନରେ ପୁଣି ଜବରଦଖଲ ଗଢି ଉଠୁଥିବା ନେଇ ଦର୍ଶାଯାଇଥିଲା। ଏଣୁ ଜବରଦଖଲ ଉଚ୍ଛେଦ ପରେ ସେହି ସ୍ଥାନର ଏକ ଫଟୋ ସମ୍ପୃକ୍ତ ଥାନା ଆଇଆଇସିଙ୍କୁ ପ୍ରଦାନ କରିବାକୁ ସିଏମସିକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଜଷ୍ଟିସ ସଙ୍ଗମ କୁମାର ସାହୁ ଓ ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଯାହାଫଳରେ ପୁଲିସ ଅଧିକାରୀ ଅଧିକ ସତର୍କ ହୋଇପାରିବେ ଓ ଜବରଦଖଲ ମୁକ୍ତ ରଖିବା ତାଙ୍କର ଉତ୍ତରଦାୟିତ୍ୱ ହୋଇପାରିବ ବୋଲି ହାଇକୋର୍ଟ କହିଛନ୍ତି। ଅନ୍ୟପଟରେ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗରେ କଟକ ଡିସିପିଙ୍କ ପକ୍ଷରୁ ସମସ୍ତ ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ନେଇ ପୁଲିସ ପକ୍ଷରୁ ଅବଗତ କରାଯାଇଥିଲା। ଅନ୍ୟପଟରେ ସହରରେ ପାର୍କିଂ ସ୍ଥାନ ପର୍ଯ୍ୟାପ୍ତ ହେଉ ନ ଥିବାରୁ ଆଉ ଯେଉଁଠି ଖାଲି ସ୍ଥାନରେ ପ୍ରସ୍ତାବିତ ପାର୍କିଂ ସ୍ଥଳ କରାଯାଇପାରିବ ତାହାର ତାଲିକା ଦାଖଲ କରିବାକୁ କହିଛନ୍ତି ଅଦାଲତ। ସେହିପରି ସମସ୍ତ ଡ୍ରେନକୁ ଜବରଦଖଲମୁକ୍ତ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ମଶା ଉପଦ୍ରବ ରୋକିବା ପାଇଁ ନିୟମିତ ବ୍ରୁସ କଟିଂ ଓ ମଶାଙ୍କ ଘନତ୍ୱ ପ୍ରତି ସପ୍ତାହରେ ଆକଳନ କରି ଡାଟାବେସରେ ଅପଲୋଡ କରିବା ପାଇଁ ହାଇକୋର୍ଟ କହିଛନ୍ତି। ଏନେଇ ସିଏମସି ପକ୍ଷରୁ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି କୁହାଯାଇଛି। ନିକଟରେ ଅଦିନିଆ କାଳବୈଶାଖୀ ବର୍ଷାରେ କଟକ ସହର ଜଳମଗ୍ନ ହୋଇପଡିବା ଓ ୨୪ଘଣ୍ଟା ଧରି ବର୍ଷା ଜଳ ନିଷ୍କାସନ ହୋଇ ନ ପାରିବା ନେଇ ଆଡଭୋକେଟ କମିଟି ପକ୍ଷରୁ ରିପୋର୍ଟ ଉପସ୍ଥାପନ ହୋଇଥିଲା। ଏହାକୁ ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିବା ସହ ବର୍ଷା ଜଳ ନିଷ୍କାସନ ପାଇଁ ପମ୍ପ ସୁବିଧା ଉପଲବ୍ଧ ପ୍ରସଙ୍ଗରେ ରିପୋର୍ଟ ତଲବ କରିଛନ୍ତି।

## ଘରୋଇ ସ୍କୁଲରେ ନାମଲେଖାରୁ ଆର୍ଥିକ ଦୁର୍ବଳ ଛାତ୍ରଛାତ୍ରୀ ବଞ୍ଚିତ ପ୍ରସଂଗ

## ସତ୍ୟପାଠ ଦେବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୧୬।୫(ସମିସ):** ରାଜ୍ୟର ବିଭିନ୍ନ ଘରୋଇ ତଥା ଅଣ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଶିକ୍ଷା ଅଧିକାର ଆଇନ ଅନୁସାରେ ଆର୍ଥିକ ଦୁର୍ବଳ ବର୍ଗର ଛାତ୍ରଛାତ୍ରୀଙ୍କ ମାଗଣା ଶିକ୍ଷା ପାଇଁ ୨୫ ପ୍ରତିଶତ ସିଟ ଉପଲବ୍ଧ କରାଯାଉନଥିବା ପ୍ରସଙ୍ଗରେ ପୁଣି ମାମଲା ହାଇକୋର୍ଟରେ ପହଞ୍ଚିଛି। ନାମଲେଖାରୁ ବଞ୍ଚିତ ଛାତ୍ରଛାତ୍ରୀଙ୍କ ସଂକ୍ରାନ୍ତରେ ଆବେଦନକାରୀ ବିସ୍ତୃତ ତଥ୍ୟ ଉପସ୍ଥାନ କଲେ ଏହାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଦାଖଲ ତାଲିକା ଅନୁସାରେ ଭୁବନେଶ୍ୱରର ପ୍ରାୟ ୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଉକ୍ତ ଘରୋଇ ବିଦ୍ୟାଳୟଗୁଡ଼ିକରେ ନାମଲେଖାରୁ ବଞ୍ଚିତ କରାଯାଇଥିବା ଅଭିଯୋଗ ହୋଇଛି। ଏହି ପ୍ରସଙ୍ଗରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଅତିରିକ୍ତ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ଅଭିଭାବକ ସଂଘ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବିଦ୍ୟାଳୟଗୁଡ଼ିକରେ ଆର୍ଥିକ ଦୁର୍ବଳ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ୨୫ ପ୍ରତିଶତ ସିଟ ପୂରଣ ହୋଇଛି କି ନାହିଁ; ସେ ସମ୍ପର୍କରେ ରିପୋର୍ଟ ତଲବ କରିଛନ୍ତି ଖଣ୍ଡପୀଠ।

ମାମଲାରୁ ପ୍ରକାଶ ଯେ ଶିକ୍ଷା ଅଧିକାର ଆଇନର ଧାରା ୧୨(୧)(ସି) ଅନୁସାରେ ଆର୍ଥିକ ଦୁର୍ବଳ ଓ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ଘରୋଇ ବିଦ୍ୟାଳୟର ୨୫ପ୍ରତିଶତ ସିଟରେ ମାଗଣାରେ ଶିକ୍ଷା ଦାନର ବ୍ୟବସ୍ଥା ରହିଛି। ଏଥି ପାଇଁ ଆବେଦନ କରିବାକୁ ଉଦ୍ଦିଷ୍ଟ ପାରଦର୍ଶୀ ପୋର୍ଟାଲରେ ଉପରୋକ୍ତ ବର୍ଗର ବହୁ ଛାତ୍ରଛାତ୍ରୀ ଆବେଦନରୁ ବଞ୍ଚିତ ହୋଇଥିଲେ।

## କର୍ମଚାରୀଙ୍କ ଚାକିରିର ଧାର୍ଯ୍ୟ ତାରିଖ ନିଯୁକ୍ତିଦାତାଙ୍କ ନିଷ୍ପତ୍ତି: ହାଇକୋର୍ଟ

**କଟକ, ୧୬।୫ (ସମିସ):** ଅସ୍ଥାୟୀ କର୍ମଚାରୀଙ୍କ ଚାକିରିକୁ କେଉଁ ତାରିଖରୁ ନିୟମିତ କରାଯିବ, ତାହାକୁ ନିଯୁକ୍ତିଦାତା ସ୍ଥିର କରିଥାନ୍ତି। ଏପରିକି ବିଭିନ୍ନ ବିଷୟକୁ ଦୃଷ୍ଟିରେ ରଖି ନିଯୁକ୍ତିଦାତା ଏହି ନିଷ୍ପତ୍ତି ନେଇଥା'ନ୍ତି। ବିଶେଷକରି ଖାଲି ପଦବୀ, ଅତିରିକ୍ତ ଆର୍ଥିକ ବୋଝ ଓ ନିଯୁକ୍ତିଦାତାଙ୍କ ଆର୍ଥିକ ସ୍ଥିତିକୁ ବିଚାରକୁ ନିଆଯାଇ ଚାକିରି ନିୟମିତ ପାଇଁ ନିର୍ଦ୍ଦିଷ୍ଟ ତାରିଖ ସ୍ଥିର କରାଯାଇଥାଏ। କୌଣସି ଆଧାର ନଥାଇ ଜଣେ ଅସ୍ଥାୟୀ କର୍ମଚାରୀ ଚାକିରିରେ ଯୋଗଦେବା ଦିନଠାରୁ ଚାକିରି ନିୟମିତ ପାଇଁ କରିଥିବା ଦାବି ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଜବାହରଲାଲ ମହାନ୍ତଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏହା କହିଛନ୍ତି। ଏଥିସହ ଆବେଦନକାରୀ ନିଜ ଚାକିରିକୁ ୨୦୦୫ ବଦଳରେ ୧୯୯୫ ଜୁଲାଇ ୨୯ରୁ ନିୟମିତ କରିବା ପାଇଁ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି।

## ହାଇକୋର୍ଟରୁ ସାଂସଦ ଅନୁଭବଙ୍କୁ ଆଶ୍ୱସ୍ତି

**କଟକ, ୧୬।୫ (ସମିସ):** ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ସାଂସଦ ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କର ଦୁଇ ସହଯୋଗୀ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ମାମଲାରେ ନିମ୍ନ ଅଦାଲତଙ୍କ ଦ୍ୱାରା ଜାରୀ ଜାମିନ ବିହୀନ ଗିରଫ ପରୱାନା ଉପରେ ହାଇକୋର୍ଟ ଅନ୍ତରୀଣ ସ୍ଥଗିତାଦେଶ ଜାରୀ କରିଛନ୍ତି। କଟକ ଜେଏମ୍‌ଏଫ୍‌ସି ଅଦାଲତଙ୍କ ଏନବିଡବ୍ଲୁ ଜାରି ଆଦେଶକୁ ଚାଲେଞ୍ଜ କରି ଅନୁଭବଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ବି.ପି ରାଉତରାୟ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷେ ଜୁନ୍ ୧୫ ପରେ କଟକ ଜେଏମ୍‌ଏଫ୍‌ସି ଯେଉଁ ତାରିଖ ଧାର୍ଯ୍ୟ କରିବେ, ସେହି ତାରିଖରେ ଅନୁଭବଙ୍କୁ ଅଦାଲତରେ ହାଜର ହେବା ପାଇଁ ହାଇକୋର୍ଟ କହିଛନ୍ତି। ଜୁନ୍ ୧୫ ପରେ ଧାର୍ଯ୍ୟ ତାରିଖ ଅଥବା ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ପହିଲା ମଧ୍ୟରୁ ଯେଉଁଟା ଆଗ ଆସିବ, ସେହି ତାରିଖ ପର୍ଯ୍ୟନ୍ତ ଏନ୍‌ବିଡବ୍ଲୁ କାର୍ଯ୍ୟକାରୀ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଜାରୀ କରିଛନ୍ତି।



# ନବୀନ ସମ୍ମୋହନ



ରାସ୍ତାଘାଟ, ଦୋକାନବଜାର, ଛାତ ଉପର, ବାଲ୍‌କୋନି ସବୁଠି ଖୁନ୍ଦାଖୁନ୍ଦି । ନବୀନ ପଟ୍ଟନାୟକ ଜିନ୍ଦାବାଦ..., ବିଜେଡି ଜିନ୍ଦାବାଦ..., ବିଜୁବାବୁ ଜିନ୍ଦାବାଦ..., ଯୋଡ଼ି ଶଙ୍ଖ ଜିନ୍ଦାବାଦ... ନାରାରେ ପ୍ରକମ୍ପିତ ହୋଇଉଠୁଥିଲା ପୂରା ପରିବେଶ । ତୁହାକୁ ତୁହା ହୁଳହୁଳି ଓ ଶଙ୍ଖଧ୍ୱନିରେ ଗୁଞ୍ଜରିତ ହେଉଥିଲା ବସ୍ତିରୁ କଲୋନି । ମୁଖ୍ୟମନ୍ତ୍ରୀ ଯେଉଁ ରାସ୍ତା ଦେଇ ଯାଉଥିଲେ, ହଜାର ହଜାର ସଂଖ୍ୟାରେ ଜନତା ତାଙ୍କୁ ଦେଖିବା ପାଇଁ ଅପେକ୍ଷା କରି ରହିଥିଲେ । ବସ୍ ଭିତରେ ଓ ବାହାରେ ତାଙ୍କୁ ଦେଖିବା କ୍ଷଣି ସ୍ୱତଃପ୍ରବୃତ୍ତ ଭାବେ ତରୁଣଠାରୁ ପ୍ରବୀଣଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମୁଖମଣ୍ଡଳରେ ହର୍ଷ-ଉଲ୍ଲାସ ଖେଳି ଯାଉଥିଲା । ଏହି ସମୟରେ ମୁଖ୍ୟମନ୍ତ୍ରୀ ହାତ ହଲାଇ ଓ ନମସ୍କାର କରି ଜନତାକୁ ସମ୍ବୋଧିତ କରିଥିଲେ । ଲୋକେ ମଧ୍ୟ ତାଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଏତେ ପାଖରେ ପାଇ କରଯୋଡ଼ି ପ୍ରଣାମ ଜଣାଇଥିଲେ ଏବଂ ହାତ ଉପରକୁ ଉଠାଇ ଜିନ୍ଦାବାଦ ନାରା ଦେଇଥିଲେ ।

## ରାସ୍ତାରେ ଝୋଟି, ଫୁଲର ଚାଦର

ସଂଧ୍ୟା ସାଢ଼େ ୬ଟାରେ ମୁଖ୍ୟମନ୍ତ୍ରୀ ଗଙ୍ଗନଗର ଛକରୁ ରୋଡ୍-ଶୋ' ଆରମ୍ଭ କରିଥିଲେ । ଏହାର ଅବ୍ୟବହିତ ପୂର୍ବରୁ ଦିନ ଆଲୁଅରେ ମୁଖ୍ୟମନ୍ତ୍ରୀଙ୍କ ଅପେକ୍ଷା କରି ରାସ୍ତାରେ ହଜାର ହଜାର ଲୋକ ଛିଡ଼ା ହୋଇଥିଲେ । ଛୋଟ ପିଲାଠାରୁ ଆରମ୍ଭ କରି ବୟସ୍କ ମହିଳାଙ୍କ ପର୍ଯ୍ୟନ୍ତ; ସବୁବର୍ଗର ଲୋକେ 'ନବୀନ ପଟ୍ଟନାୟକ ସ୍ୱାଗତମ୍', 'ନୂଆ ଓଡ଼ିଶା ନବୀନ ଓଡ଼ିଶା', ଶଙ୍ଖ ଚିହ୍ନ ଆଦି ଝୋଟି ମୁରୁଜରେ ରାଜରାସ୍ତାରେ ଆଙ୍କି ମୁଖ୍ୟମନ୍ତ୍ରୀଙ୍କ ଆସିବା ବାଟକୁ ଚାହିଁ ବସିଥିଲେ । କ୍ୟାପିଟାଲ ହସ୍ପିଟାଲ୍ ପଛପାର୍ଶ୍ୱରେ ଥିବା ବିଜୁ ଆଦର୍ଶ କଲୋନୀର ମହିଳା ମନୋରମା ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପାଇଁ ଝୋଟି ପକାଉଥିଲେ । ଏହି ଅବସରରେ ସେ କହିଥିଲେ, ମୁଁ ସ୍ୱତଃପ୍ରବୃତ୍ତ ଭାବେ ଏହି ଝୋଟି ପକାଉଛି । ମୁଖ୍ୟମନ୍ତ୍ରୀ ଆମ ରାଜ୍ୟ ପାଇଁ କେତେ କ'ଣ କରୁଛନ୍ତି, ତାଙ୍କ ପାଇଁ ଆମେ ଏହି ସାମାନ୍ୟ ଝୋଟିଟିଏ କରି କ'ଣ ତାଙ୍କୁ ସମ୍ବର୍ଦ୍ଧନା ଦେଇପାରିବାନି । ତାଙ୍କ ପ୍ରତି ଥିବା ଭଲ ପାଇବାକୁ ମୁଁ ଏହି ଝୋଟି ମାଧ୍ୟମରେ ପ୍ରତିପାଦିତ କରିବାକୁ ଚେଷ୍ଟା କରୁଛି ବୋଲି ସେ କହିଛନ୍ତି ।

## ଢେମ୍‌ସାର ଢମ୍‌ଢମ୍

ମୁଖ୍ୟମନ୍ତ୍ରୀଙ୍କ ଗାଡ଼ି ଆଗରେ ଢେ଼ମ୍‌ସା ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ନୃତ୍ୟ ଦେଖିବାକୁ ଲୋକେ ଦଣ୍ଡେ ଅଟକି ଯାଉଥିଲେ । ଆଦିବାସୀ ଭଉଣୀମାନଙ୍କ ମନୋରମ ନୃତ୍ୟ ସମଗ୍ର ପରିବେଶକୁ ବେଶ ବିହ୍ୱଳିତ କରି ଦେଉଥିଲା । ଗୁରୁ ସାଗର ବିଶୋଇଙ୍କ ତତ୍ତ୍ୱାବଧାନରେ ଏହି ନୃତ୍ୟଶିଳ୍ପୀ ନିଖୁଣ ନୃତ୍ୟ ପରିବେଷଣ କରି ଏହି ଶୋଭାଯାତ୍ରାର ଶୋଭାବର୍ଦ୍ଧନ କରିଥିଲେ । ମୁଖ୍ୟମନ୍ତ୍ରୀ ସବୁବେଳେ ଆମ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଗୁରୁତ୍ୱ ଦେଇ ଆସୁଥିବା ବେଳେ ରୋଡ୍ ଶୋ'ରେ ଏଭଳି ନୃତ୍ୟ ପରିବେଷଣ ମୁଖ୍ୟମନ୍ତ୍ରୀଙ୍କର ଆମ କଳାକାରଙ୍କ ପ୍ରତି ଥିବା ମମତ୍ୱବୋଧକୁ ପ୍ରମାଣିତ କରିଥିଲା ।

## ଲୋକନୃତ୍ୟରେ ସ୍ୱାଗତ


ମୁଖ୍ୟମନ୍ତ୍ରୀ ଯେଉଁ ରାସ୍ତା ଦେଇ ଯାଉଥିଲେ, ତାଙ୍କୁ ଭିନ୍ନ ଆନ୍ଦାଜରେ ସ୍ୱାଗତ କରିଥିଲେ 'ଶୁଭଶ୍ରୀ ଶଙ୍ଖଧ୍ୱନି ଫୋକ୍ ଡ୍ୟାନ୍ସ କଳାକେନ୍ଦ୍ର'ର କଳାକାର । ବିପୁଳ ଜନସମାଗମ ଭିତରେ ଏହି ପାରମ୍ପରିକ ଲୋକନୃତ୍ୟ ଏକ ନିଆରା ପରିବେଶ ସୃଷ୍ଟି କରିଥିଲା । ଗୁରୁ ରାଜେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ୨୨ଜଣ ଲୋକନୃତ୍ୟ କଳାକାର ପାରମ୍ପରିକ ପୋଷାକରେ ନୃତ୍ୟ ପରିବେଷଣ କରିଥିଲେ ।

## ହଜାର ହଜାର ନବୀନ

ଶୋଭାଯାତ୍ରାରେ ହଜାର ହଜାର ଦଳୀୟ କର୍ମୀ, ଲୋକେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୁଖା ପିନ୍ଧି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । 'ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ରୂପେ ନିର୍ବାଚିତ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସାଧାରଣରୁ ଅତି ସାଧାରଣ, ମଧ୍ୟବିତ୍ତ ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଖଞ୍ଜି ଦେଇଛନ୍ତି ଅନେକ ଯୋଜନା । ବିଶେଷକରି 'ବିଏସ୍‌କେୱାଇ' ଏକାଧିକ ରୋଗୀଙ୍କୁ ନବଜନ୍ମ ପ୍ରଦାନ କରୁଛି ବୋଲି ଲୋକମାନେ ନାରା ଦେଇଥିଲେ । ଏଭଳି ଧ୍ୱନି ସହ ରାସ୍ତାଘାଟ ସବୁଠି ନବୀନ ମାନିଆ ଦେଖିବାକୁ ମିଳିଥିଲା ।

## ଶଙ୍ଖ ପାଖରେ ଫଟୋଟିଏ

ଗଙ୍ଗନଗର ଟ୍ରାଫିକ୍ ଛକ ଆଗରେ ଏକ ବୃହତ୍ ଅସ୍ଥାୟୀ ଶଙ୍ଖ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇଥିଲା । ରୋଡ ଶୋ'ରେ ସାମିଲ ହେବାକୁ ଆସିଥିବା ଲୋକମାନେ ଏଠାରେ ଫଟୋଟିଏ ଉଠାଇ ନିଜ ମୋବାଇଲରେ ସାଇତି ରଖୁଥିଲେ । ପିଲାଠୁ ବୟସ୍କ ପର୍ଯ୍ୟନ୍ତ ଏକାଧିକ ବ୍ୟକ୍ତି ଏହି ପ୍ରତିମୂର୍ତ୍ତି ପାଖରେ ଭିଡ଼ ଜମାଇଥିଲେ । ସମସ୍ତେ ଫଟୋ ଉଠାଇବା ପାଇଁ ବ୍ୟାକୁଳ ହୋଇଉଠୁଥିଲେ । କିଛି ଛୋଟ ପିଲା ଶଙ୍ଖ ପ୍ରତିକୃତି ଆଗରେ ପାଖରେ ବସି ରହିଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଶୁଭ ଶଙ୍ଖ ସକାରାତ୍ମକତାର ପ୍ରତୀକ । ଶଙ୍ଖ ବିକାଶର ପ୍ରତୀକ । ଏହି ରୋଡ୍ ଶୋ' ଆରମ୍ଭରୁ ଶଙ୍ଖ ପ୍ରତି ଏଭଳି ଭଲ ପାଇବା ଏହାକୁ ପ୍ରମାଣିତ କରୁଛି ।
















## ଆମ୍ବୁଲାନ୍ସକୁ ଛାଡ଼ିଲେ ବାଟ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ତାଙ୍କ ମହାନତାର ଆଉ ଏକ ନିଦର୍ଶନ ଦେଖାଇଛନ୍ତି । ତାଙ୍କ ରୋଡ୍ ଶୋ' ସମୟରେ ଭିଡ଼ରେ ଫସିଥିବା ଏକ ଆମ୍ବୁଲାନ୍ସକୁ ରାସ୍ତା ଦେଇ ତାଙ୍କ ଉଦାରତାର ପ୍ରମାଣ ଦେଇଛନ୍ତି । ଅନେକ ନେତାଙ୍କ କାର୍ଯ୍ୟକ୍ରମରେ ଆମ୍ବୁଲାନ୍ସ ରାସ୍ତାରେ ଫସିଥିବା ଦେଖିବାକୁ ମିଳୁଥିବା ବେଳେ ତାଙ୍କ ଖୋଦ୍ ମୁଖ୍ୟମନ୍ତ୍ରୀ ଆମ୍ବୁଲାନ୍ସକୁ ରାସ୍ତା ଛାଡ଼ି ମହାନୁଭବର ପରିଚୟ ଦେଇଛନ୍ତି । ଗଙ୍ଗନଗର ଛକରେ ମୁଖ୍ୟମନ୍ତ୍ରୀ ଗାଡ଼ି ଉପରକୁ ଉଠି ସେଠାରେ ସମବେତ ହଜାର ହଜାର ଲୋକଙ୍କୁ ଉଦବୋଧନ ଦେବା ଆରମ୍ଭ କରିଥିଲେ । ରାସ୍ତା ଖଚାଖଚ ଭିଡ଼ ଥିଲା । ଏକପ୍ରକାର ଟ୍ରାଫିକ୍ ଜାମ୍ ଅବସ୍ଥା ଉପୁଜିଥିଲା ।

ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋ' ପାଇଁ ଗତକାଲିଠାରୁ କମିସନରେଟ୍ ପୋଲିସ୍ ଆଡଭାଇଜରୀ ଜାରି କରିଥିଲା । ସ୍ୱତନ୍ତ୍ର ରୁଟ୍ ପ୍ଲାନ୍ ମଧ୍ୟ ଘୋଷଣା କରାଯାଇଥିଲା । ଫଳରେ ରୋଡ୍ ଶୋ' ବେଳକୁ ଏହି ରାସ୍ତାରେ ସାଧାରଣ ଲୋକ ଓ ଯାନବାହନ ଯାତାୟାତ ବନ୍ଦ ଥିଲା । କିନ୍ତୁ ମୁଖ୍ୟମନ୍ତ୍ରୀ ଉଦବୋଧନ ଆରମ୍ଭ କରିଛନ୍ତି କି ନାହିଁ, ପଛରୁ ଶୁଭିଲା ଆମ୍ବୁଲାନ୍ସର ସାଇରନ୍ । ମୁଖ୍ୟମନ୍ତ୍ରୀ ଉଦବୋଧନ କିଛି କ୍ଷଣ ପାଇଁ ବନ୍ଦ କରି ଦେଲେ । ହାତ ହଲାଇ ଆମ୍ବୁଲାନ୍ସକୁ ରାସ୍ତା ଛାଡିବାକୁ ଇସାରା ଦେଲେ । ତାଙ୍କ ଇସାରା ପାଇବା ମାତ୍ରେ ଲୋକେ ଆଡେଇ ହୋଇଗଲେ ଓ ପୁଲିସ୍ ମଧ୍ୟ କର୍ଡନ କରି ଆମ୍ବୁଲାନ୍ସକୁ ବାଟ କଢ଼ାଇ ନେଇଥିଲା । ଏତେ ଭିଡ଼ ରୋଡ୍ ଶୋ'ରେ ମଧ୍ୟ ଆମ୍ବୁଲାନସଟି ଗୋଟିଏ ସେକେଣ୍ଡ ନ ଅଟକି ନିଜ ଗନ୍ତବ୍ୟପଥରେ ଚାଲି ଯାଇଥିଲା ।

## ଆଉଥରେ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ନବୀନ ପଟ୍ଟନାୟକ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉଥରେ ମୁଖ୍ୟମନ୍ତ୍ରୀ ହୁଅନ୍ତୁ । ସେ ଆମ ପାଇଁ କେତେ କ'ଣ ସୁବିଧା କରି ଦେଇଛନ୍ତି । ମୋତେ ୮୩ବର୍ଷ ବୟସ ହେଲାଣି । ମୋ ଆଣ୍ଠୁଗଣ୍ଠି ଜନିତ ରୋଗରେ ରୋଗାକ୍ରାନ୍ତ । ଔଷଧ ଖାଇବା ପାଇଁ ଭାରି ସମସ୍ୟା ଭୋଗୁଥିଲି । ପୁଅ, ଝିଅମାନେ ଯେତିକି ରୋଜଗାର କରୁଥିଲେ, ସେଥିରେ ତାଙ୍କର ପରିବାର ଚଳାଇବା କଷ୍ଟ ହୋଇଯାଉଥିଲା । ମୋତେ ହଜାରେ ଟଙ୍କା ଭତ୍ତା ମିଳିବାରୁ ମୁଁ ଏବେ ଔଷଧ କିଣି ଖାଇପାରୁଛି । ନବୀନ ବାବୁ ଆମ ପାଇଁ ସବୁ କରିଛନ୍ତି । ତାଙ୍କ ଛଡ଼ା ଆମେ ଆଉ କାହାକୁ ବି ମୁଖିଆ ଭାବେ ଦେଖିବାକୁ ଚାହୁଁନୁ ବୋଲି ସେ କହିଛନ୍ତି ।

**ଚମ୍ପତି ପ୍ରଧାନ**, ଗଙ୍ଗନଗର ବାସିନ୍ଦା

## 'ମୋ ଆୟୁଷ ତାଙ୍କୁ ଲାଗୁ...'



ମୋ ପେଟରେ ଷ୍ଟୋନ୍ ହେଇଛି । ଡାକ୍ତର ଅସ୍ତ୍ରୋପଚାର କରିବାକୁ କହୁଛନ୍ତି । ମାତ୍ର ମୁଁ ଯେତିକି ରୋଜଗାର କରୁଛି, ସେତିକି ମୋ ଚଳିବା ପାଇଁ ନିଅଣ୍ଟ । ତେଣୁ ଟଙ୍କା କୋଉଠି ଆଣିବି ଯେ ରୋଗ ଭଲ କରିବି । ଡାକ୍ତରବାବୁ ମୋତେ କହିଲେ, ତମ ପାଖରେ ବିଏସ୍‌କେୱାଇ କାର୍ଡ ଅଛି ମାନେ ତୁମର ସମ୍ପୂର୍ଣ୍ଣ ମାଗଣାରେ ଅସ୍ତ୍ରୋପଚାର ହେବା ସହ ଔଷଧ ବି ଯୋଗାଇ ଦିଆଯିବ । ତୁମେ ଚିନ୍ତା କରନାହିଁ । ମୁଁ ଏବେ ଚିନ୍ତାମୁକ୍ତ । ଖୁବ୍‌ଶୀଘ୍ର ଅସ୍ତ୍ରୋପଚାର କରିବି । ମୋ ଆୟୁଷ ତାଙ୍କୁ ଲାଗୁ, ସେ ସବୁବେଳେ ଆମର ମୁଖ୍ୟମନ୍ତ୍ରୀ ହୋଇ ରୁହନ୍ତୁ ।

**ସତ୍ୟଭାମା ନାୟକ**, ୟୁନି-୮ ବସ୍ତି ବାସିନ୍ଦା

## ବିଜେଡି ପୁଣି କ୍ଷମତାକୁ ଆସିବା ଦରକାର



ଆମ ଗାଁକୁ ଭଲ ରାସ୍ତା ନଥିଲା । ଚତୁର୍ମାସ୍ୟାରେ ଗାଁକୁ ଗାଡ଼ି ଯିବା ତ ଦୂରର କଥା ଚାଲିକି ଯିବା ମଧ୍ୟ ସମ୍ଭବ ହେଉନଥିଲା । ଏବେ ଆମ ଗାଁକୁ ପକ୍କା ସଡ଼କ ହୋଇଛି । ଲୋକମାନଙ୍କର ଦେହ ଖରାପ ହେଲେ ୧୦୮ ଆମ୍ବୁଲାନ୍ସ ତତ୍‌କ୍ଷଣାତ୍ ପହଞ୍ଚି ଯାଉଛି । ଘରଠାରୁ ମାତ୍ର ୮ କିଲୋମିଟର ଦୂରରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଅଛି । ରୋଗ ଭଲ କରିବା ପାଇଁ ସହରକୁ ଆସିବାକୁ ପଡୁନି । ମୋ ପିଲାମାନେ କଲେଜରେ ପଢୁଛନ୍ତି । ସେମାନେ ଏଥର 'ନୂଆ-ଓ' ଛାତ୍ରବୃତ୍ତି ପାଇଁ ଉଚ୍ଚ ଶିକ୍ଷା ପାଇଁ ଟଙ୍କା ଯୋଗାଡ଼ କରିପାରିଛନ୍ତି । ନଚେତ ମୋ ଭଳି ସ୍ୱଳ୍ପ ବେତନ ଭୋଗୀ ବେସରକାରୀ କର୍ମଚାରୀ ପାଇଁ ପିଲାଙ୍କ ଉଚ୍ଚ ଶିକ୍ଷା ଦେବା କଷ୍ଟକର ହୋଇଥା'ନ୍ତା । ତେଣୁ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବିଜେଡି ପୁନର୍ବାର କ୍ଷମତାକୁ ଆସିବା ଦରକାର ।

**ପ୍ରଫୁଲ୍ଲ ନାୟକ**, ସିରିପୁର ବାସିନ୍ଦା

## 'ଓଡ଼ିଶା ମାଟିର ବିକାଶ ପୁରୁଷ ନବୀନ ପଟ୍ଟନାୟକ'



ମୋ ଘର ଜଗତସିଂହପୁରରେ । ମୁଁ ଏଠି ଏକ ଘରୋଇ କମ୍ପାନୀରେ କାମ କରୁଛି । ମୁଁ ଭୋଟ୍ ଦେବା ଦିନଠାରୁ ବିଜୁ ପଟ୍ଟନାୟକଙ୍କୁ ଭୋଟ୍ ଦେଇଥିଲି । ତା' ପରେ ତାଙ୍କ ପୁଅ ନବୀନ ପଟ୍ଟନାୟକଙ୍କୁ ଦେଉଛି । ନବୀନ ବାବୁ ଜଣେ ଦରଦୀ ହୃଦୟର ମଣିଷ । ମୁଁ ତାଙ୍କୁ ଦେଖିବା ପାଇଁ ମୋ କାମ ଛାଡ଼ି ଜନପଥକୁ ଦୌଡ଼ି ଆସିଛି । ସେ ଓଡ଼ିଶାର ବିକାଶକୁ ଶିଖରରେ ପହଞ୍ଚାଇଛନ୍ତି । ତାଙ୍କୁ ଯେତେ ଶବ୍ଦ ଦେଇ ପ୍ରଶଂସା କଲେ ମଧ୍ୟ କମ ପଡ଼ିବ । ଗୋଟିଏ ଧାଡ଼ିରେ କହିଲେ ଓଡ଼ିଶାର ବିକାଶ ପୁରୁଷ ହେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଓଡ଼ିଶା ଆଜି ଯଦି ଏଭଳି ବିକାଶ ପଥରେ ଅଗ୍ରସର ହୋଇଛି କେବଳ ତାଙ୍କ ଯୋଗୁଁ ସମ୍ଭବ ହୋଇପାରିଛି ।

**ଆଲୋକ ବେହେରା**, ବାୟାବାବା ମଠ

# ବିପଦସଙ୍କୁଳ ଅବସ୍ଥାରେ ନଦୀକୁଣ୍ଡା ଶଙ୍ଖ

ବାଙ୍କୀ,୧୬।୫(ସମିସ)

ବାଙ୍କୀ-ଖୋର୍ଦ୍ଧା-ଭୁବନେଶ୍ୱର ରାସ୍ତା ଅଗ୍ନିଶମ କାର୍ଯ୍ୟାଳୟ ସାମ୍ନାରେ ଥିବା ନଦୀକୁଣ୍ଡା ଶଙ୍ଖ ପ୍ରବଳ ବର୍ଷାରେ ଧୋଇ ହୋଇଯିବା ଫଳରେ ବିପଦସଂକୁଳ ଅବସ୍ଥାରେ ରହିଛି। ଏହି ରାସ୍ତାର ବାଙ୍କୀ ସହର ଠାରୁ ଦେଢ଼ କିମି ଦୂରରେ ଥିବା ଏହି ପୋଲ ଉପରେ ଦୈନିକ ଶହ ଶହ ସଂଖ୍ୟାରେ ଯାତ୍ରୀବାହୀ ବସ୍ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ କରୁଛି। ବିଶେଷ ଭାବରେ ବାଙ୍କୀ-ଖୋର୍ଦ୍ଧା-ଭୁବନେଶ୍ୱର ମଧ୍ୟରେ ଯାତ୍ରୀବାହୀ ବସରେ ଶହ ଶହ ଯାତ୍ରୀ ଗମନାଗମନ କରୁଛନ୍ତି। କେଉଁ ମୁହୂର୍ତ୍ତରେ ଗାଡିଗୁଡିକ ଦୁର୍ଘଟଣାଗ୍ରସ୍ତ ନ ହେବ କହି ହେବନି। ଏ ସଂପର୍କରେ ବାଙ୍କୀ ପୂର୍ତ୍ତ ବିଭାଗ ଅଧିକାରୀ ବିନୟ କୁମାର ପଣ୍ଡାଙ୍କୁ କ୍ରମାଗତ ଦୁଇ ଦିନ ହେଲା ଅବଗତ କରାଯାଉଥିଲେ ମଧ୍ୟ ସେ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି ଏବଂ ସେ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଅଛନ୍ତି ବୋଲି ସଫେଇ ଦେଉଛନ୍ତି। ଏଥିପ୍ରତି ପୂର୍ତ୍ତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଜନସାଧାରଣଙ୍କ ଜୀବନ କିପରି ବିପଜ୍ଜନକ ନ ହେବ ସେ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।



## ବୃଦ୍ଧାଙ୍କ ସନ୍ଦେହଜନକ ମୃତ୍ୟୁ; ହତ୍ୟା ଅଭିଯୋଗ

**ମାହାଙ୍ଗା,୧୬।୫(ସମିସ):** ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ପାଇକରାପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ବୃଦ୍ଧା ମାତାଜୀ ପ୍ରଧାନ (୭୦)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଛି। ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ପାଇଁ ଏକ ପିନ୍ଧା ଲୁଗାରେ ଫ୍ୟାନରେ ଝୁଲାଇ ଦେଇଥିବା ନେଇ ଭଦ୍ରେଶ୍ୱର ଥାନାରେ ତାଙ୍କର ନିକଟ ସଂପର୍କୀୟ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରି କେସ ନଂ ୮୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ମେଡିକାଲ ପଠାଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ ମାତାଜି ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳା ହୋଇଥିବାବେଳେ ସେ ନିଜ ବାପ ଘର ଗାଁରେ ରହି ଆସୁଥିଲେ। ତାଙ୍କର ଏକମାତ୍ର ପୁତ୍ର ରୋଗରେ ମରିଯିବା ପରେ ପାରିବାରିକ କଳହ ଯୋଗୁ ସେ ଜଣେ ନିକଟ ସଂପର୍କୀୟଙ୍କ ଘରେ ରହି ଆସୁଥିଲେ। ତେବେ ଘଟଣା ଦିନ ମାତାଜି ସେଠାରୁ ନିଜ ଘରକୁ ଆସିଥିବାବେଳେ ଗତକାଲି ସନ୍ଧ୍ୟାରେ ବେକରେ ପିନ୍ଧା ଲୁଗା ସାହାଯ୍ୟରେ ଫ୍ୟାନରେ ରଶି ଦେଇ ମୃତ୍ୟୁବରଣ କରିଥିବାବେଳେ ତାଙ୍କର ଦୁଇଟି ଯାକ ଆଣ୍ଠୁ ଖଟ ଉପରେ ଲାଗି ରହିଥିବାରୁ ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସେ ପାରିବାରିକ କଳହକୁ ନେଇ ଆତ୍ମହତ୍ୟା କରିଥିବା ତାଙ୍କର ବିଧବା ପୁତ୍ରବଧୂ ଥାନାରେ ଲିଖିତ ଭାବେ ଜଣାଇଥିବାବେଳେ ମାତାଜିଙ୍କୁ ତାଙ୍କ ଗାଁର କିଛି ଲୋକ ମାରି ଟାଙ୍ଗି ଦେଇଥିବା ତାଙ୍କର ନିକଟ ସଂପର୍କୀୟ ସବିତା ସାମଲ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ସାଲେପୁର ଏସଡିପିଓ ନିହାର ରଞ୍ଜନ ପ୍ରଧାନ, ଆଇଆଇସି କାବୁଲି ବାରିକ ସେଠରେ ପହଞ୍ଚି ଅନୁସନ୍ଧାନକାରୀ ଦଳ ସହାୟତାରେ ତଦନ୍ତ କରି ମାହାଙ୍ଗା ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନଙ୍କ ଉପସ୍ଥିତିରେ ଶବ ଜବତ କରିଥିଲେ। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଉନ୍ମୋଚନ ହୋଇପାରିବ ବୋଲି କହିଥିଲେ।

### ଯୋଜନାର ସଫଳ ରୂପାୟଣରେ ଆଠଗଡ଼ ବୟନ ମଣ୍ଡଳ ଅଗ୍ରଣୀ

## ବୁଣାକାରଙ୍କ ବିକାଶରେ ଅଣବୁଣାକାର ବାଧକ

**ବଡମ୍ବା,୧୬।୫(ସମିସ):** ବୟନ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ତରଫରୁ ବୁଣାକାରଙ୍କ ପାଇଁ ଯୋଗାଇ ଦିଆଯାଉଥିବା ବିଭିନ୍ନ ଯୋଜନାର ସଫଳ ରୂପାୟଣ ଫଳରେ ଆଠଗଡ ବୟନ ମଣ୍ଡଳର ବୁଣାକାର ବହୁଳ ବଡମ୍ବା ବ୍ଲକର ମାଣିଆବନ୍ଧ ଓ ତିଗିରିଆ ବ୍ଲକ ନୂଆପାଟଣାର ବୁଣାକାରଙ୍କ ଆର୍ଥିକ ସ୍ୱଚ୍ଛଳତା ବଢ଼ିଥିବା ମାଣିଆବନ୍ଧ ହସ୍ତତନ୍ତ କ୍ଲଷ୍ଟର୍ କନ୍ ସୋର୍ଟିୟମ୍ "ମହକ'ର ସଂପାଦକ ଅରକ୍ଷିତ ସ୍ୱାଇଁ ପ୍ରକାଶ କରିଛନ୍ତି। ଆଠଗଡ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକ ଶ୍ରୀକାନ୍ତ ନାୟକ ଏବଂ ବୟନ ତତ୍ତ୍ୱବଧାରକ ଦାମୋଦର ବେହେରାଙ୍କ ଉଦ୍ୟମ, କଠିନ ପରିଶ୍ରମ ଓ କାର୍ଯ୍ୟଦକ୍ଷତା ପାଇଁ ସମସ୍ତ ଯୋଜନାର ସଫଳ ରୂପାୟଣ ହୋଇପାରିଛି ବୋଲି "ମହକ'ର ସଂପାଦକ ଶ୍ରୀ ସ୍ୱାଇଁ କହିଛନ୍ତି। ବିଗତ ବର୍ଷରେ ଆଠଗଡ ବୟନ ମଣ୍ଡଳର ବୁଣାକାରଙ୍କୁ ମିଳିଥିବା ବିଭିନ୍ନ ଯୋଜନା ଯଥା ବୁଣାକାର କର୍ମଶାଳା, ତନ୍ତ ସରଞ୍ଜାମ, ବବିନ୍ ୱାଇଡିଙ୍ଗ ମେସିନ ଏବଂ ଇନଭର୍ଟର ଆଦି ଯୋଜନା ପାଇବାରେ ଆଠଗଡ ବୟନ ମଣ୍ଡଳ ରାଜ୍ୟରେ ଅଗ୍ରଣୀ ହୋଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଉପରୋକ୍ତ ଯୋଜନା ସମେତ ବୟନ ଜ୍ୟୋତି ଯୋଜନାରେ ବୁଣାକାରମାନେ ୫୨୦୦ ଇନଭର୍ଟର ପାଇଛନ୍ତି। ଶ୍ରୀ ନାୟକ ଓ ଶ୍ରୀ ବେହେରାଙ୍କ ଉଦ୍ୟମ ଫଳରେ ଆଠଗଡ ବୟନ ମଣ୍ଡଳକୁ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଇନଭର୍ଟର ମିଳିବା ସହ ଠିକ୍ ସମୟରେ ବିନିଯୋଗ କରାଯାଇପାରିଛି। ଯୋଜନାର ସଫଳ ରୂପାୟଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବୟନ ତତ୍ତ୍ୱାବଧାରକ ଦାମୋଦର ବେହେରା ବୟନ ଶିଳ୍ପମନ୍ତ୍ରୀ ରୀତା ସାହୁଙ୍କ ଦ୍ୱାରା ସମ୍ବର୍ଦ୍ଧିତ ସହ ପୁରସ୍କୃତ ହୋଇଛନ୍ତି। ଉପରୋକ୍ତ ଯୋଜନାରେ ଫାଇଦା ଉଠାଇବା ପାଇଁ କେତେକ ଅଣବୁଣାକାର ଉଦ୍ୟମ କରି ବିଫଳ ହେବା ପରେ ମିଥ୍ୟା ଆରୋପ ଆଣି ଅଧିକାରୀଙ୍କୁ ବଦନାମ କରିବା ସହ ବୁଣାକାରଙ୍କ ଉନ୍ନତିରେ ବାଧକ ସାଜିବା ନେଇ "ମହକ'ର ସମ୍ପାଦକ ଏହାର ନିନ୍ଦା କରିବା ସହ ଆବଶ୍ୟକ ପଡିଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## କ୍ଷେତ୍ରପାଳିକା ପୀଠରେ ମହାଯଜ୍ଞ ପ୍ରସ୍ତୁତି

**ଚୌଦ୍ୱାର,୧୬।୫(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ନଖରା ପଞ୍ଚାୟତ ଅନ୍ତର୍ଗତ ବଡ଼ଚାଣ୍ଡୋ ଗ୍ରାମସ୍ଥିତି ବହୁ ପୁରାତନ ମନ୍ଦିର କ୍ଷେତ୍ରପାଳ ଓ କ୍ଷେତ୍ରପାଳିକାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୀଠ ପୂଜକ ବାବା ବିଜୟାନନ୍ଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଯଜ୍ଞ କମିଟିର କର୍ମକର୍ତ୍ତାମାନେ ଯୋଗଦେଇ ଚଳିତ ମାସ ୧୯ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମହାଯଜ୍ଞକୁ ଆଡମ୍ବର ସହକାରେ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ପ୍ରତିଦିନ ନାମ ସଂକୀର୍ତ୍ତନ, ଭଜନ ସଂଧ୍ୟା, ଅପେରା, ନାରାୟଣ ସେବା ଆଦି କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥିର କରାଯାଇଥିଲା। ଯଜ୍ଞ କମିଟି ସଭାପତି ମାୟାଧର ମଲ୍ଲ, ମହେନ୍ଦ୍ର ପରିଡ଼ା, ଲିଙ୍ଗରାଜ ସ୍ୱାଇଁ, ଶଙ୍କର୍ଷଣ ରାଉତ, ପୂର୍ଣ୍ଣଚନ୍ଦ୍ର ନାୟକ, ମହେଶ୍ୱର ସିଂହ, ସୁବାସ ଦାସ, ଲିଙ୍ଗରାଜ ନାୟକ, ନିମାଇଁ ଦାସ, କିଶୋର ସ୍ୱାଇଁ, ଅଖିଳ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ନବୀନ କିଶୋର ସିଂ ପୂର୍ବ ବର୍ଷର ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ।



## ପୋଡ଼ାମରାଇ ବିଜେଡିରେ ମିଶ୍ରଣ ପର୍ବ

**ମାହାଙ୍ଗା,୧୬।୫(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ପୋଡାମରାଇ ପଞ୍ଚାୟତର ବହୁ ଅନ୍ୟ ଦଳର କର୍ମୀ ଦଳ ପରିତ୍ୟାଗ କରି ବିଜେଡି ଦଳରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ଶାସନ ଓ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ବିକାଶମୂଳକ କାର୍ଯ୍ୟ ଏବଂ ଦୃଢ ସଂଗଠନରେ ଅନୁପ୍ରାଣିତ ହୋଇ ପଞ୍ଚାୟତର ବହୁ ଅନ୍ୟ ଦଳର କର୍ମୀ କୁଆଁପାଳ ଅଳିଯୋଡାସ୍ଥିତ ବିଧାୟକ ଶ୍ରୀ ଜେନାଙ୍କ ବାସଭବନ ପରିସରରେ ଆନୁଷ୍ଠାନିକ ଭାବେ ବିଜେଡି ଦଳରେ ଯୋଗଦାନ କରିଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ଜେନା ଉପସ୍ଥିତ ରହି ନୂତନ ଭାବେ ଯୋଗଦେଇଥିବା କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗଛ ଦେଇ ସ୍ୱାଗତ କରି ପୋଡାମରାଇ ପଞ୍ଚାୟତରେ ବିଜେଡି ଦଳ ତୃଣମୂଳସ୍ତରରେ କିପରି ଆହୁରି ମଜଭୁତ ହେବା ସହ ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟ ହେବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୋଡାମରାଇ ପଞ୍ଚାୟତର ବାଇଧର ରାଉତ, ଅକ୍ଷୟ ମହାନ୍ତି, ନରହରି ଜେନା, ହୃଷିକେଶ ପଲେଇ, ରତିକାନ୍ତ ସେଠୀଙ୍କ ସମେତ ବହୁ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ୫୭ ନଂ ୱାର୍ଡରେ ବିଜୁ ଯୁବ ଛାତ୍ର କର୍ମୀ ସମ୍ମିଳନୀ

**କଟକ,୧୬।୫(ସମିସ):** ୫୭ନଂ ୱାର୍ଡରେ ବିଜୁ ଯୁବ ଛାତ୍ର କର୍ମୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ସଦର ବିଜୁ ଜନତା ଦଳ ପ୍ରାର୍ଥୀ ଚନ୍ଦ୍ର ସାରଥୀ ବେହେରା, ସମ୍ମାନିତ ଅତିଥି ଭାବେ କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ମନୋରଞ୍ଜନ ମହାପାତ୍ର, ୱାର୍ଡ ବିଜେଡି ସଭାପତି ରଞ୍ଜନ ପାଲ୍, ସମାଜସେବୀ ପ୍ୟାରୀମୋହନ ରାଉତରାୟ ଯୋଗଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଚନ୍ଦ୍ର ସାରଥୀ ବେହେରା ବିଧାୟକ ପ୍ରାର୍ଥୀ ଓ ଡ. ସଂତୃପ୍ତ ମିଶ୍ର ଲୋକସଭା ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟ କରାଇବା ପାଇଁ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଯୁବ ଛାତ୍ର ପାର୍ଥ ସାରଥି ମହାଜନ, ଦେବାଶିଷ ଦାସ, ରତନ ବେହେରା, ଅନିଲ ବେହେରା, ପ୍ରକାଶ ବେହେରା, ନିଧିଆ ବେହେରା, ଅଭିଜିତ ବେହେରା, ଆଶିଷ ନାୟକ, ତପନ ପରିଡ଼ା, ଅମୀୟ ଦାସ, ବିଭୂତି ବାରିକ, ଚନ୍ଦନ ସାମଲ, ସରୋଜ ସାହୁ, ସରୋଜ ଦାସଙ୍କ ସହ ୱାର୍ଡ ବିଜୁ ଜନତା ଦଳର ବହୁ କର୍ମୀ ଉପସ୍ଥିତ ଥିଲେ।




## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ଟାଙ୍ଗୀ,୧୬।୫(ସମିସ):** ଗୁରୁବାର ଅପରାହ୍ନରେ ବିଦ୍ୟୁତ ଆଘାତ ଲାଗି ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ଟାଙ୍ଗୀ ହାଡୁଆ ସାହି ବାସିନ୍ଦା ରାକେଶ ନାୟକ(୩୮)ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ନିଜ ଘରର ବିଦ୍ୟୁତ ଜନିତ ସମସ୍ୟା ନେଇ ଶ୍ରୀ ନାୟକ କାର୍ଯ୍ୟ କରୁଥିବାବେଳେ ହଠାତ୍ ବିଦ୍ୟୁତ ଆଘାତର ଶିକାର ହୋଇଥିଲେ। ପରିବାର ଲୋକେ ଚିକିତ୍ସା ନିମନ୍ତେ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିବାବେଳେ ରାତି ଯୋଗୁଁ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜାଣିବାକୁ ମିଳିଛି।



## ଅଙ୍କିତ ପ୍ରତାପଙ୍କ ନିର୍ବାଚନ ପ୍ରଚାର

**ମାହାଙ୍ଗା,୧୬।୫(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପଞ୍ଚାୟତର ୫ନଂ ଓ ୨ନଂ ୱାର୍ଡରେ ବିଜୁ ଜନତା ଦଳ ପକ୍ଷରୁ ଘରକୁ ଘର ବୁଲି ଶଙ୍ଖରେ ସୁଇଚ୍ ଟିପି ମୋହର ଦେବାକୁ ଅନୁରୋଧ କରିଥିଲେ ମାହାଙ୍ଗା ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା। ସେ ଭୋଟ ଭିକ୍ଷା କରିବା ସହ ଲୋକମାନଙ୍କର ଭଲମନ୍ଦ ପଚାରି ବୁଝି ତାହାର କିପରି ସମାଧାନ ହୋଇପାରିବ ସେ ବିଷୟରେ ଆଲୋଚନା କରି ଆଗାମୀ ଦିନରେ ଯୋଡି ଶଙ୍ଖରେ ମୋହର ଦେଇ ମାହାଙ୍ଗା ବିଜେଡିକୁ ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଳେଶ୍ୱରପୁର ସରପଞ୍ଚଙ୍କ ପ୍ରତିନିଧି ସୁବାଷ ଚନ୍ଦ୍ର ଜେନା, ଜିଲ୍ଲା ପରିଷଦ ସଭ୍ୟା ରେବତୀ ସେଠୀ, ହୃଷିକେଶ ସ୍ୱାଇଁ, ଜ୍ଞାନେନ୍ଦ୍ର ପ୍ରସାଦ ତ୍ରିପାଠୀ, ରମେଶ ସାମଲ, ମୃତ୍ୟୁଞ୍ଜୟ ବରାଳ, ହିମାଂଶୁ ପୃଷ୍ଟି, କୃଷ୍ଣଚନ୍ଦ୍ର ସାମଲ, ଯଚିନ୍ଦ୍ର ବିଶ୍ୱାଳ, ଆଲୋକ ବାରିକ, ଦେବେନ୍ଦ୍ର ମହାନ୍ତି, ମାଧାବାନନ୍ଦ ନାୟକ, ପ୍ରତିମା ସାମଲ, ହେମନ୍ତ ବେହେରା, ପ୍ରଦୀପ୍ତ ବିଶ୍ୱାଳ, ତ୍ରିନାଥ ଜେନାଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## କମଙ୍ଗ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି

**ଟାଙ୍ଗୀ,୧୬।୫(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ କମଙ୍ଗ ଗ୍ରାମରେ ଥିବା ମା ବଉଳେଇ ଓ ବାବା ପରମେଶ୍ୱରଙ୍କ ଅଷ୍ଟମ ବାର୍ଷିକ ମହୋତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ତଥା ଗ୍ରାମ ମୁରବୀ କୈଳାସ ଚନ୍ଦ୍ର ମଲ୍ଲିକଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମବାସୀ ଯୋଗଦେଇ ଆସନ୍ତା ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରତିଷ୍ଠିତ ପଣ୍ଡିତଙ୍କ ଦ୍ୱାରା ମନ୍ଦିର ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଏଥିରେ କଳସ ଯାତ୍ରା, ଅଙ୍କୁରାରୋପଣ, ଗୀତା ହୋମଯଜ୍ଞ, ସୂର୍ଯ୍ୟପୂଜା, ପୂର୍ଣ୍ଣାହୁତି ହେବା ସହ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଶିଷ୍ଟ ପାଲା ଗାୟକଙ୍କ ଦ୍ୱାରା ପାଲା ପରିବେଷଣ, ଭଜନ ନୃତ୍ୟ ଓ ପ୍ରସିଦ୍ଧ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ଉକ୍ତ ବୈଠକରେ କମଙ୍ଗ ଓ କଉଡ଼ିଆପଡା ଗ୍ରାମବାସୀ ଉପସ୍ଥିତ ଥିଲେ।

### କଟକ ସଦରରେ ସଂତୃପ୍ତଙ୍କ ବାଇକ୍ ଶୋଭାଯାତ୍ରା

# 'ଶିକ୍ଷା, ସ୍ୱାସ୍ଥ୍ୟ ସହ ବୌଦ୍ଧିକ ଜ୍ଞାନର ବିକାଶ ମୋର ଲକ୍ଷ୍ୟ'

ଫୁଲନଖରା,୧୬।୫(ସମିସ)



କଟକ ସଦର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ଏକ ବିରାଟ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଟକ ସାଂସଦ ପ୍ରାର୍ଥୀ ଡକ୍ଟର ସଂତୃପ୍ତ ମିଶ୍ର ଓ ବିଧାୟକ ପ୍ରାର୍ଥୀ ଚନ୍ଦ୍ରସାରଥୀ ବେହେରା କଟକ ଗୋପାଳପୁରଠାରୁ ବାଇକ୍ ଶୋଭାଯାତ୍ରାରେ ବାହାରି କଟକ ମହାନଗର ନିଗମର ୫୭ନଂ ୱାର୍ଡ ପରିକ୍ରମା କରିବା ସହିତ ସଦର ବ୍ଲକ ୪ନଂ ଜୋନ୍ର ଉରାଳି, ଖଣ୍ଡାଏତା ଓ ଆମଣ ଗ୍ରାମପଞ୍ଚାୟତ ପରିକ୍ରମା କରିବା ସହିତ ଅଡ଼ାଳିଆ ଗ୍ରାମରେ ମଧ୍ୟାହ୍ନ ସମୟରେ ବିଶ୍ରାମ ନେଇଥିଲେ। ଏହି ଶୋଭାଯାତ୍ରାରେ ଲୋକମାନଙ୍କର ଉତ୍ସାହ ଓ ସ୍ୱତଃପ୍ରବୃତ୍ତ ଭାବରେ ଦଳରେ ସାମିଲ ହୋଇଥିବାର ଦେଖାଯାଇଥିଲା। ଦଳୀୟ କର୍ମୀମାନଙ୍କ ସହିତ ହଜାର ହଜାର ବାଇକ୍ ଶୋଭାଯାତ୍ରାରେ ବିଜୁ ଜନତା ଦଳର ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ବିକାଶୋନ୍ମୁଖୀ କାର୍ଯ୍ୟ ପ୍ରତି ଲୋକମାନେ ଆକୃଷ୍ଟ ହେବା ସହ ଚାଷୀମାନଙ୍କ ପାଇଁ କାଳିଆ ଯୋଜନା ଠାରୁ ଆରମ୍ଭ କରି ବିଏସ୍‌କେୱାଇ କାର୍ଡ ମାଧ୍ୟମରେ ଉପକୃତ ହୋଇଥିବା ପରିବାରର ସଦସ୍ୟମାନେ ସ୍ୱତଃପ୍ରବୃତ୍ତ ଭାବରେ ଏହି ଶୋଭାଯାତ୍ରାରେ ନିଜକୁ ସାମିଲ କରି ସଦର ମାଟିରେ ବିଜେଡିକୁ ପୁନର୍ବାର ବହୁସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାର ସଂକଳ୍ପ ନେଇଥିଲେ। ଜନସାଧାରଣଙ୍କ ପ୍ରଶ୍ନରେ ଡ଼ ମିଶ୍ର ହସି ହସି ସମସ୍ତଙ୍କୁ ଉତ୍ତର ଦେବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ବୌଦ୍ଧିକ ଜ୍ଞାନ କୌଶଳର ବିକାଶ କରିବା ଏବଂ ବିଶେଷ କରି ଚାଷୀମାନଙ୍କ ମନରେ ଦୀର୍ଘ ଦିନର ଅଭାବ ରହିଥିବା ଶୀତଳଭଣ୍ଡାରର ପୁନରୁଦ୍ଧାର କାର୍ଯ୍ୟ ପ୍ରତି ପ୍ରାଥମିକତା ଦେବେ ବୋଲି ପ୍ରକାଶ କରିଥିଲେ। ବିଧାୟକ ପ୍ରାର୍ଥୀ ଚନ୍ଦ୍ର ସାରଥି ବେହେରାଙ୍କୁ ସଦର ମାଟିରେ ତୃତୀୟ ଥର ଜିତାଇବା ପାଇଁ ଲୋକମାନଙ୍କ ମନରେ ଅପୂର୍ବ ଆଗ୍ରହ ସହିତ ମହିଳାମାନେ ନିଜ ଘର ସାମ୍ନାରେ ପ୍ରାର୍ଥୀମାନଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିବାର ଦେଖିବାକୁ ମିଳିଥିଲା। ଅପରାହ୍ନ ସମୟରେ ତେଲେଙ୍ଗାପେଣ୍ଠ ଠାରୁ ପୁନର୍ବାର ବାଇକ୍ ଶୋଭାଯାତ୍ରା ବାହାରି ୫୯ନଂ ୱାର୍ଡ ବିଜେଡି ସଭାପତି ଜ୍ଞାନରଂଜନ ସାହୁଙ୍କ ନେତୃତ୍ୱରେ ୱାର୍ଡ ପରିକ୍ରମା କରିଥିଲା। ଏହି ଅବସରରେ ଫୁଲନଖରା ଛକଠାରେ ୫୯ନଂ ୱାର୍ଡରେ ବିଜେଡି ଅଫିସ୍‌କୁ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ କଟକ ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ବିଜେଡି ସଭାପତି ଜ୍ଞାନରଞ୍ଜନ ସାହୁ, ରାଜ୍ୟ ବିଜେଡି ମହିଳା ସଂପାଦିକା ସୁଚିସ୍ମିତା ସାହୁ, ପ୍ରିୟରଞ୍ଜନ ବେହେରା, ପବିତ୍ର ବେହେରା, ଶିବ ପ୍ରସାଦ ପଟ୍ଟନାୟକ ଓ ରାକେଶ ପଟ୍ଟନାୟକଙ୍କ ସମେତ ଶହ ଶହ ବିଜେଡି କର୍ମୀ ଉପସ୍ଥିତ ଥିଲେ। ୫୮ନଂ ୱାର୍ଡ ବିଜେଡି ସଭାପତି ବିକ୍ରମ ଶତପଥିଙ୍କ ନେତୃତ୍ୱରେ ପାଞ୍ଚଶହରୁ ଉଦ୍ଧ୍ୱର୍ ବାଇକ୍ ଶୋଭାଯାତ୍ରାରେ ଉଭୟ ପ୍ରାର୍ଥୀଙ୍କୁ ୱାର୍ଡ ପରିକ୍ରମା କରାଇଥିଲେ।

### ୫୯ ନଂ ୱାର୍ଡରେ ବିଜେଡି ଅଫିସ୍ ଉଦ୍‌ଘାଟିତ

## ୪୨ ମୌଜାରେ ସଂତୃପ୍ତଙ୍କ ଚା' ଖଟି

କଟକ,୧୬।୫(ସମିସ)

କଟକ ଲୋକସଭା ପାଇଁ ବିଜେଡିର ସାଂସଦ ପ୍ରାର୍ଥୀ ଡ ସଂତୃପ୍ତ ମିଶ୍ର ବ୍ୟକ୍ତିଗତ ଭାବେ ତାଙ୍କ ନିର୍ବାଚନ ପ୍ରଚାର ଜୋରଦାର କରିଛନ୍ତି। କର୍ପୋରେଟ ଦୁନିଆରୁ ରାଜନୀତି ମଇଦାନକୁ ଆସିଥିବା ଡ.ମିଶ୍ର ତାଙ୍କ ପ୍ରଚାରଶୈଳୀ ଏବଂ ସାଧାରଣ ଜନତାଙ୍କ ସହିତ ମିଶିବା ଓ ଆତ୍ମୀୟତାର ଭାବବିନିମୟ କରିବା ଯୋଗୁଁ ଲୋକମାନଙ୍କର ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି। ୪୨ମୌଜା ବେଣ୍ଟକାର ଛକ ନିକଟରେ ଥିବା ଭଜଗୋବିନ୍ଦ ପୀଠରେ ସକାଳ ୭ଟା ସମୟରେ ସ୍ଥାନୀୟ ଜନସାଧାରଣ ଓ ନେତୃମଣ୍ଡଳୀଙ୍କ ସହିତ ଚା ପିଇବା ସହ ସ୍ଥାନୀୟ ଜନସାଧାରଣ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ସାଂସଦ ପ୍ରାର୍ଥୀଙ୍କୁ ସକାଳୁ ସକାଳୁ ପାଖରେ ପାଇ ଲୋକମାନଙ୍କର ଭିଡ ଜମିବା ସହିତ ସମସ୍ତେ ତାଙ୍କ ସହ ଚା ପିଇଥିଲେ। ଉପସ୍ଥିତ ଥିବା ଜନସାଧାରଣଙ୍କୁ ଆସନ୍ତା ୨୫ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ସାଧାରଣ ନିର୍ବାଚନରେ ସଦର ବିଧାୟକ ପ୍ରାର୍ଥୀ ଚନ୍ଦ୍ର ସାରଥୀ ବେହେରା ଓ ତାଙ୍କୁ ସାଂସଦ ପ୍ରାର୍ଥୀ ଭାବରେ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବା ପାଇଁ ଅନୁରୋଧ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବୀରବର ଲେଙ୍କା, ଭାନୁ ଦାସ, ସ୍ୱାଧୀନ ଶେଖର ଷଡ଼ଙ୍ଗୀ, ଜୟନ୍ତ ଦାସ, ଅଶୋକ ମହାନ୍ତି, ପ୍ରଦ୍ୟୁମ୍ନ ମହାନ୍ତି, ଗଣେଶ୍ୱର ବେହେରା, ଅମଜାଦ ଖାନ, ଅଜୟ ଦଳାଇ, ମିହିର ରଞ୍ଜନ ପତି, ପୁଷ୍ପ ରଞ୍ଜନ ବିଶ୍ୱାଳ, ଶରତ ଭୋଇ, ପ୍ରମୋଦ ରାଉତ, ହୃଷିକେଶ ରାଉତ, ପ୍ରତାପ ରାଉତ, ପ୍ରମୋଦ ମହାପାତ୍ର, ତ୍ରିଲୋଚନ ପତି, ପଦ୍ମନାଭ ଗୋଛାୟତ, ପଇନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।



ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ. ମହେଶ୍ୱର ମାଣ୍ଡୋଇ
ଆବିର୍ଭାବ: ୨୫.୦୫.୧୯୩୭
ତିରୋଧାନ: ୦୭.୦୫.୨୦୨୪
କାଠଖୁଣ୍ଟିଆ, ବେଗୁନିଆ, ଖୋର୍ଦ୍ଧା

ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ପୁତ୍ର: କୈଳାସ, ବଳରାମ, ଭରତ, ଶତ୍ରୁଘ୍ନ ଓ ଲକ୍ଷ୍ମୀଧର, ଝିଅ: ଶାନ୍ତିଲତା ଓ ଶୈଳବାଳା, ପୁତ୍ରବଧୂ, ନାତି ନାତୁଣୀ ଓ ଆତ୍ମୀୟସ୍ୱଜନ

ସକାଳ THE SAKALA


# ୨୦ରୁ ୨୨ ପର୍ଯ୍ୟନ୍ତ ପୋଷ୍ଟାଲ ବାଲଟ୍‌ରେ ମତଦାନ

## ସମସ୍ତ ଉପଜିଲ୍ଲାପାଳଙ୍କ ଅଫିସରେ ସୁବିଧାକେନ୍ଦ୍ର

**କଟକ,୧୬।୫(ସମିସ)**

ସପ୍ତମ ଓ ଶେଷ ପର୍ଯ୍ୟାୟରେ ହେବାକୁ ଥିବା ନିଆଳି, ସାଲେପୁର ଓ ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀର ସଂପୃକ୍ତ ପୋଲିଂ ଅଧିକାରୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଚଳିତମାସ ୨୦ ଓ ୨୧ ତାରିଖରେ କଟକ ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସୁବିଧାକେନ୍ଦ୍ର ଖୋଲାଯାଇଛି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଦେବା ନିମନ୍ତେ ଆବେଦନ କରିଥିବା ସମସ୍ତ ସରକାରୀ କର୍ମଚାରୀ ଯଥା ସେକ୍ଟର ମାଜିଷ୍ଟ୍ରେଟ୍, ସେକ୍ଟର ଅଧିକାରୀ, ଫ୍ଲାଇଙ୍ଗ ସ୍କ୍ୱାର୍ଡ ଏବଂ ରିଟର୍ଣ୍ଣିଂ ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଏହି ଦିବସ ମାନଙ୍କରେ ଉକ୍ତ ସୁବିଧାକେନ୍ଦ୍ରରେ ଭୋଟ ଦେଇପାରିବେ। ସେହିପରି ସମସ୍ତ ଯାନଚାଳକ, କଣ୍ଡକ୍ଟର ଓ ହେଲପରଙ୍କ ସମେତ ସେହିପରି ବିଭିନ୍ନ ଅତ୍ୟାବଶ୍ୟକ ସେବାରେ ନିୟୋଜିତ ଥିବା ସରକାରୀ କର୍ମଚାରୀ ତଥା ପୁଲିସ, ଅଗ୍ନିଶମ ସେବା, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନିୟୋଜିତ ଥିବା କର୍ମଚାରୀ, ଓଡିଶା ରାଜ୍ୟ ସଡକ ପରିବହନ ନିଗମ, ବିଦ୍ୟୁତ ବିଭାଗର କର୍ମଚାରୀ ଏବଂ ଭାରତୀୟ ନିର୍ବାଚନ ଆୟୋଗଙ୍କ ସ୍ୱୀକୃତିପ୍ରାପ୍ତ ଗଣମାଧ୍ୟମର ପ୍ରତିନିଧିମାନେ ପୋଷ୍ଟାଲ ଭୋଟିଂ କେନ୍ଦ୍ରରେ ୨୦, ୨୧ ଏବଂ ୨୨ ତାରିଖ ସକାଳ ୯ରୁ ଅପରାହ୍ନ ୫ ପର୍ଯ୍ୟନ୍ତ ଭୋଟ ଦେଇପାରିବେ। ସୂଚନାଯୋଗ୍ୟ ଗତ ୧୪ତାରିଖରୁ ଟ୍ରେନିଂ ସେଣ୍ଟରମାନଙ୍କରେ କଟକ ଜିଲ୍ଲା ଅନ୍ତର୍ଗତ ଅନ୍ୟ ବିଧାନସଭା ମଣ୍ଡଳୀର ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କର ପୋଷ୍ଟାଲ ବାଲାଟ ମାଧ୍ୟମରେ ଭୋଟ ଗ୍ରହଣ କରାଯାଉଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପ୍ରକୋଷ୍ଠରେ କଟକ ସଦର ଅଞ୍ଚଳର ନିର୍ବାଚନ ନିମନ୍ତେ ନିୟୋଜିତ ସଂପୃକ୍ତ ଅଧିକାରୀମାନଙ୍କ ନିମନ୍ତେ ସୁବିଧାକେନ୍ଦ୍ର ଖୋଲାଯାଇଛି। ୧୭ତାରିଖଠାରୁ କଟକ ସଦର ସମେତ ଆଠଗଡ ଓ ବଡମ୍ବା ନିର୍ବାଚନମଣ୍ଡଳୀରେ ଚିହ୍ନଟ କରାଯାଇଥିବା ୮୫ବୟସରୁ ଉର୍ଦ୍ଧ୍ୱ ତଥା ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କର ଘରେ ରହି ମତଦାନ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଥିବାବେଳେ ବାରବାଟୀ-କଟକ, ଚୌଦ୍ୱାର-କଟକ ଏବଂ ବାଙ୍କୀ ବିଧାନସଭା ମଣ୍ଡଳୀରେ ଆସନ୍ତା ୧୮ ତାରିଖରେ ଆରମ୍ଭ ହେବ ବୋଲି ଜିଲ୍ଲା ନିର୍ବାଚନ (ପୋଷ୍ଟାଲ ବାଲଟ) ନୋଡାଲ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି। ଏହି ମତଦାନ ପର୍ବରେ ଗଣତନ୍ତ୍ରର ଅଧିକାର ନିମନ୍ତେ ସମସ୍ତେ ସାମିଲ ହେବାକୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆ ଆହ୍ୱାନ ଦେଇଛନ୍ତି।

# ବିଜେଡି ପ୍ରାର୍ଥୀଙ୍କ ମୋଟର ସାଇକଲ ଶୋଭାଯାତ୍ରା



**ବାଙ୍କୀ,୧୬।୫(ସମିସ):** ଆଜି ବାଙ୍କୀ ବିଜୁ ଜନତା ଦଳ ପକ୍ଷରୁ ପଶ୍ଚିମ ବାଙ୍କୀର ୩୫ନମ୍ବର ଜୋନ୍‌ରେ ଏକ ବିରାଟ ମୋଟର ସାଇକଲ୍ ଶୋଭାଯାତ୍ରା କରାଯାଇ ଘରକୁ ଘର ବୁଲି ଭୋଟ ପ୍ରଚାର କରାଯାଇଥିଲା। ଏଥିରେ ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ପ୍ରତି ପଞ୍ଚାୟତରେ ଲୋକମାନଙ୍କୁ ସାକ୍ଷାତ କରି ଭୋଟ ଭିକ୍ଷା କରିଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ସାଂସଦ ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର ଏବଂ ବିଧାନସଭା ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀଙ୍କୁ ଯୋଡି ଶଙ୍ଖରେ ମୋହରଦେଇ ବିପୁଳସଂଖ୍ୟାରେ ବିଜୟ କରିବା ପାଇଁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମ ଅନୁଆରୀ ପଞ୍ଚାୟତର ଜାଡୁମଲ ଠାରୁ ଆରମ୍ଭ ହୋଇ ଗୋଳାଗଣ୍ଡ, ବରପୁଟ, ବ୍ରହ୍ମପୁରା, କିଆପଲ୍ଲା ଏବଂ ପୁଇଁଚା ୬ଟି ପଞ୍ଚାୟତର ଜନସାଧାରଣଙ୍କ ସହ ସାକ୍ଷାତ କରି ସେମାନଙ୍କର ବିଭିନ୍ନ ସମସ୍ୟା ବୁଝିବା ସହ ଆଗାମୀ ନିର୍ବାଚନରେ ଭୋଟ ଦେବା ପାଇଁ ଶ୍ରୀ ତ୍ରିପାଠୀ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଲୋକମାନଙ୍କୁ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ, ଏଥିରେ ବାଙ୍କୀ ଏନ୍‌ଏସି ଉପନଗରପାଳ ସନ୍ତୋଷ କୁମାର ରଣା, ସନାତନ ବେହେରା, ଭାଗୀରଥି ପାଣି, ଭାଗୀରଥି ବିଶ୍ୱାଳ, ସୋ÷ମେନ୍ଦ୍ର ମିଶ୍ର, ସମରେନ୍ଦ୍ର ମହାପାତ୍ର, ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ଜିଲ୍ଲାପରିଷଦ ସଦସ୍ୟ ସଞ୍ଜୟ ପାତ୍ର, ସୁବାସ ସ୍ୱାଇଁ, ସରପଞ୍ଚ ପ୍ରଫୁଲ୍ଲ ସେନାପତି, ବ୍ରହ୍ମପୁରା ପୂର୍ବତନ ସରପଞ୍ଚ ଦୈତାରୀ ମୁଦୁଲି, ପୂର୍ବତନ ସରପଞ୍ଚ ବେଣୁଧର ବଳିଆର ସିଂହ, ବରପୁଟ ସରପଞ୍ଚ ଅଶୋକ ମିଶ୍ରଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ।

# ବାଙ୍କୀ ବିଜେଡି ପକ୍ଷରୁ ମିଶ୍ରଣ ପର୍ବ

**ବାଙ୍କୀ,୧୬।୫(ସମିସ):** ବାଙ୍କୀ ବ୍ଲକ ଅନ୍ତର୍ଗତ କଦଳୀବାଡି ଗ୍ରାମପଞ୍ଚାୟତର ବହୁ କଂଗ୍ରେସ ଓ ବିଜେପି ଦଳର କର୍ମୀ ବିଜୁ ଜନତା ଦଳରେ ଆନୁଷ୍ଠାନିକ ଭାବେ ଯୋଗଦେଇଛନ୍ତି। ସ୍ଥାନୀୟ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ସରଣ୍ଡା ଅଞ୍ଚଳ ବରିଷ୍ଠ ବିଜେପି ନେତା ଗତିକୃଷ୍ଣ ସ୍ୱାଇଁ ସଭାପତିତ୍ୱ କରିଥିଲେ। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଭାବରେ ବିଜେଡି ଦଳରେ ଯୋଗଦାନ କରିଥିବା କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। କଦଳୀବାଡ଼ି ଗ୍ରାମପଞ୍ଚାୟତ ସମେତ ସରଣ୍ଡା ଜୋନ୍ ଓ ବାଙ୍କୀ ନିର୍ବାଚନ ମଣ୍ଡଳିରେ ଯୋଗଦାନ କରିଥିବା ବ୍ୟକ୍ତିଙ୍କ ଦ୍ୱାରା ବିଜୁ ଜନତା ଦଳ ଆହୁରି ମଜବୁତ ହେବ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଜ୍ୟୋତିକାନ୍ତ ଦାଶ, ରଶ୍ମିକାନ୍ତ ଦାଶ, ଯଶବନ୍ତ ବେହେରା, ରମାକାନ୍ତ ବେହେରା, ଲଛମନ ଖଟୁଆ, ମଣ୍ଟୁ ଜେନା, ଶୁଭେନ୍ଦୁ ଜେନା, ବଣ୍ଟି ଜେନା, ଆକାଶ ପ୍ରଧାନ, ବିକାଶ ଜେନା, ସୁଶାନ୍ତ ପ୍ରଧାନ, ଆଶିଷ ଦାଶ ଏବଂ ବିଶ୍ୱରଞ୍ଜନ ଦାଶଙ୍କ ସେମତ ଶତାଧିକ ବ୍ୟକ୍ତି ଆନୁଷ୍ଠାନିକ ଭାବରେ ବିଜୁ ଜନତା ଦଳରେ ଯୋଗଦେଇଥିଲେ। ମିଶ୍ରଣ ପର୍ବରେ ସରପଞ୍ଚଙ୍କ ପ୍ରତିନିଧି ଜିତେନ୍ଦ୍ର ଖଟୁଆ, ପୂର୍ବତନ ସରପଞ୍ଚ ପ୍ରକାଶ ବେଉରା, ଯୁବନେତା ଧନେଶ୍ୱର ଦାଶ, ସରୋଜ ରାଉତ, ନୀଳମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଭେଡ଼ା ପଞ୍ଚାୟତରେ ବିଜେଡିର କର୍ମୀ ସମାବେଶ



**ମାହାଙ୍ଗା,୧୬।୫(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭେଡା ପଞ୍ଚାୟତସ୍ଥିତ ଭେଡା ଗ୍ରାମରେ ବିଜେଡିର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭେଡା ପଞ୍ଚାୟତ ବିଜେଡି ସଭାପତି ପ୍ରଦିପ୍ତ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମୀ ସମାବେଶରେ ମୁଖ୍ୟଅତିଥିଭାବେ ବିଧାୟକ ପ୍ରତାପ ଜେନା ଯୋଗଦେଇ ନବୀନ ବାବୁଙ୍କ ପଞ୍ଚାୟତରେ ହେଉଥିବା ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ଆଲୋଚନା କରିବା ସହ ଭେଡା ପଞ୍ଚାୟତକୁ କିପରି ଆହୁରି ବିକଶିତ କରାଯାଇପାରିବ ସେ ଉପରେ ଆଲୋକପାତ କରିଥିଲେ। ବିଜେଡି ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ସରପଞ୍ଚ ଲକ୍ଷ୍ମୀପ୍ରିୟା ରାଉତ, ସମିତିସଭ୍ୟା ଗାୟତ୍ରୀ ସାମଲ, ପଞ୍ଚାୟତ ବିଜେଡି କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ କୁମାର ନାୟକ, ପୂର୍ବତନ ସରପଞ୍ଚ ଋଷି ରାଉତ, ପଞ୍ଚାୟତ ପର୍ଯ୍ୟବେକ୍ଷକ ପ୍ରୀତମ କାନୁନଗୋ, ଦେବାଶିଷ ସିଂହ, ସୁକାନ୍ତ ରାଉତ, ଅଶୋକ ରାଉତ, ଯୁବନେତା ସନ୍ଦୀପ ନାୟକ, ଅକ୍ଷୟ ଗୁରୁ, ଆଇନଜୀବୀ ବିକ୍ରମ କେଶରୀ ସିଂହ, ସୁନାକର ରାଉତ, ଭ୍ରମରବର ମହାନ୍ତି, ଅକ୍ଷୟ ଗୋଚ୍ଛାୟତ, ଅଲେଖ ସାମଲ, ଦୁଃଶାସନ ସାହୁ, ଜଗନ୍ନାଥ ମିଶ୍ର, ପ୍ରମୋଦ ସାମଲ, ନଟବର ବାରିକ, ଜିଲ୍ଲା ବିଜେଡି ମହିଳା ସମ୍ପାଦିକା ମନ୍ଦାକିନୀ ସ୍ୱାଇଁ, ଦମୟନ୍ତୀ ମହାପାତ୍ର, ଅକ୍ଷୟ ମିଶ୍ରଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।

# ହାତୀ ଆକ୍ରମଣରେ ଜଣେ ମୃତ

ନରସିଂହପୁର, ୧୬।୫(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ରଣସିଂହପୁର ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଗ୍ରାମର ୭୦ ବର୍ଷୀୟ ବୃଦ୍ଧ ମକରା ସାହୁ ନିକଟରେ ଥିବା ପଡ଼ିଆକୁ ଯାଇଥିବା ବେଳେ ସେଠାରେ ହାତୀ ତାଙ୍କୁ ଆକ୍ରମଣ କରିବା ସହ ଛାତିକୁ ଦଳି ଦେଇଥିଲା। ଅଞ୍ଚଳବାସୀ ଖବର ପାଇ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବିଜେଡିରେ ମିଶିଲେ ଶତାଧିକ ମହିଳା



ବାଙ୍କୀ,୧୬।୫(ସମିସ): ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନମ୍ବର ୧୨ ଓ ୧୩ ରଣପୁର ଗ୍ରାମର ବହୁ ସଂଖ୍ୟାରେ ମହିଳା ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ୱାର୍ଡ କାଉନସିଲର ଜାମିନୀକାନ୍ତ ମହାପାତ୍ରଙ୍କ ବାସଭବନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ନଗର କାର୍ଯ୍ୟକାରୀ ସଭାପତି ଭାଗୀରଥି ବିଶ୍ୱାଳଙ୍କ ଉଦ୍ୟମରେ ସଂପୃକ୍ତ ମହିଳାମାନେ ବିଜେଡି ଦଳର ନୀତି ଆଦର୍ଶ ଓ ନେତୃତ୍ୱକୁ ସ୍ୱୀକାର କରି ଦଳରେ ଯୋଗଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ବିଜେଡି ସାଧାରଣ ସଂପାଦକ ସନାତନ ବେହେରା, ଉପନଗରପାଳ ସନ୍ତୋଷ ରଣା ପ୍ରମୁଖ ନୂତନ ଭାବରେ ଦଳରେ ଯୋଗଦେଇଥିବା ମହିଳାମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। କୌଶଲ୍ୟା ପ୍ରଧାନ, ପ୍ରଗତୀ ଦଳେଇ, କମଳା ଦଳେଇ, ଉତ୍ତର ଦଳେଇ, କୁନି ପ୍ରଧାନ, ସୁଷମା ପ୍ରଧାନ, ଶାନ୍ତି ପ୍ରଧାନ, ପ୍ରମିଳା ଦଳେଇଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ମହିଳା କର୍ମୀ ଆଜି ବିଜେଡି ଦଳରେ ସାମିଲ୍ ହୋଇଛନ୍ତି। କାର୍ଯ୍ୟକାରୀ ସଭାପତି ଭାଗୀରଥି ବିଶ୍ୱାଳ, ଜାମିନୀକାନ୍ତ ମହାପାତ୍ର, ନାରୀନେତ୍ରୀ ସାମି ପ୍ରଧାନ, ମାନସୀ ଦେଉରୀ ପ୍ରମୁଖ ସହଯୋଗ କରିଥିଲେ।

## ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଆକ୍ରମଣ ଘଟଣା

# ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଛନ୍ତି ଜଣେ ଯୁବନେତା

**ଚୌଦ୍ୱାର,୧୬।୫(ସମିସ):** ଚୌଦ୍ୱାର ମୁଣ୍ଡମାଳଠାରେ ଥିବା ସର୍ଭିସିଂ ସେଣ୍ଟରର ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ଖୋଜି ପାଉନି ପୁଲିସ। ଘଟଣାଟି ସୋମବାର ବିଳମ୍ବିତ ରାତିରେ ଘଟିଥିଲେ ହେଁ ଏଯାବତ୍ ପୁଲିସର କୌଣସି ଆଖିଦୃଶିଆ ପଦକ୍ଷେପ ନ ହେବା ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଚୌଦ୍ୱାର ଅଞ୍ଚଳରେ ପ୍ରଥମ ଥର ଲାଗି ଏଭଳି ଏକ ସଂଘବଦ୍ଧ ଆକ୍ରମଣ ଘଟଣା ଆଗକୁ ଏହା ତୀବ୍ରରୂପ ଧାରଣା କରିବାର ଅଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ତେବେ ଜନୈକ ରାଜନୈତିକ ବ୍ୟକ୍ତିବିଶେଷଙ୍କ ବାହୁ ଛାୟା ତଳେ ମୁଖ୍ୟ ଅଭିଯୁକ୍ତ ପପୁ ଚାନ୍ଦ ରହିଥିବା ଓ ଏହି ରାଜନୈତିକ ବ୍ୟକ୍ତି ଜଣକ ପୁଲିସ ଉପରେ ଚାପ ପ୍ରୟୋଗ କରି ମାମଲାଟିକୁ ରଫାଦଫା କରିବା ପାଇଁ ପ୍ରୟାସ କରୁଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଅନ୍ୟପଟେ ପୁଲିସ ସିସିଟିଭି ଫୁଟେଜ ଆଧାରରେ ୨ ଜଣକୁ ଅଟକ ରଖି ପଚରାଉଚରା ଜାରି ରଖିଛି।

ସୂଚନାଯୋଗ୍ୟ ସୋମବାର ବିଳମ୍ବିତ ରାତିରେ କିଛି ଯୁବକ ସର୍ଭିସିଂ ସେଣ୍ଟରରେ ଭୋଜିଭାତ କରୁଥିବା ବେଳେ କୌଣସି କାରଣକୁ ନେଇ ଅଭିଯୁକ୍ତ ପପୁ ତାର କିଛି ସହଯୋଗୀଙ୍କୁ ନେଇ ହଠାତ୍ ସେଠାରେ ପହଞ୍ଚି ସେଣ୍ଟରର ମାଲିକ ପ୍ରଭାତ ଓ ତାଙ୍କ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଫାଙ୍କା ଗୁଳିଚାଳନା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏଥିରେ କିଛି ଗାଡି ଭାଙ୍ଗିବା ସହ ପ୍ରଭାତ ଆହତ ହୋଇଥିଲେ। ହେଲେ ପରବର୍ତ୍ତୀ ମୁହୂର୍ତ୍ତରେ ଗୁଳିଚାଳନା ଘଟଣା ଘଟି ନ ଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ କେଉଁ କାରଣରୁ ପପୁ ଏଭଳି କାଣ୍ଡ ଭିଆଇଲା ତାହାର କୌଣସି ସୂଚନା ପୁଲିସ ସ୍ପଷ୍ଟ କରୁନାହିଁ। ଅନ୍ୟପକ୍ଷରେ ଅଭିଯୁକ୍ତ ପପୁକୁ ତୁରନ୍ତ ଗିରଫ କରିବା ସହିତ ଘଟଣାପଛରେ ଥିବା ରାଜନୈତିକ ବ୍ୟକ୍ତିବିଶେଷଙ୍କ ମୁଖା ଖୋଲିବାକୁ ସାଧାରଣରେ ଦାବି ହେଉଛି।

# ନିଆଳି ବିଧାନସଭା କ୍ଷେତ୍ର ପ୍ରାର୍ଥୀଙ୍କ ସହ ପର୍ଯ୍ୟବେକ୍ଷକଙ୍କ ବୈଠକ



**କଟକ,୧୬।୫(ସମିସ):** ସାଧାରଣ ନିର୍ବାଚନ -୨୦୨୪ ପରିପ୍ରେକ୍ଷୀରେ କଟକ ଜିଲ୍ଲା ଅନ୍ତର୍ଗତ ଜଗତସିଂହପୁର ଲୋକସଭା ନିର୍ବାଚନମଣ୍ଡଳୀ ଅଧୀନସ୍ଥ ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ନିଯୁକ୍ତ ପର୍ଯ୍ୟବେକ୍ଷକ ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀ ଡକ୍ଟର ଏଚ୍.ପି. ଟୁମ୍ମୋଡ କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ବିଭିନ୍ନ ରାଜନୈତିକ ପ୍ରାର୍ଥୀ ଓ ସେମାନଙ୍କ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି। ନିର୍ବାଚନ ପରିଚାଳନାକୁ ଅଧିକ ସୁଗମ ଏବଂ ସ୍ୱଚ୍ଛ କରିବା ନିମନ୍ତେ ସେ ପରାମର୍ଶ ମାନ ଦେଇଥିଲେ। ନିର୍ବାଚନ ସମ୍ବନ୍ଧିତ ଅନୈତିକ ତଥା ଅବୈଧ ଅର୍ଥ କାରବାର, ପୋଲିଂ ବୁଥମାନଙ୍କରେ ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କା ସମ୍ବନ୍ଧିତ ତଥ୍ୟ ବିଷୟରେ ରିଟର୍ଣ୍ଣିଂ ଅଧିକାରୀଙ୍କ ଅବଗତି ନିମନ୍ତେ ଲିଖିତ ଭାବେ ଜଣାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ରାଜନୈତିକ ଦଳର ପ୍ରାର୍ଥୀ ଓ ପ୍ରତିନିଧିମାନଙ୍କ ସହ ବିସ୍ତୃତ ଆଲୋଚନା ପୂର୍ବକ ପର୍ଯ୍ୟବେକ୍ଷକ ଏକକ ବାତାୟନ କକ୍ଷ, ନିର୍ବାଚନ ଖର୍ଚ୍ଚ ତଦାରଖ ଏବଂ ଆବଶ୍ୟକ ସର୍ବନିମ୍ନ ସୁବିଧା ସୁନିଶ୍ଚିତ କରାଯିବା ନେଇ ମତବ୍ୟକ୍ତ କରିଥିଲେ। ସମୀକ୍ଷା ବୈଠକ ପ୍ରାରମ୍ଭରେ ଅତିରିକ୍ତ ଉପଜିଲ୍ଲାପାଳ ଦେବାଶିଷ ମହାପାତ୍ର ନିର୍ବାଚନ ପର୍ଯ୍ୟବେକ୍ଷକମାନଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବାକୁ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀ ଓ ସେମାନଙ୍କ ନିର୍ବାଚନ ପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ। ନିଆଳିର ସହକାରୀ ଖର୍ଚ୍ଚ ପର୍ଯ୍ୟେବେକ୍ଷକ ଓମ୍ ପ୍ରକାଶ ରାଇସିଂହ ଏବଂ ସହଯୋଗ କରୁଥିବା ସମ୍ପୃକ୍ତ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ।

# ତିନି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ କର୍ମୀ ସମ୍ମିଳନୀ

**କଟକ,୧୬।୫(ସମିସ):** ମଧ୍ୟାହ୍ନରେ ତିନିଟି ନିର୍ବାଚନ ମଣ୍ଡଳୀ ତଥା ବାରବାଟୀ-କଟକ, ଚୌଦ୍ୱାର-କଟକ ଓ କଟକ ସଦର ନିର୍ବାଚନ ମଣ୍ଡଳୀକୁ ନେଇ ଏକ କର୍ମୀ ସମ୍ମିଳନୀ ବିଧାୟକ ମହମ୍ମଦ ମୋକିମଙ୍କ ପୌରହିତ୍ୟରେ ସ୍ଥାନୀୟ ଶାରଳା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ ଲୋକସଭା ପ୍ରାର୍ଥୀ ସୁରେଶ ମହାପାତ୍ର, ତିନିଜଣ ପ୍ରାର୍ଥୀ ସୋଫିଆ ଫିର୍ଦୋଷ, ମୀରା ମଲ୍ଲିକ ଓ ରାମଚନ୍ଦ୍ର ଗୋଚ୍ଛାୟତ ଯୋଗଦେଇ କିପରି କଂଗ୍ରେସ ସଂଗଠନକୁ ତଳ ସ୍ତରରେ ଆହୁରି ସୁଦୃଢ କରାଯିବ ସେ ସମ୍ପର୍କରେ କାମ କରିବାକୁ ପାଇଁ ଆହ୍ୱାନ ଦେଇଥିଲେ। ଘରକୁ ଘର ଯାଇ ଭୋଟର ଲିଷ୍ଟ ଧରି ଲୋକମାନଙ୍କ ସହିତ ସଂପର୍କ ସ୍ଥାପନ କରିବା ସହିତ କଂଗ୍ରେସ ପାଇଁ ଭୋଟ ଭିକ୍ଷା କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟକ ରବି ମଲ୍ଲିକ,




ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସ, ନିକୁଞ୍ଜ ପଶାୟତ, ଶୈଳବାଳା ଜେନା, କର୍ପୋରେଟର ସନ୍ତୋଷ ଭୋଳ, ଲିଜାରାଣୀ ରାଉତ, ଭାନୁ ସେନାପତି, ଶୁଭାଶିଷ ପଟ୍ଟନାୟକ, ଜେ କାମେଶ ରାଓ, ଜନାର୍ଦ୍ଦନ ପରିଡା ଓ ବଟକୃଷ୍ଣ ସାହୁ, ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି, ଅନିଲ ବେଉରା, ତ୍ରିଲୋଚନ ମହାନ୍ତି, ମଜୀଦ ଖାନ, ଆରିଫଉଦ୍ଦୀନ ଖାନ, ସୂର୍ଯ୍ୟକାନ୍ତ ରାଉତ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ଦିଲ୍ଲୀପ ମହାନ୍ତି, ସେକ ଆବିଦ, ଲକ୍ଷ୍ମୀପ୍ରକାଶ ମହାପାତ୍ର, ପ୍ରଦୀପ ସାହୁ, ରଶ୍ମି ମିଶ୍ର, ଅମ୍ବିକା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆଠଗଡ଼ ବିଜେଡିର ବଢୁଛି ଶକ୍ତି

# ବିଜେଡିରେ ମିଶିଲେ ବିଜେପି ମଣ୍ଡଳ ସଭାପତି

**ଟିଗିରିଆ,୧୬।୫(ସମିସ):** ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ସେହି ଅନୁପାତରେ ଆଠଗଡ ବିଜେଡିର କାୟା ବୃଦ୍ଧି ପାଇବାରେ ଲାଗିଛି। ଜଣକ ପରେ ଜଣେ ବିଜେପି ତୁଙ୍ଗ ନେତା ନିଜ ସମର୍ଥକଙ୍କ ସହ ବିଜୁ ଜନତା ଦଳରେ ସାମିଲ ହେଉଛନ୍ତି। ଫଳରେ ଆଠଗଡ ବିଜେଡି ସଂଗଠନ ଆହୁରି ସୁଦୃଢ ହେଉଛି। ଗୁରୁବାର ଆଠଗଡ ୩ନଂ ଜୋନ୍ ବିଜେପି ଦଳର ମଣ୍ଡଳ ସଭାପତି ସୋମନାଥ ବେହେରା ବିଜେପି ଦଳ ଛାଡି ବିଜେଡିରେ ଯୋଗଦାନ କରିଛନ୍ତି। ଆଠଗଡ ବ୍ଲକ ୩ନଂ ଜୋନ୍‌ର ମହାକାଳବସ୍ତ ପଞ୍ଚାୟତରେ ଅନୁଷ୍ଠିତ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ଆଠଗଡ-ଟିଗିରିଆ ନିର୍ବାଚନ ମଣ୍ଡଳୀର ଯୁବ ସଂଗଠକ ତଥା ଆଇନଜୀବୀ ଆଦିତ୍ୟ ପ୍ରତାପ ସ୍ୱାଇଁଙ୍କ ଉପସ୍ଥିତିରେ ସୋମନାଥ ବେହେରା ବିଜେପି ଛାଡି ବିଜେଡିରେ ଯୋଗଦେଇଥିବାର ଜଣାପଡିଛି। ସୂଚନା ମୁତାବକ ଆଜି ଆଠଗଡ ବିଜୁ ଜନତା ଦଳ ପକ୍ଷରୁ ଏହି ବ୍ଲକ ଅନ୍ତର୍ଗତ ମହାକାଳବସ୍ତ ପଞ୍ଚାୟତ ସମେତ ୩ନଂ ଜୋନ୍‌ରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ବିଶାଳ ଶୋଭାଯାତ୍ରାରେ ବିଜେଡି କର୍ମୀମାନେ ସୁବର୍ଣ୍ଣପୁର ଗ୍ରାମଠାରୁ ପରିକ୍ରମାରେ ବାହାରି ମହାକାଳବସ୍ତ, ଚମ୍ପାପୁର, ଦହିସରା, ହରିପୁର, ମାରୀପଦା, ପର୍ଶୁରାମପୁର ଆଦି ଗ୍ରାମ ପରିକ୍ରମା କରି ରାଜ୍ୟଶାସିତ ବିଜେଡି ସରକାରଙ୍କ ବହୁମୁଖୀ ଜନକଲ୍ୟାଣକାରୀ ଯୋଜନା ସଂକ୍ରାନ୍ତରେ ଜନସାଧାରଣଙ୍କୁ ଅବଗତ କରାଇବା ସହିତ କେନ୍ଦ୍ର ସରକାରଙ୍କ ଜନସ୍ୱାର୍ଥ ବିରୋଧି ନୀତି ଉପରେ କଡ଼ା ଟିପ୍ପଣିମାନ ଦେଇ ଆଠଗଡ-ଟିଗିରିଆ ଅଞ୍ଚଳର ବିକାଶ ଧାରାକୁ ଅଗ୍ରଗତି ନେଇ ବିଜେଡି ସମର୍ଥିତ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ କଟକ ଲୋକସଭା ସାଂସଦ ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ରଙ୍କୁ ଯୋଡିଶଙ୍ଖ ଚିହ୍ନରେ ମୋହର ଦେଇ



ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ସଶକ୍ତ କରିବା ନେଇ ସଚେତନତା କରିଥିଲେ। କାର୍ଯ୍ୟକ୍ରମରେ ଆଠଗଡ ୩ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଆଠଗଡ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁବାସ ମଲ୍ଲିକ, ପର୍ଯ୍ୟବେକ୍ଷକ ସତ୍ୟେନ ପଣ୍ଡା, ରମେଶଚନ୍ଦ୍ର ଘଡେଇ, ପ୍ରଦୀପ ଦାଶ, ବିଚିତ୍ରା ନନ୍ଦ, କୁମୁଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଏବେ ବି ଟ୍ରେଣ୍ଡରେ 'ହେ ନବୀନ ବାବୁ'

## ୫ ବର୍ଷର ପୁରୁଣା ଗୀତ; ତଥାପି ଲୋକଙ୍କ ପସନ୍ଦ

**କଟକ,୧୬।୫(ସମିସ)**

ବିଜୁ ଜନତା ଦଳର କୌଣସି କର୍ମୀ ସମ୍ମିଳନୀ ହେଉ କି ଶୋଭାଯାତ୍ରା; ଅଥବା କୌଣସି ଦଳୀୟ କାର୍ଯ୍ୟକ୍ରମ। ରାଜ୍ୟର ଉପାନ୍ତ ଅଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ଯାଏଁ, ବିଜେଡିର ଦଳୀୟ କାର୍ଯ୍ୟକ୍ରମରେ ଗୋଟିଏ ହିଁ ଗୀତ ଅଧିକ ଶୁଭୁଛି, ତାହା ହେଲା ହେ ନବୀନ ବାବୁ ଆମେ ତୁମ ଫ୍ୟାନ୍। ୫ ବର୍ଷ ଧରି ଏହି ଗୀତ ଟ୍ରେଣ୍ଡରେ ରହି ଆସିଛି। ୟୁଟ୍ୟୁବରେ ୨.୩ କୋଟି ଦର୍ଶକ ଏଯାବତ୍ ଗୀତକୁ ଭଲପାଇବା ଦେଇ ସାରିଲେଣି। ତଥାପି ଗୀତ ପ୍ରତି ଲୋକଙ୍କ ଆଦର କମିନଥିବା ଦେଖିବାକୁ ମିଳୁଛି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଶତାଧିକ ଗୀତ ପ୍ରସ୍ତୁତ ହୋଇଥିଲେ ସୁଦ୍ଧା 'ହେ ନବୀନ ବାବୁ' ଗୀତ ଚର୍ଚ୍ଚାର ଆଗରେ ରହିଛି।

୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ୟୁ-ଟ୍ୟୁବରେ 'ହେ ନବୀନ ବାବୁ' ଗୀତ ମୁକ୍ତିଲାଭ କରିଥିଲା। ବିଦ୍ୟୁଲତା ପ୍ରଡକ୍ସନ ହାଉସ୍ ଦ୍ୱାରା ପ୍ରସ୍ତୁତ ଏହି ଗୀତରେ କଣ୍ଠଦାନ କରିଥିଲେ ଓଲିଉଡ୍‌ର ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର। ବିରଜା ପ୍ରସାଦଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରମୋଦ ପରିଡା ଗୀତ ରଚନା କରିଥିଲେ। ଅମୀୟ ରଞ୍ଜନ ରାଉତ ଗୀତର ପରିକଳ୍ପନା କରିଥିଲେ। ମୁକ୍ତିଲାଭ କରିବାର କିଛି ଦିନ ଭିତରେ ହଠାତ୍ ଏହି ଗୀତ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାରେ ଲାଗିଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିର୍ମିତ ସମସ୍ତ ଗୀତକୁ ପଛରେ ପକାଇ 'ହେ ନବୀନ ବାବୁ' ଶୀର୍ଷରେ ପହଞ୍ଚିଥିଲା। ନୂଆ ଓଡ଼ିଶାର ତୁମେ ହିଁ ନିର୍ମାତା, ତୁମ ପରିବାର ଏ ମାଟି ଜନତା... ବିଜୁ ବାବୁଙ୍କର ଅଧୁରା ସପନ, ତୁମରି ହାତରେ ହେଉଛି ପୂରଣ..। ଏଭଳି ପଙ୍‌କ୍ତି ରହିଥିବା ଉକ୍ତ ଗୀତ ଇନଷ୍ଟାଗ୍ରାମ୍‌ରେ ମଧ୍ୟ ଲୋକଦୃତ ହୋଇଛି। ପ୍ରାୟ ୧୯ହଜାର ରିଲ୍‌ସ ଏହି ଗୀତରେ ପ୍ରସ୍ତୁତ କରାଯାଇ ଅପଲୋଡ୍ ହୋଇ ସାରିଲାଣି। ସଙ୍ଗୀତ ନିର୍ଦ୍ଦେଶକ ବିରଜା ଓ ଗୀତିକାର ପ୍ରମୋଦଙ୍କ ଯୋଡ଼ି ଏଭଳି ପୁଣି ଏକ ହିଟ୍ ଗୀତ ତିଆରି କରିବାରେ ଏବେ ଲାଗି ପଡିଛନ୍ତି। ବାରବାଟୀ ଷ୍ଟାଡିୟମ ପରିସରରେ ଥିବା ଏମଆରଆର ଷ୍ଟୁଡିଓରେ ଗୀତ ପ୍ରସ୍ତୁତି ଜାରି ରହିଛି। ଏଥର ଗୀତର ଶୀର୍ଷକ ରହିଛି ଯୋଡ଼ି ଶଙ୍ଖ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୪୮ • ପାଉଣ୍ଡ ୧୦୫.୭୯
- ୟୁରୋ ୯୦.୭୫ • ୟେନ୍ ୦.୫୩

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୬,୮୫୦ (ଭୁବନେଶ୍ୱର)
- ରୁପା : ୯୨,୫୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୩,୬୬୩.୦୦
- ନିଫ୍ଟି ୨୨,୪୦୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



ଜିନ୍ଦଲ ଷ୍ଟେନଲେସ୍ ଶେଷ ତ୍ରୈମାସିକ ଆର୍ଥିକ ଫଳାଫଳ

# ୨୩ % ବିକ୍ରି ଅଭିବୃଦ୍ଧିରେ ନୂଆ ରେକର୍ଡ

**ଭୁବନେଶ୍ୱର, ୧୬।୫(ସମିସ):** ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ପକ୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷର ଶେଷ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି।କମ୍ପାନୀ ଏହି ସମୟରେ ମୋଟ ୨୧, ୭୪, ୬୧୦ ଟନ୍ ଉତ୍ପାଦ ବିକ୍ରି କରି ରେକର୍ଡ ହାସଲ କରିଛି। ଯାହା ଗତ ଆର୍ଥିକ ବର୍ଷର ସମ ଅବଧି ତୁଳନାରେ ୨୩% ଅଧିକ ବୋଲି କମ୍ପାନୀ ପରିଚାଳନା ବୋର୍ଡ ପକ୍ଷରୁ କୁହାଯାଇଛି। ସେହିପରି ମୋଟ



ରାଜସ୍ୱ ବାର୍ଷିକ ୯% ବୃଦ୍ଧି ପାଇ ୩୮, ୩୫୬ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ୨୦୨୪ ଆର୍ଥିକ ବର୍ଷରେ ଇବିଆଇଟିଡିଏ ୪, ୦୩୬ କୋଟି ଏବଂ ଟିକସ ପରବର୍ତ୍ତୀ ଲାଭ ୨, ୫୩୧ କୋଟି ଟଙ୍କା ରହିଥିବା କୁହାଯାଇଛି। ଏହି କ୍ଷେତ୍ରରେ ଗତବର୍ଷ ତୁଳନାରେ ଅଭିବୃଦ୍ଧି ହାର ଯଥାକ୍ରମେ ୧୩% ଓ ୨୬% ରହିଛି।ଗତିଶକ୍ତି ଭଳି ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ଉପରେ ସରକାର ଗୁରୁତ୍ୱ ଦେଉଥିବାରୁ ଷ୍ଟେନଲେସ୍ ଷ୍ଟିଲର ଚାହିଦା କଥିତ ଅବଧିରେ କ୍ରମାଗତ ଭାବେ ବୃଦ୍ଧି ପାଇଥିଲା। ବିଶେଷକରି ଅଟୋମୋବାଇଲ, ୱାଗନ, କୋଚ୍, ମେଟ୍ରୋ, ପାଇପ୍, ଟ୍ୟୁବ୍ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ବିକ୍ରି ସ୍ଥିତି ଭଲ ରହିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଜିନ୍ଦଲ ଷ୍ଟେନଲେସର ନିର୍ଦ୍ଦେଶକ ବୋର୍ଡ ଅଂଶୀଦାରଙ୍କ ଅନୁମୋଦନ କ୍ରମେ ଆର୍ଥିକ ବର୍ଷ-୨୪ ପାଇଁ ୨ ଟଙ୍କା ଚୂଡ଼ାନ୍ତ ଡିଭିଡେଣ୍ଡ ଦେୟ ପ୍ରଦାନ କରିବାକୁ ସୁପାରିସ କରାଯାଇଛି।ଯାହା ଫଳରେ ମୋଟ ଡିଭିଡେଣ୍ଡ ଦେୟ ୩ ଟଙ୍କା ଅର୍ଥାତ୍ ଇକ୍ୱିଟି ସେୟାର ପିଛା ୧୫୦% କୁ ବୃଦ୍ଧି ପାଇଛି ଯାହାର ଫେସ୍ ମୂଲ୍ୟ ୨ ଟଙ୍କା ଥିଲା।ଅନ୍ୟପକ୍ଷରେ ମାର୍ଚ୍ଚ ୩୧, ୨୦୨୪ ସୁଦ୍ଧା କମ୍ପାନୀର ମୋଟ ଋଣ ପରିମାଣ ୨, ୪୧୮ କୋଟି ଟଙ୍କା ଥିଲା।ଯାହା ପୂର୍ବ ତ୍ରୈମାସ ତୁଳନାରେ ୨୨% ହ୍ରାସ ପାଇଛି। ଏହା ଫଳରେ ମୋଟ ଋଣ-ଇକ୍ୱିଟି ଅନୁପାତରେ ଉନ୍ନତି ଘଟି ୦.୧୮ ରେକର୍ଡ କରାଯାଇଛି। କ୍ରମାଗତ ଘରୋଇ ଚାହିଦା ବୃଦ୍ଧି ଯୋଗୁଁ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସରେ ବିକ୍ରି ପରିମାଣ ବାର୍ଷିକ ୧୨% ଅଭିବୃଦ୍ଧିରେ ୫, ୭୦, ୩୬୨ ଟନରେ ପହଞ୍ଚିଛି। ଯାହା ଯେକୌଣସି ତ୍ରୈମାସରେ ସର୍ବୋଚ୍ଚ ବିକ୍ରି ବୋଲି କମ୍ପାନୀ କହିଛି। ନେଟ୍ ରାଜସ୍ୱ ସାମାନ୍ୟ ବୃଦ୍ଧି ପାଇ ୯, ୫୨୧ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ଇବିଆଇଟିଡିଏ ଏବଂ ଟିକସ ପରବର୍ତ୍ତୀ ଲାଭ ଯଥାକ୍ରମେ ୨୫% ଏବଂ ୨୮% ହ୍ରାସ ପାଇଛି।

# ଭୁବନେଶ୍ୱରରେ ପଲିସି ବଜାରର ନୂଆ କାର୍ଯ୍ୟାଳୟ ଉନ୍ମୋଚିତ




**ଭୁବନେଶ୍ୱର, ୧୬।୫(ସମିସ):** ଅନ୍ୟତମ ଅଗ୍ରଣୀ ବୀମା ପ୍ଲାଟଫର୍ମ ପଲିସି ବଜାର ଗ୍ରାହକମାନଙ୍କର ବୀମା ଆବଶ୍ୟକତା ପୂରଣ କରିବା ଏବଂ ବ୍ୟକ୍ତିଗତ ସ୍ତରରେ ସହାୟତା ପ୍ରଦାନ କରିବା ଲକ୍ଷ୍ୟରେ ଭୁବନେଶ୍ୱରରେ ଏହାର ନୂଆ କାର୍ଯ୍ୟାଳୟ ଖୋଲିଛି।'ଟିୟର-୨ ଏବଂ ଟିୟର-୩ ସହରଗୁଡିକରେ ଅଧିକାଂଶ ଗ୍ରାହକ ସେମାନଙ୍କର ବୀମା ସମ୍ପର୍କିତ ସମସ୍ୟା ଦୂର କରିବା ନିମନ୍ତେ ଅନ୍‌ଲାଇନରେ ସମ୍ପର୍କ ସହିତ ବ୍ୟକ୍ତିଗତ କାର୍ଯ୍ୟାଳୟକୁ ପସନ୍ଦ କରୁଥିବାରୁ କମ୍ପାନୀ ଏହି ପଦକ୍ଷେପ ନେଇଥିବା କହିଛି।ଭୁବନେଶ୍ୱରରେ ମଧ୍ୟବିତ୍ତ ଜନସଂଖ୍ୟାରେ ଲଗାତାର ବୃଦ୍ଧି ଘଟୁଥିବା ବେଳେ ଏହି ଶ୍ରେଣୀର ଗ୍ରାହକମାନେ ନିଜ ପରିବାର ପାଇଁ ଆର୍ଥିକ ସୁରକ୍ଷାକୁ ଗୁରୁତ୍ୱ ଦେଉଛନ୍ତି।ଏହି କାର୍ଯ୍ୟାଳୟ ମାଧ୍ୟମରେ କମ୍ପାନୀ ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ କରିବା ସହିତ ପଲିସି, କ୍ଲେମ ପ୍ରୋସେସ୍ ଏବଂ କ୍ଲେମ୍ ସମ୍ପର୍କିତ ସମସ୍ୟାଗୁଡିକର ଆଶୁ ସମାଧାନ କରିବ ବୋଲି କହିଛି। ଗ୍ରାହକ ସେବା ପାଇଁ ଏହି କାର୍ଯ୍ୟାଳୟରେ ୧୫୦ ପରାମର୍ଶଦାତାଙ୍କୁ ନିଯୁକ୍ତ କରାଯାଇଛି।ଯେଉଁମାନେ ଗ୍ରାହକମାନଙ୍କର ସଞ୍ଚୟ, ସ୍ୱାସ୍ଥ୍ୟ ଏବଂ ଟର୍ମ ଇନ୍‌ସ୍ୟୋରାନ୍ସ ଆଦି ବିବିଧ ଆବଶ୍ୟକତା ପ୍ରତି ଦୃଷ୍ଟି ଦେବେ। ଏହାର ସର୍ବୋତ୍ତମ ଦିଗ ହେଉଛି ଗ୍ରାହକମାନେ ଉକ୍ତ କେନ୍ଦ୍ରରେ ନିୟୋଜିତ ପ୍ରତିନିଧିମାନଙ୍କ ନିକଟରୁ ଫୋନ୍ କଲ୍‌ରେ ଅଥବା ବ୍ୟକ୍ତିଗତ ସାକ୍ଷାତରେ ପଲିସି କ୍ରୟ କରିବାରେ ସହାୟତା ନେଇପାରିବେ।

ପିଏମ୍ ଅର୍ଥନୈତିକ ପରାମର୍ଶ ପରିଷଦ ସଭ୍ୟଙ୍କ ଦମ୍ଭୋକ୍ତି

# ୨୦୨୪-୨୫ ସୁଦ୍ଧା ଭାରତ ହେବ ଚତୁର୍ଥ ବୃହତ ଅର୍ଥନୀତି

**ନୂଆଦିଲ୍ଲୀ,୧୬।୫(ଏଜେନ୍ସି)**

ବୈଶ୍ୱିକ ସ୍ତରରେ ଅର୍ଥନୀତି କ୍ଷେତ୍ରରେ ମାନ୍ଦାବସ୍ଥା ଦେଖାଯିବା ସହିତ ବହୁ ପ୍ରତିଷ୍ଠିତ ରାଷ୍ଟ୍ରମାନଙ୍କ ଅଭିବୃଦ୍ଧି ସଙ୍କୁଚିତ ହୋଇଛି। କିନ୍ତୁ ଏଭଳି ସ୍ଥିତିରେ ଭାରତୀୟ ଅର୍ଥନୀତି ସ୍ଥିତି ସନ୍ତୋଷଜନକ ରହିବା ସହିତ ଆର୍ଥିକ ଅଭିବୃଦ୍ଧି ମଧ୍ୟ ତ୍ୱରାନ୍ୱିତ ହୋଇଛି।ବର୍ତ୍ତମାନ ଭାରତ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ଭାବେ ଉଭା ହୋଇଥିଲା ବେଳେ ବର୍ଷକ ମଧ୍ୟରେ ଏହା ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତିରେ ପରିଣତ ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶ ପରିଷଦ(ଇଏସି-ପିଏମ୍) ସଦସ୍ୟ ସଞ୍ଜୀବ ସନ୍ୟାଲ ଦୃଢୋକ୍ତି କରିଛନ୍ତି। ଚଳିତ ଆର୍ଥିକ ବର୍ଷ(୨୦୨୪-୨୫) ଶେଷ ଏବଂ ଆସନ୍ତା ଆର୍ଥିକ ବର୍ଷ ପ୍ରାରମ୍ଭ ସୁଦ୍ଧା ଭାରତ ଜାପାନର ଅର୍ଥନୀତିକୁ ଅତିକ୍ରମ କରିବା ସହିତ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ହେବ ବୋଲି ସେ କହିଛନ୍ତି। ଗତ ଆର୍ଥିକ ବର୍ଷରେ ଦେଶର ଆର୍ଥିକ ଅଭିବୃଦ୍ଧି ପ୍ରକ୍ରିୟାକୁ ନେଇ ସେ ସନ୍ତୋଷ ବ୍ୟକ୍ତ କରିବା ସହିତ ୭ ପ୍ରତିଶତ ଅଭିବୃଦ୍ଧି ଏକ ଉଲ୍ଲେଖନୀୟ ଘଟଣା ବୋଲି କହିଛନ୍ତି। ବିଶେଷକରି ଆନ୍ତର୍ଜାତିକ ସ୍ତରରେ ଅର୍ଥନୀତିକୁ ନେଇ ନାନା ସମସ୍ୟା ଲାଗି ରହିବା ଏବଂ ବୈଶ୍ୱିକ ଭୂ-ରାଜନୀତିକ କାରଣରୁ ବହୁ ପ୍ରତିପତିଶୀଳ ରାଷ୍ଟ୍ରଙ୍କ ଅଭିବୃଦ୍ଧି ବାଧାପ୍ରାପ୍ତ ହୋଇଥିଲେ ହେଁ ଭାରତ ଏଦିଗରେ ସଫଳତା ହାସଲ କରିବା ଏକ ବଡ଼ ଘଟଣା ବୋଲି ସେ କହିଛନ୍ତି। ଏହିକ୍ରମରେ ଭାରତ ଆସନ୍ତା ଆର୍ଥିକ ବର୍ଷରେ ୪ ଟ୍ରିଲିୟନ ଅର୍ଥନୀତିରେ ପରିଣତ ହେବ। ବର୍ତ୍ତମାନ ଡଲାର ଆକାରରେ ଭାରତର ଅର୍ଥନୀତି ୩.୭ ଟ୍ରିଲିୟନ ରହି ଏହା ବିଶ୍ୱର ପଞ୍ଚମ ସ୍ଥାନରେ ରହିଛି। କିନ୍ତୁ




ଦେଶର ଅଭିବୃଦ୍ଧି ଯେଭଳି ଜାରି ରହିଛି ତଦ୍ୱାରା ୨୦୨୭ ସୁଦ୍ଧା ଭାରତ ଜାପାନ ଏବଂ ଜର୍ମାନୀର ଅର୍ଥନୀତିକୁ ଅତିକ୍ରମ କରି ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ଭାବେ ପ୍ରତିଷ୍ଠାଲାଭ କରିବ ବୋଲି ସନ୍ୟାଲ କହିଛନ୍ତି। ବର୍ତ୍ତମାନ ଜାପାନର ଅର୍ଥନୀତି ଆକାର ୪.୧ ଟ୍ରିଲିୟନ ଡଲାର ରହିଥିବା ବେଳେ ଜର୍ମାନୀ ଅର୍ଥନୀତି ୪.୬ ଟ୍ରିଲିୟନ ଡଲାର ରହିଛି। କିନ୍ତୁ ଏହିସବୁ ରାଷ୍ଟ୍ରଙ୍କ ଆର୍ଥିକ ଅଭିବୃଦ୍ଧି ମାନ୍ଦା ପଡ଼ିଛି। ତେଣୁ ଭାରତ ଖୁବଶୀଘ୍ର ଏହିସବୁ ରାଷ୍ଟ୍ରଙ୍କୁ ଅତିକ୍ରମ କରି ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବ ବୋଲି ସେ କହିଛନ୍ତି।

# ଡଲାସ୍ ଏବଂ ଆଟଲାଣ୍ଟାରେ ଖୋଲିବ ଜୟଆଲୁକାସ୍‌ର ନୂଆ ଶୋ'ରୁମ୍

**ଭୁବନେଶ୍ୱର,୧୬।୫(ସମିସ)**

ପ୍ରତିଷ୍ଠିତ ଅଳଙ୍କାର ବ୍ରାଣ୍ଡ ଜୟଆଲୁକାସ୍ ଆଗାମୀ ଦିନ ଗୁଡିକରେ ତାର ପାଞ୍ଚଟି ଆମେରିକାର ଆଉଟଲେଟ୍‌ଗୁଡ଼ିକର ଉଦ୍‌ଘାଟନ ଏବଂ ପୁନଃ ଉନ୍ମୋଚନ ଘୋଷଣା କରିଛି। ଜୟଆଲୁକାସ୍ ଗ୍ରୁପର ଅଧ୍ୟକ୍ଷ ଜୟ ଆଲୁକାସଙ୍କ ନେତୃତ୍ୱରେ ନୂଆ ଆଉଟ୍‌ଲେଟ୍ ଖୋଲାଯିବା ଆମେରିକୀୟ ବଜାରରେ ବ୍ରାଣ୍ଡର ବିସ୍ତାର ରଣନୀତିରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ପରିଗଣିତ ହେଉଛି। ଏହି ଉଦ୍‌ଘାଟନରେ ଡଲାସ୍ ଏବଂ ଆଟଲାଣ୍ଟାରେ ନୂତନ ଷ୍ଟୋର ଉନ୍ମୋଚନ ହେବା ସହିତ ହ୍ୟୁଷ୍ଟନ୍, ସିକାଗୋ, ଏବଂ ନ୍ୟୁଜର୍ସିରେ ନବୀକରଣ ଏବଂ ପୁନଃ ସ୍ଥାପନ ପରି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ରହିଛି। ମେ ୧୮ ରେ ହ୍ୟୁଷ୍ଟନ୍‌ରେ ନବୀକରଣ ଷ୍ଟୋରର ପୁନଃ ଉନ୍ମୋଚନ ସହିତ ଏହି ଉତ୍ସବର ଶୁଭାରମ୍ଭ ହେବ। ଏହାପରେ ୨୬ ମେ'ରେ ଡଲାସରେ ନୂତନ ଷ୍ଟୋରର ଉଦଘାଟନ ହେବ। ପୁଣି ଜୁନ୍ ୨ ରେ ଆଟଲାଣ୍ଟାରେ ନୂତନ ଷ୍ଟୋର୍ ଉନ୍ମୋଚନ କରାଯିବ। ଏହି ଦିନ ସିକାଗୋ ଏବଂ ୧୫ରେ ନ୍ୟୁଜର୍ସିରେ ନବୀକରଣ ହୋଇଥିବା ଆଉଟଲେଟ୍ ଗୁଡିକର ଉଦଘାଟନ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ଏହି ବିଶେଷ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଜୟଆଲୁକ୍କାସ୍ ଏହାର ସମସ୍ତ ୟୁଏସ୍ ଆଉଟଲେଟ୍ ଗୁଡିକରେ ସ୍ୱତନ୍ତ୍ର ପ୍ରୋତ୍ସାହନ ମୂଳକ ଯୋଜନା ପ୍ରଦାନ କରୁଛି।

# ଫୋନ ପେ' ଏବଂ ଲଙ୍କା ପେ' ମଧ୍ୟରେ ସହଭାଗିତା

ମୁମ୍ବାଇ, ୧୬।୫(ଏଜେନ୍ସି): ଫୋନ ପେ ପକ୍ଷରୁ ଶ୍ରୀଲଙ୍କାର ଲଙ୍କା ପେ ସହଯୋଗରେ ଏଠାକାର ଲଙ୍କାକ୍ୟୁଆର ମର୍ଚ୍ଚାଣ୍ଟ ପଏଣ୍ଟଗୁଡ଼ିକରେ ୟୁପିଆଇ ପେମେଣ୍ଟର ଗ୍ରହଣୀୟତାକୁ ସକ୍ଷମ କରାଯାଇଛି ବୋଲି କଲମ୍ବୋରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ କୁହାଯାଇଛି।ଏହି କାର୍ଯ୍ୟକ୍ରମରେ ଶ୍ରୀଲଙ୍କାରେ ଅବସ୍ଥାପିତ ଭାରତୀୟ ହାଇକମିଶନର ସନ୍ତୋଷ ଝା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସାମଗ୍ରିକ ଯୋଗାଯୋଗରେ ଫିନଟେକ୍ ସଂଯୋଗର ପ୍ରମୁଖ ଭୂମିକା ଉପରେ ଆଲୋକପାତ କରିଥିଲେ। କେନ୍ଦ୍ରୀୟ ବ୍ୟାଙ୍କ ଅଫ୍ ଶ୍ରୀଲଙ୍କା (ସିବିଏସ୍‌ଏଲ୍)ର ଗଭର୍ଣ୍ଣର ଡା. ନନ୍ଦଲାଲ ୱୀରେସିଂଘେ ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀଲଙ୍କାର ବ୍ୟବସାୟୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ଏବଂ ଅନ୍ୟ କମ୍ପାନୀ ସାଥିରେ ସଫଳତାର ସହ



ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସେମାନଙ୍କ ଦକ୍ଷତା ଓ ଲାଭର ଅଭିବୃଦ୍ଧି ଘଟାଇବା କ୍ଷେତ୍ରରେ ଏହି ସହଯୋଗିତାର କ୍ଷମତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଲଙ୍କାପେର ସିଇଓ ଚନ୍ନା ଡି ସିଲଭା ମଧ୍ୟ ଦର୍ଶକମାନଙ୍କୁ ସମ୍ବୋଧିତ କରିବା ସହ "ଶ୍ରୀଲଙ୍କାରେ ଡିଜିଟାଲ ପେମେଣ୍ଟର ଭବିଷ୍ୟତ: ଶ୍ରୀଲଙ୍କା ବ୍ୟବସାୟ ପାଇଁ ସୁଯୋଗ' ଶୀର୍ଷକ ଏକ ଆଲୋଚନାଚକ୍ର ପରିଚାଳନା କରିଥିଲେ।ଯେଉଁଥିରେ ସ୍ଥାନୀୟ ବ୍ୟବସାୟଗୁଡ଼ିକ ପାଇଁ ସମ୍ଭାବନା ଏବଂ ଅଭିବୃଦ୍ଧିର ସୁଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା।ପ୍ୟାନେଲ ଆଲୋଚନା ପରେ ଫୋନ୍ ପେର ଇଣ୍ଟରନ୍ୟାସନାଲ ପେମେଣ୍ଟସ ସିଇଓ ରିତେଶ ପାଇ ବିଶ୍ୱ ବଜାର ପାଇଁ ୟୁପିଆଇର ଉପଯୋଗ ଏବଂ ବ୍ୟବସାୟୀଙ୍କ ପାଇଁ ଏହା ପ୍ରଦାନ କରୁଥିବା ଅଭିବୃଦ୍ଧି ସମ୍ଭାବନା ବିଷୟରେ ଆଲୋକପାତ କରିଥିଲେ।ଏଣିକି ଶ୍ରୀଲଙ୍କା ଯାତ୍ରା କରୁଥିବା ଫୋନ ପେ ୟୁଜରମାନେ ଲଙ୍କାପେକ୍ୟୁଆର ମର୍ଚ୍ଚାଣ୍ଟ ଜରିଆରେ ସାରା ଦେଶରେ ୟୁପିଆଇ ବ୍ୟବହାର କରି ପେମେଣ୍ଟ କରିପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ଡିଏସ୍‌ପି ନିଫ୍‌ଟି ବ୍ୟାଙ୍କ ଇଣ୍ଡେକ୍ସ ଫଣ୍ଡ

**ଭୁବନେଶ୍ୱର,୧୬।୫(ସମିସ):** ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ନିଫ୍‌ଟି ବ୍ୟାଙ୍କ ଇଣ୍ଡେକ୍ସ ଟ୍ରାକିଂ କରୁଥିବା ଏକ ଓପନ୍ ଏଣ୍ଡେଡ ସ୍କିମ୍ ଡିଏସ୍‌ପି ନିଫ୍‌ଟି ବ୍ୟାଙ୍କ ଇଣ୍ଡେକ୍ସ ଫଣ୍ଡ ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଫଣ୍ଡ ନିବେଶକଙ୍କୁ ଗୋଟିଏ ଫଣ୍ଡ ଜରିଆରେ ୧୨ଟି ସର୍ବାଧିକ ଲିକ୍ୱିଡ ଏବଂ ବୃହତ୍ ବ୍ୟାଙ୍କିଙ୍ଗ ଷ୍ଟକ୍‌ର ସୁଯୋଗ ଯୋଗାଇ ଦେଉଛି। ନିଫ୍‌ଟି ବ୍ୟାଙ୍କ ଇଣ୍ଡେକ୍ସ ପ୍ରାଇଭେଟ ଏବଂ ସରକାରୀ ଉଦ୍ୟୋଗ ବ୍ୟାଙ୍କଗୁଡିକର ସମଷ୍ଟିକୁ ନେଇ ବିବିଧକୃତ ହୋଇଛି। ଐତିହାସିକ ଦୃଷ୍ଟିରୁ ନିଫ୍‌ଟି ବ୍ୟାଙ୍କ ଇଣ୍ଡେକ୍ସ, ବୃହତର ନିଫ୍‌ଟି ୫୦ ଇଣ୍ଡେକ୍ସ ତୁଳନାରେ ଯଥେଷ୍ଟ ଉନ୍ନତ ଦୀର୍ଘସୂତ୍ରୀ ରିଟର୍ଣ୍ଣ ପ୍ରଦାନ କରିଆସିଛି। ଜାନୁଆରୀ ୨୦୦୦ରୁ ନିଫ୍‌ଟି ୫୦ ୨୧ଗୁଣ ବୃଦ୍ଧି ପାଇଥିବାବେଳେ ତାହା ତୁଳନାରେ ନିଫ୍‌ଟି ବ୍ୟାଙ୍କ ଇଣ୍ଡେକ୍ସ ୬୬ ଗୁଣ ବୃଦ୍ଧିପାଇଛି। ତେବେ ନିଫ୍‌ଟି ବ୍ୟାଙ୍କ ଇଣ୍ଡେକ୍ସ ସମ୍ପ୍ରତି ନିଫ୍‌ଟି ୫୦ ତୁଳନାରେ ଏକ ପାଞ୍ଚବର୍ଷ ଅବଧିରେ ଦୀର୍ଘକାଳର ନିମ୍ନ ପ୍ରଦର୍ଶନ କରୁଥିବା ଲକ୍ଷ୍ୟ କରାଯାଉଛି, ଯଦ୍ୱାରା ଏହା ନିଜର ଐତିହାସିକ ସର୍ବନିମ୍ନ ସ୍ତର ବନାମ କ୍ଷେତ୍ରଭିତ୍ତିକ ମୂଲ୍ୟାୟନରେ ଅନ୍ୟ କ୍ଷେତ୍ରଗୁଡିକ ତୁଳନାରେ ଅପେକ୍ଷାକୃତ ଭଲ ସ୍ଥିତିରେ ରହିଛି। ବ୍ୟାଙ୍କଗୁଡିକ ନିମନ୍ତେ ରିଟର୍ଣ୍ଣ ଅନୁପାତ ଏବଂ କ୍ୟାପିଟାଲ ଏଡିକ୍ୱେସୀ ଭଳି ପ୍ରମୁଖ ଆର୍ଥିକ ଦିଗଗୁଡିକରେ ମଧ୍ୟ ନିରନ୍ତର ବୃଦ୍ଧି ଘଟୁଛି। ଭାରତୀୟ ବ୍ୟାଙ୍କଗୁଡିକର ରିଟର୍ଣ୍ଣ ଅନ୍ ଆସେଟ୍‌ସ୍ (ଆର୍‌ଓଏ) ୨୦୧୮ ରେ ନିମ୍ନ ସ୍ତରରୁ ତିନିଗୁଣ ଉପରକୁ ଉଠିଛି। ଏନ୍‌ପିଏ ଅନ୍ୟତମ ସର୍ବନିମ୍ନ ସ୍ତରରେ ରହିଛି।

# ପ୍ରମୁଖ ବଜାର ଅଂଶ ହାସଲକଲା ସୋନାଲିକା ଟ୍ରାକ୍ଟର

**ଭୁବନେଶ୍ୱର, ୧୬।୫(ସମିସ):** ୨୦୨୪ ଆର୍ଥିକ ବର୍ଷର ଅପ୍ରତ୍ୟାଶିତ ସଫଳତା ପରେ ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ ସୋନାଲିକା ଟ୍ରାକ୍ଟର୍ସ ଏକ ନୂଆ ଉନ୍ନତ ପ୍ଲାଟ୍‌ଫର୍ମ ସହିତ ନିଜର ୨୦୨୫ ଆର୍ଥିକ ବର୍ଷର ଯାତ୍ରା ଆରମ୍ଭ କରିବା ପାଇଁ ଉତ୍ସାହିତ ରହିଛି। କମ୍ପାନୀ ଏପ୍ରିଲ ୨୦୨୪ରେ ବାର୍ଷିକ ଆଧାରରେ ମୋଟ ୧୧୬୫୬ ଟ୍ରାକ୍ଟର ବିକ୍ରି କରିଥିବା ବେଳେ



ବଜାର ଅଂଶ ହାସଲ କରିବା ଜାରି ରଖିଛି। ସୋନାଲିକାର ହୋସିଆରପୁର ସ୍ଥିତ ବିଶ୍ୱର ଏକ ନମ୍ବର ଟ୍ରାକ୍ଟର ପ୍ଲାଣ୍ଟରୁ ଉତ୍ପାଦିତ ଅଭିନବ ଟ୍ରାକ୍ଟରଗୁଡିକୁ ନେଇ କୃଷକଙ୍କ ପାଇଁ ଉତ୍ପାଦକତା ଓ ଲାଭ ପ୍ରଦାନ କରିବା ଦୃଷ୍ଟିରୁ ଉତ୍କର୍ଷତା ପ୍ରଦର୍ଶନ କରୁଛି।ନିଜର ହେଭି ଟ୍ରାକ୍ଟର ରେରେ ଗୁଣବତ୍ତା ଓ କାର୍ଯ୍ୟଦକ୍ଷତାର ଉପଯୁକ୍ତ ସମ୍ମିଶ୍ରଣ ସୃଷ୍ଟି କରିବା ଉପରେ ସୋନାଲିକାର ଗୁରୁତ୍ୱ କମ୍ପାନୀକୁ ଭାରତରେ ୩ୟ ସର୍ବବୃହତ ଟ୍ରାକ୍ଟର ବ୍ରାଣ୍ଡର ସ୍ଥିତିକୁ ଦୃଢତାର ସହ ସୁରକ୍ଷିତ ରଖିବା ପାଇଁ ସକ୍ଷମ କରିଛି।କମ୍ପାନୀର ନୂଆ ସଫଳତା ସମ୍ପର୍କରେ ଇଂଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତଲ କହିଛନ୍ତି ଯେ, ବଜାର ଅଂଶରେ ବୃଦ୍ଧି ସହିତ ଏପ୍ରିଲ ୨୦୨୪ରେ ମୋଟ ୧୧୬୫୬ଟି ଟ୍ରାକ୍ଟର ବିକ୍ରି ସହିତ ଆମର ୨୦୨୫ ଆର୍ଥିକ ବର୍ଷର ଯାତ୍ରାକୁ ଆରମ୍ଭ କରିବା ପାଇଁ ଆମେ ଉତ୍ସାହିତ ରହିଛୁ। ଆମର ଆଡ୍‌ଭାନ୍ସଡ୍ ହେଭି ଡ୍ୟୁଟି ଟ୍ରାକ୍ଟର ସିରିଜ ନିରନ୍ତର ଭାବେ କୃଷକମାନଙ୍କୁ ନୂଆ ସୁଯୋଗଗୁଡିକର ଏକ ଦୁନିଆ ଆଡକୁ ଅଗ୍ରସର କରୁଛି ଯେଉଁ କାରଣରୁ ଆମ ନିକଟରେ ଆଜି ୧୫ ଲକ୍ଷରୁ ଅଧିକ କୃଷକଙ୍କ ପରିବାର ରହିଛି।

# ଟିପିସିଓଡିଏଲ୍ ପକ୍ଷରୁ କୃଷକ ସଶକ୍ତୀକରଣ ସମୃଦ୍ଧି ଅଭିଯାନ

**ଭୁବନେଶ୍ୱର, ୧୬।୫(ସମିସ)**

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଅଭିଯାନରେ 'ସମୃଦ୍ଧି' ଯୋଜନାରେ ଗ୍ରାମୀଣ ଅଞ୍ଚଳର ବିକାଶ ପ୍ରତି ପ୍ରତିବଦ୍ଧତା ବଜାୟ ରଖିଛି।ପାଣ୍ଟିସ୍ ସେଣ୍ଟର ଫର ଜଷ୍ଟ ଟ୍ରାଞ୍ଜିସନ, ନିଟ୍‌କନ୍ ସୋସିଆଲ୍ ଫାଉଣ୍ଡେସନ ଓ ଜିଆଇଜେଡ୍-ଜର୍ମାନୀର ଏକ ମିଳିତ ପ୍ରୟାସ ଭାବେ ସମୃଦ୍ଧି ଅଭିଯାନ କାର୍ଯ୍ୟକାରୀ କରାଯାଉଛି।ଗ୍ରାମୀଣ ସମୁଦାୟରେ ଦୀର୍ଘସ୍ଥାୟୀ ଅର୍ଥନୈତିକ ବିକାଶର ଲକ୍ଷ୍ୟ ନେଇ ଟିପିସିଓଡିଏଲ୍ ପକ୍ଷରୁ ଏହି ଅଭିଯାନ ଅଧୀନରେ ୨୦ ଜଣ




କମ୍ୟୁନିଟି ରିସୋର୍ସ ପର୍ସନ (ସିଆରପି)ଙ୍କୁ ଜାତୀୟ ମତ୍ସ୍ୟ ବିକାଶ ବୋର୍ଡ (ଏନ୍‌ଏଫ୍‌ଡିବି) ଓ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟ ପାଳନ ଗବେଷଣା ସଂସ୍ଥା ପରିଦର୍ଶନରେ ନିଆଯାଇଥିଲା।ସମୃଦ୍ଧି ପ୍ରକଳ୍ପ ଅଧୀନରେ ଆୟୋଜନ କରାଯାଇଥିବା ଏହି 'ଏକ୍ସପୋଜର ଭିଜିଟ୍'ର ଲକ୍ଷ୍ୟ ଥିଲା ସିଆରପିମାନଙ୍କୁ ମତ୍ସ୍ୟଚାଷ ବିଷୟରେ ଉନ୍ନତ ଜ୍ଞାନ ଓ ଦୀର୍ଘସ୍ଥାୟୀ ଅଭ୍ୟାସ ବିଷୟରେ ଅବଗତ କରିବା ଏବଂ ମତ୍ସ୍ୟଉଦ୍ୟମିତାର ପ୍ରସାର କରିବା। ଅଂଶଗ୍ରହଣକାରୀମାନଙ୍କୁ ଏନ୍‌ଏଫ୍‌ଡିବିର ବିଶେଷଜ୍ଞମାନେ ବ୍ୟାପକ ତାଲିମ ପ୍ରଦାନ କରିଥିଲେ। ଯେଉଁଥିରେ ମତ୍ସ୍ୟ ପ୍ରଜାତି ଚିହ୍ନଟ, ଦୀର୍ଘସ୍ଥାୟୀ ମତ୍ସ୍ୟ ଚାଷ କୌଶଳ, ଜଳ ପରୀକ୍ଷଣ ପଦ୍ଧତି ଓ ମତ୍ସ୍ୟ ଚାଷ ପାଇଁ ଭିତ୍ତିଭୂମି ବ୍ୟବସ୍ଥା ଭଳି ବିଷୟ ସାମିଲ ଥିଲା।ମତ୍ସ୍ୟଚାଷ ସମ୍ପର୍କରେ ଉନ୍ନତ ଦକ୍ଷତା ଓ ପଦ୍ଧତି ପ୍ରଦାନ କରି ଗ୍ରାମୀଣ ଚାଷୀଙ୍କୁ ସଶକ୍ତ କରିବାରେ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ଏହି ଅଭିଯାନ ଦର୍ଶାଉଛି। ସିଆରପିମାନଙ୍କୁ ଉନ୍ନତ ତାଲିମ ପ୍ରଦାନ କରି ସମଭାବାପନ୍ନ ଅଂଶୀଦାରମାନଙ୍କ ସହଯୋଗିତାରେ ଏହି ଅଞ୍ଚଳର ବିକାଶରେ ବାର୍ତ୍ତାବହ ହେବାକୁ ଟିପିସିଓଡିଏଲ୍ ଲକ୍ଷ୍ୟ ରଖିଛି।ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ ଏହି ଅଭିଯାନ ସମ୍ପର୍କରେ କହିଛନ୍ତି ଯେ, 'ସମାଜରେ ସକାରାତ୍ମକ ପରିବର୍ତ୍ତନ ଅଣିବା ପାଇଁ ଟିପିସିଓଡିଏଲ୍ ପ୍ରତିବଦ୍ଧ ରହିଛି।'ସମୃଦ୍ଧି' ଅଭିଯାନ ଜରିଆରେ ଗ୍ରାମୀଣ ଚାଷୀମାନଙ୍କୁ ଆଧୁନିକ ମତ୍ସ୍ୟଚାଷ ପଦ୍ଧତି ବିଷୟରେ ମୂଲ୍ୟବାନ ସମ୍ବଳ ଓ ତାଲିମ ପ୍ରଦାନ କରି ସେମାନଙ୍କ ଜୀବନଜୀବିକାରେ ଉନ୍ନତି ଆଣିବାକୁ ଆମେ ଲକ୍ଷ୍ୟ ରଖିଛୁ।

# ଜେଟ୍ ଏୟାରୱେଜ୍ ପ୍ରତିଷ୍ଠାତାଙ୍କ ପତ୍ନୀଙ୍କ ଦେହାନ୍ତ

**ନୂଆଦିଲ୍ଲୀ, ୧୬।୫(ଏଜେନ୍ସି):** ଜେଟ୍ ଏୟାରୱେଜର ପ୍ରତିଷ୍ଠାତା ନରେଶ ଗୋଏଲଙ୍କ ପତ୍ନୀ ଅନିତା ଗୋଏଲଙ୍କ ଗୁରୁବାର ମୃତ୍ୟୁ ହୋଇଛି। ଅନୀତା ଦୀର୍ଘ ଦିନ ହେଲା କର୍କଟ ରୋଗରେ ପୀଡ଼ିତ ଥିଲେ। କିଛି ମାସ ହେବ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିଲା। ଅନୀତା ତାଙ୍କ ସ୍ୱାମୀ ନରେଶ ଗୋଏଲ ଓ ଦୁଇ ପିଲାଙ୍କ ସହ ମୁମ୍ବାଇରେ ରହୁଥିଲେ। ଜେଟ ଏୟାରୱେଜର ପ୍ରତିଷ୍ଠାତା ନରେଶ



ଅର୍ଥ ହେରଫେର ମାମଲାରେ ଇଡ଼ି ଦ୍ୱାରା ଗିରଫ ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ସଙ୍କଟାପନ୍ନ ରହିଛି। ଏହି କାରଣରୁ ଇଡ଼ି ତାଙ୍କୁ ମାନବିକତା ଦୃଷ୍ଟିରୁ ଜାମିନ ପ୍ରଦାନ କରିଛି। ନରେଶଙ୍କ ଓକିଲ କହିଛନ୍ତି ବମ୍ବେ ହାଇକୋର୍ଟ ଅନୀତାଙ୍କ ସେବା ପାଇଁ ଏକ ମାସର ଜାମିନ ପ୍ରଦାନ କରିଥିଲେ। ନରେଶ ଗୋଏଲ ମଧ୍ୟ କର୍କଟ ରୋଗରେ ପୀଡ଼ିତ। ୨୦୨୩ ମସିହା ସେପ୍ଟେମ୍ବର ମାସରେ ନରେଶଙ୍କୁ ଇଡ଼ି ଗିରଫ କରିଥିଲା। ଅର୍ଥ ହେରଫେର ମାମଲାରେ କାନାରା ବ୍ୟାଙ୍କଠାରୁ ୫୩୮.୬୨ କୋଟି ଟଙ୍କା କରଜ ନେଇ ସେଇ ଟଙ୍କା ଆଉ ଫେରାଇନଥିଲେ। ଏହି ମାମଲାରେ ନରେଶଙ୍କ ସ୍ତ୍ରୀ ଅନୀତାଙ୍କୁ ଇଡ଼ି ଚାର୍ଜ ସିଟ୍ ଦାଖଲ କରି ନଭେମ୍ବର ମାସ ୨୦୨୩ରେ ଗିରଫ ହୋଇଥିଲେ। ଅନୀତା ନିଜ ସ୍ୱାସ୍ଥ୍ୟଗତ କାରଣ ଯୋଗୁଁ ଜାମିନରେ ଆସିଥିଲେ।



# ସୁପରହିରୋ ଭୂମିକାରେ କାର୍ତ୍ତିକ୍

## 'କ୍ରିସ୍-୪'କୁ ନେଇ ଚର୍ଚ୍ଚା

ବଲିଉଡ୍‌ର ଲୋକପ୍ରିୟ ଅଭିନେତା କାର୍ତ୍ତିକ ଆର୍ଯ୍ୟନ୍ ଏବେ 'ଭୁଲ୍‌ଭୁଲୈୟା-୩'କୁ ନେଇ ଚର୍ଚ୍ଚାରେ। ଲଗାତାର ସାମାଜିକ ଗଣମାଧ୍ୟମରେ କାର୍ତ୍ତିକ୍ ତାଙ୍କ ପ୍ରଶଂସକଙ୍କ ଉଦ୍ଦେଶ୍ୟରେ ଏହି ଫିଲ୍ମର ସୁଟିଂ ସେଟ୍‌ର ଫଟୋ ଓ ଭିଡିଓଗୁଡ଼ିକ ସେୟାର୍ କରୁଛନ୍ତି। ଏବେ କାର୍ତ୍ତିକ୍ ସାମାଜିକ ଗଣମାଧ୍ୟମରେ ଏକ ଫଟୋ ସେୟାର୍ କରିଛନ୍ତି। ଏଥିରୁ ସେ କେଉଁ ଫିଲ୍ମରେ ସୁପର୍‌ହିରୋ ଭୂମିକାରେ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି। କାର୍ତ୍ତିକ୍ ସେୟାର୍ କରିଥିବା ଫଟୋଟିରେ ସେ 'ସୁପର୍‌ହିରୋ' ଭଳି ପୋଷାକ ପିନ୍ଧି ଧ୍ୟାନମୁଦ୍ରାରେ ବସିଛନ୍ତି। ତାଙ୍କ ଉପରେ ଆଲୋକ ବିଚ୍ଛୁରିତ ହେଉଛି। ତେବେ କାର୍ତ୍ତିକ୍ ଏହି ଫଟୋର କ୍ୟାପସନ୍‌ରେ କେବଳ 'ଲୋଡିଂ' ଲେଖି ଛାଡ଼ି ଦେଇଥିବାବେଳେ ସେ ବହୁତ ଜଲ୍ଦି 'କ୍ରୀସ୍-୪'ରେ ନଜର ଆସିପାରନ୍ତି ବୋଲି ଦର୍ଶକେ କହୁଛନ୍ତି। ଆଉ କିଛି ଜଣ ତାଙ୍କୁ 'ଶକ୍ତିମାନ' ଫିଲ୍ମରେ ଦେଖିବାକୁ ମିଳିବ ଅନୁମାନ କରୁଛନ୍ତି। କାର୍ତ୍ତିକ୍ 'ଭୁଲଭୁଲୈୟା-୩' ବ୍ୟତୀତ କବୀର ଖାନ୍‌ଙ୍କ 'ଚନ୍ଦୁ ଚାମ୍ପିୟନ୍'ରେ ମଧ୍ୟ ଲିଡ୍ ରୋଲରେ ଆସିବେ।

## ଆଜିର ଇତିହାସ

- ୧୭୫୬- ବ୍ରିଟେନ୍, ଫ୍ରାନ୍ସ ବିରୋଧରେ ଯୁଦ୍ଧ ଘୋଷଣା କଲା।
- ୧୭୯୨- ନ୍ୟୁୟର୍କ ଷ୍ଟକ୍ ଏକ୍ସଚେଞ୍ଜର ଆରମ୍ଭ।
- ୧୯୪୯- ଭାରତ ରାଷ୍ଟ୍ରମଣ୍ଡଳ ଦେଶର ସଦସ୍ୟତା ପାଇଁ ନିଷ୍ପତ୍ତି ନେଲା।
- ୧୯୮୭-ସୁନୀଲ ଗାଭାସ୍କର ଟେଷ୍ଟ କ୍ରିକେଟ୍‌ରୁ ଅବସର ନେଲେ।
- ୨୦୧୪- ଉତ୍ତର ଲାଓସ୍‌ରେ ଏକ ବିମାନ ଦୁର୍ଘଟଣା ଯୋଗୁଁ ୧୭ ଜଣଙ୍କ ମୃତ୍ୟୁ।
- ୨୦୧୮- ବି.ଏସ୍ ୟେଦ୍ୟୁରପ୍ପା ତୃତୀୟ ଥର କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ହେଲେ।

# ବିଶ୍ୱ ଦୂରସଞ୍ଚାର ଏବଂ ସୂଚନା ସମାଜ ଦିବସ



'ଜାତିସଂଘ' ର ଅନୁମୋଦନକ୍ରମେ ୨୦୦୬ରୁ ପ୍ରତିବର୍ଷ ମେ' ୧୭ରେ ପାଳିତ ହେଉଛି 'ବିଶ୍ୱ ଦୂରସଞ୍ଚାର ଦିବସ ଓ ସୂଚନା ସମାଜ ଦିବସ'। ୧୭ ମେ' ୧୮୬୫ରେ ଗଠିତ ହୋଇଥିଲା 'ଅନ୍ତର୍ଜାତୀୟ ଦୂରସଂଚାର ସଂଘ' ବା 'ଇଣ୍ଟରନ୍ୟାସନାଲ ଟେଲିକମ୍ୟୁନିକେସନ ୟୁନିଅନ୍'। ଏହାର ପ୍ରତିଷ୍ଠା ଦିବସକୁ ସ୍ମରଣୀୟ କରିବା ଲାଗି ୧୯୬୯ରେ ପ୍ରଥମ ଥର ପାଇଁ 'ବିଶ୍ୱ ଦୂରସଞ୍ଚାର ଦିବସ' ପାଳନ ଆରମ୍ଭ କରାଯାଇଥିଲା। ଲୋକଙ୍କୁ ଦୂରସଞ୍ଚାର ପ୍ରତି ସଚେତନ କରାଇବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି, ଯୋଗାଯୋଗର ଗୁରୁତ୍ୱ ଏବଂ ବିଶ୍ୱବ୍ୟାପୀ ସୂଚନାର ଉପଲବ୍ଧିକୁ ହୃଦୟଙ୍ଗମ କରିବା ସହିତ ଆମ ଜୀବନରେ ଯୋଗାଯୋଗ କେତେ ଗୁରୁତ୍ୱପୂର୍ଣ୍ଣ, ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ୨୦୦୬ ମେ' ୧୭ରେ ଏହା ସହ 'ବିଶ୍ୱ ସୂଚନା ସମାଜ ଦିବସ' ଯୋଡ଼ାଯାଇଥିଲା। ବର୍ତ୍ତମାନ ଇଣ୍ଟରନେଟ୍ ଓ ଟେଲିଫୋନ ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଇଣ୍ଟରନେଟ୍ ଭଳି ଆଧୁନିକ ବୈଷୟିକ ଜ୍ଞାନ-କୌଶଳ ଆମ ସମୟର ସମାଜକୁ ଗଭୀର ଭାବେ ପ୍ରଭାବିତ କରୁଛି ଏବଂ ଆଗକୁ ମଧ୍ୟ କରିବ। ଏ ବାବଦରେ ସାରା ବିଶ୍ୱରେ ଜନ-ସଚେତନତା ସୃଷ୍ଟି କରିବା, ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ଏହା ଲୋକଙ୍କୁ ଆତ୍ମନିର୍ଭର କରାଇବା ସହ ଲୋକେ ଘରେ ବସି ରେଳ ଓ ବିମାନ ଟିକଟ କରିବା, ଅର୍ଥ କାରବାର, ବିଭିନ୍ନ ପ୍ରକାର ବିଲ୍ ପଇଠ ଠାରୁ ଆରମ୍ଭ କରି ଅତ୍ୟାବଶ୍ୟକ ଜିନିଷଗୁଡ଼ିକୁ କିଣିପାରୁଛନ୍ତି। ବିଶ୍ୱ ଦୂରସଞ୍ଚାର ଦିବସ ଓ ସୂଚନା ସମାଜ ଦିବସ'ର ଉଦ୍ଦେଶ୍ୟ ହେଉଛି ଦୁର୍ଗମ ତଥା ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କ ପାଇଁ ଉଭୟ ସୂଚନା ଏବଂ ଯୋଗାଯୋଗକୁ ସହଜରେ ଉପଲବ୍ଧ କରାଇବା।



# ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ

ଖରାପ ଜୀବନଶୈଳୀ, ଶାରୀରିକ ପରିଶ୍ରମର ଅଭାବ ଓ ଅତ୍ୟଧିକ ମାନସିକ ଚାପ ଫଳରେ ଉଚ୍ଚ ରକ୍ତଚାପ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ରକ୍ତଚାପକୁ ନେଇ ଲୋକଙ୍କୁ ସତର୍କ ତଥା ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୧୭ ତାରିଖକୁ 'ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ' ଭାବେ ପାଳନ କରାଯାଏ। 'ଦ ୱାର୍ଲ୍ଡ୍ ହାଇପର ଟେନସନ୍ ଲିଗ୍' ୨୦୦୫ରେ ପ୍ରଥମ ଥର ଏହି ଦିବସ ପାଳନ ଆରମ୍ଭ କରିଥିଲା। ଉଚ୍ଚ ରକ୍ତଚାପକୁ 'ସାଇଲେଣ୍ଟ କିଲର' ବୋଲି ମଧ୍ୟ କୁହାଯାଏ। କାରଣ ଏହାର କିଛି ଲକ୍ଷଣ ହଠାତ୍ ଜଣାପଡ଼ି ନ ଥାଏ। ସେଥିପାଇଁ ଏହାର ଚିକିତ୍ସା ଠିକ୍ ସମୟରେ କରା ନ ଗଲେ ଜଣେ ମୃତ୍ୟୁମୁଖରେ ପଡ଼ିଥାନ୍ତି। ଜଣେ ବ୍ୟକ୍ତିର ସାଧାରଣ ରକ୍ତଚାପ ହେଉଛି ୧୨୦/୮୦ ଏମ୍ଏମ୍ଏଚ୍‌ଜି। ୧୨୦ରୁ ୧୪୦ ଭିତରେ ରହିଲେ ଏହା ଅସାମାନ୍ୟ ବୋଲି ଧରାଯାଏ। ରକ୍ତଚାପ ଏହି ସୀମାରେ ରହିଲେ ଖାଦ୍ୟପେୟ ଉପରେ ଧ୍ୟାନ ଦେବା ସହ ବ୍ୟାୟାମ କରିବା ପାଇଁ କୁହାଯାଏ। ସେହିଭଳି ରକ୍ତଚାପ ସୀମା ୧୪୦/୯୦ରୁ ଅଧିକ ହେଲେ ରୋଗୀଙ୍କୁ ଡାକ୍ତରଙ୍କ ପରମର୍ଶ ନେଇ ଔଷଧ ଖାଇବା ପାଇଁ କୁହାଯାଏ। ହାଇପରଟେନ୍‌ସନ୍ ବା ଉଚ୍ଚ ରକ୍ତଚାପ ମହିଳାଙ୍କ ତୁଳନାରେ ପୁରୁଷଙ୍କଠାରେ ଅଧିକ ଦେଖାଯାଏ। ଆଜିକାଲି ୧୮ରୁ ୫୦ ବର୍ଷ ବୟସର ବ୍ୟକ୍ତିମାନେ ଏହି ରୋଗରେ ଅଧିକ ଆକ୍ରାନ୍ତ ହେଉଥିବାର ଦେଖାଯାଉଛି। ଏହାବାଦ୍ ଯେକୌଣସି ବୟସର ବ୍ୟକ୍ତି ଏଥିରେ ପୀଡ଼ିତ ହୋଇଥାନ୍ତି। ଅସ୍ୱାଭାବିକ ଜୀବନଶୈଳୀ, ମାନସିକ ବିକାର, ଅନିୟମିତ ଖାଦ୍ୟପେୟ, ଧୂମପାନ ଯୋଗୁଁ ଉଚ୍ଚ ରକ୍ତଚାପ ହେବା ଆଶଙ୍କା ବୃଦ୍ଧି ପାଏ। ସେହିପରି ଅବସାଦ, ମେଦବହୁଳତା, ଓ ଅତ୍ୟଧିକ ଲୁଣ ଖାଇବା ଦ୍ୱାରା ମଧ୍ୟ ଏହା ହୋଇପାରେ। ଏହା ମଧ୍ୟ ବଂଶଗତ ମଧ୍ୟ ଅର୍ଥାତ୍ ପରିବାରର କେହି ଏଥିରେ ପୀଡ଼ିତ ଥିଲେ ଏହା ସେମାନଙ୍କ ପିଲାଙ୍କଠାରେ ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ରକ୍ତଚାପ ବୃଦ୍ଧି ପାଇଲେ ପକ୍ଷାଘାତ ହେବାର ଆଶଙ୍କା ଅଧିକ ଥାଏ। ତେଣୁ ନିୟମିତ ରକ୍ତଚାପ ମାପିବା ସହ ସଠିକ୍ ଚିକିତ୍ସା କଲେ ଏହି ରୋଗରୁ ଆରୋଗ୍ୟ ଲାଭ କରିହେବ। ରକ୍ତଚାପ ଅଧିକ ହେଲେ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ସେବନ ସହ ଖାଇବାପିଇବା ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼େ। ପ୍ରଥମତଃ ଲୁଣ କମ୍ ଖାଇବେ, ଚର୍ବିଜାତୀୟ ଖାଦ୍ୟଠାରୁ ଦୂରେଇ ରହିବେ। ନିୟମିତ ଯୋଗ, ପ୍ରାଣାୟାମ ଆଦି କରିବା ସହ ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ଉଚିତ। ଚଳିତବର୍ଷ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସର ବିଷୟବସ୍ତୁ ରହିଛି-"Measure Your Blood Pressure Accurately, Control It, Live Longer"।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।


**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।




# ଖାଇବାର ଘଣ୍ଟାକ ପୂର୍ବରୁ ଓ ପରେ ଚା' ଓ କଫିକୁ ନା

ଭାରତରେ ଅଧିକାଂଶ ଲୋକ ଚା' ଓ କଫି ପିଇବା ସଉକ ରଖିଥାନ୍ତି। ସକାଳୁ ସକାଳୁ ଚା' କପେ ନ ହେଲେ ଅଧିକାଂଶଙ୍କ ଦିନ ଆରମ୍ଭ ହୁଏନି। ଏମିତି ବି ଅନେକ ଅଛନ୍ତି, ଯେଉଁମାନେ ଦିନକ ଭିତରେ ବହୁଥର ଚା' ପିଇଥାନ୍ତି। ହେଲେ ସବୁ ସମୟରେ ଚା' ପିଇବା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ। ନିକଟରେ ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ ( ଆଇସିଏମ୍‌ଆର) ସୁସ୍ଥ ଜୀବନଯାପନ ସହିତ ସନ୍ତୁଳିତ ଏବଂ ବିବିଧ ଖାଦ୍ୟ ଉପରେ ଗୁରୁତ୍ୱ ଦେଇ ଖାଦ୍ୟ ଖାଇବା ପୂର୍ବରୁ କିମ୍ବା ପରେ ଚା' କିମ୍ବା କଫି ନ ପିଇବାକୁ ପରାମର୍ଶ ଦେଇଛନ୍ତି। ଆଇସିଏମ୍‌ଆର ନିକଟରେ ଜାତୀୟ ପୋଷଣ ସଂସ୍ଥାନ (ଏନ୍‌ଆଇଏନ୍) ମିଳିତ ସହଯୋଗରେ ୧୭ଟି ଖାଦ୍ୟ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଭାରତୀୟଙ୍କ ମାତ୍ରାଧିକ ଚା' କଫି ଅଭ୍ୟାସ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ଚା' ଏବଂ କଫିରେ ରହିଥିବା କେଫିନ୍ ମନୁଷ୍ୟର କେନ୍ଦ୍ରୀୟ ସ୍ନାୟୁ ପ୍ରଣାଳୀକୁ ପ୍ରଭାବିତ କରିଥାଏ। ଏହାସହ ଶାରୀରିକ ନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିଥାଏ। ଏହାକୁ ଦୃଷ୍ଟି ଦେଲେ ୧୫୦ ମିଲି କପ୍ ବ୍ରୁଡ କଫିରେ ୮୦-୧୨୦ ମିଲିଗ୍ରାମ କେଫିନ୍ ରହିଥିବାବେଳେ ଇନ୍‌ଷ୍ଟାଣ୍ଟ କଫିରେ ୫୦ରୁ ୬୫ ମିଲି ଏବଂ ଚା'ରେ କେଫିନ୍ ମାତ୍ରା ୩୦ରୁ ୬୫ ମିଲିଗ୍ରାମ୍ ଥାଏ। ତେଣୁ ଆଇସିଏମ୍‌ଆର ଅନୁସାରେ ପ୍ରତିଦିନ କେବଳ ୩୦୦ ମିଲିଗ୍ରାମ୍ କେଫିନ୍ ସେବନ କରିବା ଉଚିତ। ତେଣୁ ଏ ଦୃଷ୍ଟିରୁ ଖାଦ୍ୟ ଗ୍ରହଣର ଘଣ୍ଟାକ ପୂର୍ବରୁ ବା ପରେ ଚା' କିମ୍ବା କଫି ପିଇବା ଅନୁଚିତ। କାରଣ ଏଥିରେ ଥିବା ଟେନିନ୍ ନାମକ କମ୍ପାଉଣ୍ଡ ଶରୀରରେ ଲୌହସାର ଗ୍ରହଣ କରିବାର କ୍ଷମତାରେ ବାଧା ସୃଷ୍ଟି କରିଥାଏ। ଫଳରେ ଟେନିନ୍ ପାଚନ କ୍ରିୟାରେ ଆଇରନ୍ ସହ ମିଶିଯାଉଥିବାରୁ ଶରୀରରେ ଆଇରନ୍ ଠିକ୍ ଭାବେ ଅବଶୋଷିତ ହୋଇ ନପାରି ଲୌହସାର ଅଭାବ ରୁହେ। ଏହାର ଅଭାବରୁ ରକ୍ତହୀନତା ସମେତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ସେହିପରି ଅତ୍ୟଧିକ କଫି ସେବନ ଦ୍ୱାରା ଉଚ୍ଚ ରକ୍ତଚାପ ଏବଂ ହୃଦ୍‌ସମ୍ବନ୍ଧୀୟ ସମସ୍ୟା ତଥା ହୃଦ୍ ସ୍ପନ୍ଦନରେ ଅସ୍ୱାଭାବିକତା ହେବାର ଆଶଙ୍କା ଅଧିକ ରହିଥାଏ। ସେହିପରି ବିନା କ୍ଷୀରରେ ଚା' ପିଇବା ଦ୍ୱାରା ରକ୍ତସଞ୍ଚାଳନ ଭଲ ହେବା ସହ କରୋନା ଆର୍ଟେରୀ ଏବଂ କୋରୋନାରୀ ଆର୍ଟାରୀ ଡିଜିଜ୍ (ସିଏଡି) ଏବଂ ପାକସ୍ଥଳୀ କର୍କଟ ଆଶଙ୍କା ହ୍ରାସ କରିବାରେ ସାହାଯ୍ୟ କରିଥାଏ। ତେଣୁ ଚା' ଓ କଫି ପିଇବା ସମୟରେ ଏହି ସବୁ ବିଷୟ ପ୍ରତି ଧ୍ୟାନ ଦେବା ଉଚିତ।






# ଲାକ୍ଟୋଜ୍ ଇନ୍‌ଟଲରେନ୍‌ସ

ଯେକୌଣସି ବୟସର ବ୍ୟକ୍ତି ହୁଅନ୍ତୁ ନା କାହିଁକି, ଯେତେବେଳେ ଶରୀର ଦୁଗ୍ଧ ଉତ୍ପାଦରେ ମିଳୁଥିବା ଏକ ଚିନି ଯୌଗିକ ଲାକ୍ଟୋଜକୁ ସଠିକ୍ ହଜମ କରିପାରେ ନାହିଁ, ସେତେବେଳେ ଲାକ୍ଟୋଜ୍ ଇନ୍‌ଟଲରେନ୍‌ସ ହୋଇଥାଏ। ତେବେ ପିଲାଙ୍କ କ୍ଷେତ୍ରରେ ଦେଖାଯାଉଥିବା ଲାକ୍ଟୋଜ୍ ଇନ୍‌ଟଲରେନ୍‌ସ ସହିତ ଜଡ଼ିତ ସମସ୍ୟାର ପ୍ରାରମ୍ଭିକ ଲକ୍ଷଣ ଦେଖାଯିବା ମାତ୍ରେ ପିତାମାତା ଏହାକୁ ଅଣଦେଖା ନକରିବା ଉଚିତ।

ସାଧାରଣତଃ ପିଲାମାନେ ଯେତେବେଳେ ଦୁଗ୍ଧ ଉତ୍ପାଦ ସେବନ କରନ୍ତି, ସେମାନଙ୍କଠାରେ ପାଚନ ସମ୍ବନ୍ଧୀୟ ସମସ୍ୟା ଦେଖାଯାଇଥାଏ। ଏହାଦ୍ୱାରା ପେଟ ଯନ୍ତ୍ରଣା, ପେଟ ଫୁଲିବା ପରି ଲାଗିବା, ଗ୍ୟାସ୍, ତଳର ଝାଡ଼ା ଆଦି ଲକ୍ଷଣ ଦେଖାଯାଇଥାଏ। ଅନେକ ସମୟରେ ଚିଡ଼ିଚିଡ଼ାପଣ, ଥକ୍କାପଣ ଆଦି ଲକ୍ଷଣ ଦେଖାଯାଏ। ତେଣୁ ଯେତେବେଳେ ଦୁଗ୍ଧ ଉତ୍ପାଦ ଖାଦ୍ୟ ଗ୍ରହଣ ପରେ ପିଲାଙ୍କଠାରେ ଉପରୋକ୍ତ ସମସ୍ୟା ଦେଖାଯାଉଛି, ଅଭିଭାବକ ତୁରନ୍ତ ତାକୁ ହସ୍‌ପିଟାଲ ନେବା ଆବଶ୍ୟକ। ଏହାସହ ପିଲା ଯଦି ଦୁଗ୍ଧ ଉତ୍ପାଦ ଖାଇବାକୁ ଅମଙ୍ଗ ହେଉଛନ୍ତି, ସେମାନଙ୍କୁ ବାଧ୍ୟ କରନ୍ତୁନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଯେ, ଅନେକ ସମୟରେ ଦୁଗ୍ଧଜାତୀୟ ଖାଦ୍ୟ ଖାଇବା ପରେ ଲାକ୍ଟୋଜ ଇନ୍‌ଟଲରେନ୍‌ସ ସମସ୍ୟା ଯୋଗୁଁ ପିଲାଙ୍କଠାରେ ଶରୀରକୁ ଆବଶ୍ୟକ ମୁତାବକ ଭିଟାମିନ୍-ଡି, କ୍ୟାଲ୍‌ସିୟମ ଓ ଅନ୍ୟାନ୍ୟ ଜରୁରୀ ପୋଷକତତ୍ତ୍ୱର ଅଭାବ ରହିଥାଏ। ଶିଶୁଙ୍କ ବିକାଶରେ ଏହା ବାଧା ସୃଷ୍ଟି କରିଥାଏ। ଅନେକ ସମୟରେ ଆନୁବଂଶିକ କାରଣରୁ ଲାକ୍ଟୋଜ ଇନ୍‌ଟଲରେନ୍ସ ହେବାର ଆଶଙ୍କା ଅଧିକ ରହିଥାଏ। ତେଣୁ ସର୍ବଦା ନିଜ ପିଲାଙ୍କ ସ୍ୱାସ୍ଥ୍ୟରେ ଦେଖାଯାଉଥିବା ଏହି ଲକ୍ଷଣ ପ୍ରତି ସତର୍କ ରହିବା ଜରୁରି।

# ଭିଟାମିନ୍ ବି-୧୨ ଅଭାବ

ଶରୀରରେ ଭିଟାମିନ୍ ବି-୧୨ର ଅଭାବ ହେଲେ ତ୍ୱଚା ରୁକ୍ଷ, ଶୁଷ୍କ ଲାଗିବା ସହ କମ୍ ବୟସରୁ ବୟସ୍କ ପରି ଦେଖାଯାଆନ୍ତି। ତେଣୁ ଭିଟାମିନ୍‌ବି-୧୨ ଅଭାବରୁ ଦେଖାଯାଉଥିବା ଲକ୍ଷଣକୁ ଅଣଦେଖା କରିବା ଅନୁଚିତ।

ବାୟୁ ପ୍ରଦୂଷଣ, ଅସମୟରେ ଖାଦ୍ୟପେୟ, ଅଧିକ ଜଙ୍କ୍‌ଫୁଡ୍, ଧୂଳି ମାଟି ପ୍ରଦୂଷଣର ପ୍ରଭାବ ସ୍ୱାସ୍ଥ୍ୟ ତଥା ତ୍ୱଚା ଉପରେ ପଡ଼ିଥାଏ। ନଖ ଭାଙ୍ଗିଯାଇଥାଏ। ଏହାଦ୍ୱାରା ଚର୍ମରୋଗ ହୋଇ କମ୍ ବୟସରେ ମଧ୍ୟ ଲୋକେ ବୟସ୍କ ପରି ଦେଖାଯା'ନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ ଭିଟାମିନ୍-ବି-୧୨ ଅଭାବରୁ ଏପରି ସମସ୍ୟା ଦେଖାଦିଏ। ତେଣୁ ଶରୀରରେ ଭିଟାମିନ୍ ବି-୧୨ ଅଭାବ ହେଲେ ଶରୀର ହାଲିଆ ଲାଗିବା ସହ ଶକ୍ତିହ୍ରାସ ହେବା ପରି ଲାଗିଥାଏ। ସ୍ନାୟୁପ୍ରଣାଳୀକୁ ମଜଭୁତ କରିବାରେ ଭିଟାମିନ୍ ବି-୧୨ର ଭୂମିକା ଅଧିକ। ଉଭୟ ଚର୍ମ ଏବଂ କେଶ ପାଇଁ ଏହା ବହୁତ ଜରୁରି ମଧ୍ୟ।

ଏହି ଭିଟାମିନ୍ ଖାଇବା ଦ୍ୱାରା ଚର୍ମରେ ଚମକ ଆସିବା ସହ ଶୁଷ୍କତା ସମସ୍ୟା ଦୂର ହୁଏ। ତେଣୁ ଭିଟାମିନ୍ ବି-୧୨ ଅଭାବ ହେଲେ ଭୋକ ନ ଲାଗିବା, ଚର୍ମଶୁଷ୍କ ହୋଇ ହଳଦିଆ ପଡ଼ିବା, ମୁଣ୍ଡବିନ୍ଧା, କାନରେ କୌଣସି ଶବ୍ଦ ଶୁଭାଯିବା, ଚିଡ଼ିଚିଡ଼ାପଣ ହେବା, ଶରୀର କାଲୁଆ ଲାଗିବା ଓ ଝିମ୍‌ଝିମ୍ ଲାଗିବା, ମୁହଁରେ ଛାଲ ପଡ଼ିଯିବା, ଖାଇବାରେ ସ୍ୱାଦ ନ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ତେଣୁ ଭିଟାମିନ୍-୧୨ ଅଭାବକୁ ଦୂର କରିବାକୁ ଡାଏଟ୍‌ରେ ଲାଲ୍ ମାଂସ, ସେଲମନ ମାଛ, ବାଦାମ, ଦୁଗ୍ଧ, ଦହି, ଛେନା, ଅଣ୍ଡା, ପିସ୍ତାବାଦାମ, ସବୁଜ ପନିପରିବା, ବିଭିନ୍ନ ପ୍ରକାର ପୌଷ୍ଟିକ ମଞ୍ଜି ଆଦି ସାମିଲ କରିବା ଜରୁରି। ନିୟମିତ ଏହି ଖାଦ୍ୟ ସେବନ ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଥାଏ।



# ରୋଗନାଶକ ସିଝା ଅଁଳା

ଆୟୁର୍ବେଦ ଚିକିତ୍ସାରେ ଅଁଳାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିରେ ଭିଟାମିନ୍-ସି, ବିଭିନ୍ନ ପୋଷକତତ୍ତ୍ୱ ସହିତ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରି ରହିଛି। ସେଥିପାଇଁ ଶରୀରକୁ ରୋଗମୁକ୍ତ ରଖିବାକୁ ପ୍ରତିଦିନ ଅଁଳା ଖାଇବା ଦରକାର। ହେଲେ କଞ୍ଚା ଅଁଳା ବଦଳରେ ସିଝା ଅଁଳା ଖାଇବା ଦ୍ୱାରା ଗମ୍ଭୀର ରୋଗ ଦୂର ହୋଇଥାଏ। ୧୦୦ ଗ୍ରାମ ସିଝା ଅଁଳାରୁ ୩୦୦ ମିଲିଗ୍ରାମ ଭିଟାମିନ୍-ସି ମିଳୁଥିବାରୁ ଏହା ଚିନ୍ତା ଦୂର କରିବାରେ ସହାୟକ ହୁଏ। ସିଝା ଅଁଳାରେ ଆଣ୍ଟି-ହାଇପରଗ୍ଲିସେମିକ୍ ଯୋଗୁଁ ଏହାକୁ ଖାଇବା ଦ୍ୱାରା ରକ୍ତଶର୍କରା ନିୟନ୍ତ୍ରଣରେ ରହିଥାଏ। କର୍କଟ, ହୃଦ୍‌ରୋଗ ଏବଂ ମଧୁମେହ ଆଦି ଗମ୍ଭୀର ରୋଗ ଆଶଙ୍କାକୁ ହ୍ରାସ କରିଥାଏ।

ସିଝା ଅଁଳାରେ ବିଭିନ୍ନ ପ୍ରକାର ଆଣ୍ଟି – ଅକ୍ସିଡାଣ୍ଟ ଥିବାରୁ ହଜମଜନିତ ସମସ୍ୟା ହୁଏ ନାହିଁ। ସେହିପରି ଏଥିରେ ଥିବା ଆଣ୍ଟି-ମାଇକ୍ରୋବିଆଲ ଗୁଣ ଯୋଗୁଁ ପାଚନଜନିତ ସମସ୍ୟା ଯଥା-ପେଟ ଫୁଲିବା, କୋଷ୍ଠକାଠିନ୍ୟ ଆଦି ଦୂର ହୋଇଥାଏ। କେଶ ଓ ତ୍ୱଚାର ଚମକ ବୃଦ୍ଧି ପାଇଁ ସିଝା ଅଁଳା ସ୍ୱାସ୍ଥ୍ୟପ୍ରଦ।



# ଅବସର ନେଲେ ସୁନୀଲ ଛେତ୍ରୀ





**ନୂଆଦିଲ୍ଲୀ,୧୬।୫(ଏଜେନ୍ସି)**

ଜଣାଶୁଣା ଫୁଟବଲ ଲିଜେଣ୍ଡ ତଥା ଭାରତୀୟ ଅଧିନାୟକ ସୁନୀଲ ଛେତ୍ରୀ ଅବସର ନେବେ ବୋଲି ଘୋଷଣା କରିଛନ୍ତି। ଫଳରେ ଭାରତୀୟ ଫୁଟବଲରେ ଏକ ସ୍ୱର୍ଣ୍ଣିମ ଯୁଗର ଅନ୍ତ ହେବାକୁ ଯାଉଛି। ଗୁରୁବାର ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରି ସେ ଅବସର ନେବା ସମ୍ପର୍କରେ ଘୋଷଣା କରିଛନ୍ତି। ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମରେ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଲାଗି ଚାଲିଥିବା ଭାରତୀୟ ଫୁଟବଲ ଦଳର ପ୍ରଶିକ୍ଷଣ ଶିବିରରେ ଛେତ୍ରୀ ଯୋଗ ଦେଇଛନ୍ତି। ଶିବିର ଚାଲିଥିବା ବେଳେ ସେ ଅବସର ଘୋଷଣା କରି ସମସ୍ତଙ୍କୁ ଚକିତ କରିଛନ୍ତି। ଜୁନ୍ ୬ରେ କୁଏତ୍ ବିପକ୍ଷ ୨୦୨୬ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳାବା ପରେ ସେ ଫୁଟବଲ ଛାଡିବେ ବୋଲି କହିଛନ୍ତି। ୩୯ ବର୍ଷୀୟ ସୁନୀଲ ୨୦୦୫ ଜୁନ୍ ୧୨ରେ ପାକିସ୍ତାନ ବିପକ୍ଷରେ ପଦାର୍ପଣ କରିଥିଲେ ଓ ଭାରତ ପାଇଁ ଏହି ମ୍ୟାଚ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ।

ମାତାପିତା, ପତ୍ନୀଙ୍କୁ ଅବସର ନେବା ସମ୍ପର୍କରେ ଅବଗତ କରାଇଥିଲି ବୋଲି ସେ କହିଛନ୍ତି। ଏହା ଶୁଣି ପିତା ଖୁସି ହୋଇଥିଲେ। କିନ୍ତୁ ମାତା ଓ ପତ୍ନୀ କାନ୍ଦିଥିଲେ ବୋଲି ସୁନୀଲ କହିଛନ୍ତି। ଏବେ କ୍ଳାନ୍ତ ଅନୁଭବ କରୁନାହିଁ ବା ଆଉ କୌଣସି କାରଣ ପାଇଁ ଏହି ନିଷ୍ପତ୍ତି ନେଇନାହିଁ। କିନ୍ତୁ ଯେତେବେଳେ ଭାବିଲି ଏହା ମୋ କ୍ୟାରିୟରର ଅନ୍ତିମ ମ୍ୟାଚ୍ ହେବ, ସେତେବେଳେ ଏ ନେଇ ବହୁତ କିଛି ଚିନ୍ତା କଲି। ଶେଷରେ ଅବସର ନେବାକୁ ନିଷ୍ପତ୍ତି ନେଲି ବୋଲି ସେ ଭିଡିଓରେ କହିଛନ୍ତି। ଅବସର ଘୋଷଣା ପରେ ପୂର୍ବତନ ଖେଳାଳି, ପ୍ରଶିକ୍ଷକ, ଛେତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ବିଶ୍ୱର ତୃତୀୟ ସର୍ବାଧିକ ଗୋଲ ସ୍କୋରର

ପାଖାପାଖି ଦୁଇ ଦଶକର ଉଜ୍ଜ୍ୱଳମୟ କ୍ୟାରିୟରରେ ୫ ଫୁଟ ୭ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ଅଭିଜ୍ଞ ଅଗ୍ରଭାଗ ଖେଳାଳି ଛେତ୍ରୀ ଭାରତ ପାଇଁ ଏପର୍ଯ୍ୟନ୍ତ ୧୫୦ଟି ମ୍ୟାଚ୍ ଖେଳି ୯୪ଟି ଗୋଲ ସ୍କୋର କରିଛନ୍ତି। ଏହିକ୍ରମରେ ସେ ଖେଳ ଜାରି ରଖିଥିବା ଫୁଟବଲରମାନଙ୍କ ମଧ୍ୟରେ ପର୍ତ୍ତୁଗାଲ ଅଭିଜ୍ଞ ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋ, ଆର୍ଜେଣ୍ଟିନ ସୁପରଷ୍ଟାର ଲିଓନେଲ ମେସିଙ୍କ ପରେ ତୃତୀୟ ସର୍ବାଧିକ ଗୋଲ ସ୍କୋରର ବିବେଚିତ ହେଉଛନ୍ତି। ମୋଟ୍ ଉପରେ ଦେଖିବାକୁ ଗଲେ ସର୍ବାଧିକ ଗୋଲ ସ୍କୋରର ତାଲିକାର ଚତୁର୍ଥ ସ୍ଥାନରେ ରହିଛନ୍ତି।

### ମା' ବି ଜଣେ ଫୁଟ୍‌ବଲର୍

୧୯୮୪ ଅଗଷ୍ଟ ୩ରେ ସେ ସିକନ୍ଦରାବାଦ୍‌ରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା କେବି ଛେତ୍ରୀ ଭାରତୀୟ ସେନାବାହିନୀରେ ଚାକିରି କରୁଥିଲେ। ମାତା ସୁଶୀଳା ନେପାଳର ଜାତୀୟ ଦଳ ପାଇଁ ଫୁଟବଲ ଖେଳିଥିଲେ। ୨୦୨୧ରେ ତାଙ୍କୁ ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ଖେଳ ରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାପୂର୍ବରୁ ୨୦୧୯ରେ ତାଙ୍କୁ ପଦ୍ମଶ୍ରୀ ଓ ୨୦୧୧ରେ ଅର୍ଜ୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ କ୍ୟାରିୟରରେ ସେ ୭ ଥର ସର୍ବ ଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍ଏଫ୍) ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ହାସଲ କରିଥିଲେ। ସେହିପରି ସେ ୪ଥର ସାଫ୍ ଚାମ୍ପିଅନସିପ୍ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଛନ୍ତି। ୨୦୦୫ରେ ସେ ଭାରତୀୟ ଫୁଟବଲ ଦଳରେ ପଦାର୍ପଣ କରିଥିଲେ। ବାଇଚୁଙ୍ଗ ଭୂଟିଆଙ୍କ ପରେ ସେ ଭାରତୀୟ ଫୁଟବଲ ଦଳର ନେତୃତ୍ୱ ନେଇଥିଲେ।

### ସଲ୍ଟଲେକ୍‌ରେ ଖେଳିବେ ବିଦାୟୀ ମ୍ୟାଚ୍

କୋଲକାତା ସଲ୍ଟଲେକ୍ ଷ୍ଟାଡିୟମରେ କୁଏତ ବିପକ୍ଷରେ ସେ କ୍ୟାରିୟରର ଅନ୍ତିମ ମ୍ୟାଚ୍ ଖେଳିବେ। କୋଲକାତାରେ ସେ ବହୁତ ଫୁଟବଲ ଖେଳିଛନ୍ତି ଓ ଏବେ ଏହି ସହରରେ ଫୁଟବଲକୁ ଅଲବିଦା କରିବେ। ଜୁନ୍ ୬ରେ କୁଏତ୍ ବିପକ୍ଷ ୨୦୨୬ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳିବା ପରେ ସେ ଫୁଟବଲ ଛାଡିବେ।

### ଛେତ୍ରୀଙ୍କ କ୍ୟାରିୟର ଅସାଧାରଣ: ବିସିସିଆଇ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ ଛେତ୍ରୀଙ୍କ ଅବସର ଘୋଷଣା ପରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ତାଙ୍କୁ ସମ୍ମାନ ଜଣାଇଛି। ଛେତ୍ରୀଙ୍କ କ୍ୟାରିୟର ଅସାଧାରଣ ଓ ଭାରତୀୟ ଫୁଟବଲ ତଥା କ୍ରୀଡ଼ାରେ ସେ ହେଉଛନ୍ତି ଜଣେ ଦୃଷ୍ଟାନ୍ତମୂଳକ ବ୍ୟକ୍ତିତ୍ୱ। ତାଙ୍କର ଆଗାମୀ ଜୀବନ ସୁଖମୟ ହେଉ ବୋଲି ବିସିସିଆଇ ଉଲ୍ଲେଖ କରିଛି।

### ସମ୍ମାନ ଜଣାଇଲା ଫିଫା

ଅବସର ନେବା ପରେ ଛେତ୍ରୀଙ୍କୁ ବିଶ୍ୱ ଫୁଟବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ତରଫରୁ ସମ୍ମାନ ଜଣାଯାଇଛି। ଫିଫା ତା'ର ଏକ୍ସ ହ୍ୟାଣ୍ଡଲରେ 'କିମ୍ବଦନ୍ତୀ ଫୁଟବଲରଙ୍କ ଅବସର' ବୋଲି ଉଲ୍ଲେଖ କରିଛି। ଏଥିସହ ରୋନାଲ୍ଡୋ, ମେସି ଓ ଛେତ୍ରୀ ଭିକ୍ଟୋରି ଷ୍ଟାଣ୍ଡରେ ଛିଡା ହୋଇଥିବାର ଫଟୋ ପୋଷ୍ଟ କରିଛି। ରୋନାଲ୍ଡୋ ପ୍ରଥମ, ମେସି ଦ୍ୱିତୀୟ ଓ ଛେତ୍ରୀ ତୃତୀୟ ସ୍ଥାନରେ ରହିଛନ୍ତି। ଏହି ୩ଜଣ ସର୍ବାଧିକ ଆକ୍ଟିଭ ଗୋଲ ସ୍କୋରର ତାଲିକାରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

### ଭାରତୀୟ ଫୁଟ୍‌ବଲ୍‌ରେ ବଡ଼ ଶୂନ୍ୟସ୍ଥାନ: ଭୂଟିଆ

- **ଏଆଇଏଫ୍ଏଫ୍ ସଭାପତି କଲ୍ୟାଣ ଚୌବେ:** ଛେତ୍ରୀଙ୍କ ଅବସର ଘୋଷଣା ଚକିତ କରିଛି। ପାଖାପାଖି ଦୁଇ ଦଶନ୍ଧିଧର ସେ ଭାରତୀୟ ଫୁଟଲକୁ ସଫଳତାର ନୂଆ ସୋପାନରେ ପହଞ୍ଚାଇଛନ୍ତି। ସେ ଭାରତର ଅନ୍ୟତମ ସର୍ବଶ୍ରେଷ୍ଠ ଷ୍ଟ୍ରାଇକର ଭାବେ ଅସାଧାରଣ ସଫଳତା ଅର୍ଜନ କରିଛନ୍ତି। ତାଙ୍କୁ ଏହି ଅବସରରେ ବହୁତ ବହୁତ ଅଭିନନ୍ଦନ।
- **ଏଆଇଏଫ୍ଏଫ୍ ସମ୍ପାଦକ ଏମ୍ ସତ୍ୟନାରାୟଣ:** ଛେତ୍ରୀଙ୍କ ଅବସର ଭାରତୀୟ ଫୁଟବଲରେ ଏକ ବଡ଼ କ୍ଷତି ପହଞ୍ଚାଇଛି। ସେ ତାଙ୍କ କ୍ଲବ ଓ ଭାରତ ପାଇଁ ଦୀର୍ଘ ଦୁଇ ଦଶନ୍ଧିର କ୍ୟାରିୟରରେ ଅସାଧାରଣ ଯୋଗଦାନ ଦେଇଛନ୍ତି। ୩୯ ବର୍ଷରେ ମଧ ସେ ସବୁଠାରୁ ଫିଟ୍ ଖେଳାଳି ମନେ ହେଉଛନ୍ତି। ସେ ଭାରତୀୟ ଫୁଟବଲର ଜଣେ କିମ୍ବଦନ୍ତୀ। ଭାରତୀୟ ଫୁଟବଲ ପାଇଁ ତାଙ୍କର ଅସାଧାରଣ ଅବଦାନ ପାଇଁ ସେ ଧନ୍ୟବାଦର ପାତ୍ର।
- **ପୂର୍ବତନ ଅଧିନାୟକ ବାଇଚୁଙ୍ଗ ଭୂଟିଆ:** ଭାରତୀୟ ଫୁଟବଲ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କ ଅନୁପସ୍ଥିତି ଅନୁଭୂତ ହେବ। ତାଙ୍କ ଅବସର ଭାରତୀୟ ଫୁଟବଲରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିଛି ଓ ଏହା ପୂରଣ ହେବା କଷ୍ଟକର। ଫୁଟବଲ ପ୍ରତି ତାଙ୍କର ଅଙ୍ଗୀକାରବଦ୍ଧତା ପ୍ରଶଂସନୀୟ।
- **କିମ୍ବଦନ୍ତୀ ଫୁଟବଲର ଆଏମ୍ ବିଜୟନ:** ଛେତ୍ରୀ ହେଉଛନ୍ତି ଜଣେ ମହାନ ଖେଳାଳି, ଜଣେ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ଓ ଆଦର୍ଶ ଅଧିନାୟକ। ମହେନ୍ଦ୍ର ସିଂ ଧୋନିଙ୍କ ଭଳି ସେ ଜଣେ ଶ୍ରେଷ୍ଠ ଅଧିନାୟକ। ଜଣେ ଖେଳାଳି ଓ ଅଧିନାୟକ ଭାବେ ସେ ଅସାଧାରଣ ଥିଲେ ଓ ସଫଳତାର ଶୀର୍ଷକୁ ଛୁଇଁଥିଲେ।
- **ଭାରତୀୟ ଅଧିନାୟିକା ଆଶାଲତା ଦେବୀ:** ଦୀର୍ଘ ୧୯ ବର୍ଷ ଧରି ଫୁଟବଲ ଖେଳିବା ଏକ ଅସାଧାରଣ କଥା। ଭାରତୀୟ ଦଳ ଯେତେବେଳେ ଯାହା ଚାହିଁଛି ସେତେବେଳେ ସେ ତାହା ପ୍ରଦର୍ଶନ ମାଧ୍ୟମରେ ପ୍ରଦାନ କରିଛନ୍ତି। ତାଙ୍କ କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଭାରତୀୟ ଫୁଟବଲ ନୂଆ ସୋପାନରେ ପହଞ୍ଚିଛି।
- **ପୂର୍ବତନ ଅଧିନାୟିକା ବେମ୍‌ବେମ୍ ଦେବୀ:** ଭାରତୀୟ ଦଳ ପାଇଁ ସେ ସବୁବେଳେ ପ୍ରେରଣାର ଉତ୍ସ ହୋଇ ରହିଆସିଛନ୍ତି। ସେ ଆଉ କିଛି ବର୍ଷ ଖେଳି ପାରିଥାନ୍ତେ। ତେଣୁ ତାଙ୍କ ଅବସର ଖବର ସାମାନ୍ୟ ଦୁଃଖ ଦେଇଛି। ସେ ସବୁ ବୟସ ଓ ବର୍ଗର ଖେଳାଳିଙ୍କୁ ପ୍ରେରିତ କରିଛନ୍ତି। ଏବେ ସେ ପରିବାର ଓ ପୁଅଙ୍କୁ ସମୟ ଦେଇପାରିବେ।
- **ନୀରଜ ଚୋପ୍ରା:** କ୍ୟାପଟେନ ଆପର ହେଉଛନ୍ତି ପ୍ରେରଣାର ଉତ୍ସ ଓ ଭାରତୀୟ କ୍ରୀଡ଼ାରେ ଆପଣଙ୍କ ପ୍ରଭାବକୁ କେହି କ୍ଷୁର୍ଣ୍ଣ କରିପାରିବେ ନାହିଁ।
- **ପିଭି ସିନ୍ଧୁ:** ଅବସର ପରେ ଆପଣଙ୍କ ଜୀବନ ସୁଖମୟ ହେଉ। ଆପଣଙ୍କ ଉଜ୍ଜ୍ୱଳମୟ କ୍ୟାରିୟର ଭାରତୀୟ କ୍ରୀଡ଼ା ପରମ୍ପରାକୁ ବଳିଷ୍ଠ କରିଛି।



ପତ୍ନୀ ସୋନମ ଭଟ୍ଟାଚାର୍ଯ୍ୟଙ୍କ ସହ ସୁନୀଲ ଛେତ୍ରୀ

### ୬ରେ କୁଏତ୍ ବିପକ୍ଷ ମ୍ୟାଚ୍ ପରେ ଛାଡ଼ିବେ ଫୁଟବଲ

### ସଂକ୍ଷେପରେ....

**ପୁରା ନାମ:** ସୁନୀଲ ଛେତ୍ରୀ
**ଜନ୍ମ:** ୩ ଅଗଷ୍ଟ ୧୯୮୪(୩୯ ବର୍ଷ)
**ଜନ୍ମ ସ୍ଥାନ:** ସିକନ୍ଦରାବାଦ୍
**ଉଚ୍ଚତା:** ୫ ଫୁଟ ୭ ଇଞ୍ଚ୍
**ପୋଜିସନ:** ଫରୱାର୍ଡ
**ନମ୍ବର:** ୧୧
**ଏବେକାର କ୍ଲବ:** ବେଙ୍ଗାଲୁରୁ ଏଫ୍‌ସି

**ବିଶ୍ୱର ଶ୍ରେଷ୍ଠ ୫ ଗୋଲ ସ୍କୋରର**

| ର୍‍ୟାଙ୍କ | ଫୁଟବଲର | ଦେଶ | ମ୍ୟାଚ୍ | ଗୋଲ |
|---|---|---|---|---|
| ୧ | ରୋନାଲ୍ଡୋ | ପର୍ତ୍ତୁଗାଲ | ୨୦୬ | ୧୨୮ |
| ୨ | ଅଲି ଡେଇ (ରିଟାୟାର) | ଇରାନ | ୧୪୮ | ୧୦୮ |
| ୩ | ଲିଓନେଲ ମେସି | ଆର୍ଜେଣ୍ଟିନା | ୧୮୦ | ୧୦୬ |
| ୪ | ସୁନୀଲ ଛେତ୍ରୀ | ଭାରତ | ୧୫୦ | ୯୪ |
| ୫ | ମୋଖ୍‌ତାର ଦହାରୀ | ମାଲେସିଆ | ୧୪୨ | ୮୯ |

### ଭାବୁକ ହେଲେ କୋହଲି

ଛେତ୍ରୀ ଅବସର ଘୋଷଣା କରିବା ପରେ ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ବେଶ୍ ଭାବୁକ ହୋଇ ସାମାଜିକ ଗଣମାଧ୍ୟମରେ ନିଜର ମନକଥା ଉଲ୍ଲେଖ କରିଛନ୍ତି। ଛେତ୍ରୀଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ଭାବେ କୋହଲି ବେଶ୍ ଜଣାଶୁଣା। 'ଭାଇ ତୁମ ପାଇଁ ଗର୍ବିତ' ବୋଲି କୋହଲି ଉଲ୍ଲେଖ କରିଛନ୍ତି। ବିଭିନ୍ନ ରିୟଲିଟି ଶୋ'ରେ ଉଭୟଙ୍କୁ ଏକାଧିକ ବାର ଦେଖିବାକୁ ମିଳିଛି। କ୍ରୀଡ଼ା ଓ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଦୁହେଁ ଖୋଲିକରି ବହୁତ କଥା କହିଛନ୍ତି।

### ୩ଥର ନେହରୁ କପ୍, ୪ଥର ସାଫ ଚାମ୍ପିଅନସିପ୍ ଜିତିଛନ୍ତି

ଛେତ୍ରୀ ଭାରତୀୟ ଫୁଟବଲ ପାଇଁ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିବା ସହ ସଫଳତାର ଶୀର୍ଷକୁ ଛୁଇଁଛନ୍ତି। ସେ ୨୦୦୭, ୨୦୦୯ ଓ ୨୦୧୨ରେ ନେହରୁ କପ୍ ଟାଇଟଲ ହାସଲ କରିଥିଲେ। ସେହିପରି ସେ ୨୦୧୧, ୨୦୧୫, ୨୦୨୧ ଓ ୨୦୨୩ରେ ଭାରତ ପାଇଁ ସାଫ୍ ଚାମ୍ପିଅନସିପ୍ ଜିତିଥିଲେ। ଭାରତ ପାଇଁ ୪ଟି ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ୨୦୦୮ରେ ସେ ଏଏଫ୍‌ସି ଚ୍ୟାଲେଞ୍ଜ କପ୍‌ରେ ଭାରତକୁ ଚାମ୍ପିଅନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ବିଜୟ ଫଳରେ ଭାରତ ୨୭ ବର୍ଷ ପରେ ପ୍ରଥମଥର ଏଏଫ୍‌ସି ଏସିଆ କପ୍ (୨୦୧୧) ଖେଳିବାର ଯୋଗ୍ୟତା ହାସଲ କରିଥିଲା। ଛେତ୍ରୀ ଇଷ୍ଟବେଙ୍ଗଲ, ଡେମ୍ପୋ, ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଟିମ୍ ମୁମ୍ବାଇ ସିଟି ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ତରଫରୁ ଫୁଟବଲ ଖେଳିଛନ୍ତି। ସେ ବେଙ୍ଗାଲୁରୁ ଏଫସି ତରଫରୁ ପ୍ରତିନିଧିତ୍ୱ କରି ଆଇଲିଗ୍, ଆଇଏସ୍ଏଲ ଓ ସୁପର କପ୍ ଟାଇଟଲ ହାସଲ କରିଛନ୍ତି।



### ଛେତ୍ରୀ ପ୍ରେରଣାର ଉତ୍ସ ହୋଇ ରହିବେ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୬।୫(ସମିସ):** ଭାରତୀୟ ଫୁଟବଲ କିମ୍ବଦନ୍ତୀ ସୁନୀଲ ଛେତ୍ରୀ ଅବସର ନେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଟୁଇଟ୍ କରି ଅଭିନନ୍ଦନ ଜଣାଇଛନ୍ତି। ସେ ଯୁବ କ୍ରୀଡ଼ାବିତ୍ ମାନଙ୍କ ପାଇଁ ପ୍ରରଣା ଉତ୍ସ ହୋଇ ରହିବେ ଓ ବଡ଼ ସ୍ୱପ୍ନ ସାକାର କରିବାକୁ ପ୍ରେରିତ କରିବେ। ଭାରତୀୟ କ୍ରୀଡ଼ାରେ ସେ ସୃଷ୍ଟି କରିଥିବା ବଳିଷ୍ଠ ପରମ୍ପରା ସବୁଦିନ ପାଇଁ ସମସ୍ତଙ୍କ ମନେ ରହିବ। ତାଙ୍କ ଉଜ୍ଜଳମୟ କ୍ୟାରିୟରରେ ପୂର୍ଣ୍ଣଛେଦ ପଡିଥିବାରୁ ଦେଶର ଲକ୍ଷଲକ୍ଷ କ୍ରୀଡ଼ାପ୍ରେମୀଙ୍କ ସହ ତାଙ୍କୁ ବିଦାୟ ଜଣାଉଛି। ଏକ ସୁନ୍ଦର ଭବିଷ୍ୟତ ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି ସେ ଉଲ୍ଲେଖ କରିଛନ୍ତି।

### ବାରବାଟୀରେ ଆହତ ହୋଇଥିଲେ ଛେତ୍ରୀ

**କଟକ,୧୬।୫(ସମିସ):** ଦୀର୍ଘ ୨୨ବର୍ଷର କ୍ରୀଡ଼ା କ୍ୟାରିୟରରେ ସୁନୀଲ ଛେତ୍ରୀଙ୍କର ଓଡ଼ିଶା ସହ ଅନେକ ସମ୍ବନ୍ଧ ରହିଛି। ଅନେକ ଥର ସେ ଓଡ଼ିଶା ଆସିଛନ୍ତି। ଭାରତୀୟ ଜର୍ସିରେ ହେଉ କି ବିଭିନ୍ନ କ୍ଲବ ପକ୍ଷରୁ, ଏଠାରେ ସୁନୀଲଙ୍କୁ ବହୁବାର ଅତି ନିକଟରୁ ଦେଖିବାକୁ ପାଇଛନ୍ତି ଫୁଟବଲ ପ୍ରେମୀମାନେ। ୨୦୧୬-୧୭ ଫେଡେରେଶନ୍ କପ୍‌ର କଥା। ବେଙ୍ଗାଲୁରୁ ଏଫ୍‌ସି ଦଳ ସହ ଯୋଡ଼ି ହୋଇଥିବା ସୁନୀଲ ବାରବାଟୀ ଷ୍ଟାଡିୟମରେ ଖେଳୁଥିବା ବେଳେ ଆହତ ହୋଇ ପ୍ରତିଯୋଗିତାରୁ ବାଦ୍ ପଡ଼ିଥିଲେ। ଲିଗ୍ ପର୍ଯ୍ୟାୟରେ ଆହତ ହୋଇ ସୁଦ୍ଧା ଦଳ ଶିବିର ଛାଡ଼ିନଥିଲେ ସୁନୀଲ। ସେହି ବର୍ଷ ବେଙ୍ଗାଲୁରୁ ଏଫ୍‌ସି ଦ୍ୱିତୀୟ ଥର ନିମନ୍ତେ ଫେଡେରେଶନ୍ କପ୍ ବିଜେତା ହୋଇଥିଲା।

ଫେଡେରେଶନ୍ କପ୍ ୨୦୧୬-୧୭ର ଆୟୋଜକ ଥିଲା ଓଡ଼ିଶା। ବାରବାଟୀ ଷ୍ଟାଡିୟମରେ ସମସ୍ତ ମ୍ୟାଚ୍ ଖେଳାଯାଇଥିଲା। ବେଙ୍ଗାଲୁରୁ ଏଫ୍‌ସି ସମେତ ଆଇଜ୍ୱାଲ, ଇଷ୍ଟବେଙ୍ଗଲ, ଚେନ୍ନାଇ ସିଟି, ଚର୍ଚ୍ଚିଲ ବ୍ରଦର୍ସ, ମୋହନ ବାଗନ, ସିଲଂ ଲାଜଂ, ଡିଏସ୍‌କେ ଶିବାଜିଆନ୍ସ ଦଳ ଭାଗ ନେଇଥିଲେ। ଟୁର୍ଣ୍ଣାମେଣ୍ଟ ଆରମ୍ଭର କିଛି ଦିନ ପୂର୍ବରୁ ସୁନୀଲ ବେଙ୍ଗାଲୁରୁ ଏଫ୍‌ସି ଦଳ ସହ ପୁଣି ଥରେ ଯୋଡ଼ି ହୋଇଥିଲେ। ମୁମ୍ବାଇ ସିଟିରେ ଗୋଟିଏ ବର୍ଷ ଖେଳିବା ପରେ ପୁଣି ଥରେ ବେଙ୍ଗାଲୁରୁ ଏଫ୍‌ସିକୁ ସୁନୀଲ ପ୍ରତ୍ୟାବର୍ତ୍ତନ କରିଥିଲେ। ଲିଗ୍ ପର୍ଯ୍ୟାୟରେ ଗୋଟିଏ ଲେଖାଏ ବିଜୟ, ପରାଜୟ ଏବଂ ଅମୀମାଂସିତ ଫଳାଫଳ ସହ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହି ବେଙ୍ଗାଲୁରୁ ସେମି ଫାଇନାଲରେ ପ୍ରବେଶ କରିଥିଲା। ଲିଗ୍ ପର୍ଯ୍ୟାୟରେ ଗୋଟିଏ ବି ଗୋଲ୍ ଦେଇ ପାରିନଥିବା ସୁନୀଲ ହଠାତ୍ ଆହତ ହୋଇ ଥିଲେ। ଗୋଡରେ ଆଘାତ ଲାଗିବା ଯୋଗୁଁ ଫେଡେରେଶନ୍ କପ୍‌ରେ ଖେଳ ଜାରି ରଖିବା ତାଙ୍କ ପାଇଁ କଷ୍ଟକର ହୋଇଥିଲା। କଟକରେ ତାଙ୍କର ଚିକିତ୍ସା କରାଯାଇଥିବା ବେଳେ ସେ ଦଳ ଛାଡ଼ି ଯାଇ ନଥିଲେ ବୋଲି ଫୁଟବଲ ଆସୋସିଏସନ ଅଫ ଓଡ଼ିଶାର ଜଣେ ବରିଷ୍ଠ ଅଧିକାରୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି। ସୁନୀଲଙ୍କ ଉପସ୍ଥିତି ଦଳର ମନୋବଳକୁ ବୃଦ୍ଧି କରିଥିଲା। ସେମିଫାଇନାଲରେ ଆଇଜ୍ୱାଲକୁ ଏବଂ ଫାଇନାଲରେ ଶକ୍ତିଶାଳୀ ମୋହନ ବାଗନକୁ ସହଜରେ ପରାସ୍ତ କରି ବେଙ୍ଗାଲୁରୁ ଏଫ୍‌ସି ଚାମ୍ପିଅନ ଟାଇଟଲ ହାସଲ କରିଥିଲା। ଏହା ଥିଲା ବେଙ୍ଗାଲୁରୁ ଏଫ୍‌ସିର ଦ୍ୱିତୀୟ ଫେଡେରେଶନ୍ କପ୍ ଟାଇଟଲ୍।

## ବର୍ଷା ଯୋଗୁ ଦ୍ୱିତୀୟ ଆଇପିଏଲ୍ ମ୍ୟାଚ୍ ବାତିଲ

# ପ୍ଲେ ଅଫ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ

ହାଇଦରାବାଦ୍,୧୬।୫(ଏଜେନ୍ସି)



କ୍ରମାଗତ ବର୍ଷା ଯୋଗୁଁ ଆୟୋଜକ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଓ ଗୁଜରାଟ ଜାଏଣ୍ଟସ ମଧ୍ୟରେ ଖେଳାଯିବାକୁ ଥିବା ଆଇପିଏଲ୍‌ର ୬୬ତମ ଲିଗ୍ ମ୍ୟାଚ୍‌କୁ ବାତିଲ କରାଯାଇଛି। ଏହି ମ୍ୟାଚ୍‌ରେ ଗୋଟିଏ ହେଲେ ବଲ ବୋଲିଂ କରାଯାଇ ନ ଥିଲା। ଗୁରୁବାର ମ୍ୟାଚ୍ ବାତିଲ ହେବା ଫଳରେ ଉଭୟ ଦଳକୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଛି। ଅନ୍ୟପକ୍ଷରେ ଏହି ଫଳାଫଳ ଯୋଗୁଁ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ୧୩ ମ୍ୟାଚ୍‌ରୁ ୭ ବିଜୟ, ୧ ବାତିଲ ମ୍ୟାଚ୍‌କୁ ମିଶାଇ ୧୫ ପଏଣ୍ଟ ସହ ତୃତୀୟ ଦଳ ଭାବେ ପ୍ଲେ ଅଫ୍‌କୁ ଉନ୍ନୀତ ହୋଇଛି। ପୂର୍ବରୁ କୋଲକାତା ନାଇଟ୍ ରାଇଡର୍ସ ୧୯ ଓ ରାଜସ୍ଥାନ ରୟାଲ୍ସ ୧୬ ପଏଣ୍ଟ ପାଇ ପ୍ଲେ ଅଫ୍‌ରେ ପ୍ରବେଶ କରିସାରିଛନ୍ତି। ଏହି ୩ଟି ଦଳର ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବାକୁ ବାକି ରହିଛି। ସନ୍‌ରାଇଜର୍ସ ଶେଷ ମ୍ୟାଚ୍‌ରେ ବିଜୟୀ ହେଲେ ପ୍ରଥମ ଦୁଇ ଦଳ ମଧ୍ୟରେ ସ୍ଥାନ ପାଇବାର ସମ୍ଭାବନା ରହିଛି। ଅବଶ୍ୟ ଏଥିଲାଗି କୋଲକାତାଠାରୁ ରାଜସ୍ଥାନ ପରାଜିତ ହେବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ବର୍ଷା ଯୋଗୁ ପୂର୍ବ ଚାମ୍ପିଅନ ଗୁଜରାଟ ଟାଇଟାନ୍ସ ପ୍ଲେ ଅଫ ଦୌଡ଼ରୁ ବାଦ୍ ପଡ଼ିଥିଲା। ଅହମ୍ମଦାବାଦ୍‌ରେ ମେ ୧୩ ତାରିଖ ଗୁଜରାଟ ଓ କୋଲକାତା ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ଟିକୁ ମଧ ବର୍ଷା ଯୋଗୁ ବାତିଲ କରିବାକୁ ପଡ଼ିଥିଲା। ଏହି ମ୍ୟାଚ୍‌ରେ ମଧ ଗୋଟିଏ ହେଲେ ବଲ ବୋଲିଂ ହୋଇ ନ ଥିଲା। ଏହା ଫଳରେ ଚଳିତବର୍ଷ ଗୁଜରାଟ ଖେଳିବାକୁ ଥିବା ୨ଟି ମ୍ୟାଚ୍ ବାତିଲ ହୋଇଛି।

ଏହି ମ୍ୟାଚ୍ ବାତିଲ ହେବା ପରେ ଚେନ୍ନାଇ ସୁପର କିଙ୍ଗ୍‌ସ କିମ୍ବା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରୁ ଗୋଟିଏ ଦଳ ପ୍ଲେ ଅଫ୍‌ରେ ପ୍ରବେଶ କରିବ। ଏମାନଙ୍କ ମଧ୍ୟରେ ଶେଷ ମୁକାବିଲା ମେ ୧୮ ତାରିଖ ଶନିବାର ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହି ମ୍ୟାଚ୍‌ରେ ବିଜୟୀ ହେଲେ କିମ୍ବା ବର୍ଷା ଯୋଗୁଁ ବାତିଲ ହେଲେ ଚେନ୍ନାଇ ସୁପର କିଙ୍ଗ୍‌ସ (୧୪ ପଏଣ୍ଟ, +୦.୫୨୮ ନେଟ୍ ରନ୍ ରେଟ୍) ଚତୁର୍ଥ ଦଳ ଭାବେ ପ୍ଲେ ଅଫ୍‌କୁ ଯିବ। କିନ୍ତୁ ବେଙ୍ଗାଲୁରୁ (୧୨ ପଏଣ୍ଟ, +୦.୩୮୭ ନେଟ୍ ରନ୍ ରେଟ୍) ଯଦି ଏହି ମ୍ୟାଚ୍‌କୁ ୧୮ ରନ୍‌ରେ କିମ୍ବା ୧୮.୧ ଓଭରରେ ବିଜୟୀ ହୁଏ ତେବେ ଏହା ଚେନ୍ନାଇକୁ ନେଟ୍ ରନ୍‌ରେଟ୍‌ରେ ପଛରେ ପକାଇ ପ୍ଲେ ଅଫ୍‌ରେ ସ୍ଥାନ ହାସଲ କରିବ।

ହାଇଦରାବାଦ୍‌ରେ ପାଗ ଶୁଖିଲା ଥିଲା। ଗୁରୁବାର ଅପରାହ୍ଣ ୩ଟା ୫୫ ମିନିଟ୍‌ରେ ବର୍ଷା ଓ ପ୍ରବଳ ପବନ ହୋଇଥିଲା। ଏକ ଘଣ୍ଟାପରେ ବର୍ଷା ଛାଡ଼ିଥିଲେ ମଧ ପଡ଼ିଆ ଓଦା ରହିଥିଲା। ଗ୍ରାଉଣ୍ଡସମ୍ୟାନ୍ ପଡ଼ିଆକୁ ଶୁଖାଇବାକୁ ଚେଷ୍ଟା କରୁଥିଲାବେଳେ ପୁଣି ବର୍ଷା ହୋଇଥିଲା। ମ୍ୟାଚ୍ ବାତିଲ ହେବା ଯାଏ ବର୍ଷା ଛାଡ଼ି ନ ଥିଲା। ଯାହା ଫଳରେ ହାଇଦରାବାଦ୍‌ରେ ଖେଳାଯାଇଥିବା ୭୬ଟି ମ୍ୟାଚ୍ ପରେ ପ୍ରଥମଥର ମ୍ୟାଚ୍ ବାତିଲ କରାଯାଇଛି।

**ଆଇପିଏଲ୍-୧୭**

**ଆଜିର ମ୍ୟାଚ୍**

**ମୁମ୍ବାଇ- ଲକ୍ଷ୍ନୌ**

**ସ୍ଥାନ-** ମୁମ୍ବଇ, **ସମୟ-** ରାତି ୭.୩୦

**- ପ୍ରସାରଣ -**

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

**ବେଙ୍ଗାଲୁରୁ ବିପକ୍ଷ ମୁକାବିଲାରେ ବର୍ଷା ଆଶଙ୍କା**

# ମ୍ୟାଚ୍ ବାତିଲ ହେଲେ ପ୍ଲେ ଅଫ୍ ଯିବ ଚେନ୍ନାଇ

**ନୂଆଦିଲ୍ଲୀ,୧୬।୫(ଏଜେନ୍ସି):** ଚଳିତବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ର ଶେଷ ଭାଗରେ ବର୍ଷା ଭରପୁର ମନୋରଞ୍ଜନ ଦେବାରେ ପ୍ରତିବନ୍ଧକ ସାଜିଛି। ବର୍ଷା ଯୋଗୁଁ ଦୁଇଟି ମ୍ୟାଚ୍ ବାଧାପ୍ରାପ୍ତ ହୋଇସାରିଛି। ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ମେ ୧୩ ତାରିଖ ଗୁଜରାଟ ଟାଇଟାନ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ଯାହା ଫଳରେ ଗୁଜରାଟର ପ୍ଲେ ଅଫ୍ ଖେଳିବା ଆଶା ଧୂଳିସାତ ହୋଇଯାଇଥିଲା। ଏହା ପୂର୍ବରୁ ମେ ୧୧ରେ କୋଲକାତାରେ ଖେଳାଯାଇଥିବା କୋଲକାତା ମ୍ୟାଚ୍ ୧୬ ଓଭର ବିଶିଷ୍ଟ ହୋଇଥିଲା। ଏବେ ହାଇଦ୍ରାବାଦ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ଗୁଜରାଟ ଟାଇଟାନ୍ସ ମ୍ୟାଚ୍ ମଧ ବାତିଲ ହୋଇଛି। ଶନିବାର ବେଙ୍ଗାଲୁରୁରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ବର୍ଷା ହେବାର ୮୦ ଶତକଡ଼ା ସମ୍ଭାବନା ରହିଛି। ଏଣୁ ବର୍ଷା ଆଇପିଏଲ୍ ପ୍ଲେ ଅଫ୍ ସମୀକରଣରେ ବ୍ୟାଘାତ ସୃଷ୍ଟି କରିଛି।

ଏବେ ସମସ୍ତଙ୍କ ନଜର ରହିଛି ଶନିବାର ବେଙ୍ଗାଲୁରୁରେ ଖେଳାଯିବାକୁ ଥିବା ଚେନ୍ନାଇ ସୁପର କିଙ୍ଗ୍‌ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମୁକାବିଲା ଉପରେ। ବର୍ତ୍ତମାନର ସ୍ଥିତିରୁ ଯାହା ଜଣାଯାଉଛି, ଏହି ମ୍ୟାଚ୍ ପୂର୍ବରୁ ପ୍ଲେ ଅଫ୍‌ରେ କେଉଁ ଚତୁର୍ଥ ଦଳ ସ୍ଥାନ ପାଇବ ତାହା ଚୂଡାନ୍ତ ହୋଇପାରିବ ନାହିଁ। ଚେନ୍ନାଇ ୧୪ ପଏଣ୍ଟ ପାଇଥିଲାବେଳେ ଏହାର ନେଟ୍‌ରନ୍ ରହିଛି +୦.୫୨୮। ସେହିପରି ବେଙ୍ଗାଲୁରୁର ପଏଣ୍ଟ ସଂଖ୍ୟା ୧୨ ଥିଲାବେଳେ ନେଟରନ୍‌ରେଟ ଅଛି +୦.୩୮୭। ସରଳ ନିୟମ ଅନୁଯାୟୀ ପ୍ଲେ ଅଫ୍‌କୁ ଯିବାକୁ ହେଲେ ଚେନ୍ନାଇକୁ ଏହି ମ୍ୟାଚ୍ ଜିତିବା ଯଥେଷ୍ଟ ହେବ। କିନ୍ତୁ ବେଙ୍ଗାଲୁରୁ ଲାଗି ମ୍ୟାଚ୍ ଜିତିଲେ ମଧ ପ୍ଲେ ଅଫ୍‌କୁ ଯାଇପାରିବ ନାହିଁ। ଚେନ୍ନାଇକୁ ପଛରେ ପକାଇ ପ୍ଲେ ଅଫକୁ ଯିବାକୁ ହେଲେ ବେଙ୍ଗାଲୁରୁକୁ ଏହି ମ୍ୟାଚ୍ ୧୮ ରନ୍ ବ୍ୟବଧାନରେ କିମ୍ବା ୧୮.୧ ଓଭରରେ ଜିତିବାକୁ ହେବ। ଏହା ଛଡ଼ା ବେଙ୍ଗାଲୁରୁ ନିକଟରେ ଆଉ କିଛି ଉପାୟ ନାହିଁ। କିନ୍ତୁ ଚେନ୍ନାଇ ମଧ ଆହୁରି ଦୁଇଟି ପର୍ଯ୍ୟାୟରେ ପ୍ଲେ ଅଫ୍‌କୁ ଯାଇପାରିବ। ବେଙ୍ଗାଲୁରୁଠାରୁ ୧୭ ରନ୍‌ରେ କିମ୍ବା ୧୮.୨ ଓଭରରେ ମ୍ୟାଚ୍ ହାରିଲେ ମଧ ଚେନ୍ନାଇ ଉନ୍ନତ ନେଟ୍‌ରନ୍ ଯୋଗୁଁ ପ୍ଲେ ଅଫ୍‌କୁ ଯିବ। ଏବେ ଚର୍ଚ୍ଚାରେ ରହିଛି ବର୍ଷା। ବର୍ଷା ଯୋଗୁଁ ଯଦି ଏହି ମ୍ୟାଚ୍ ବାତିଲ ହୁଏ, ତେବେ ମଧ ଚେନ୍ନାଇ ସହଜରେ ପ୍ଲେ ଅଫ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିପାରିବ।

## ଆଇପିଏଲ୍ ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବି. | ପ. | ବା. | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| କୋଲକାତା | ୧୩ | ୯ | ୩ | ୧ | ୧୯ | +୧.୪୩୦ |
| ରାଜସ୍ଥାନ | ୧୩ | ୮ | ୫ | ୦ | ୧୬ | +୦.୨୭୩ |
| ହାଇଦ୍ରାବାଦ | ୧୩ | ୭ | ୫ | ୧ | ୧୫ | +୦.୪୦୬ |
| ଚେନ୍ନାଇ | ୧୩ | ୭ | ୬ | ୦ | ୧୪ | +୦.୫୨୮ |
| ଦିଲ୍ଲୀ | ୧୪ | ୭ | ୭ | ୦ | ୧୪ | -୦.୩୭୭ |
| ବେଙ୍ଗାଲୁରୁ | ୧୩ | ୬ | ୭ | ୦ | ୧୨ | +୦.୩୮୭ |
| ଲକ୍ଷ୍ନୌ | ୧୩ | ୬ | ୭ | ୦ | ୧୨ | -୦.୭୮୭ |
| ଗୁଜରାଟ | ୧୪ | ୫ | ୭ | ୨ | ୧୨ | -୧.୦୬୩ |
| ପଞ୍ଜାବ | ୧୩ | ୫ | ୮ | ୦ | ୧୦ | -୦.୩୪୭ |
| ମୁମ୍ବାଇ | ୧୩ | ୪ | ୯ | ୦ | ୮ | -୦.୨୭୧ |

ବି.ଦ୍ର.: ବି.- ବିଜୟ, ପ. - ପରାଜୟ, ବା.- ବାତିଲ

## ଏସିଆର ଶ୍ରେଷ୍ଠ ୮ରେ ଓଡ଼ିଶାର ଆହାନ ମିଶ୍ର



**ଭୁବନେଶ୍ୱର,୧୬।୫(ସମିସ):** ଓଡ଼ିଆ ଖେଳାଳି ଆହାନ ମିଶ୍ର ୟୁରୋପ ଗସ୍ତରେ ଯିବା ଲାଗି ମନୋନୀତ ହୋଇଛନ୍ତି। ଏସୀୟ ଟେନିସ ମହାସଂଘ ଦ୍ୱାରା ଏସିଆର ଶ୍ରେଷ୍ଠ ୮ଜଣ ଖେଳାଳିଙ୍କୁ ନେଇ ୟୁରୋପ ଗସ୍ତରେ ଯିବାର ଅଛି। ଏହି ୮ଜଣଙ୍କ ମଧ୍ୟରେ ଓଡ଼ିଆ ଖେଳାଳି ଆହାନଙ୍କୁ ଚୟନ କରାଯାଇଛି। ଆହାନ ଏବେ ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଭାରତର ନଂ-୧ ଖେଳାଳି ରହିଛନ୍ତି। ଏହି ଟୁର୍‌ରେ ଖେଳାଳିମାନେ ୟୁରୋପର ଶ୍ରେଷ୍ଠ ଖେଳାଳିଙ୍କ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ଫଳରେ ବିଭିନ୍ନ ପ୍ରକାର ଆଇଟିଏଫ୍ ଓ କନିଷ୍ଠ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଏହି ଖେଳାଳି ଜଣଙ୍କ ବେଶ ଅଭିଜ୍ଞତା ହାସଲ କରିବେ। ନିକଟରେ ମାଲେସିଆ ଓ ଭୁବନେଶ୍ୱରରେ ଅନୁଷ୍ଠିତ କନିଷ୍ଠ ବିଭାଗ ଟୁର୍ଣ୍ଣାମେଣ୍ଟରେ ଆହାନ ଭଲ ଖେଳ ପ୍ରଦର୍ଶନ କରି ସେମିଫାଇନାଲଯାଏ ଯାଇଥିଲେ। ଏହି ପ୍ରତିଭାବାନ ଖେଳାଳିଙ୍କୁ ଓଡ଼ିଶା ଟେନିସ ସଂଘ ପକ୍ଷରୁ ପ୍ରୋତ୍ସାହନ ଦିଆଯାଉଛି। ଏସିଆର ଶ୍ରେଷ୍ଠ ୮ଜଣ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଥିବାରୁ ଆହାନଙ୍କୁ ଓଟିଏ ସଭାପତି ଅସିତ ତ୍ରିପାଠୀ, ସମ୍ପାଦକ ସତ୍ୟଜିତ ମହାନ୍ତି ଓ ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା ଅଭିନନ୍ଦନ ଜଣାଇଛନ୍ତି।

**ଜୁନ୍ ୯ରେ ଖେଳାଯିବ ଭାରତ-ପାକିସ୍ତାନ ଟି-୨୦ ବିଶ୍ୱକପ୍ ମ୍ୟାଚ୍**

# ନାସାଉ କାଉଣ୍ଟି କ୍ରିକେଟ୍ ଷ୍ଟାଡିୟମ ଉନ୍ମୋଚିତ

ନ୍ୟୁୟର୍କ, ୧୬।୫ (ଏଜେନ୍ସି)




ଆଇସିସି ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଆସନ୍ତା ଜୁନ ପ୍ରାରମ୍ଭରୁ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ମିଳିତ ଭାବେ ଆରମ୍ଭ ହେବ। ୨୦ଟି ଦଳକୁ ନେଇ ଖେଳାଯିବାକୁ ଥିବା ଏହି ମେଗା ପ୍ରତିଯୋଗିତା ଲାଗି ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ଏହିକ୍ରମରେ ଜୁନ ୯ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ନ୍ୟୁୟର୍କରେ ଖେଳାଯିବାକୁ ଥିବା ହାଇପ୍ରୋଫାଇଲ୍ ମ୍ୟାଚ୍ ଲାଗି ଗୁରୁବାର ନାସାଉ କାଉଣ୍ଟି ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମ ଉନ୍ମୋଚିତ ହୋଇଛି। ୩୪ ହଜାର ଦର୍ଶକ କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମ ଉନ୍ମୋଚନ ଅବସରରେ ବିଶ୍ୱର ଜଣାଶୁଣା ଧାବକ ଜାମାଇକାର ଉସେନ ବୋଲ୍ଟଙ୍କ ସମେତ କ୍ରିକେଟ୍ କିମ୍ବଦନ୍ତୀ କର୍ଟଲୀ ଆମ୍ବ୍ରୋସ, ଶୋଏବ ମଲିକ, ଲିଆମ ପ୍ଲଙ୍କେଟ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଷ୍ଟାଡିୟମର ବିଶେଷତ୍ୱ ହେଉଛି ଲାସ୍ ଭେଗାସର ଫର୍ମୁଲା ୱାନ ରେସ୍ ଟ୍ରାକ୍‌ର ଜିନିଷଗୁଡ଼ିକର ଏହାର ଡିଜାଇନରେ ବ୍ୟବହୃତ ହୋଇଛି। ସେହିଭଳି ଫ୍ଲୋରିଡାରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ପିଚ୍‌କୁ ଅଣାଯାଇ ଏଠାରେ ସ୍ଥାପନ କରାଯାଇଛି। ଏହାର ଗ୍ରାଉଣ୍ଡ ସାଇଜ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମ ସଦୃଶ ରହିଛି।

# ଶରତ, ମନିକାଙ୍କ ନେତୃତ୍ୱରେ ଖେଳିବ ଭାରତ

**ପ୍ୟାରିସ ଅଲିମ୍ପିକ୍ ଟିଟି**

**ନୂଆଦିଲ୍ଲୀ, ୧୬।୫ (ଏଜେନ୍ସି):** ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜେତା ଶରତ କମଲ ଓ ବିଶ୍ୱ ମାନ୍ୟତାର ୨୪ତମ ସ୍ଥାନରେ ରହିଥିବା ମନିକା ବାତ୍ରାଙ୍କ ନେତୃତ୍ୱରେ ଭାରତୀୟ ଟେବଲ୍ ଟେନିସ (ଟିଟି) ଦଳ ଆଗାମୀ ପ୍ୟାରିସ ଅଲିମ୍ପିକ୍ସରେ ଭାଗନେବ। ଅଲିମ୍ପିକ୍ସରେ ଟେବଲ୍ ଟେନିସର ଦଳଗତ ଇଭେଣ୍ଟରେ ଭାରତର ଏହା ପଦାର୍ପଣ ହେବ। ଏଥିଲାଗି ଭାରତୀୟ ଟେବଲ୍ ଟେନିସ ମହାସଂଘ (ଟିଟିଏଫ୍ଆଇ) ପକ୍ଷରୁ ଗୁରୁବାର ଦଳ ଚୟନ କରାଯାଇଥିଲା। ଯେଉଁଥିରେ ପୁରୁଷ ଓ ମହିଳା ବିଭାଗରେ ୩ଜଣ ଲେଖାଏ ସହ ମୋଟ୍ ୬ଜଣ ଖେଳାଳିଙ୍କୁ ଚୟନ କରାଯାଇଛି। ଶରତ କମଲଙ୍କ ନେତୃତ୍ୱରେ ଘୋଷିତ ଭାରତୀୟ ପୁରୁଷ ଦଳରେ ହରମୀତ୍ ଦେଶାଇ ଓ ମାନଭ ଥାକ୍କର ସ୍ଥାନ ପାଇଛନ୍ତି। ଜି. ସାଥୀୟାନ ବିକଳ୍ପ ତଥା ୪ର୍ଥ ଖେଳାଳି ଭାବେ ଦଳରେ ରହିଛନ୍ତି। ସେହିଭଳି ମହିଳା ଦଳରେ ମନିକା ବାତ୍ରା, ଶ୍ରୀଜା ଅକୁଲ ଓ ଅର୍ଚ୍ଚନା କାମାଥ ରହିଛନ୍ତି। ମହିଳା ବିଭାଗରେ ବିକଳ୍ପ ଖେଳାଳି ଭାବେ ଆହିକା ମୁଖାର୍ଜୀଙ୍କୁ ନିଆଯାଇଛି। ଅପରପକ୍ଷରେ ପୁରୁଷ ଏକକରେ ଶରତ ଓ ହର୍‌ମୀତ୍ ଏବଂ ମହିଳା ଏକକରେ ମନିକା ଓ ଶ୍ରୀଜା ପ୍ୟାରିସ ଅଲିମ୍ପିକ୍ସ ଲାଗି ପୂର୍ବରୁ ଯୋଗ୍ୟତା ଅର୍ଜନ କରିସାରିଥିଲେ।

# ଶ୍ରବଣ, ଦୃଷ୍ଟିବାଧିତ ପ୍ରଶଂସକଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା

**ନୂଆଦିଲ୍ଲୀ,୧୬।୫(ଏଜେନ୍ସି):** ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆସନ୍ତାମାସରେ ଆୟୋଜନ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଲାଗି ଶ୍ରବଣ ଓ ଦୃଷ୍ଟିବାଧିତ ପ୍ରଶଂସକଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଶ୍ୱକପ୍ ଷ୍ଟ୍ରିମିଂ ପାର୍ଟନର ଓ ପ୍ରସାରଣକାରୀ ସଂସ୍ଥା ଡିଜନୀ+ ହଟ୍‌ଷ୍ଟାର ଓ ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ ଏହି ଭଳି ପ୍ରଶଂସକଙ୍କ ଲାଗି ଭାରତର ସବୁ ମ୍ୟାଚ୍, ସେମିଫାଇନାଲ ଓ ଫାଇନାଲକୁ ମିଶାଇ ମୋଟ ୧୦ଟି ମୁକାବିଲା ଲାଗି ଭାରତୀୟ ସାଙ୍କେତିକ ଭାଷା (ଆଇଏସ୍ଏଲ୍) ଓ ଅଡିଓ ବର୍ଣ୍ଣାତ୍ମକ ଫିଡ୍ ପ୍ରଦାନ କରିବ। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ରେ ସଫଳତାର ସହ ଶ୍ରବଣ ଓ ଦୃଷ୍ଟିବାଧିତଙ୍କ ଲାଗି ଏହି ସ୍ୱତନ୍ତ ବ୍ୟବସ୍ଥା ସଫଳତାର ସହ ଲାଗୁ କରାଯାଇଛି।

ଗୋଟିଏ ପରେ ଗୋଟିଏ ବଲ୍ ପଡିବା ଅନୁସାରେ ଜଣେ ଅନୁବାଦକ ବିବରଣୀ ପ୍ରଦାନ କରିବେ। ସେହିପରି ଭଏସ୍ ଓଭର ଟେକ୍ନୋଲୋଜି ଦ୍ୱାରା ପ୍ରଶଂସକଙ୍କୁ ମ୍ୟାଚ୍ ସମ୍ପର୍କରେ ଅବଗତ କରାଯିବ। ମୋଟାମୋଟି ଉପରେ କହିବାକୁ ଗଲେ ଶ୍ରବଣ ଓ ଦୃଷ୍ଟିବାଧିତ ପ୍ରଶଂସକମାନେ ମ୍ୟାଚ୍‌ର ବିବରଣୀ ସମ୍ପର୍କରେ ପ୍ରତି ମୁହୂର୍ତ୍ତରେ ଏ ନେଇ ଅବଗତ ହୋଇପାରିବେ। ପ୍ରଥମଥର ପାଇଁ ଆଇସିସି ପୁରୁଷ ବିଶ୍ୱକପ୍‌ରେ ଏପରି ବ୍ୟବସ୍ଥା ଲାଗୁ କରାଯିବ ବୋଲି ବ୍ରଡକାଷ୍ଟରଙ୍କ ତରଫରୁ କୁହାଯାଇଛି। ଲାଗୁ ହେବାକୁ ଥିବା ଏହି ସ୍ୱତନ୍ତ୍ର ବ୍ୟବସ୍ଥାକୁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ପ୍ରଶଂସା କରିଛନ୍ତି।

# ୪୦୦ ଭାରତୀୟ ଆଥ୍‌ଲେଟ୍‌ଙ୍କୁ କିଟ୍ ଯୋଗାଇବ ପୁମା




**ନୂଆଦିଲ୍ଲୀ, ୧୬।୫ (ଏଜେନ୍ସି):** ଭାରତୀୟ ଦୌଡ଼କୁଦ ମହାସଂଘ (ଏଏଫ୍ଆଇ) କ୍ରୀଡ଼ା ପୋଷାକ ଓ ସାମଗ୍ରୀ ପ୍ରସ୍ତୁତକାରୀ କମ୍ପାନୀ 'ପୁମା' ସହ ଦୁଇ ବର୍ଷୀୟା ଚୁକ୍ତି କରିଛି। ଫଳରେ ପୁମା ବର୍ତ୍ତମାନ ଘରୋଇ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକରେ ପାଖାପାଖି ୪୦୦ ଭାରତୀୟ ଆଥ୍‌ଲେଟ୍‌ଙ୍କୁ ପୋଷାକ, ଜୋତା, ଟ୍ରାକ୍ ସୁଟ୍ ଯୋଗାଇବ। ଏଏଫ୍ଆଇ ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି। ଏହି ଚୁକ୍ତି ଫଳରେ ନୀରଜ ଚୋପ୍ରା, କିଶୋର ଜେନା, ମୁରଲୀ ଶ୍ରୀଶଙ୍କର, ପାରୁଲ ଚୌଧୁରୀଙ୍କ ଭଳି ଭାରତର ଏଲିଟ୍ ଆଥ୍‌ଲେଟ୍‌ମାନେ ଏବେ ପୁମାର ଟ୍ରାକ୍ ସୁଟ୍, ଜୋତା ଆଦି ପରିଧାନ କରି ବିଭିନ୍ନ ପ୍ରତିଯୋଗିତାରେ ଓହ୍ଲାଇବେ। ଏହି ଅବସରରେ ନୀରଜ କହିଛନ୍ତି, 'ଆଥ୍‌ଲେଟ୍ ଭାବେ ୧୨ ବର୍ଷ ଅଭ୍ୟାସ କରିବା ପରେ ମୁଁ ଅନୁଭବ କରିଛି ଯେ ଉଚ୍ଚସ୍ତରର ପ୍ରତିଯୋଗିତା ଲାଗି ସେହିଭଳି ଉଚ୍ଚସ୍ତରର ଗୁଣାତ୍ମକ ପରିଧାନ ବେଶ୍ ମହତ୍ତ୍ୱ ରଖିଥାଏ। ଯାହାକି ଆମର ପ୍ରଦର୍ଶନରେ ମଧ ଫରକ ଆଣିଥାଏ। ପୁମା ସହ ଏହି ଚୁକ୍ତି ଫଳରେ ଏବେ ଆମର ଆଥ୍‌ଲେଟ୍‌ମାନେ ପ୍ରଦର୍ଶନରେ ଉନ୍ନତି ଆଣିବା ନେଇ ଆଶା କରୁଛି'।

**ଜାତୀୟ ଫେଡେରେସନ ବରିଷ୍ଠ ଦୌଡ଼କୁଦରେ ଓଡ଼ିଶାକୁ ୬ ପଦକ**

# ଅନିମେଶ, ଶ୍ରାବଣୀ ସମ୍ମାନ ରଖିଲେ

ଭୁବନେଶ୍ୱର, ୧୬।୫ (ସମିସ)



ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ୪ ଦିନ ଧରି ଚାଲିଥିବା ଜାତୀୟ ଫେଡେରେସନ ବରିଷ୍ଠ ଦୌଡ଼କୁଦ ପ୍ରତିଯୋଗିତାର ୨୭ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆୟୋଜକ ଓଡ଼ିଶାକୁ ମିଶ୍ରିତ ସଫଳତା ମିଳିଛି। ଓଡ଼ିଶା ମୋଟ୍ ଉପରେ ୬ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ଏବଂ ୪ ଗୋଟି ରୌପ୍ୟ ପଦକ ରହିଛି। ତେବେ ଜାଭେଲିନ ଥ୍ରୋ'ରେ ଘରୋଇ ତାରକା କିଶୋର ଜେନା ପୋଡିୟମ ଫିନିଶ୍ କରି ନ ପାରିବା ସବୁଠୁ ନୈରାଶ୍ୟଜନକ ଥିଲା।

### କୁଜୁର ଓ ନନ୍ଦଙ୍କୁ ୨ଟି ଲେଖାଏଁ ପଦକ ମିଳିଛି

ଓଡ଼ିଶା ଜିତିଥିବା ୬ ଗୋଟି ପଦକ ମଧ୍ୟରୁ ଦୁଇ ଧାବକ ଅନିମେଶ କୁଜୁର ଓ ଶ୍ରାବଣୀ ନନ୍ଦ ୨ଟି ଲେଖାଏ ପଦକ ହାସଲ କରିଥିଲେ। ପ୍ରତିଯୋଗିତାରେ ରାଜ୍ୟ ପାଇଁ ଏକମାତ୍ର ସ୍ୱର୍ଣ୍ଣ ପଦକ ଧାବକ ଅନିମେଶ କୁଜୁର ଜିତିଥିଲେ। ସେ ୨୦୦ ମିଟରରେ ସ୍ୱର୍ଣ୍ଣ ଓ ୧୦୦ ମିଟରରେ ରୌପ୍ୟ ପଦକ ପାଇଥିଲେ। ଅନିମେଶ ୨୦୦ ମିଟର ରେସକୁ ୨୦.୬୨ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ସେହିଭଳି ପୁରୁଷ ୧୦୦ ମିଟରରେ କୁଜୁର ୧୦.୫୦ ସେକେଣ୍ଡ ସହ ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ।

ସେହିଭଳି ଭେଟେରାନ ଧାବିକା ଶ୍ରାବଣୀ ମଧ ମହିଳା ୧୦୦ ଓ ୨୦୦ ମିଟରରେ ପୋଡିୟମ ଫିନିଶ୍ କରିବାରେ ସଫଳ ରହିଥିଲେ। ୨୦୦ ମିଟରକୁ ଶ୍ରାବଣୀ ୨୩.୮୯ ସେକେଣ୍ଡ ସହ ରୌପ୍ୟ ପଦକ ହାସଲ କରିଥିଲେ। ସେହିଭଳି ୧୦୦ ମିଟରକୁ ସେ ୧୧.୭୬ ସେକେଣ୍ଡ ସମୟ ନେଇ ୩ୟ ସ୍ଥାନରେ ରହିଥିଲେ।

### ପୋଡିୟମ ଫିନିଶ୍ କଲେ ସ୍ୱାଧୀନ, ପ୍ରଜ୍ଞା

ଓଡ଼ିଶା ଖାତାରେ ଆଉ ଦୁଇଟି ରୌପ୍ୟ ପଦକ ଧାବିକା ପ୍ରଜ୍ଞା ପ୍ରଶାନ୍ତି ସାହୁ ଓ ହାଇଜମ୍ପରେ ସ୍ୱାଧୀନ ମାଝି ଭେଟି ଦେଇଥିଲେ। ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ୨ୟ ସ୍ଥାନରେ ରହିଥିଲେ। ସେହିଭଳି ପୁରୁଷ ହାଇଜମ୍ପରେ ୨.୦୯ ମିଟର ଉଚ୍ଚକୁ ଡେଇଁ ସ୍ୱାଧୀନ ରୌପ୍ୟ ପଦକ ଜିତିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA